ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ' ୩୧/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, May 31/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 185 | ମୂଲ୍ୟ₹୭/-

DSPL - 59

ଓଡ଼ିଶା ସରକାର

5

# ମୋ ଘର

Government Housing Assistance in Rural Areas



## କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନର ପ୍ରତିଶ୍ରୁତି ପୂରଣ

## ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "ମୋ ଘର" ଯୋଜନା

### ଯୋଜନାରେ ମିଳୁଥିବା ସୁବିଧା

- ଚାରି ପ୍ରକାରର ଋଣ (୧ ଲକ୍ଷ/୧.୫ ଲକ୍ଷ/୨ ଲକ୍ଷ/୩ ଲକ୍ଷ) ଟଙ୍କା ମାଧ୍ୟମରେ ନୂତନ ଗୃହର ନିର୍ମାଣ / ସମ୍ପ୍ରସାରଣ / ସମ୍ପୂର୍ଣ୍ଣକରଣ / ଉନ୍ନତିକରଣ ।
- ଋଣ ଅର୍ଥ ଉପରେ ରାଜ୍ୟ ସରକାରଙ୍କ ତରଫରୁ ସବସିଡ଼ି ।
- ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାରଙ୍କ ନିମନ୍ତେ ଅତିରିକ୍ତ ସବସିଡ଼ି ।
- ରେଜିଷ୍ଟ୍ରେସନ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି, ଆଇନ ପରାମର୍ଶ ଫି ଇତ୍ୟାଦି ଛାଡ଼ ।

### ସରକାରଙ୍କ ଠାରୁ ମିଳୁଥିବା ସବସିଡ଼ି

| ଋଣ ପରିମାଣ ଟଙ୍କା | ସବସିଡ଼ି ଟଙ୍କା | |
|---|---|---|
| | ସାଧାରଣ ପରିବାର | ଏସ.ସି/ଏସ.ଟି/ଭିନ୍ନକ୍ଷମ ମୁଖ୍ୟ ପରିବାର |
| ଟ ୧ ଲକ୍ଷ | ଟ ୩୦,୦୦୦/- | ଟ ୪୦,୦୦୦/- |
| ଟ ୧.୫ ଲକ୍ଷ | ଟ ୪୫,୦୦୦/- | ଟ ୫୫,୦୦୦/- |
| ଟ ୨ ଲକ୍ଷ | ଟ ୬୦,୦୦୦/- | ଟ ୭୦,୦୦୦/- |
| ଟ ୩ ଲକ୍ଷ | ଟ ୬୦,୦୦୦/- | ଟ ୭୦,୦୦୦/- |

### କିପରି ଆବେଦନ କରିବେ?

- ଆବେଦନକାରୀ RH ପୋର୍ଟାଲ ମାଧ୍ୟମରେ ଅଥବା 'ମୋ ସେବା' କେନ୍ଦ୍ରରେ ଆବେଦନ କରି ପାରିବେ ।
- ଆସନ୍ତା **୧୬.୦୬.୨୦୨୩** ରୁ https://rhodisha.gov.in/moghara ରେ ଆବେଦନ ଗ୍ରହଣ କରାଯିବ ।

### କେଉଁମାନେ ଏହି ସୁବିଧା ପାଇପାରିବେ?

- କଚ୍ଚା ଘରେ ବା ଗୋଟିଏ ବଖରା ଛାତ ଘରେ ରହୁଥିବା ପରିବାର ।
- ଗୃହ ନିର୍ମାଣ ଯୋଜନାରେ ସହାୟତା ପାଇନଥିବା ବା ୭୦ ହଜାର ଟଙ୍କାରୁ କମ୍ ସହାୟତା ପାଇଥିବା ପରିବାର ।
- ମାସିକ ୨୫ ହଜାର ଟଙ୍କା ରୁ କମ୍ ଆୟ କରୁଥିବା ପରିବାର ।
- ବ୍ୟକ୍ତିଗତ ବ୍ୟବହାର ପାଇଁ ଚାରି ଚକିଆ ମୋଟର ଗାଡି ରଖି ନଥିବା ପରିବାର ।
- କୌଣସି ସରକାରୀ/ ସରକାରୀ ଉଦ୍ୟୋଗରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀ ନଥିବା ପରିବାର ।
- ପାଞ୍ଚ ଏକର ଜଳସେଚିତ କିମ୍ବା ପନ୍ଦର ଏକର ଅଣଜଳସେଚିତ ଜମିରୁ କମ୍ ଜମି ଥିବା ପରିବାର ।

### କିପରି ଋଣ ଶୁଝିବେ ?

- ପ୍ରଥମ ବର୍ଷ ଋଣ ଶୁଝିବାକୁ ପଡ଼ିବ ନାହିଁ । ପରବର୍ତ୍ତୀ ୧୦ ବର୍ଷରେ ସହଜ ମାସିକ କିସ୍ତି ଆକାରରେ ଋଣ ଶୁଝିବେ ।

ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା www.rhodisha.gov.in/moghara ରେ ଉପଲବ୍ଧ

**ସଭିଙ୍କ ପାଇଁ ପକ୍କାଘର**
**କଥା ରଖିଲେ ସରକାର**

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0005/2324



୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ପାଇଁ ଭାରତର ରିଜର୍ଭ ବ୍ୟାଙ୍କ ଘୋଷଣା କରିବା ପରେ ମେ' ୨୩ରୁ ଅଦ୍ୟାବଧି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୧୪ ହଜାର କୋଟି ଟଙ୍କା ମୂଲ୍ୟର ୨ହଜାରିଆ ନୋଟ୍ ଜମା ହୋଇଥିବାବେଳେ ୩ହଜାର କୋଟି ଟଙ୍କା ବଦଳା ଯାଇଛି।



## ସଂକ୍ଷେପରେ

### ଖାତକୁ ଖସିଲା ବସ୍: ୧୦ ବୈଷ୍ଣୋଦେବୀ ଯାତ୍ରୀଙ୍କ ମୃତ୍ୟୁ

**ଜମ୍ମୁ, ୩୦।୫(ପି.ଟି.):** ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଏକ ତୀର୍ଥଯାତ୍ରୀ ବସ୍ ମଙ୍ଗଳବାର ଏକ ପୋଲ ବାଡ଼ାକୁ ଧକ୍କାଦେଇ ଖାତରେ ଖସିପଡ଼ିବାରୁ ୧୦ ଜଣ ବୈଷ୍ଣୋଦେବୀ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ୫୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶଙ୍କ ଘର ବିହାରରେ। ଆହତମାନଙ୍କୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅମୃତସରରୁ କାଟ୍ରା ଯାଉଥିବା ବସ୍‌ଟି ଝାଜ୍ଜର କୋଟ୍‌ଲିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାଟ୍ରା ହେଉଛି ବୈଷ୍ଣୋଦେବୀ ଯାତ୍ରୀଙ୍କ ବେସ୍ କ୍ୟାମ୍ପ୍। ଦୁର୍ଘଟଣା ପଛର କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଜମ୍ମୁ ଏସ୍‌ଏସ୍‌ପି ଚନ୍ଦନ କୋହଲି କହିଛନ୍ତି।

### ବ୍ରିକ୍ସ ସମ୍ମିଳନୀ ପାଇଁ ପୁଟିନ୍‌ଙ୍କୁ କୂଟନୈତିକ ସୁରକ୍ଷା ଦେଲା ଦକ୍ଷିଣ ଆଫ୍ରିକା



**କେପ୍‌ଟାଉନ୍,୩୦।୫:** ୪୬୧ ଦିନ ହେଲା ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ରହିଛି। ଗତ ମାର୍ଚ୍ଚରେ ନେଦରଲାଣ୍ଡ୍ସର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ, ଯାହାକି ଅଦ୍ୟାବଧି ବଳବତ୍ତର ରହିଛି। ତେଣୁ ପୁଟିନ୍ ଆଇସିସିର ଯେଉଁ ସଦସ୍ୟ ରାଷ୍ଟ୍ରକୁ ଗଲେ ଗିରଫ ହେବେ। ସେପଟେ ବ୍ରାଜିଲ, ରୁଷିଆ, ଚାଇନା, ଭାରତ ଓ ଦକ୍ଷିଣ ଆଫ୍ରିକା (ବ୍ରିକ୍ସ) ସମ୍ମିଳନୀ ଆସନ୍ତା ଅଗଷ୍ଟ ୨୨-୨୩ରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା କରୁଥିବା ଦକ୍ଷିଣ ଆଫ୍ରିକା ସରକାର ଉକ୍ତ ସମ୍ମିଳନୀରେ ଯୋଗଦେବା ପାଇଁ ମଙ୍ଗଳବାର ପୁଟିନ୍‌ଙ୍କୁ ନିମନ୍ତ୍ରଣ କରିଛି। ଏଥିସହ ତାଙ୍କୁ କୂଟନୈତିକ ସୁରକ୍ଷା ମଧ୍ୟ ପ୍ରଦାନ କରିଛି। ଅର୍ଥାତ୍ ପୁଟିନ୍ ଓ ତାଙ୍କ ପ୍ରତିନିଧିମାନେ ବ୍ରିକ୍ସରେ ସାମିଲ ହେବାକୁ କେପ୍‌ଟାଉନ୍‌କୁ ଗଲେ ଗିରଫ କରାଯିବ ନାହିଁ ବୋଲି ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ସମ୍ପର୍କ ଓ ସହଯୋଗ ମନ୍ତ୍ରୀ ନଲେଦି ପାଣ୍ଡୋର ସୂଚନା ଦେଇଛନ୍ତି।

### ସ୍ତ୍ରୀ ଦ୍ୱିତୀୟ ହେବାରୁ ବ୍ୟୁଟି ପିଜେଣ୍ଟଙ୍କ ମୁକୁଟ ଭାଙ୍ଗିଦେଲେ

**ବ୍ରାସିଲିଆ,୩୦।୫:** ବ୍ରାଜିଲରେ ଶନିବାର ଏଲ୍‌ଜିବିଟିକ୍ୟୁ+ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିସ୍ ଗେ ମାଟୋ ଗ୍ରୋସୋ ୨୦୨୩ ପିଜେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟ ଦୌଡ଼ରେ ଦୁଇଜଣ ଫାଇନାଲିଷ୍ଟ ରହିଥିଲେ। ସେମାନେ ହେଲେ ନାଥଲି ବେକର ଏବଂ ଏମାନୁଏଲି ବେଲିନି। ଶେଷରେ ବେଲିନିଙ୍କୁ ବିଜୟୀ ଘୋଷଣା କରି ମୁକୁଟ ପିନ୍ଧାଯାଇଥିଲା। ରନର୍ସ-ଅପ୍ ବେକରଙ୍କ ସ୍ୱାମୀ ଏଥିରେ ଉତ୍ତ୍ୟକ୍ତ ହୋଇ ବେଲିନିଙ୍କ ମୁକୁଟକୁ ଭାଙ୍ଗି ଦେଇଥିଲେ। ଏଥିସହ ନିଜ ସ୍ତ୍ରୀଙ୍କୁ ସେଠାରୁ ଟାଣିନେଇଥିଲେ। ଏହା ଦେଖି ଦର୍ଶକ ଚକିତ ହୋଇଯାଇଥିଲେ। ଆୟୋଜକ କହିଛନ୍ତି, ଜୁରିମାନେ ନିରପେକ୍ଷ ଭାବେ ବେଲିନିଙ୍କୁ ବିଜେତା ଘୋଷଣା କରିଥିଲେ।

# ମାସେ ହେଲା ଜଳୁଛି ମଣିପୁର

# ମେଡାଲ ଫେରାଇବେ କ୍ରୀଡ଼ାବିତ୍

## ଶାହାଙ୍କ ସର୍ବଦଳୀୟ ବୈଠକ

ଇମ୍ଫାଲ, ୩୦।୫

ହିଂସା ପ୍ରଭାବିତ ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ଉଦ୍ୟମ ଚଳାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ଇମ୍ଫାଲରେ ସର୍ବଦଳୀୟ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉପସ୍ଥିତ ଥିଲେ। ହିଂସାକାଣ୍ଡ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ହିଂସା ନିୟନ୍ତ୍ରଣ ଏବଂ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ସବିଶେଷ ଯୋଜନା ପ୍ରସ୍ତୁତ ହୋଇଥିଲା।

ଏହା ପୂର୍ବରୁ ମଙ୍ଗଳବାର ସକାଳେ ଶାହା ରାଜ୍ୟର ମହିଳା ନେତ୍ରୀ, ଖ୍ୟାତନାମା ବ୍ୟକ୍ତିତ୍ୱ ଏବଂ ସିଭିଲ୍ ସୋସାଇଟି ଗ୍ରୁପ୍‌ର ପ୍ରତିନିଧିମାନଙ୍କ ସହ ଅଲଗା ଅଲଗା ଆଲୋଚନା କରିଥିଲେ। ମଣିପୁରରେ ଶାନ୍ତି ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ସଂଗଠନ ଓ ବିଭିନ୍ନ ସିଭିଲ ସୋସାଇଟି ସଂଗଠନର ସଦସ୍ୟମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇଥିବା ଶାହା ଟୁଇଟ୍ କରିଥିଲେ।

ହିଂସାକାଣ୍ଡରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ହିଂସାଗ୍ରସ୍ତ ଚୁରାଚାନ୍ଦପୁର ଜିଲାକୁ ଶାହା ଗସ୍ତରେ ଯାଇଥିବାବେଳେ ସେଠାରେ ଆଦିବାସୀ ମହିଳାମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କେବଳ କେନ୍ଦ୍ର ସରକାର ସମସ୍ୟାର ସମାଧାନ କରିପାରିବେ ବୋଲି ସେଠାରେ ଲଗାଯାଇଥିବା ପୋଷ୍ଟରରେ ଲେଖାଯାଇଛି।





ସର୍ବଦଳୀୟ ବୈଠକରେ ଅମିତ ଶାହା, ଏନ୍. ବୀରେନ୍ ସିଂ ଓ ଅନ୍ୟ ନେତାମାନେ।

### ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା

ଚଳିତ ମାସ ଆରମ୍ଭରୁ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଘଟି ୮୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଥମ ଥର ପାଇଁ ସେଠାକୁ ଗସ୍ତରେ ଯାଇଛନ୍ତି। ୪ ଦିନିଆ ଗସ୍ତରେ ଥିବା ଶାହା ସୋମବାର ରାତିରେ ଇମ୍ଫାଲରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, କେତେଜଣ କ୍ୟାବିନେଟ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀ ତଥା ରାଜନେତାମାନଙ୍କ ସହ ଆଲୋଚନା କରିଥିଲେ। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବା ନିଷ୍ପତ୍ତି ପ୍ରତିବାଦରେ ମେ' ୩ରେ କୁକି ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଥିଲା, ଯାହା ହିଂସାର ରୂପ ନେଇଥିଲା।

ମଣିପୁର ସଙ୍କଟର ସମାଧାନ ଉପାୟ ବାହାର କରିବା ଲାଗି ନିବେଦନ କରି ଅଲିମ୍ପିଆନ୍ ମିରାବାଈ ଚାନୁଙ୍କ ସମେତ ରାଜ୍ୟର ୧୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତ୍ ଶାହାଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟକୁ ଯଥାଶୀଘ୍ର ଶାନ୍ତି ଓ ସ୍ୱାଭାବିକ ସ୍ଥିତି ନ ଫେରିଲେ ସେମାନେ ପାଇଥିବା ପୁରସ୍କାର ଓ ମେଡାଲ ଫେରାଇଦେବେ ବୋଲି ଚେତାବନୀ ଦେଇଛନ୍ତି। ପତ୍ର ଲେଖିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପଦ୍ମ ପୁରସ୍କାର ବିଜୟୀ ଭାରୋତ୍ତୋଳନକାରୀ କୁଞ୍ଜରାଣୀ ଦେବୀ, ପୂର୍ବତନ ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଅଧିନାୟିକା ବେମ୍ ବେମ୍ ଦେବୀ ଏବଂ ବକ୍ସର ଏଲ୍. ସରିତା ଦେବୀ ପ୍ରମୁଖ ରହିଛନ୍ତି। ଜାତୀୟ ରାଜପଥ-୨କୁ ଅବରୋଧ ମୁକ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ରାଜପଥର ବିଭିନ୍ନ ସ୍ଥାନରେ ଅବରୋଧ କରାଯାଇଥିବାରୁ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ତେଣୁ ରାସ୍ତାକୁ ତୁରନ୍ତ ଅବରୋଧମୁକ୍ତ କରିବା ସମେତ ସେମାନେ ୮ଟି ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ କହିଛନ୍ତି, ମଣିପୁରରେ ଅନେକ ଚ୍ୟାଲେଞ୍ଜ ରହିଛି, ଯାହାର ସମାଧାନ ପାଇଁ ସମୟ ଲାଗିବ। ତେବେ ସେଠାରେ ବିଦ୍ରୋହ ସ୍ଥିତି ସୃଷ୍ଟି ହୋଇ ନ ଥିବା ସେ କହିଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ କଂଗ୍ରେସ ନେତା

ନୂଆଦିଲ୍ଲୀ, ୩୦।୫ (ପି.ଟି.)

### ମଣିପୁର ହିଂସାର ନ୍ୟାୟିକ ତଦନ୍ତ ଦାବି

କଂଗ୍ରେସର ଶୀର୍ଷ ନେତାମାନେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ହିଂସା ପ୍ରଭାବିତ ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ତଦନ୍ତ କମିଶନ ମଣିପୁର ହିଂସାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କୁ ଭେଟି ତୁରନ୍ତ ହସ୍ତକ୍ଷେପ ପାଇଁ ସ୍ମାରକପତ୍ର ଦେବା ସହ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ନିମନ୍ତେ ୧୨ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ଅନୁରୋଧ କରିଛନ୍ତି।

ପ୍ରାଥମିକ ଅବସ୍ଥାରେ ହିଂସାକୁ ଦମନ କରିବାରେ ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହେଲା। ଏବେ ଏଥିପାଇଁ କାହାକୁ ଦୋଷାରୋପ ନ କରି କାର୍ଯ୍ୟ କରିବାର ସମୟ। ଉପରୋକ୍ତ ପ୍ରସ୍ତାବ ଆଗରୁ କାର୍ଯ୍ୟକାରୀ ହୋଇଥିଲେ ବୋଧହୁଏ ମଣିପୁରରେ ଶାନ୍ତି ଫେରନ୍ତାଣି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି, ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଦିଗରେ କଂଗ୍ରେସ ଏବଂ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି। ହିଂସାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ତଦନ୍ତ କମିଶନ ଗଠନ ହେବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ମଣିପୁରରେ ସମସ୍ତ ଉଗ୍ରପନ୍ଥୀ ସଂଗଠନକୁ ନିୟନ୍ତ୍ରଣ କରିବା ଦିଗରେ ତୁରନ୍ତ ଯଥାସମ୍ଭବ ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ଖାର୍ଗେଙ୍କ ବ୍ୟତୀତ କଂଗ୍ରେସ ପ୍ରତିନିଧି ଦଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଇବୋବି ସିଂ, କଂଗ୍ରେସ ନେତା ମୁକୁଲ ୱାସ୍‌ନିକ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଗୈଖାନଗାମ, ପିସିସି ସଭାପତି କୈଶାମ ମେଘନ୍ଦ୍ର ସିଂ, ଏଆଇସିସି ମଣିପୁର ପ୍ରଭାରୀ ଭକ୍ତଚରଣ ଦାସ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଭେଟିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ। ନିକଟରେ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଓ ମଣିପୁର ପ୍ରଭାରୀ ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ।

## ସ୍ପେସ୍ ଷ୍ଟେଶନ୍‌ରେ ଚାଇନାର ୩ ମହାକାଶଚାରୀ





ଜିଉକ୍ୱାନ୍,୩୦।୫

ଚାଇନା ଏହାର ତିଆଙ୍ଗୋଙ୍ଗ୍ ମହାକାଶ କେନ୍ଦ୍ରକୁ ମଙ୍ଗଳବାର ୩ ଜଣ ମହାକାଶଚାରୀଙ୍କୁ ପଠାଇଛି। ମହାକାଶକୁ ମାନବଙ୍କୁ ପ୍ରେରଣ କରିବାରେ ଚାଇନାର ଏହା ପ୍ରଥମ ଅଭିଯାନ ହୋଇଥିବାବେଳେ ଚଳିତ ଦଶନ୍ଧିଶେଷ ସୁଦ୍ଧା ମଙ୍ଗଳକୁ ମଧ୍ୟ ଅନୁରୂପ ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚାଇନା ଆମେରିକା ଓ ରୁଷିଆ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଇ ନିଜ ସେନା ପରିଚାଳିତ ମହାକାଶ କାର୍ଯ୍ୟକ୍ରମରେ ଅନେକ ବିଲିୟନ୍ ଡଲାର ନିବେଶ କରିଛି। ଏହି କ୍ରମରେ ଉତ୍ତରପଶ୍ଚିମ ଚାଇନାର ଜିଉକ୍ୱାନ୍ ସାଟେଲାଇଟ୍ ଲଞ୍ଚ ସେଣ୍ଟରରୁ ପୂର୍ବାହ୍ନ ୯ଟା ୩୧ରେ ଶେଞ୍ଜୋହୋଉ-୧୬ ମିଶନ ଜରିଆରେ ଲଙ୍ଗ୍ ମାର୍ଚ୍ଚ ଏଫ୍-୨ ରକେଟ୍‌ରେ ତିଆଙ୍ଗୋଙ୍ଗ୍ ସ୍ପେସ୍ ଷ୍ଟେଶନକୁ ୩ ମହାକାଶଚାରୀଙ୍କୁ ପଠାଇଛି। ସେମାନେ ହେଲେ କମାଣ୍ଡର ଜିଙ୍ଗ୍ ହାଇପେଙ୍ଗ, ଇଞ୍ଜିନିୟର ଝୁ ୟାଙ୍ଗ୍‌ଝେ ଏବଂ ବେଇହାଙ୍ଗ୍ ୟୁନିଭର୍ସିଟି ପ୍ରଫେସର ଗୁଇ ହାଇଚାଓ। ପ୍ରେରଣ ସମ୍ପୂର୍ଣ୍ଣ ସଫଳ ହୋଇଛି। ମହାକାଶଚାରୀମାନେ ସୁସ୍ଥ ଅଛନ୍ତି ବୋଲି ଲଞ୍ଚ ସେଣ୍ଟର ଡାଇରେକ୍ଟର ଜୋଉ ପିପେଙ୍ଗ୍ ସୂଚନା ଦେଇଛନ୍ତି। କକ୍ଷପଥରେ ମାନବଙ୍କୁ ଅବସ୍ଥାପିତ କରିବାରେ ଚାଇନା ହେଉଛି ତୃତୀୟ ଦେଶ। ୨୦୩୦ ସୁଦ୍ଧା ମଙ୍ଗଳରେ ଏକ ମୁନ୍ ବେସ୍ ନିର୍ମାଣ କରିବା ନେଇ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସ୍ୱପ୍ନ 'ସ୍ପେସ୍ ଡ୍ରିମ୍'କୁ ସଫଳ କରିବାରେ ଏହା ବିଶେଷ ସହାୟକ ହେବ ବୋଲି କୁହାଯାଉଛି।

## ମହିଳାଙ୍କୁ ଛୁରିଭୁସି ହତ୍ୟା





**ନୂଆଦିଲ୍ଲୀ, ୩୦।୫ :** ଦିଲ୍ଲୀ ମଞ୍ଜୁ କା ଟିଲା ଅଞ୍ଚଳରେ ଏକ ଛାତ ଉପରୁ ମଙ୍ଗଳବାର ସକାଳେ ଜଣେ ୩୫ ବର୍ଷୀୟା ମହିଳାଙ୍କ ମୃତଦେହ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ମିଳିଛି। ରାନି ନାମକ ଉକ୍ତ ମହିଳାଙ୍କ ସହ ଉକ୍ତ ଫ୍ଲାଟ୍‌ରେ ରହୁଥିବା ସପ୍ନା (୩୬) ନାମକ ଅନ୍ୟ ଜଣେ ମହିଳା ଛୁରିଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତର ଦିଲ୍ଲୀରେ ଏକ ପାର୍ଟି ଚାଲିଥିବାବେଳେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ଡିସିପି ସାଗର କାଲ୍‌ସି କହିଛନ୍ତି। ରାନି ଗୁରୁଗ୍ରାମରେ ଏକ ବିଉଟି ପାର୍ଲରରେ କାମ କରୁଥିବାବେଳେ ସପ୍ନା ତାଙ୍କ ସହ ରହୁଥିଲେ। ପୂର୍ବ ରାତିରେ ମଦ ନିଶାରେ ସପ୍ନା ରାନିଙ୍କ ବାପାଙ୍କୁ ଗାଳି କରିବାରୁ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଭୋର ସମୟରେ ସପ୍ନା ପରିବାକଟା ଛୁରିରେ ରାନିଙ୍କୁ ଆକ୍ରମଣ କରିଥିଲା ।

## ବ୍ରେକ୍‌ଅପ୍‌ରୁ ବୀଭତ୍ସ ହତ୍ୟା

ନୂଆଦିଲ୍ଲୀ, ୩୦।୫

- ■ନାବାଳିକାଙ୍କ ପରିବାରକୁ ଭେଟିଲେ ଡିସିଡବ୍ଲ୍ୟୁ ଅଧ୍ୟକ୍ଷା
- ■ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି





ଉତ୍ତରପଶ୍ଚିମ ଦିଲ୍ଲୀର ଶାହବାଦ ଡେରି ନିକଟରେ ୧୬ ବର୍ଷର ବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ବିଚ୍ ରାସ୍ତାରେ ୨୨ ଥର ଛୁରି ଭୁସି ଓ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରିବା ପଛର କାରଣ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସାକ୍ଷୀ ନାମ୍ନୀ ନାବାଳିକା ଜଣକ ସାହିଲ ଖାନ୍(୨୦)ଙ୍କ ସହ ସମ୍ପର୍କ ରଖିବାକୁ ମନା କରିଦେଇଥିଲେ। ଏହାକୁ ନେଇ ଦିନକ ପୂର୍ବରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଓ ସାହିଲ ସାକ୍ଷୀଙ୍କୁ ମାରିଦେବାକୁ ଧମକ ଦେଇଥଲେ। ସାକ୍ଷୀ ତାଙ୍କର ଜଣେ ପୂର୍ବତନ ପୁରୁଷ ବନ୍ଧୁଙ୍କ ସହ ସମ୍ପର୍କରେ ଥିବା ସାହିଲ ସନ୍ଦେହ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତି ମାଲିୱାଲ ମଙ୍ଗଳବାର ମୃତ ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଦୋଷୀଙ୍କୁ ୬ ମାସ ମଧ୍ୟରେ ମୃତ୍ୟୁଦଣ୍ଡ ଦେବା ଲାଗି ଦାବି କରିଛନ୍ତି। ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଦିଗରେ ସରକାର ଓ ଅଦାଲତ କାର୍ଯ୍ୟ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ନାବାଳିକାଙ୍କ ପରିବାରକୁ ନ୍ୟାୟ ଦେବା ଦିଗରେ ମହିଳା କମିଶନ ଯଥାସମ୍ଭବ ଉଦ୍ୟମ କରିବ। ଆମ ଟିମ୍ ଉକ୍ତ ପରିବାର ସହ ରହିଛି ବୋଲି ସ୍ୱାତି କହିଛନ୍ତି।

ଉତ୍ତରପ୍ରଦେଶର ବୁଲନ୍ଦସହରରୁ ଗିରଫ ହୋଇଥିବା ସାହିଲ ଏସି ଏବଂ ରେଫ୍ରିଜରେଟର ମେକାନିକ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ସାକ୍ଷୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ସେ ଅଧିକାଂଶ ସମୟ ଚୁପ୍‌ଚାପ୍ ରହୁଥିଲେ ବୋଲି ପଡୋଶୀ କହିଛନ୍ତି। ସେ ଅନେକ ସମୟରେ ଇନ୍‌ଷ୍ଟାଗ୍ରାମରେ ଭିଡିଓ ଓ ଫଟୋ ଛାଡୁଥିଲେ। ତାଙ୍କର ଅନେକ ଝିଅଙ୍କ ସହ ସମ୍ପର୍କ ଥିବା ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଜଣାପଡ଼ିଛି।

## ଜଳଭଣ୍ଡାର ଶୁଖାଇଥିଲେ, ୫୩ ହଜାର ଗଣିବେ

ରାୟପୁର, ୩୦।୫

ମୋବାଇଲ ଫୋନ୍ ଖୋଜିବା ପାଇଁ ଜଳଭଣ୍ଡାର ଶୁଖାଇଥିବା ଛତିଶଗଡ଼ କୋୟାଲିବେଡ଼ା ବ୍ଲକ୍‌ର ଖାଦ୍ୟ ନିରୀକ୍ଷକ ରାଜେଶ ବିଶ୍ୱାସ ଏବେ ୫୩ ହଜାର ଟଙ୍କା ଗଣିବେ। ଜଳସମ୍ପଦ ବିଭାଗ ତାଙ୍କୁ ୫୩ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛି। ଜଳଭଣ୍ଡାରରୁ ୪୧ ଲକ୍ଷ ଲିଟର ଜଳ ନିଷ୍କାସନ କରିଥିବା ଜଣାପଡ଼ିବା ପରେ ରାଜେଶଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଜଳ ନିଷ୍କାସନ ପାଇଁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

ରାଜେଶ ଗତ ରବିବାର ଛୁଟି କଟାଇବା ପାଇଁ ଖେର୍‌କଟ୍ଟା ପାରାଲକୋଟ୍ ଜଳଭଣ୍ଡାରକୁ ବୁଲିଯାଇଥିଲେ। ସେଲ୍‌ଫି ନେବାବେଳେ ତାଙ୍କର ୯୬ ହଜାର ଟଙ୍କା ମୂଲ୍ୟର ସାମ୍‌ସଙ୍ଗ ଏସ୍୨୩ ମୋବାଇଲ୍ ଫୋନ୍ ୧୫ ଫୁଟ୍ ଗଭୀର ଜଳଭଣ୍ଡାରରେ ଖସିପଡ଼ିଥିଲା। ଏହାକୁ ଖୋଜି ବାହାର କରିବା ନିମନ୍ତେ ଜଳଭଣ୍ଡାରରୁ ୪୧ ଲକ୍ଷ ଲିଟର ଜଳ ଶୁଖାଇଦିଆଯାଇଥିଲା, ଯାହା ୧,୫୦୦ ଏକର ଜମିକୁ ଜଳସେଚନ କରିପାରିଥାନ୍ତା। ରାଜେଶ ୪,୧୦୪ ଘନମିଟର (୪୧ ଲକ୍ଷ ଲିଟର) ଜଳ ନଷ୍ଟ କରିଥିବାରୁ ଏହାର ମୂଲ୍ୟ ବାବଦକୁ ଘନଫୁଟ ପ୍ରତି ୧୦ଟଙ୍କା ୫୦ ପଇସା ହିସାବରେ ମୋଟ ୪୩,୦୯୨ ଟଙ୍କା ପୈଠ କରିବାକୁ କୁହାଯାଇଛି। ଏହା ବ୍ୟତୀତ ବିନା ଅନୁମତିରେ ପାଣି ନିଷ୍କାସନ କରିଥିବାରୁ ତାଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ଲଗାଯାଇଥିବା ଜଳସେଚନ ବିଭାଗ ଚିଠିରେ ଉଲ୍ଲେଖ କରାଯାଇଛି।

## ୫୫% ହୃଦ୍‌ରୋଗୀ ଗମ୍ଭୀରତାକୁ ବୁଝି ନ ପାରି ପ୍ରାଣ ହରାଉଛନ୍ତି

ନୂଆଦିଲ୍ଲୀ, ୩୦।୫

ହୃଦ୍‌ରୋଗୀ ଏବଂ ହୃଦ୍‌ଘାତର ସମ୍ମୁଖୀନ ହେଉଥିବା ମାତ୍ର ୧୦ ପ୍ରତିଶତ ରୋଗୀ ଘଣ୍ଟାଏ ମଧ୍ୟରେ ହସ୍ପିଟାଲରେ ପହଞ୍ଚୁଛନ୍ତି, ଯାହା ମୃତ୍ୟୁରୁ ବଞ୍ଚାଇବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ହୃଦ୍‌ଘାତ ଉପରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ହୃଦ୍‌ରୋଗୀ ଯେତେ ଶୀଘ୍ର ହସ୍ପିଟାଲରେ ପହଞ୍ଚିବେ, ସେମାନେ ଚିକିତ୍ସାର ସେତେ ଭଲ ଫଳ ପାଇବେ ବୋଲି ଅଧ୍ୟୟନରେ କୁହାଯାଇଛି। ଏମ୍ସର ଏହି ଅଧ୍ୟୟନ ମେଡିକାଲ ପତ୍ରିକା 'ଦି ଲାନ୍‌ସେଟ୍'ରେ ପ୍ରକାଶ ପାଇଛି। ହସ୍ପିଟାଲରେ ପହଞ୍ଚିବାରେ ବିଭିନ୍ନ ସ୍ତରରେ ଘଟୁଥିବା ବିଳମ୍ବର କାରଣ



ଖୋଜି ଏହାର ସମାଧାନ କରାଯିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି।

ହରିୟାଣାର ଫରିଦାବାଦ ଅନ୍ତର୍ଗତ ବଲ୍ଲଭଗଡ଼ ବ୍ଲକ୍‌ରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଲୋକମାନଙ୍କର ଏକ ସାମାଜିକ ଅଡିଟ୍ କରାଯାଇଥିଲା। ରୋଗୀ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚିଥିଲେ ବଞ୍ଚିଯାଇପାରିଥାନ୍ତେ କି ବୋଲି ସେମାନେ ଜାଣିବାକୁ ଚାହିଁଥିଲେ। ଜରୁରୀ ସ୍ୱାସ୍ଥ୍ୟସେବା ପାଇବାରେ ସେମାନେ କିଭଳି ସମସ୍ୟାର ସମ୍ମୁଖୀନ ହେଲେ ଏବଂ ହସ୍ପିଟାଲରେ ପହଞ୍ଚିବାରେ ବିଳମ୍ବର କାରଣ କ'ଣ ଏ ସମ୍ପର୍କରେ ରୋଗୀଙ୍କ ପରିବାର ସଦସ୍ୟଙ୍କୁ ପଚରାଯାଇଥିଲା ବୋଲି ଏମ୍ସର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ୍ ପ୍ରଫେସର ଆନନ୍ଦ କ୍ରିଷ୍ଣନ କହିଛନ୍ତି। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ପାଣ୍ଠିରେ ହୋଇଥିବା ଏହି ଅଧ୍ୟୟନରେ ଏମ୍ସର କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ କମ୍ୟୁନିଟି ମେଡିସିନ୍ ବିଭାଗ ସାମିଲ ହୋଇଥିଲେ।

୩୦ରୁ ୪୦ ପ୍ରତିଶତ ଲୋକେ ପରିସ୍ଥିତି କାରଣରୁ ବିଳମ୍ବର ସମ୍ମୁଖୀନ ହୋଇ ନ ଥିବା ଅଧ୍ୟୟନରୁ ଜଣାପଡ଼ିଛି। ପ୍ରାୟ ୫୫ ପ୍ରତିଶତ କ'ଣ ଘଟିଲା ବୁଝି ନ ପାରି ହସ୍ପିଟାଲ ଯିବାରେ ବିଳମ୍ବ କରିଥାନ୍ତି ବୋଲି ଡା. କ୍ରିଷ୍ଣନ କହିଛନ୍ତି। ସେମାନଙ୍କୁ ହୃଦ୍‌ଘାତ ହେଲା କିମ୍ବା ସାମାନ୍ୟ ଯନ୍ତ୍ରଣା ହେଉଛି, ତାହା ସେମାନେ ବୁଝିବାକୁ ସମର୍ଥ ହୋଇ ନ ଥାନ୍ତି। ଫଳରେ ହସ୍ପିଟାଲକୁ ଯିବେ କି ନାହିଁ, ଏନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ୨୦ରୁ ୩୦ ପ୍ରତିଶତଙ୍କ କ୍ଷେତ୍ରରେ ଚିକିତ୍ସା ପାଇଁ ଗାଡ଼ି ଏବଂ ଅର୍ଥ ଯୋଗାଡ଼କୁ ନେଇ ବିଳମ୍ବ ଦେଖାଦେଇଥାଏ। ସେମାନେ ତୁରନ୍ତ ହସ୍ପିଟାଲ ଯିବାକୁ ଚାହୁଁଥିଲେ ମଧ୍ୟ ଆର୍ଥିକ ଏବଂ ଭୌଗୋଳିକ ସମସ୍ୟା ଏଥିରେ ଅନ୍ତରାୟ ସୃଷ୍ଟି କରିଥାଏ ବୋଲି ଡା. କ୍ରିଷ୍ଣନ କହିଛନ୍ତି। ପ୍ରାୟ ୧୦ ପ୍ରତିଶତ ରୋଗୀ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚି ମଧ୍ୟ ଆପତ୍‌କାଳୀନ ସୁବିଧା ନ ଥିବାରୁ ଚିକିତ୍ସା ପାଇବାରେ ବିଳମ୍ବର ସମ୍ମୁଖୀନ ହୋଇଥାନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ବର୍ଷେ ପର୍ଯ୍ୟନ୍ତ ଏହି ଅଧ୍ୟୟନ ଚାଲିଥିଲା, ଯେଉଁଥିରେ ୪୩୫ ହୃଦ୍‌ଘାତ ମୃତ୍ୟୁ ମାମଲାକୁ ସାମିଲ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୩୧/୨୦୨୩ | Bhubaneswar, Wednesday, May 31/2023 | ପୃଷ୍ଠା-୧



## ସୀତା ଗୁମ୍ଫାରେ କ୍ରିତି

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ଫିଲ୍ମ 'ଆଦିପୁରୁଷ'ର ଶୁଟିଂ ସାରି ନାସିକର ପଞ୍ଚବଟୀର ସୀତା ଗୁମ୍ଫା ମନ୍ଦିରରେ ପହଞ୍ଚି ସୀତାଙ୍କ ଆଶୀର୍ବାଦ ନେଇଛନ୍ତି।

୧୨

୧୪

## ରିବାକିନା ଦ୍ୱିତୀୟ ରାଉଣ୍ଡରେ

କାଜାଖସ୍ତାନର ଏଲିନା ରିବାକିନା ଫ୍ରେଞ୍ଚ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ହରିଦ୍ୱାର ଗଙ୍ଗାନଦୀରେ ନିଜ ମେଡାଲ ବିସର୍ଜନ ପାଇଁ ଯାଇଥିବା କୁସ୍ତିଯୋଦ୍ଧାମାନଙ୍କୁ ବୁଝାଇ ଫେରାଇ ନେଉଛନ୍ତି ଚାଷୀ ନେତା ନରେଶ ଟିକାଏତ୍ ଓ ଅନ୍ୟମାନେ।

# ବ୍ରିଜ୍‌ଭୂଷଣଙ୍କୁ ୫ ଦିନରେ ଗିରଫ କର

**ନୂଆଦିଲ୍ଲୀ/ହରିଦ୍ୱାର,୩୦।୫**

- ଗଙ୍ଗାରେ ପଦକ ବିସର୍ଜନ ପାଇଁ ଯାଇଥିଲେ କୁସ୍ତିଯୋଦ୍ଧା
- ଅଟକାଇଲେ ଚାଷୀ ନେତା ନରେଶ ଟିକାଏତ୍

ଦେଶରେ ଆମ ପାଇଁ ଆଉ କିଛି ବାକି ରହିନି। ଆମେ ବହୁ ଅଧ୍ୟବସାୟ କରି ଝାଳ ଓ ରକ୍ତ ବୁହାଇ ଦେଶ ପାଇଁ ଆଣିଥିବା ମେଡେଲଗୁଡ଼ିକ ଏବେ ମୂଲ୍ୟହୀନ ହୋଇଯାଇଛି। ଦେଶର ବ୍ୟବସ୍ଥା ଆମ ପଦକଗୁଡ଼ିକୁ କେବଳ ପ୍ରୋପାଗଣ୍ଡା ପାଇଁ ଏକ ମାସ୍କ ଭାବେ ବ୍ୟବହାର କରୁଛି। ଆତ୍ମସମ୍ମାନ ପାଇଁ ଆମେ ଆଉ ସାଲିସ କରିପାରିବୁ ନାହିଁ। ତେଣୁ ଏହାକୁ ଗଙ୍ଗାନଦୀରେ ବିସର୍ଜନ କରିବାକୁ ଯାଉଛୁ। ଯନ୍ତରମନ୍ତରରୁ ପାର୍ଲାମେଣ୍ଟ ଅଭିମୁଖେ ☞ପୃଷ୍ଠା-୨

## ଆଜି ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱର ଅନ୍ତ ଘଟିଛି। ବୁଧବାର ପୂର୍ବାହ୍ନ ୧୧ଟାରେ ପରିଷଦ କାର୍ଯ୍ୟାଳୟରେ ୨୦୨୨-୨୩ ଶିକ୍ଷାବର୍ଷର ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଯାଉଛି। ଏନେଇ ମଙ୍ଗଳବାର ସିଏଚ୍ଏସ୍ଇ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଫଳାଫଳ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟା ପରଠାରୁ ଛାତ୍ରୀଛାତ୍ର www.orissaresults.nic.inରେ ଲଗଇନ୍ କରି ସେମାନଙ୍କ ☞ପୃଷ୍ଠା-୨

## ୧୩,୫୬୮ ଯୁକ୍ତ୨ ସିଟ୍ ବୃଦ୍ଧି

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

୨୦୨୩-୨୪ ଶିକ୍ଷା ବର୍ଷରୁ ରାଜ୍ୟରେ ଯୁକ୍ତ୨ ସିଟ୍ ସଂଖ୍ୟା ବଢ଼ିବ। ମାଟ୍ରିକ ପରୀକ୍ଷାରେ ପାସ୍ ହାରକୁ ଦୃଷ୍ଟିରେ ରଖି ଯୁକ୍ତ୨ରେ ସିଟ୍ ଅଭାବ ଦୂର କରିବାକୁ ଏହି ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ (ଯୁକ୍ତ୨) ଖୋଲାଯିବା ପାଇଁ ପଦକ୍ଷେପ ନିଆଇଛି। ଫଳରେ ମୋଟ ୧୩୫୬୮ଟି ଯୁକ୍ତ୨ ସିଟ୍ ବୃଦ୍ଧି ପାଇବ। ୧୦୦ଟି ବିଦ୍ୟାଳୟରେ କଳା ଓ ୬ଟିରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ସମନ୍ୱୟ ଏବେ

# ପାଇପ୍‌ଲାଇନ ତଳେ ଚାପିହୋଇ ଛାତ୍ରୀ ମୃତ

## କଟକରେ ଯାତାୟାତ ଦୁର୍ଦ୍ଦଶା

### ୨ ଦିନରେ ୨ ଜଣଙ୍କ ମୃତ୍ୟୁ

**କଟକ ଅଫିସ,୩୦।୫**

କଟକରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଯୋଗୁ ଯାତାୟାତ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସୋମବାର ତାଳଦଣ୍ଡା କେନାଲରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହାର ୨୪ଘଣ୍ଟା ନ ପୂରୁଣୁ ମଙ୍ଗଳବାର ଜଣେ ଯୁକ୍ତ୨ ଛାତ୍ରୀ ଘରକୁ ଯାଉଥିବାବେଳେ ବାଟରେ ବକ୍ସ ଡ୍ରେନ୍ ଓ ହ୍ୟୁମ୍ ପାଇପ୍ ମଝିରେ ଚାପି ହୋଇ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀ ହେଉଛନ୍ତି ଗମାଣ୍ଡିଆ ଅଞ୍ଚଳର ଏନ୍. ମୋହିନି। ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡ଼ିରହିବା ଯୋଗୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅବହେଳା ଏଥିପାଇଁ ଦାୟୀ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ଗମାଣ୍ଡିଆ ଅଞ୍ଚଳରେ ଦୀର୍ଘ ଦିନ ହେବ ଜାଇକା ବକ୍ସ ଡ୍ରେନ କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକମାନେ ସାଧାରଣଭାବେ ସେଠାରେ ଥିବା ଲୁହା ପୋଲ ଦେଇ ଯାତାୟାତ କରିଥାନ୍ତି। ପୋଲ ଉପରେ ୨ଟି ବଡ଼ ମୋଟା ହ୍ୟୁମ୍ ପାଇପ୍ ଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ମୋହିନି ବକ୍ସ ଡ୍ରେନ୍ ପାର୍ଶ୍ୱରେ ଥିବା ପାଇପ୍ ତଳେ ଗଳି ଲୁହା ପୋଲକୁ ବାହାରିବା ସମୟରେ ପାଇପ୍‌ଲାଇନ ତାଙ୍କ ଉପରେ ପଡ଼ି ଯାଇଥିଲା। ସେ ସେଠାରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୋହିନିଙ୍କୁ ଉଦ୍ଧାର କରିବା ପାଇଁ ଲାଗିଥିଲେ। ହେଲେ ପାଇପ୍‌ଟି ଆକାରରେ ବଡ଼ ହୋଇଥିବାରୁ ମୋହିନିଙ୍କୁ ସେଠାରୁ ବାହାର କରାଯାଇ ପାରି ନ ଥିଲା। ପ୍ରାୟ ଦେଢ ଘଣ୍ଟା ମୋହିନି ପାଇପ ତଳେ ଚାପି ହୋଇରହିଥିଲେ। ପରେ ସ୍ଥାନୀୟ ଲୋକ ଲୁହା ପୋଲକୁ ଭାଙ୍ଗିବା ସହ ସେଠାରେ ଥିବା ଏକ ଜେସିବି ସାହାଯ୍ୟରେ ପାଇପ୍‌ଲାଇନକୁ ଉପରକୁ ଉଠାଇ ମୋହିନିଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା, ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ☞ପୃଷ୍ଠା-୨



ଏନ୍. ମୋହିନି

DSPL-60

ODISHA
INDIA'S BEST KEPT SECRET.

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଓଡ଼ିଶା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଫୁଟବଲ ଏକାଡେମୀ
ଓ କ୍ୟାପିଟାଲ ଫୁଟବଲ ଏରେନାର
ଶୁଭ ଉଦ୍ଘାଟନ
୩୧ ମଇ ୨୦୨୩



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"



ଭୁବନେଶ୍ୱର ଫୁଟବଲ ଏକାଡେମୀ



ଓଡ଼ିଶା ଫୁଟବଲ ଏକାଡେମୀ



କ୍ୟାପିଟାଲ ଫୁଟବଲ ଏରେନା

OIPR-29001/13/0013/2324

**ଆଜିର ମନ୍ତବ୍ୟ**

“ଶିବସେନାର ଯେଉଁ ଏମ୍‌ପି ଏବଂ ବିଧାୟକମାନେ ଏବେ ନେତୃତ୍ୱ ବିରୋଧରେ ବିଦ୍ରୋହ କରୁଛନ୍ତି, ସେମାନେ ନିଶ୍ଚୟ ବୁଝିପାରୁଥିବେ, ଉଦ୍ଧବ ଭାଜପାଠାରୁ ଦୂରେଇ ଯିବା ଲାଗି ନେଇଥିବା ନିଷ୍ପତ୍ତି ଠିକ୍ ଥିଲା।

– ସଞ୍ଜୟ ରାଉତ, ଶିବସେନା(ୟୁବିଟି) ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁ ଲୁଣ;
ବାହାରେ ଦେଖାଏ ଚାତର ପଣ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରପୋଡ଼ିରୁ
କୁଟାଖିଏ ମିଳିଲେ ସହି।**

ଘର ପୋଡ଼ିଗଲେ ସବୁକିଛି ଜଳିପୋଡ଼ି ନଷ୍ଟ ହୋଇଯାଏ। ଦୈବାତ ସେଥିରୁ ଯଦି କିଛି ସୁରକ୍ଷିତ ରହିଯାଏ, ସେତେବେଳେ ସେତକହିଁ ଯଥେଷ୍ଟ ହୋଇଥାଏ। ସର୍ବସ୍ୱ ନଷ୍ଟ ହେଉଥିଲାବେଳେ ସେଥିରୁ ଯତ୍‌କିଞ୍ଚିତ ମିଳିଲେ ମଧ୍ୟ ତାହା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ସମସ୍ତ ତହସିଲରେ ଭର୍ଚୁଆଲ କୋର୍ଟ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

## ରାଜସ୍ୱ ବିଭାଗ ସମୀକ୍ଷା

### ୩୨,୩୯୬ ପରିବାର ବସୁନ୍ଧରା ଯୋଜନାରେ ସାମିଲ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗତ ୪ ବର୍ଷରେ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ୨୦୧୯ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ବସୁନ୍ଧରା ଯୋଜନାରେ ପ୍ରଦାନ କରାଯାଉଥିବା ପଟ୍ଟାକୁ ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ନାମରେ ରେକର୍ଡ କରାଯାଉଛି। ୩୨,୩୯୬ ପରିବାର ବସୁନ୍ଧରା ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ମହିଳାମାନଙ୍କୁ ଷ୍ଟାମ୍ପଦେୟ ଉପରେ ୧ ପ୍ରତିଶତ ରିହାତି ଦିଆଯାଇଛି। ଏଥିସହିତ ୫-ଟି ରୂପାନ୍ତରଣ କାର୍ଯ୍ୟଗୁଡ଼ିକ ମଧ୍ୟରୁ ବିଭାଗର ୩୪ ସେବା ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ ହେଉଛି। ନାଗରିକମାନେ ଅନ୍‌ଲାଇନରେ ପୁରୁଣା ପଞ୍ଜୀକୃତ ଦଲିଲର ଦାଖଲ ଖାରଜ, ଚାଷଜମି କିସମର ଘରବାଡ଼ିକୁ ପରିବର୍ତ୍ତନ ଏବଂ ଆପୋସ ବୁଝାମଣାରେ ଜମି ବିଭାଜନ ମାମଲା ପାଇଁ ଆବେଦନ କରିପାରୁଛନ୍ତି। ୨୦୧୯ରୁ ପ୍ରାୟ ୩,୯୦,୦୦୦ ପଟ୍ଟା ୭ଦିନ ମଧ୍ୟରେ ଓ ୫୫,୦୦୦ ପଟ୍ଟା ଗୋଟିଏ ଦିନରେ ସଂଶୋଧନ କରାଯାଇ ସ୍ପିଡ୍ ପୋଷ୍ଟ କିମ୍ବା ରାଜସ୍ୱ ରଥ ମାଧ୍ୟମରେ ଆବେଦନକାରୀଙ୍କ ନିକଟକୁ ପଠାଯାଇଛି। ବିଭାଗ ତରଫରୁ ପ୍ରତ୍ୟେକ ମାସରେ କ୍ୟାମ୍ପ କୋର୍ଟ ମାଧ୍ୟମରେ ଆପୋସ ବୁଝାମଣାରେ ଜମି ବିଭାଜନ ଏବଂ ପ୍ରଜାଖାନା ସଂଶୋଧନ ନିମନ୍ତେ ୧୦୦ଟି ମାମଲା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜସ୍ୱ ବିଭାଗ ତରଫରୁ ସମସ୍ତ ତହସିଲରେ ଭର୍ଚୁଆଲ କୋର୍ଟ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୧,୧୮୩ ମାମଲା ଫଇସଲା ହୋଇପାରିଛି। ୨୦୧୯ରୁ ଲୋକମାନେ ଅନ୍‌ଲାଇନରେ ଜମି ଖଜଣା, ସେସ୍ ଏବଂ ଜଳକର ଦେଇ ପାରୁଛନ୍ତି। ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ବାର୍ଷିକ ଆୟର ମାନଦଣ୍ଡକୁ ୬୦,୦୦୦ ଟଙ୍କାରୁ ୧,୦୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ୯୦୨ ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ପରିବେଶର ସୁରକ୍ଷା ନିମନ୍ତେ ରାଜସ୍ୱ ବିଭାଗ ପ୍ରାୟ ୩୫,୦୦୦ ଏକର ଜମି କ୍ଷତିପୂରକ ବନୀକରଣ ପାଇଁ ସଂରକ୍ଷିତ ରଖିଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଗତ ୪ ବର୍ଷ ମଧ୍ୟରେ ନୂତନ ଭାବେ ୩୧୭ ଓଏଏସ୍ ଏବଂ ୧୧୦ ଓଆରଏସ୍, ୧୧୦୩ ଆରଆଇ, ୮୫ ଏଆରଆଇ ଏବଂ ୫୩୮ ଅମିନ ପଦବୀ ସୃଷ୍ଟି କରାଯାଇଛି। ଏହି ଅବଧି ମଧ୍ୟରେ ୯୯୯୧୨ ଓଏଏସ୍, ୬୪୫ ଓଆରଏସ୍, ୯୨୦ ଜେଆରଏସ୍, ୫୮୬ ଆର୍‌ଆଇ, ୫୭୬ ଏଆରଆଇ ଏବଂ ୫୩୮ ଅମିନଙ୍କୁ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠିତ ହୋଇଛି। ଏହି ଟାସ୍କଫୋର୍ସ ବିଭିନ୍ନ ସମସ୍ୟାର ବିଶ୍ଳେଷଣ କରି ପର୍ଯ୍ୟାୟ କ୍ରମେ ପ୍ରସ୍ତାବମାନ ଦେଇଛି। ଚକବନ୍ଦୀ ଅଧିନିୟମ, ୧୯୭୨ ଧାରା ୩୪କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ଏବଂ ଆଇନ ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ଗ୍ରାମକଣ୍ଠ ପରମ୍ବୋକ, ନଜୁଲ, ଆବାଦୀ, ଖାସମାହାଲ ଜମିର ବନ୍ଦୋବସ୍ତ ପାଇଁ ଉଦ୍ଦିଷ୍ଟ ସଲାମିକୁ ୨୦ରୁ ୦୨ ପ୍ରତିଶତକୁ କମାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି।

# ଅନ୍ୱେଷାରେ ସାମିଲ ହେବେ ଆଉ ୧୫୦୦ ଛାତ୍ରୀଛାତ୍ର

ଭୁବନେଶ୍ୱର,୩୦।୫(ବ୍ୟୁରୋ)




## ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ସମୀକ୍ଷା

ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ପାଠ୍ୟକ୍ରମରେ ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ସହରାଞ୍ଚଳର ବିଭିନ୍ନ ଇଂଲିଶ ମାଧ୍ୟମ ପବ୍ଲିକ ସ୍କୁଲରେ ନାମ ଲେଖାଇ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୦୧୫–୧୬ରୁ ଅନ୍ୱେଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଏଭଳି ୮୦ଟି ହଷ୍ଟେଲ ଥିବାବେଳେ ଏଥିରେ ପ୍ରାୟ ୨୨ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ ଆଉ ୧୫୦୦ ଛାତ୍ରୀଛାତ୍ର ଅନ୍ୱେଷା ଯୋଜନାରେ ସାମିଲ ହେବେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି ସୂଚନା ଦେଇଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭାଗର ଗତ ୪ ବର୍ଷର ଲକ୍ଷ୍ୟ ଓ ସଫଳତା ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୀତଗୋବିନ୍ଦ ସଦନରେ ଖବରଦାତାମାନଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ପାଖାପାଖି ୪.୨ ଲକ୍ଷ ପରିବାରର ୬ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ବିଭାଗ ଅଧୀନ ୧୭୩୫ଟି ବିଦ୍ୟାଳୟରେ ଅଧ୍ୟୟନରତ ଅଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ବିଭାଗରେ ହାଇସ୍କୁଲ ସଂଖ୍ୟା ୨୧୫ରୁ ୪୨୨କୁ ବୃଦ୍ଧି ପାଇଛି। ସେହିପରି ଅନୁସୂଚିତ ଜନଜାତି ଓ ଜାତି ପିଲାଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରଦାନ ପାଇଁ ୬୨ଟି ଉତ୍ସର୍ଗୀକୃତ ଉଚ୍ଚମାଧ୍ୟମିକ ସ୍କୁଲ ଖୋଲାଯାଇଛି। ପିଭିଟିଜି ସମ୍ପ୍ରଦାୟ ଥିବା ୧୭ଟି କ୍ଷୁଦ୍ର ପ୍ରକଳ୍ପ ଅଞ୍ଚଳରେ ୨୦୦୭–୦୮ରୁ ପ୍ରଥମରୁ ଦଶମ ୧୭ଟି ଉତ୍ସର୍ଗୀକୃତ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଆଦିବାସୀ ଉପଯୋଜନା ଅଞ୍ଚଳରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ପାଇଁ ସିବିଏସ୍‌ଇ ପାଠ୍ୟକ୍ରମରେ ଆବାସିକ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୧୯ରୁ ୧୦ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ସିବିଏସ୍‌ଇ ପାଠ୍ୟକ୍ରମରେ ଆବାସିକ ଇଂଲିଶ ମାଧ୍ୟମ ଶିକ୍ଷା ପ୍ରଦାନ କରିବା ପାଇଁ ବ୍ରହ୍ମପୁରରେ ୨୦୧୮–୧୯ରେ ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ବିଶେଷକରି ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଡ୍ରପ୍‌ଆଉଟ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ କେବିକେ ହଷ୍ଟେଲ ଏବଂ ୧୮୮ଟି ସ୍ୱତନ୍ତ୍ର ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଛି। ବିଭାଗ ଅଧୀନରେ ଆସୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ୟୁନିଫର୍ମ ଓ ଭୋଜନ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅଷ୍ଟମ ଶ୍ରେଣୀ ସହ ବିଭାଗ ଅଧୀନରେ ଥିବା ସମସ୍ତ ହାଇସ୍କୁଲକୁ ସ୍ମାର୍ଟକ୍ଲାସ୍‌ରୁମ ଓ ସମସ୍ତ ୫–ଟି ସୁବିଧା ଯୋଗାଇ ଦେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ। ୨୦୨୩–୨୪ବର୍ଷ ପାଇଁ ୨୩ଟି ସ୍ୱତନ୍ତ୍ର ବିକାଶ ପରିଷଦ ନିମନ୍ତେ ୨୨୨.୩ କୋଟି ଟଙ୍କା ବଜେଟ କରାଯାଇଛି। ଏହା ଦ୍ୱାରା ଓଡ଼ିଶାରେ ରହୁଥିବା ୬୨ଟି ଆଦିବାସୀ ସମ୍ପ୍ରଦାୟର ତଥା ୧୩ଟି ଅତି ସମ୍ବେଦନଶୀଳ ଜନଜାତିଙ୍କ ଜୀବନରେ ପରିବର୍ତ୍ତନ କରିବାରେ ବିଭାଗ ସକ୍ଷମ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

ମୋ ଜଙ୍ଗଲ ଜମି ଯୋଜନା ବା ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ପ୍ରକ୍ରିୟାକୁ ସଂଶୋଧନ କରି ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି। ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ ପାୱାର ପଏଣ୍ଟ ଜରିଆରେ ବିଭାଗର ସଫଳତା ଓ ବିଭିନ୍ନ ଯୋଜନାର ରୂପାୟନ ନେଇ ତଥ୍ୟ ଉପସ୍ଥାପନ କରିଥିଲେ।

ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁମିଳନ ସହ କୌଣସି ଆନୁଷ୍ଠାନିକ କାମରେ ସାହାଯ୍ୟ କରି ପ୍ରଶଂସିତ ହେବେ। କିଛିଟା ଭଲ ସହ ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। କୃତ୍ତିକା ନକ୍ଷତ୍ର ଠିକ୍ ନିଷ୍ପତ୍ତି ନେଇ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ** ଆଜି ଆପଣଙ୍କ କଥା ଓ କାମ ସରସ, ସୁନ୍ଦର ହୋଇପାରିବ। ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେହିକ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବ। କୌଣସି ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ରୋହିଣୀ ମନୋରଞ୍ଜନର ଖୁରାକ ଯୋଗାଇବାରେ ବନ୍ଧୁ ସହଯୋଗ କରିବେ।

**ମିଥୁନ** ପାରିବାରିକ ସମସ୍ୟାରେ ନୟାନ୍ତ ହେବେ। ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତି ନିନ୍ଦା ଗାଇ ବୁଲିବେ। ଘରକୁ ଆସି ଫେରି ଯାଇଥିବା ବନ୍ଧୁ ପୁଣି ଲେଉଟି ଆସିବାରୁ ମନରେ ସରସତା ରହିବ ନାହିଁ। ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ।

**କର୍କଟ** ହାତର ସୁନା ଭେଣ୍ଡି ପରି ନିଜ ଲୋକ ଦାଉ ସାଧିଲେ କାହାକୁ କହିପାରିବେ ନାହିଁ। ଆଜି ଘରେ ହେଉ କିମ୍ବା ଅଫିସରେ ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ କଥାରେ ରାଗିବେ। ଅଶ୍ଳେଷା ସକାଶେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ** ଘର ନିଆଁ ବୋଲି କାନି ପଣତରେ ସାଇତି ରଖିଲେ ଯେପରି ଅବସ୍ଥା ହୁଏ ପାରିବାରିକ ସ୍ଥିତି ସେହିପରି ରହିବ। ମଘା ପାଇଁ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇପାରନ୍ତି। ବିଦେଶ ଯାତ୍ରାକୁ ମନବଳାଇବେ।

**କନ୍ୟା** ଭୁଲ୍ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିବେ। ଉତ୍ତରାଫାଲ୍‌ଗୁନୀ ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ଅସାବଧାନତା କାରଣରୁ ସୁନା,ଅଳଙ୍କାର ହଜି ଯାଇପାରେ।

**ତୁଳା** ମନ ଯଦି ଗଙ୍ଗା,ଗାଡ଼ିଆ ହୁଏ ଗଙ୍ଗାପରି ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କାମକୁ ସେହି ଦୃଷ୍ଟିକୋଣରୁ କରିବେ। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ,ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇଯାଇପାରେ।

**ବିଛା** ଅନ୍ୟମାନଙ୍କୁ ସତ୍ ପରାମର୍ଶ ଦେବେ କିନ୍ତୁ ନିଜେ ପାଳନ କରିବା କାଠିକର ପାଠ ହୋଇପାରେ। ବିଶାଖା ନକ୍ଷତ୍ର ଲକ୍ଷ୍ୟଭ୍ରଷ୍ଟ ହୋଇ ଅସଲ କାମ ଛାଡି ମରୀଚିକା ପଛରେ ଦୌଡି ପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ** ନିଜକୁ ସମ୍ଭାଳି ନେଇ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁନାହିଁ। ବିଭିନ୍ନ ସମସ୍ୟା ଭିତରେ ଆଜି ସାହାଯ୍ୟ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହେବେ। ତେଣେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମକର** ଗ୍ରହମାନଙ୍କ ଅନୁକୂଳତାରୁ ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେବାରେ ସାହାଯ୍ୟ କରିବେ। ଶ୍ରବଣା ନକ୍ଷତ୍ରର ବନ୍ଧୁଙ୍କ ଆଗମନ ଯୋଗୁ ମଉଜରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମନସ୍କ ହେତୁ ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** ଅବହେଳା ଯୋଗୁ କେତେକ କାମ ସକାଶେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅବସ୍ଥାରେ ଉନ୍ନତି ନ ହେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେବେ।

**ମୀନ** ହରି ରଖେ ମାରେ କିଏ ? ହରି ମାରେ ରଖେ କିଏ ? ପରି ବୃହସ୍ପତିଙ୍କ ଶୁଭ ଦୃଷ୍ଟି କର୍ମସ୍ଥାନକୁ ଥିବାରୁ ସମସ୍ତ ବିପଦରୁ ରକ୍ଷାପାଇବେ। ଅତୀର ଘଟଣାକୁ ନେଇ ଯେତିକି ଯେତିକି ଅଧିକ ଭାବୁଥିବେ ସେତିକି ସେତିକି ମନଟା ଅଧିକ ଖରାପ ଲାଗିବ। ଉତ୍ତରଭାଦ୍ରବ ନକ୍ଷତ୍ର ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ବୁଧବାର, ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଚମ୍ପକଦ୍ୱାଦଶୀ ଯାତ୍ରା, ମେ ୩୧ ତାରିଖ, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ବିଶ୍ୱତମାଖୁ ନିରୋଧୀ ଦିବସ, ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୭.୪୮ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ପାଇପ୍‌ଲାଇନ ତଳେ...


ହ୍ୟୁମ୍ ପାଇପ୍ ତଳେ ଚାପି ହୋଇଯାଇଥିବା ଛାତ୍ରୀ ଏନ୍ ମୋହିନୀ।

ପରେ ପରିବାର ଲୋକ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୋହିନିଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଛାତ୍ରୀ ମୃତ୍ୟୁ ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ୱାଟ୍‌କୋ ଡ୍ରେନେଜ ବିଭାଗ ଜେନେରାଲ ମ୍ୟାନେଜର ଅଚ୍ୟୁତ ବିଜୟାନନ୍ଦ କହିଛନ୍ତି। ଅନ୍ୟତ୍ର ଯାତାୟତ କରିବା ପାଇଁ ଲୋକଙ୍କୁ ଅଲଗା ରାସ୍ତା ଦିଆଯାଇଛି। ହେଲେ ଲୋକ ଏହା ନ ମାନି ସେହି ରାସ୍ତା ଦେଇ ଯାଉଛନ୍ତି। ପାଇପ୍‌ଲାନକୁ ଯଦି ରାସ୍ତାଉପରେ ବିଛା ଯାଇଥାନ୍ତା ତେବେ ରାସ୍ତା ବନ୍ଦ ହୋଇଯାଇଥାନ୍ତା। ଲୋକମାନଙ୍କ ଅସୁବିଧା ନ ହେବା ପାଇଁ ପାଇପକୁ ପୁରୁଣା ରାସ୍ତାରେ ବିଛା ଯାଇଛି। ମାତ୍ର ଲୋକମାନେ ବୁଝୁ ନାହାନ୍ତି। ପୁରୁଣା ରାସ୍ତାରେ ଯିବା ଆସିବା କରିବାରୁ ଏଭଳି ଘଟଣା ଘଟିଲା ବୋଲି ବିଜୟାନନ୍ଦ କହିଛନ୍ତି। ଲୋକଙ୍କ ସୁବିଧା ପାଇଁ ଆମେ ଦ୍ରୁତ ଗତିରେ କାର୍ଯ୍ୟ କରୁଛୁ। ଏଥିପାଇଁ ଲୋକମାନେ ମଧ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୂଚନା ଥାଉକି ସୋମବାର କନ୍ଦରପୁର ଥାନା ଅନ୍ତର୍ଗତ ସର୍ତ୍ତୋଳ ଅଞ୍ଚଳର ଜ୍ଞାନରଞ୍ଜନ ଓ ତାଙ୍କ ସ୍ତ୍ରୀ ଏବଂ କାର୍ ସମେତ ତାଳଦଣ୍ଡା କେନାଲରେ ପଡ଼ିଯାଇଥିଲେ। ଏଥିରେ ଜ୍ଞାନରଞ୍ଜନଙ୍କର ମୃତ୍ୟୁ ଘଟିଥିଲା।

## ଆଜି ଯୁକ୍ତ୨ ବିଜ୍ଞାନ...

ପରୀକ୍ଷାଫଳ ଜାଣିପାରିବେ। ତେବେ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ନେଇ ତାରିଖ ସ୍ଥିର ହୋଇ ନ ଥିବା ସୂଚନା ଦିଆଯାଇଛି। ସୂଚନା ଥାଉକି, ରାଜ୍ୟର ୧,୧୪୫ଟି ପରୀକ୍ଷା କେନ୍ଦ୍ରରେ ମାର୍ଚ୍ଚ ୧ରୁ ଏପ୍ରିଲ ୫ ଯାଏ +୨ ପରୀକ୍ଷା ଚାଲିଥିଲା। ଏଥିପାଇଁ ମୋଟ ୩ ଲକ୍ଷ ୫୭ହଜାର ୯୪୨ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଯୁକ୍ତ ୨ବିଜ୍ଞାନରେ ୯୩ ହଜାର ୮୯୪, ବାଣିଜ୍ୟରେ ୨୪ ହଜାର ୩୩୧ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ରହିଥିଲେ। ଅନ୍ୟପକ୍ଷରେ ଏକ୍ସରେଗୁଲାର ପରୀକ୍ଷା ପାଇଁ ୧ଲକ୍ଷ ୭୭ହଜାର ୨୦୪ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେହିପରି ଜୁନ୍ ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ୍ୟ ପରିଷଦ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।

## ୧୩,୫୬୮ ଯୁକ୍ତ୨...

ଏହି ବିଦ୍ୟାଳୟଗୁଡ଼ିକରେ ୨ଟି ଲେଖାଏ ସେକ୍ସନ ଖୋଲିବା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ସେକ୍ସନରେ ୬୪ଜଣ ଲେଖାଏ ମୋଟ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇବେ। ଅନ୍ୟପଟେ ପ୍ରଧାନଶିକ୍ଷକମାନେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବେ। ଏଥିପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ତାଲିମ ଦିଆଯାଇଛି। ଏଥିସହ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିୟୋଜନ ପ୍ରକ୍ରିୟା ଚାଲୁ ରହିଛି। ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ହୋଇଥିବାବେଳେ ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ସବୁ ହାଇସ୍କୁଲରେ ଆଇଟି ଲାବ୍ ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ରିଜ୍‌ଭୂଷଣଙ୍କୁ ୫ ଦିନରେ...

ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଦିଲ୍ଲୀ ପୋଲିସଠାରୁ ଗୋଇଠା ଓ ଲାଠିମାଡ଼ ଖାଇବାର ଦୁଇଦିନ ପରେ କୁସ୍ତିଯୋଦ୍ଧାମାନେ ମଙ୍ଗଳବାର କେନ୍ଦ୍ର ସରକାର ବିରୋଧରେ ଏଭଳି ଭାବେ ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ଦିଲ୍ଲୀରୁ ହରିଦ୍ୱାର ଯାଇ ହର୍ କୀ ପୌରି ଘାଟରେ ନିଜ ନିଜ ମେଡାଲ ଭସାଇବାକୁ ବାହାରିଥିଲେ। କିନ୍ତୁ କୃଷକ ନେତା ନରେଶ ଟିକାଏତ୍ ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ କୁସ୍ତିଯୋଦ୍ଧାମାନେ ଫେରିଯାଇଛନ୍ତି। ଏଥିସହ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ପାଇଁ ୫ ଦିନିଆ ମହଲତ ଦେଇଛନ୍ତି। ୫ ଦିନ ମଧ୍ୟରେ ତାଙ୍କୁ ଗିରଫ କରା ନ ଗଲେ ସେମାନେ ପୁଣି ହରିଦ୍ୱାର ଯାଇ ମେଡାଲ ବିସର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମଙ୍ଗଳବାର ସନ୍ଧ୍ୟା ୬ଟାରେ ଭାରତୀୟ କ୍ରୀଡ଼ା ଇତିହାସରେ ଏକ ଅପ୍ରତ୍ୟାଶିତ ଚିତ୍ର ଦେଖିବାକୁ ମିଳିଥିଲା। ଡବ୍ଲୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଆଣି ତାଙ୍କ ଗିରଫଦାରି ଦାବି କରୁଥିବା ଅଲିମ୍ପିକ୍ ପଦକଧାରୀ କୁସ୍ତିଯୋଦ୍ଧାମାନେ ଅନ୍ୟ ଉପାୟ ନ ପାଇ ଶେଷରେ ଉତ୍ତରାଖଣ୍ଡ ଯାଇଥିଲେ। ସେମାନେ ନିଜ ନିଜ ମେଡାଲକୁ ବିଦାୟ ଜଣାଇ ହରିଦ୍ୱାର ଗଙ୍ଗାନଦୀରେ ବିସର୍ଜନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ଅଧ୍ୟକ୍ଷ ନରେଶ ଟିକାଏତ୍ ସେଠାରେ ପହଞ୍ଚି କୁସ୍ତିଯୋଦ୍ଧାମାନଙ୍କୁ ଅଟକାଇଥିଲେ। ସେମାନଙ୍କଠାରୁ ମେଡାଲ ନେଇ ସମସ୍ୟାର ସମାଧାନ ପାଇଁ ୫ ଦିନ ମାଗିଥିଲେ। ଟିକାଏତ୍ କହିଥିଲେ, କେନ୍ଦ୍ର ସରକାର କୁସ୍ତିଯୋଦ୍ଧାମାନଙ୍କ କଥା ଶୁଣିବା ପରିବର୍ତ୍ତେ ଡବ୍ଲୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି। ବୁଧବାର ଖାପ୍ ବୈଠକ ହେବ।

ପ୍ରକାଶ ଯେ, ଗତ ଜାନୁୟାରୀରେ ୭ ଜଣ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ତାଙ୍କୁ ଡବ୍ଲୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଓ ଗିରଫ କରିବା ଦାବିରେ ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ମଧ୍ୟ ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରରେ ଗତ ଏପ୍ରିଲ ୨୩ରୁ ପୁଣି ଧାରଣା ଦେଇଥିଲେ। ଏତଲା ସତ୍ତ୍ୱେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ପରେ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଥିଲା। ଜଣେ ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍‌ଆଇଆର୍ ହୋଇଛି। କିନ୍ତୁ ବାହୁବଳି ତଥା ପ୍ରଭାବଶାଳୀ ଭାଜପା ନେତା ବ୍ରିଜ୍‌ଭୂଷଣଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ରବିବାର ସକାଳେ କୁସ୍ତିଯୋଦ୍ଧାମାନେ ମହିଳା ମହାପଞ୍ଚାୟତ ଆୟୋଜନ ପାଇଁ ଯନ୍ତରମନ୍ତର ଧାରଣାସ୍ଥଳରୁ ନୂଆ ସଂସଦ ଭବନ ଅଭିମୁଖେ ବାହାରିଥିଲେ। କିନ୍ତୁ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଡ଼ ମାରି ବସ୍‌ରେ ବିଭିନ୍ନ ସ୍ଥାନକୁ ନେଇଯାଇଥିଲା। ଆଇନ ଉଲ୍ଲଂଘନ ଓ ଶାନ୍ତିଶୃଙ୍ଖଳା ଭଙ୍ଗ ଅଭିଯୋଗରେ କୁସ୍ତିଯୋଦ୍ଧାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଯନ୍ତରମନ୍ତରରେ ମାସାଧିକ କାଳ ଧାରଣା ଦେବା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଦକ ଫେରାଇବା ପାଇଁ ମନସ୍ଥ କରିଥିଲେ। କିନ୍ତୁ ଧାରଣାସ୍ଥଳରୁ ମାତ୍ର ୨ କି.ମି. ଦୂରରେ ଥାଇ ସୁଦ୍ଧା ମହିଳା ରାଷ୍ଟ୍ରପତି ସବୁକିଛି ଦେଖୁଥିଲେ। କିନ୍ତୁ ସେ କିଛି କହିଲେ ନାହିଁ। ତେଣୁ ତାଙ୍କୁ ମେଡାଲ ଫେରାଇବାର କୌଣସି ଯଥାର୍ଥତା ନାହିଁ ବୋଲି କୁସ୍ତିଯୋଦ୍ଧାମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମକୁ ଦେଶର ଝିଅ ବୋଲି ସମ୍ବୋଧନ କରୁଥିଲେ। ସେ ବି ଥରୁଟିଏ ଆମ କଥା ଶୁଣିବାକୁ ଚାହିଁଲେନି। ଓଲଟା ଅଭିଯୁକ୍ତ ବ୍ରିଜ୍‌ଭୂଷଣଙ୍କୁ ନୂଆ ସଂସଦ ଭବନ ଉଦ୍‌ଘାଟନକୁ ନିମନ୍ତ୍ରଣ କଲେ। ବ୍ରିଜ୍‌ଭୂଷଣ ସେଠାରେ ଚକଚକିଆ ପୋଷାକ ପିନ୍ଧି ନିଜ ଫଟୋ ଉଠାଉଥିଲେ। ଏହି ଦୃଶ୍ୟ ଆମକୁ ଯନ୍ତ୍ରଣା ଦେଇ କହୁଥିଲା, ମୁଁ ହେଉଛି ସିଷ୍ଟମ୍। ରେସଲର୍ ସାକ୍ଷୀ ମଲିକ୍, ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆ ଏକ ପତ୍ରରେ ଏପରି ଉଲ୍ଲେଖ କରି ତାକୁ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ଦିଲ୍ଲୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛି।

# ପଢ଼ାଖର୍ଚ୍ଚ ପାଇଁ ରମାଦେବୀର ବଣ୍ଡା ଛାତ୍ରୀ ଦିନମଜୁରିଆ

**ବଣ୍ଡା ଜନଜାତିଙ୍କ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେମାନଙ୍କ ଉତ୍ଥାନ ସକାଶେ ପ୍ରଣୟନ କରାଯାଇଥିବା ଯୋଜନା ବିଷୟରେ ଜନସଚେତନତା ସୃଷ୍ଟି କରାଯାଉଛି। ଏହି ଆଦିମ ଅଧିବାସୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଲେ ସେହି ବର୍ଗ ସଶକ୍ତ ହୋଇପାରିବ ବୋଲି କୁହାଯାଉଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ପ୍ରଚାର ଅନୁଯାୟୀ ପଦକ୍ଷେପ ନିଆଯାଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ପଢୁଥିବା ବଣ୍ଡା ଛାତ୍ରୀ କର୍ମା ମୁଦୁଲି ନିଜ ପଢ଼ା ଜାରି ରଖିବା ଲାଗି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ବଣ୍ଡାଘାଟି ଅଞ୍ଚଳରେ ଦିନମଜୁରିଆ ସାଜିବା ଚର୍ଚ୍ଚାର ବିଷୟ ହୋଇଛି।**

**ମାଲକାନଗିରି,୩୦ା୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ା ବଣ୍ଡାଘାଟିର ୫ ପଞ୍ଚାୟତରେ ୩୫ରୁ ଊର୍ଦ୍ଧ୍ୱ ଗ୍ରାମରେ ବଣ୍ଡା ଜନଜାତି ବସବାସ କରୁଛନ୍ତି। ଗତବର୍ଷ ମାଲକାନଗିରି ଜିଲାରେ ଯୁକ୍ତ ୨ ବାଣିଜ୍ୟରେ ବଣ୍ଡାଘାଟି ବାଣ୍ଡିପଡ଼ା ଗ୍ରାମର ଛାତ୍ରୀ କର୍ମା ମୁଦୁଲି ଗୋବିନ୍ଦପାଲ୍ଲୀ ମହାବିଦ୍ୟାଳୟରେ ଅଧ୍ୟୟନ କରି ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଜିଲାରେ ପ୍ରଥମ ହୋଇଥିଲେ।



ମୂଲ ଖଟୁଛନ୍ତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ଛାତ୍ରୀ କର୍ମା ମୁଦୁଲି।

ପରେ କର୍ମାଙ୍କୁ ବିଭିନ୍ନ ସ୍ଥାନରୁ ପ୍ରଶଂସାର ସୁଅ ଛୁଟିଥିଲା। ୨୦୨୨ ଅଗଷ୍ଟ ୧୪ରେ ମାଲକାନଗିରି ସଦର ମହକୁମାରେ ଉତ୍କଳ ସାମ୍ବାଦିକ ସଂଘ ତରଫରୁ କରାଯାଇଥିବା କାର୍ଯ୍ୟକ୍ରମରେ ତତ୍କାଳୀନ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କୁ ସମ୍ମାନିତ କରିଥିଲେ। ସେହିପରି ଅଗଷ୍ଟ ୧୫ରେ ରାଜ୍ୟ ସରକାରଙ୍କ ତରଫରୁ ମାଲକାନଗିରି ଜିଲାସ୍ତରୀୟ ପରେଡରେ ଶିକ୍ଷାମନ୍ତ୍ରୀ ସ୍ୱତନ୍ତ୍ର ଭାବେ କର୍ମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହି ସମୟରେ ବିଭିନ୍ନ ଗଣମାଧ୍ୟମରେ ତାଙ୍କ ସଫଳତାକୁ ପ୍ରସାର କରାଯାଇ ବଣ୍ଡା ଜନଜାତିଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆସିଥିବା ପ୍ରଚାର କରାଯାଇଥିଲା। ଏପରିକି ରାଜ୍ୟପାଳ ମଧ୍ୟ ଟୁଇଟ୍ କରି କର୍ମାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ଜିଲା ପ୍ରଶାସନ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ରେ କର୍ମାଙ୍କ ନାମ ଲେଖାଇ କେତେକ ପୁସ୍ତକ ଓ ନୋଟ୍‌ବୁକ ଦେଇଥିଲା। ହେଲେ ଅର୍ଥାଭାବ ଯୋଗୁ ରହିବା ଓ ଖାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଲା। ପଢ଼ା ଖର୍ଚ୍ଚ ତୁଲାଇବା ଲାଗି କିଛି ଗୋଟେ କରିବା ଦରକାର ବୋଲି ମନସ୍ଥ କରି ଖରାଛୁଟିରେ ଦିନମଜୁରିଆ ହେବାକୁ ବାଧ୍ୟ ହେଲେ।

ନିଜର ଦୟନୀୟ ସ୍ଥିତିକୁ ଧରି ମାଲକାନଗିରିରୁ ଭୁବନେଶ୍ୱର ତାଙ୍କ

### ଯୁକ୍ତ ୨ ବାଣିଜ୍ୟରେ ମାଲକାନଗିରି ଜିଲା ଟପ୍ପର ଥିଲେ

ଶିକ୍ଷାଯାତ୍ରା ଏକ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରୀ ଥାଇ ମୂଲ ଲାଗିବା ସଂକ୍ରାନ୍ତରେ ପ୍ରଶ୍ନ ହେବାରୁ କର୍ମା କହିଛନ୍ତି, ଭୁବନେଶ୍ୱର ଭଳି ଜାଗାରେ କେବଳ ନାମ ଲେଖାଇଦେଲେ ହେବ ନାହିଁ। ରହିବା ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ତାଙ୍କ ପରିବାର ପକ୍ଷେ ସମ୍ଭବ ନୁହେଁ। ତେଣୁ ବାଧ୍ୟହୋଇ ସେ ଭୁବନେଶ୍ୱରରୁ ଆସି ମାଲକାନଗିରିରେ ଅର୍ଥ ଉପାର୍ଜନ ପାଇଁ ମୂଲ ଲାଗୁଛନ୍ତି। ଦୈନିକ ୨୫୦ ଟଙ୍କା ମଜୁରି ମିଳୁଥିବାରୁ ତାହାକୁ ସଞ୍ଚୟ କରି ସେ ପୁନର୍ବାର ଭବନେଶ୍ୱର ଯାଇ ନିଜ ଖର୍ଚ୍ଚ ସହ ପାଠ୍ୟ ଉପକରଣ କିଣି ପଢ଼ାପଢ଼ି କରିପାରିବେ ବୋଲି କହିଛନ୍ତି।

କର୍ମାଙ୍କୁ ଛାଡ଼ିଦେଲେ ପରିବାରର ଅନ୍ୟମାନେ ଦିନ ମଜୁରିଆ। ୪ ଭଉଣୀ ଓ ଭାଇଙ୍କ ମଧ୍ୟରେ କେବଳ ସେ ହିଁ ପାଠ ପଢୁଛନ୍ତି। ଉଚ୍ଚଶିକ୍ଷା ପାଇଁ ଦୃଢ଼ମନା ଏହି ମେଧାବୀ ଛାତ୍ରୀ ଆଗକୁ ବଢ଼ିବାକୁ ହେଲେ ଅର୍ଥର ଆବଶ୍ୟକତା ପାଇଁ ସେ ବାଧ୍ୟହୋଇ ଅନ୍ୟ ସମୟରେ ଦିନ ମଜୁରିଆ ହେବେ ବୋଲି କହିବା ପରେ ତାଙ୍କ ସଂଘର୍ଷର କାହାଣୀ ଏବେ ଗଣମାଧ୍ୟମ ବିଶେଷକରି ସୋସିଆଲ ମିଡିଆରେ ଜୋରଦାର ଆଲୋଚନା ହେଉଛି ।

# ୧୫ ପରିବାର ଗାଁରୁ ବାସନ୍ଦ

## ଖୁଡୁଖୁଡ଼ି ଖେଳ ସମ୍ପର୍କରେ ପୋଲିସକୁ ଖବର ଦେବାରୁ ମିଳିଛି ଦଣ୍ଡ

**କୋଷାଗୁମୁଡ଼ା/ନବରଙ୍ଗପୁର, ୩୦ା୫(ଡି.ଏନ୍.ଏ./ସ୍ୱ.ପ୍ର.)**

ଖୁଡୁଖୁଡ଼ି ଖେଳ ପାଇଁ ଗାଁରୁ ୧୫ ପରିବାରକୁ ବାସନ୍ଦ କରାଯାଇଛି। କୌଣସି ଶୁଭ ଅଶୁଭ କାମରେ ଯିବାକୁ ପରିବାର ସଦସ୍ୟଙ୍କୁ ବାରଣ। କୁନି କୁନି ପିଲାମାନଙ୍କୁ ମଧ୍ୟ ଅଙ୍ଗନୱାଡି ଯିବାରେ କଟକଣା। ବାସନ୍ଦ ଆଦେଶକୁ ଖିଲାପକଲେ ମୁଣ୍ଡ ପିଛା ୫ଶହ ଟଙ୍କା ଡଣ୍ଡ ଗଣିବାକୁ ବାଧ୍ୟ। ଯଦି ଗାଁରେ ମିଶିବାରେ ଅଛି ତା'ହେଲେ ୨ ହଜାର ଟଙ୍କା ଦେବାକୁ ହେବ। ଏପରି ଘଟଣା ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟେମେରା ପଞ୍ଚାୟତ ଚୁରାହାଣ୍ଡି ଗ୍ରାମରେ ଦେଖିବାକୁ ମିଳିଛି। ବାସନ୍ଦ ହୋଇଥିବା ପରିବାର ଲୋକେ ମଙ୍ଗଳବାର ତହସିଲଦାର ଓ ନବରଙ୍ଗପୁର ଏସ୍‌ପିଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ପି ଏସ୍.ସୁଶ୍ରୀ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ଗତ ଏପ୍ରିଲରେ ଚୈତ୍ରପର୍ବ ପାଳନ ଅବସରରେ ଗାଁରେ ଯାତ୍ରା ଚାଲିଥିଲା। ଏହି ଉପଲକ୍ଷେ ଖୁଡୁଖୁଡ଼ି ଖେଳ ହେଉଥିଲା। ଖବରପାଇ କୋଷାଗୁମୁଡ଼ା ପୋଲିସ ସେଠାରେ ଚଢ଼ାଉକରି ଖୁଡୁଖୁଡ଼ି ଖେଳ ବନ୍ଦ କରିଦେଇଥିଲା। ପୋଲିସକୁ ଖବର ଦେବା ଅଭିଯୋଗରେ ଖୁଡୁଖୁଡ଼ି ଖେଳକୁ ପ୍ରଶ୍ରୟ ଦେଇଥିବା ଗାଁର ଏକ ବଡ଼ ଗୋଷ୍ଠୀ ମାଳି ସାହି, ମିର୍ଗାନ ସାହିର ଓ ହରିଜନ ସାହିର ୨୫ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି। ପୁଣି ଥରେ ମିଶିବାକୁ ହେଲେ ଘର ପିଛା ୨ହଜାର ଟଙ୍କା ଡଣ୍ଡ ଦେବାକୁ ପଡ଼ିବ ବୋଲି ଆଦେଶ ଜାରି କରାଯାଇଛି। ୧୦ଟି ପରିବାର ଜରିମାନା ଦେଇ ସମାଜରେ ମିଶିଥିଲେ। ୧୫ ପରିବାର ଏବେ ବାସନ୍ଦ ହୋଇ ଅଛନ୍ତି। ବାସନ୍ଦ ହୋଇଥିବା ୧୫ ପରିବାର ସଦସ୍ୟଙ୍କୁ ଗାଁ ଦୋକାନ, ଦୈନିକ ବଜାର ଯିବା ସହ ଗୋରୁ ଚରାଇବା ମନା। ଏଥିସହ ବିବାହ, ବ୍ରତ,ଦଶାହ କାର୍ଯ୍ୟରେ ଯିବାକୁ ସେମାନଙ୍କୁ ବାରଣ କରାଯାଇଛି। ଏଥିସହ ଗାଁର ଅନ୍ୟମାନଙ୍କୁ ମଧ୍ୟ ବାସନ୍ଦ ପରିବାର ଲୋକଙ୍କ ସହ ମିଳାମିଶା କରିବାକୁ ମନାକରାଯାଇଛି। ଏହି ଆଦେଶ ଖିଲାପକାରୀଙ୍କୁ ମଧ୍ୟ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏବେ ଏହି ବାସନ୍ଦ ପରିବାରମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଗାଁରୁ ୫ କି.ମି. ଦୂରରେ ଥିବା କୋଷାଗୁମୁଡ଼ା ବ୍ଲକ କିମ୍ବା ୨ କି.ମି. ଦୂରରେ ଥିବା ଟେମେରା ଗାଁକୁ ଯାଉଛନ୍ତି। ମଙ୍ଗଳବାର ବାସନ୍ଦ ପରିବାରମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି।

ଅପରାହ୍ନରେ ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡ଼ା ଥାନାଧିକାରୀ,ପ୍ରେମାନନ୍ଦ ସୁନାନୀ, କୋଡ଼ିଙ୍ଗା ତହସିଲଦାର ଟିକୁନୁ ପୁଟା, ବିଡିଓ ସୁକାନ୍ତ ପଟ୍ଟନାୟକ, ଅଙ୍ଗନୱାଡି ସୁପଭାଇଜର ପ୍ରମୁଖ ଗାଁକୁ ଯାଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏକ ରାଜିନାମା ପତ୍ରରେ ଦୁଇପକ୍ଷର ଦସ୍ତଖତ ନେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବାସନ୍ଦ ୧୫ ପରିବାର ଦସ୍ତଖତ କରିଥିବା ବେଳେ ଗ୍ରାମବାସୀ ଉକ୍ତ ରାଜିନାମାରେ ଦସ୍ତଖତ କରିନାହାନ୍ତି। ଅଙ୍ଗନୱାଡି ସୁପରଭାଇଜର ଶିଶୁମାନଙ୍କୁ ଅଙ୍ଗନୱାଡିରୁ ବାସନ୍ଦ କରିବେ ନାହିଁ ବୋଲି ଘର ଘର ବୁଲି କହିଥିଲେ। ବିଡିଓ, ତହସିଲଦାର ଓ ପୋଲିସ ମଧ୍ୟ ଦୋକାନଗୁଡ଼ିକ ବୁଲି ୧୫ ପରିବାରକୁ ସାମଗ୍ରୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ କହିଛନ୍ତି।

# ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ସୋନପୁର,୩୦ା୫(ନି.ପ୍ର.)**

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ବଲାଙ୍ଗୀର ଜିଲାପାଳ ଚିଠି ନଂ. ୧୫୯୧/୨୩ା୫ା୨୦୨୩ ରେ କଟକ ରାଜସ୍ୱ ପର୍ଷଦ ସଚିବଙ୍କୁ ଏହି ସୁପାରିସ କରିଥିବା ଜଣାପଡ଼ିଛି। ଏକ ଅଡିଟ୍ ରିପୋର୍ଟକୁ ଭିତ୍ତିକରି ବଲାଙ୍ଗୀର ଜିଲାପାଳ ରଣା ବଲାଙ୍ଗୀରର ପ୍ରାକ୍ତନ ତହସିଲଦାର ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ଦାୟିତ୍ୱରେ ଥିବା ଦାଶଙ୍କ ବିରୋଧରେ ଏହି ସୁପାରିସ କରିଛନ୍ତି। ଦାଶ ବଲାଙ୍ଗୀର ତହସିଲଦାର ଥିବା ସମୟରେ ଅନିୟମିତତା ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସେତେବେଳେ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ ହାନି ହୋଇଥିବା ଅଡିଟ୍ ରିପୋର୍ଟ ନମ୍ବର ୧୧୦/୨୦୦୯-୧୦ରେ ଦର୍ଶାଯାଇଥିଲା। ତେବେ ଏହି ରିପୋର୍ଟକୁ ଦୀର୍ଘ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା। ଖୋଳତାଡ଼ ହେବା ପରେ ଏବେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି।

OFFICE OF THE COLLECTOR & DISTRICT MAGISTRATE, BALANGIR
ESTABLISHMENT SECTION
NO.VIII-47 /2023 1591 / Estt. Dated 23.05.2023

To

The Secretary,
Board of Revenue,
Odisha, Cuttack.

Sub:- Submission of Memorandum of Charge-sheet framed against Shri Suryanarayan Dash, OAS(SAG), Ex-Tahasildar, Balangir, presently working as Additional District Magistrate, Subarnapur.

Ref:- Your Letter No. 1863/Audit dtd. 14.12.2022.

Sir,

With reference to the letter on the subject cited above, I am to submit herewith the Memorandum of charge sheet drafted against Shri Suryanarayan Dash, OAS(SAG), Ex-Tahasildar, Balangir, presently working as Additional District Magistrate, Subarnapur for favour of kind information and necessary action.

Yours faithfully

Encl:- As above

Collector, Balangir

ବଲାଙ୍ଗୀର ଜିଲାପାଳଙ୍କ ସୁପାରିସ ପତ୍ର

୨୦୦୪ ମାର୍ଚ୍ଚ ୧୦ରୁ ୨୦୦୯ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ଧରି ସୂର୍ଯ୍ୟନାରାୟଣ ଦାଶ ବଲାଙ୍ଗୀର ତହସିଲଦାର ଦାୟିତ୍ୱରେ ଥିଲେ। ଏହି ସମୟରେ କେତେକ ଜମି ରେଜେଷ୍ଟ୍ରି ହୋଇ ନ ଥିବା ବେଳେ ସମ୍ପୃକ୍ତ ଜମି ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଓଏଲ୍‌ଆର୍ ଧାରା ୮(କ)ରେ ତହସିଲଦାର ପ୍ରିମିୟମ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ସେହିଭଳି ଜମିର ପ୍ରକୃତ ମୂଲ୍ୟାଙ୍କନ ନ କରି ସରକାରଙ୍କ ଧାର୍ଯ୍ୟ ଦରଠାରୁ ଅଧା ଦାମ ନେଇ ଚାଷଜମିକୁ ଘରବାଡ଼ି ଭାବେ କିସମ ପରିବର୍ତ୍ତନ କରିଥିଲେ। ଏହାଦ୍ୱାରା ଜମି ମାଲିକଙ୍କୁ ଫାଇଦା ମିଳିଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ହୋଇଥିଲା। ଏପରି କି ସରକାରଙ୍କ ଦେୟ ବୃଦ୍ଧି ସମ୍ପର୍କିତ ନିର୍ଦ୍ଦେଶନାମାର ଠିକ୍ ଗୋଟିଏ ଦିନ ପୂର୍ବରୁ ୧୦୦୦ରୁ ଊର୍ଦ୍ଧ୍ୱ ଓଏଲ୍‌ଆର୍ ଧାରା ୮(କ)ରେ ମାମଲାର ଫଇସଲା ଗୋଟିଏ ଦିନରେ କରିଥିଲେ; ଯାହାକି ଗୋଟିଏ ଦିନରେ ଆଦୌ ସମ୍ଭବ ନୁହେଁ ବୋଲି ଅଡିଟ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଭଳି ଭାବେ ପ୍ରାକ୍ତନ ତହସିଲଦାର ଦାଶଙ୍କ ୧୦ଟି ତ୍ରୁଟିକୁ ଅଡିଟ୍ ଧରିବା ସହ ଏହାଦ୍ୱାରା ରାଜ୍ୟ ରାଜକୋଷରୁ ବିପୁଳ ଟଙ୍କା କ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ବଲାଙ୍ଗୀର ଜିଲାପାଳଙ୍କ ଏହି ସୁପାରିସ ପରେ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଉଭୟ ଜିଲାବାସୀ ଜାଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

**■ ଅଡିଟ୍ ରିପୋର୍ଟ ଆଧାରରେ ସୁପାରିସକଲେ ବଲାଙ୍ଗୀର ଜିଲାପାଳ**

**■ ୧୩ ବର୍ଷ ପୂର୍ବର ଅଡିଟ୍ ରିପୋର୍ଟକୁ ଚାପି ଦିଆଯାଇଥିଲା**

# ଗରମ ତରକାରି ହାଣ୍ଡିରେ ପଡ଼ି ଶିଶୁ ମୃତ

**ବୁଗୁଡ଼ା,୩୦ା୫(ଡି.ଏନ୍.ଏ)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ନଗୁଡୁ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁଦ୍ଧିକ୍ରିୟା ଭୋଜି ପାଇଁ ପ୍ରସ୍ତୁତ ହେଉଥିବା ଗରମ ତରକାରି ହାଣ୍ଡିରେ ପଡ଼ି ଜଣେ ତିନି ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ବଳରାମ ସେଠୀଙ୍କ ପୁତ୍ର ସାଇପ୍ରସାଦ। ପ୍ରକାଶ ଯେ, ନଗୁଡୁ ଗ୍ରାମର ରଙ୍କନିଧି ସେଠୀଙ୍କ ଘରେ ଶୁଦ୍ଧିକ୍ରିୟା ଭୋଜି ଚାଲିଥିଲା। ଏଥିରେ ଯୋଗ ଦେବା ପାଇଁ ବଳରାମଙ୍କ ପରିବାର ଯାଇଥିଲେ। ସେଠାରେ ଭୋଜି ପାଇଁ ତରକାରି ପ୍ରସ୍ତୁତ ହେଉଥିବା ବେଳେ ଅସାବଧାନତାବଶତଃ ସାଇପ୍ରସାଦ ଗରମ ତରକାରି ହାଣ୍ଡିରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ସେଥିରୁ ଉଦ୍ଧାର କରି ମାଣିତରା ମେଡିକାଲକୁ ନେଇଥିଲେ। ପରେ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଥିଲା।

DAYANAND INSTITUTE
Dhanupali, Sambalpur- 768005
Helpline- 8763032587, 9938895475, 9437158817
ADMISSION OPEN
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

WE ARE HIRING
Anchor, Reporter, Cameraman, Copy Editor, Visual Editor, Social Media Executive, Marketing Executive & Reporter for all District & Blocks.
Submit your CV:
hrdinanka@gmail.com

REQUIREMENTS
MARKETING STAFF: 10 Nos.
TELE CALLER: 5 Nos.
PEON: 1 No. (10th Pass)
9937069014

WANTED
MANAGER - 1 no.
Fooding & Accommodation Free.
DRIVER -1 no.
Fooding & Accommodation Free.
CARETAKER - 2 nos.
Contact :
9114299462, 8984895977

# ତହସିଲ କାର୍ଯ୍ୟାଳୟରୁ ଆର୍‌ଆଇଙ୍କ ଝୁଲନ୍ତା ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି, ୩୦ା୫(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟର ୨ୟ ମହଲାରେ ଲାଗିଥିବା ଏକ ପଙ୍ଖାରୁ ମଙ୍ଗଳବାର ଅପରାହ୍ନରେ ତରତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସଞ୍ଜୟ କୁମାର ଦାସ(୪୮)ଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ତନାଘନା ଆରମ୍ଭ କରିଛି । କାର୍ଯ୍ୟାଳୟ ଛୁଟି ପରେ ସଞ୍ଜୟ ଅଫିସକୁ କାହିଁକି ଆସିଥିଲେ। ଏହାକୁ କିଏ ଓ କାହିଁକି ଖୋଲିଥିଲା ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ସଞ୍ଜୟଙ୍କ ବଦଳି ତିଗିରିଆ ତହସିଲକୁ ହୋଇଥିବା ଜଣାପଡ଼ିଛି। ସେ ନିଶ୍ଚିନ୍ତକୋଇଲି ବ୍ଲକ ଛକ ନିକଟରେ ପରିବାର ସହ ଭଡ଼ା ନେଇ ରହୁଥିଲେ।



ସଞ୍ଜୟ କୁମାର ଦାସ

WANTED
ଧରିତ୍ରୀ DHARITRI Oriya daily
is looking for
ADVERTISEMENT MANAGERS :
- Will be responsible for driving advertising sales and revenue growth through effective marketing strategies and client management.
- This role requires a strong background in print media marketing, a good client base, excellent communication and negotiation skills, and a proven track record of achieving sales targets.
- Minimum of 3 years of experience in print media will be preferred.

ADVERTISEMENT SCHEDULING EXECUTIVES :
- Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements.
- Candidates should be well equipped with Back office work, MS Office & should have basic knowledge of Tally.
- Minimum of 3 years of experience in print media will be preferred.

Apply immediately to : recruitment@dharitri.com
Attractive salary commensurate with experience

# ସୀମାନ୍ତରୁ ଫେରାର ଥିବା ୩ ମାଓବାଦୀ ଗିରଫ

**ମାଲକାନଗିରି, ୩୦ା୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା କୋଣ୍ଟା ପୋଲିସ ଓ ଡିଆର୍‌ଜି ଯବାନ ଫେରାର ଥିବା ୩ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିଛି। ଏମାନେ ହେଲେ ମଡକମ ଦେବା, ମଡକମ ହିଡମା ଓ ସୋୟମ ଜଗା । ଏମାନେ ଗତ ଜାନୁୟାରୀ ୧୯ ତାରିଖରେ ମୁରଲିଗୁଡା ଗ୍ରାମରେ ବିଦ୍ୟୁତ୍ ବିଭାଗ ଓ ବଣ୍ଡାମାନଙ୍କ ମଧ୍ୟରେ ଚାଲିଥିବା ଝଗଡ଼ାରେ ସ୍ଥାନୀୟ ଲୋକଙ୍କୁ ମାରପିଟ କରିବା ସହ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିଲେ। ଏଥିସହ ଗାଡ଼ିପୋଡ଼ି, ଆଇଡି ବିସ୍ଫୋରଣ ଭଳି ବହୁ ହିଂସାରେ ଜଡିତ ଥିଲେ। ପୋଲିସ ଗିରଫ ପରେ ଏମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କୋଣ୍ଟା ପୋଲିସ ଓ ଡିଆର୍‌ଜି ଯବାନ ସୁନମଗୁଡ଼ା ଓ ମୁରଲିଗୁଡ଼ା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ୩ ଜଣଙ୍କୁ ସନ୍ଦେହକରି ଗିରଫକରି କୋଣ୍ଟା ଥାନାରେ ରଖି ପଚରାଉଚୁରା କରିଥିଲେ। ତେବେ ପଚରାଉଚରାରୁ ଜଣାପଡିଥିଲା ଯେ, ଏହି ୩ ଜଣ ବିଗତ ଦିନରେ କେତେକ ମାଓବାଦୀ ମାମଲାରେ ଜଡିତ ଥାଇ ଫେରାର ଥିବା ମିଳିସିଆ ମାଓବାଦୀ ।

B-TEX SINCE 1942
ବି-ଟେକ୍ସ ଲୋସନ




ଯାଦୁ, କାଛୁ, କୁଣ୍ଡିଆର ପ୍ରଭାବୀ ଉପଚାର
ବି-ଟେକ୍ସ ଲୋଶନ୍
BIJAY PHARMACEUTICAL AGENCY, CUTTACK. Ph.: 2308429
Now Available on : Flipkart | HEALTHMUG

> ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। **–ଶ୍ରୀମା**

# ସମୟ ଏବେ

ଓଡ଼ିଆରେ ଢଗ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟି ନାଶ'। ଏବେ କେଉଁ ଜାଗାରେ ଜଳ ବହୁଳ ହେଉଥିବାବେଳେ ଅନ୍ୟ କେଉଁଠି ଜଳ 'ବିହୁନେ' ବା ଅଭାବ ଦେଖାଯାଉଛି। ବିଶେଷକରି ଏବେ ଜଳବାୟୁ ପରିବର୍ତ୍ତନକୁ ଦେଖିଲେ ବିଶୁଦ୍ଧ ପାନୀୟ ଜଳ ଅଭାବ ପ୍ରାୟ ପୃଥିବୀର ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି। ଏହାଦ୍ୱାରା କେବଳ ମଣିଷ ଜାତି ନୁହେଁ, ପଶୁପକ୍ଷୀ ଏବଂ ଜଳଚର ଜୀବମାନେ କ୍ଷତିଗ୍ରସ୍ତ ହେଲେଣି। ଏଭଳି ପରିସ୍ଥିତିରେ ଜାତିସଂଘର ବିଶେଷଜ୍ଞମାନେ କହିଛନ୍ତି ଯେ, ବର୍ଦ୍ଧିତ ଜନସଂଖ୍ୟା ଏବଂ ତତ୍‌ସହିତ ଜଳବାୟୁ ପ୍ରଭାବ ଜଳ ସୁରକ୍ଷା ପ୍ରତି ଘୋର ବିପଦ ଆଣିବ। କେବଳ ଏତିକି ନୁହେଁ, ସମୁଦ୍ର ଜଳସ୍ତର ବୃଦ୍ଧି ଓ ଝଡ଼ ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଲୁଣିଜଳ ପ୍ରବେଶ କରି ମଧୁର ଜଳ ଉତ୍ସକୁ ନଷ୍ଟ କରିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଭାରତ ଭଳି ଜନବହୁଳ ଦେଶରେ ମଧୁରଜଳ ଆବଶ୍ୟକତାକୁ ନେଇ ସମସ୍ୟା ବଢ଼ିବା ସ୍ୱାଭାବିକ। ଜାତିସଂଘ ତଥ୍ୟ ଅନୁଯାୟୀ, ଭାରତର ଜନସଂଖ୍ୟା ୧୪୨ କୋଟିକୁ ଟପି ଏବେ ଏହା ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ସରକାର ଏଯାବତ୍ ଜନଗଣନା କରିନାହାନ୍ତି ଏବଂ ଏହା କରାଗଲେ ଜନସଂଖ୍ୟା ଏହାଠାରୁ ଅଧିକ ହେବ ବୋଲି କୁହାଯାଇପାରେ। ଏତେ ସଂଖ୍ୟକ ଲୋକଙ୍କ ପାଇଁ ପାନୀୟ ଜଳ ଉପଲବ୍ଧତା ପୂରଣ କରିବା ସହ ମଧୁର ଜଳ ବ୍ୟବହାର ପାଇଁ ଉତ୍ତମ ଜଳ ପରିଚାଳନା ଏବଂ ପ୍ରାକୃତିକ ପରିସଂସ୍ଥାଗୁଡ଼ିକର ସୁରକ୍ଷା ଜରୁରୀ। ହେଲେ ଏ କ୍ଷେତ୍ରରେ ଭାରତରେ ଅବ୍ୟବସ୍ଥିତ ନୀତି ଓ ଯୋଜନା ଏବଂ ଦୁର୍ବଳ ଜଳ ପରିଚାଳନା ଜଳ ସ୍ଥିତି ଉପରେ ସମସ୍ୟା ସୃଷ୍ଟି କରୁଛି। ଅନିୟମିତ ବର୍ଷା ମଧ୍ୟ ଜଳ ସୁରକ୍ଷାରେ ବାଧା ଆଣୁଛି। ଏହା ବ୍ୟତୀତ ଚାଷରେ ପ୍ରବଳ ମାତ୍ରାରେ ଜଳ ବ୍ୟବହୃତ ହେଉଛି। କାରଣ ଭାରତୀୟ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଚାଷରେ ଚାହିଦା ଅନୁଯାୟୀ ଜଳ ବ୍ୟବହାର କରିବାର ପଦ୍ଧତି ଜଣେଇଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ।

ଏକ ଆକଳନରୁ ଜଣାପଡ଼େ, ବିଶ୍ୱ ଜନସଂଖ୍ୟାର ୧୮% ଲୋକ ରହୁଥିବା ଦେଶ ଭାରତରେ କେବଳ ୪% ମଧୁର ଜଳ ଉତ୍ସ ଅଛି। ଏହା ଦର୍ଶାଉଛି ବିଶ୍ୱରେ ଜଳ କ୍ଷେତ୍ରରେ ଭାରତ ସବୁଠୁ ଚାପଗ୍ରସ୍ତ। ଜନସଂଖ୍ୟା ବୃଦ୍ଧି ଯୋଗୁ ଭାରତର ମୁଣ୍ଡ ପିଛା ଜଳ ଉପଲବ୍ଧତା ବି କମିବାରେ ଲାଗିଛି। ଯେହେତୁ ରାଜନାରାୟଣ ୧୯୭୭ ମସିହାରେ ଇନ୍ଦିରା ଗାନ୍ଧୀଙ୍କୁ ହରାଇଲେ ସେତେବେଳଠାରୁ ଏମର୍ଜେନ୍ସିକୁ ବିରୋଧ କରିବାକୁ ଯାଇ ପରିବାର ନିୟୋଜନ ମନ୍ତ୍ରଣାଳୟକୁ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାବେ ନାମିତ କରାଗଲା। ସେବେଠାରୁ ପରିବାର ନିୟନ୍ତ୍ରଣ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଶିଥିଳ କରିଦିଆଗଲା। ତା' ପରଠାରୁ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଥିବା ଭାରତର ଜନସଂଖ୍ୟା ଆଜି ୪୬ ବର୍ଷ ନ ପୂରୁଣୁ ଆମକୁ ଆଣି ପୃଥିବୀର ସବୁଠୁ ଜନବହୁଳ ଦେଶ ଭାବେ ଛିଡ଼ା କରିଦେଲାଣି। ଏଥିରୁ ବୁଝିବାକୁ ହେବ ଯେ, ତ୍ରୁଟିପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି ଦେଶକୁ କେତେ ପଛକୁ ନେଇଯାଇପାରେ। ସେହି ଜନସଂଖ୍ୟା ବୃଦ୍ଧି ଆଜି ପାଣି, ଜମି ଓ ଖାଦ୍ୟ ଅଭାବର ମୂଳ କାରଣ ହୋଇଗଲାଣି। ଏହାଠାରୁ ଅଧିକ ବ୍ୟସ୍ତ କରିବାର ବିଷୟ ହେଉଛି ଯେ, ଜାତିସଂଘ କହିବା ଅନୁଯାୟୀ, ଭାରତର ଜନସଂଖ୍ୟା ଆସନ୍ତା ୩ ଦଶନ୍ଧି ବ୍ୟାପୀ ଆହୁରି ଅଧିକ ବୃଦ୍ଧି ହେବ। ଏଭଳି ବିପଦକୁ ସାମ୍ନା କରିବା ପାଇଁ ଏବେଠାରୁ ନାଗରିକଙ୍କୁ ସଚେତନ କରାଯିବା ସହିତ ନୀତି ପ୍ରଣୟନର ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ଭାରତର ସୁବିଧା ହେଉଛି ଯେ, ଚାଇନା ଓ ଜାପାନଠାରୁ ଶିକ୍ଷା ନେଇ ଜନ୍ମହାର ନିୟନ୍ତ୍ରଣ କରାଯାଇପାରେ, କିନ୍ତୁ ବନ୍ଦ କରାଯିବ ନାହିଁ। ଏଭଳି ଶିକ୍ଷା ଲାଭ ହୋଇସାରିଥିବା ହେତୁ ଭାରତର ନୀତି ଅତ୍ୟନ୍ତ ଆଧୁନିକ ଏବଂ ସମୟ ଉପଯୋଗୀ ହୋଇପାରିବ। ତାହା ପାଇଁ ସମୟ ଏବେ ।

**ଜନସଂଖ୍ୟା ବୃଦ୍ଧି ଆଜି ପାଣି, ଜମି ଓ ଖାଦ୍ୟ ଅଭାବର ମୂଳ କାରଣ ହୋଇଗଲାଣି। ଏହାଠାରୁ ଅଧିକ ବ୍ୟସ୍ତ କରିବାର ବିଷୟ ହେଉଛି ଯେ, ଜାତିସଂଘ କହିବା ଅନୁଯାୟୀ, ଭାରତର ଜନସଂଖ୍ୟା ଆସନ୍ତା ୩ ଦଶନ୍ଧି ବ୍ୟାପୀ ଆହୁରି ଅଧିକ ବୃଦ୍ଧି ହେବ। ଏଭଳି ବିପଦକୁ ସାମ୍ନା କରିବା ପାଇଁ ଏବେଠାରୁ ନାଗରିକଙ୍କୁ ସଚେତନ କରାଯିବା ସହିତ ନୀତି ପ୍ରଣୟନର ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 5 | | 8 | |
| | | 8 | | | | 3 | | |
| | 6 | 7 | | | | 4 | 1 | |
| | | | | | 2 | | | 3 |
| | 9 | | | | | | 4 | 8 |
| | 5 | 6 | | | 7 | | | |
| | | | 7 | | 9 | | | |
| | 2 | 5 | | | | | | |
| 8 | | | | 1 | 6 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 3 | 5 | 9 | 6 | 4 | 7 | 8 |
| 6 | 8 | 7 | 4 | 2 | 1 | 5 | 9 | 3 |
| 5 | 4 | 9 | 3 | 7 | 8 | 2 | 6 | 1 |
| 1 | 2 | 4 | 6 | 8 | 7 | 3 | 5 | 9 |
| 3 | 6 | 8 | 9 | 1 | 5 | 7 | 4 | 2 |
| 9 | 7 | 5 | 2 | 4 | 3 | 1 | 8 | 6 |
| 4 | 5 | 1 | 8 | 3 | 9 | 6 | 2 | 7 |
| 7 | 9 | 6 | 1 | 5 | 2 | 8 | 3 | 4 |
| 8 | 3 | 2 | 7 | 6 | 4 | 9 | 1 | 5 |

ଗତକାଲିର ଉତ୍ତର

# ସାହସିକତା ଓ ବୁଦ୍ଧିମତ୍ତା



ବୈକୁଣ୍ଠନାଥ ମିଶ୍ର

ବିପଦ ସମୟରେ ବିଜ୍ଞବ୍ୟକ୍ତି ମଧ୍ୟ ବିଚଳିତ ହୋଇପଡ଼େ। ମାତ୍ର ପରିସ୍ଥିତିକୁ ଆୟତ୍ତ କରି କିଛି ତତ୍କାଳ ପଦକ୍ଷେପ ନେବାଦ୍ୱାରା କେବଳ ସେ ମୁହୂର୍ତ୍ତର ବିପଦ ଟଳିଯାଏ ନାହିଁ ବରଂ ଆଗକୁ ଯିବା ପାଇଁ ମିଳେ ପ୍ରେରଣା ଓ ଭବିଷ୍ୟତର ସମସ୍ତ ବିପଦକୁ ସମ୍ମୁଖୀନ ହେବାକୁ ମିଳେ ଅଦମ୍ୟ ସାହସ। ବିପଦକୁ ଭୟ କରିବାର ଅର୍ଥ ଭବିଷ୍ୟତରେ ଏକ ଭୟାତୁର ଓ ଶଙ୍କାକୁଳ ପରିସ୍ଥିତିକୁ ଆହ୍ୱାନ କରିବା। ଶିଶୁ ଚାଲିବା ଆରମ୍ଭ କଲେ ବହୁବାର ପଡ଼ିଥାଏ। ଚାଲିବା କେବେ ବନ୍ଦ କରେ ନାହିଁ। ଶାସ୍ତ୍ର କହନ୍ତି, ବିପଦରେ ଧୈର୍ଯ୍ୟ ଓ ସାହସିକତା ଅବଲମ୍ବନ କଲେ ବିପଦ ଯେତେ ଗମ୍ଭୀର ହୋଇଥିଲେ ମଧ୍ୟ ତାହା ଅଚିରେ ଟଳିଯାଏ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ କ୍ଷୁଦ୍ର ଘଟଣା। ସ୍ୱାମିଜୀ ଚିକାଗୋ ଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ ନ୍ୟୁୟର୍କ ସହରରେ ପହଞ୍ଚିଲେ। ନ୍ୟୁୟର୍କ ସହରରେ ରହିବା ବ୍ୟୟସାପେକ୍ଷ ଥିବାରୁ ସେ ଅତି ସାଧାରଣଭାବେ ଚଳିଯିବା ପାଇଁ ସହର ଉପକଣ୍ଠ ଜନବସତି ଆଡ଼େ ଯାଉଥାନ୍ତି। ଏହି ସମୟରେ ଜଣେ ସ୍ତ୍ରୀଲୋକ ଚିତ୍କାର କରି ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ କହୁଥାନ୍ତି – ''ହେ ପଥଚାରୀ ! ହୁସିଆର କାମୁଡ଼ା ହନୁମାଙ୍କଡ଼ଟି ଆପଣଙ୍କୁ କାମୁଡ଼ିବାକୁ କ୍ଷିପ୍ରବେଗରେ ପଶ୍ଚାଧାବନ କରୁଛି। ହୁଏତ କାମୁଡ଼ି କ୍ଷତବିକ୍ଷତ କରିପାରେ। ମାଙ୍କଡ଼ଟି ଏଥି ପୂର୍ବରୁ ଅନେକ ଲୋକଙ୍କୁ କାମୁଡ଼ି କ୍ଷତବିକ୍ଷତ କରି ସାରିଲାଣି।'' ସ୍ୱାମିଜୀ ପଛକୁ ବୁଲି ଦେଖିଲେ ସତକୁ ସତ ମାଙ୍କଡ଼ଟି ତାଙ୍କ ଆଡ଼କୁ ଖୁବ୍ ବେଗରେ ଧାଇଁ ଆସୁଛି। ଅବଶ୍ୟ ସ୍ୱାମିଜୀ ଭୟଭୀତ ହୋଇପଡ଼ିଲେ। କିନ୍ତୁ ପରକ୍ଷଣରେ ନିଶ୍ଚଳ ଓ ନିର୍ଭୀକ ଭାବେ ମାଙ୍କଡ଼ ସମ୍ମୁଖରେ ରାସ୍ତା ଉପରେ ଠିଆ ହୋଇଗଲେ। ମାଙ୍କଡ଼ଟି ମଧ୍ୟ ଅଟକି ଗଲା। ସ୍ୱାମିଜୀ ମାଙ୍କଡ଼ ଆଡ଼କୁ ପାଦେ ଆଗେଇବାରୁ ମାଙ୍କଡ଼ଟି କ୍ରମେ ପଛଘୁଞ୍ଚା ଦେଲା ଓ ସ୍ୱାମିଜୀଙ୍କର କିଛି କ୍ଷତି ନ କରି ସେଠାରୁ ଅନ୍ତର୍ହିତ ହୋଇଗଲା। ଯଦି ସ୍ୱାମିଜୀ ଭୟରେ ପଳାୟନ କରିବାକୁ ଚେଷ୍ଟା କରିଥାନ୍ତେ ତେବେ ମାଙ୍କଡ଼ ଆକ୍ରମଣରୁ ସେ କେବେ ନିଜକୁ ରକ୍ଷା କରିପାରି ନ ଥାନ୍ତେ। ସ୍ୱାମିଜୀଙ୍କ ତତ୍କାଳ ବୁଦ୍ଧି ଓ ସାହସ ତାଙ୍କୁ ଏକ ନିଶ୍ଚିତ ବିପଦରୁ ରକ୍ଷା କରିବାରେ ସହାୟକ ହେଲା।

କାଶୀ ରାଜା ଥିଲେ ଜଣେ ଅତ୍ୟନ୍ତ ବୁଦ୍ଧିମାନ, ଚତୁର ଓ ବିଜ୍ଞବ୍ୟକ୍ତି। ଥରେ ସେ ତାଙ୍କ ଶ୍ରେଷ୍ଠ ଅମାତ୍ୟଙ୍କୁ କହିଲେ, ମହାମନ୍ତ୍ରୀ ! ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ସମୁଚିତ ଉତ୍ତର ପ୍ରଦାନ କରି ମୋତେ ଦ୍ୱନ୍ଦ୍ୱ ମୁକ୍ତ କରାନ୍ତୁ। ରାଜା ପଚାରିଲେ – ମନୁଷ୍ୟର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ରଟି କ'ଣ, ଯାହାକୁ ପ୍ରୟୋଗକରି ସେ ସମ୍ଭାବ୍ୟ ବିପଦକୁ ଦୃଢ଼ତାର ସହ ଦୂର କରିପାରିବ ? ମନ୍ତ୍ରୀ ସେ ସମୟରେ ସମସ୍ତ ଉନ୍ନତ ମାନର ଅସ୍ତ୍ରଶସ୍ତ୍ର କଥା ଚିନ୍ତାକଲେ, ହେଲେ କୌଣସି ଉତ୍ତର ଦେବାକୁ ସାହସ କଲେ ନାହିଁ। କାରଣ ତାଙ୍କ ଉତ୍ତର ଯଦି ଭୁଲ୍ ପ୍ରମାଣିତ ହୁଏ ତେବେ ନିଜେ ଲଜ୍ଜିତ ହେବାସହ କଠୋର ରାଜଦଣ୍ଡର ସମ୍ଭାବନାକୁ ମଧ୍ୟ ଏଡ଼ାଇ ହେବନାହିଁ। ରାଜା ପନ୍ଦରଦିନ ସମୟଦେଇ କହିଲେ, ମହାମନ୍ତ୍ରୀ ! ଆପଣ ପନ୍ଦରଦିନ ଛୁଟିରେ ଯାଆନ୍ତୁ ଓ ଷୋଡ଼ଶଦିନ ସମୁଚିତ ଉତ୍ତର ସହ ଏଠାରେ ଉପସ୍ଥିତ ହୁଅନ୍ତୁ। ମନ୍ତ୍ରୀ ପନ୍ଦରଦିନ ସିନା ଛୁଟିରେ ରହିଲେ ହେଲେ ଉକ୍ତ ପ୍ରଶ୍ନର ଉତ୍ତର ସେ କାହାକୁ ପଚାରିଲେ ନାହିଁ। ରାଜ୍ୟର ପ୍ରଧାନ ଅମାତ୍ୟ ହୋଇ ଏକଥା ସେ କାହାକୁ ପଚାରିବେ ? ପଚାରିଲେ ତାଙ୍କର ଦୁର୍ବଳତା ପ୍ରକାଶ ପାଇବ। ନିରୁପାୟ ଅବସ୍ଥାରେ ମନ୍ତ୍ରୀଙ୍କର ଚଉଦଦିନ ବିତିଗଲା। ଆଜି ହେଉଛି ପଞ୍ଚଦଶ ଦିବସ। ଆସନ୍ତାକାଲି ରାଜା ଦେଇଥିବା ସମୟସୀମା ପୂରା ହେବ। ସେଦିନ ମନ୍ତ୍ରୀ ଗଙ୍ଗାସ୍ନାନ କରି ଫେରିବା ବାଟରେ କିଛି ଲୋକଙ୍କର ଭୟାତୁର ପାଟିତୁଣ୍ଡ ଶୁଣି ପଛକୁ ଚାହିଁଲେ। ଏକ ବଳିଷ୍ଠ ମାରଣା ଶଣ୍ଢ ମନ୍ତ୍ରୀଙ୍କ ମୁଣ୍ଡରେ ପଡ଼ିଥିବା ନାଲି ଗାମୁଛା ଦେଖି ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ମାଡ଼ିଆସୁଛି। ସ୍ନାନ ସାରି ଆସୁଥିବାରୁ କେବଳ ଜଳପୂର୍ଣ୍ଣ ଢାଳଟି ବ୍ୟତୀତ ମନ୍ତ୍ରୀଙ୍କ ନିକଟରେ ଆଉ କୌଣସି ଅସ୍ତ୍ର ନ ଥିଲା। ଏଣେ ଶଣ୍ଢଟି କ୍ଷିପ୍ରବେଗରେ ତାଙ୍କ ଆଡ଼କୁ ମାଡ଼ି ଆସୁଛି। ଅନନ୍ୟୋପାୟ ହୋଇ ମନ୍ତ୍ରୀ ଜଳପୂର୍ଣ୍ଣ ଢାଳଟି ଶଣ୍ଢକୁ ଲକ୍ଷ୍ୟକରି ନିକ୍ଷେପ କଲେ। ଢାଳଟି ଶଣ୍ଢର ମସ୍ତକରେ ଶକ୍ତ ଆଘାତ ଦେଲା। ଅକଳ୍ପନୀୟ ଆକସ୍ମିକ ଶକ୍ତ ଆଘାତକୁ ସହି ନ ପାରି ଶଣ୍ଢଟି କିଛି ସମୟ ସ୍ଥାଣୁପରି ରହିଲା ଓ ପରକ୍ଷଣରେ ମନ୍ତ୍ରୀଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ସେ ସ୍ଥାନ ତ୍ୟାଗକରି ଚାଲିଗଲା। ପରଦିନ ରାଜସଭାରେ ମନ୍ତ୍ରୀ ଉପସ୍ଥିତ ହେବାମାତ୍ରେ ରାଜା ପଚାରିଲେ କ'ଣ ମୋ ଉତ୍ତର ମିଳିଲା ? ମନ୍ତ୍ରୀ ସହସା ଉତ୍ତର ଦେଲେ ମହାରାଜ! ସାହସ ଓ ଉପସ୍ଥିତ ବୁଦ୍ଧି ହିଁ ପ୍ରକୃଷ୍ଟ ଅସ୍ତ୍ର; ଯାହା ମଣିଷକୁ ଯେକୌଣସି ବିପଦରୁ ରକ୍ଷା କରିପାରେ। ରାଜା ଅତ୍ୟନ୍ତ ପ୍ରସନ୍ନ ହୋଇ ମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କଲେ।



ବିଶିଷ୍ଟ କଥାକାର ମନୋଜ ଦାସଙ୍କ ଏକ କାହାଣୀ 'ବୁଦ୍ଧିମତୀ କୃଷକ କନ୍ୟା'ରେ ଏପରି ଏକ ସାହସ ଓ ବୁଦ୍ଧିମତ୍ତାର ଅବତାରଣା କରାଯାଇଛି। ଜଣେ କୃଷକ ରାଜାଙ୍କ କ୍ଷେତରେ ହଳ କରୁଥିବା ସମୟରେ ଏକ ସୁବର୍ଣ୍ଣ ହେମଦସ୍ତା ମାଟିରୁ ପାଇଲେ। କୃଷକ ହେମଦସ୍ତାଟି ଧରି ରାଜାଙ୍କୁ ଦେବା ଉଦ୍ଦେଶ୍ୟରେ ରାଜପ୍ରାସାଦକୁ ଯିବା ସମୟରେ ତାଙ୍କ ବୁଦ୍ଧିମତୀ କନ୍ୟା ଏପରି ନ କରିବାକୁ ପରାମର୍ଶ ଦେଇ କହିଲା, ତୁମେ ହେମଦସ୍ତାଟି ରାଜାଙ୍କୁ ଫେରାଇବା ମାତ୍ରକେ ରାଜା ଏହାର ଦଣ୍ଡଟି କାହିଁ ବୋଲି ପଚାରିବେ; କାରଣ ହେମଦସ୍ତା ଓ ଦଣ୍ଡ ଦୁଇଟିଯାକ ପରସ୍ପର ପରିପୂରକ। ତୁମେ ଦଣ୍ଡଟି ଦେଇ ନ ପାରିଲେ ରାଜଦଣ୍ଡରେ ଦଣ୍ଡିତ ହୋଇପାର। କିନ୍ତୁ କୃଷକ ଝିଅ କଥା ନ ଶୁଣି ସିଧା ରାଜବାଟିକୁ ଗଲେ। ରାଜା ସତକୁସତ ହେମଦସ୍ତାର ଦଣ୍ଡଟି କାହିଁ ବୋଲି ପଚାରିଲେ। କୃଷକ ଯେତେ କହିଲେ ଯେ ସେ କେବଳ ଏଇ ଗୋଟିକ ଦ୍ରବ୍ୟ ପାଇଛନ୍ତି, ରାଜା କିଛି ଶୁଣିଲେ ନାହିଁ। ଅଧିକନ୍ତୁ କୃଷକକୁ ବନ୍ଦୀକରିବାକୁ ଆଦେଶ ଦେଲେ। ବନ୍ଦୀଶାଳାକୁ ନେବା ସମୟରେ କୃଷକ କହୁଥାନ୍ତି– 'ମୁଁ ଯଦି ମୋ ଝିଅ କଥା ଶୁଣିଥାନ୍ତି, ତେବେ ଆଜି ଏ ଦୁର୍ଦ୍ଦଶା ଘଟି ନ ଥା'ନ୍ତା। ରାଜା ପଚାରିଲେ– ତୁମ ଝିଅ କ'ଣ କହୁଥିଲା ? କୃଷକ ସବୁକଥା କହିବାରୁ ରାଜା କୃଷକ କନ୍ୟାକୁ ଡକାଇଆଣି ତା'ର ବୁଦ୍ଧିମତ୍ତାର ପରୀକ୍ଷା ପାଇଁ ତାକୁ ଏକାନ୍ତବାସରେ ରଖିବାକୁ ଆଦେଶ ଦେଲେ। ଏହାର କିଛିଦିନ ପରେ ରାଜା ତାଙ୍କ ପ୍ରମୁଖ ଅମାତ୍ୟଙ୍କୁ ରାଜସଭାରେ ପଚାରିଲେ ମହାମନ୍ତ୍ରୀ! ଆମ ପାଟ ହାତୀର ପ୍ରକୃତ ଓଜନ କେତେ, ମୋତେ ସାତଦିନ ଭିତରେ ଜଣାଇବାକୁ ହେବ। ମନ୍ତ୍ରୀ ଭାବିଲେ ହୁଏତ ବୁଦ୍ଧିମତୀ କୃଷକ କନ୍ୟା ଏ ପ୍ରଶ୍ନର ଉତ୍ତର ଦେଇପାରେ। ମନ୍ତ୍ରୀ ଗୁପ୍ତରେ ଏ ସମସ୍ୟାଟି କୃଷକ କନ୍ୟାକୁ ଜଣାଇଲେ। କୃଷକ କନ୍ୟା ମନ୍ତ୍ରୀଙ୍କୁ କିଛି ପରାମର୍ଶ ଦେଲେ। ପରଦିନ ମନ୍ତ୍ରୀଙ୍କ କଥା ଅନୁସାରେ ପାଟହାତୀକୁ ନଦୀତଟକୁ ନିଆଗଲା ଓ ତାକୁ ଏକ ଡଙ୍ଗାରେ ଚଢ଼ାଇ ଦିଆଗଲା। ଡଙ୍ଗାଟିର ଯେତିକି ଅଂଶ ପାଣିରେ ବୁଡ଼ିଲା ସେତିକି ଅଂଶରେ ନାଲିଚିହ୍ନ ଦିଆଗଲା। ହାତୀକୁ ଡଙ୍ଗାରୁ ବାହାରକରି ନାଲିଚିହ୍ନ ସ୍ପର୍ଶ କରିବା ପର୍ଯ୍ୟନ୍ତ ବାଲି ଭର୍ତ୍ତିକରାଗଲା ଓ ପରେ ବାଲିକୁ ଓଜନ କରାଯାଇ ହାତୀର ଓଜନକୁ ଠିକ୍ ନିର୍ଦ୍ଧାରଣ କରାଗଲା। ରାଜା ଏହା କୃଷକ କନ୍ୟାର ବୁଦ୍ଧିମତ୍ତା ବୋଲି ଜାଣି ବଡ଼ ପ୍ରସନ୍ନ ହେଲେ। ଏପରି ଏକ ବୁଦ୍ଧିମତୀ କନ୍ୟାକୁ ଅବହେଳା କରିବା ଉଚିତ ହେବନାହିଁ, ବରଂ ଉକ୍ତ ବୁଦ୍ଧିମତୀ କନ୍ୟା ରାଣୀହେବା ଯୋଗ୍ୟ। ରାଜା କୃଷକ କନ୍ୟାକୁ ବିବାହ କଲେ ଓ କୃଷକଙ୍କୁ ଏପରି ଏକ କନ୍ୟାର ପିତା ହେବାର ସୌଭାଗ୍ୟ ଲାଭ କରିଥିବାରୁ ଧନ୍ୟବାଦ ଦେଇ ତାଙ୍କୁ କାରାମୁକ୍ତ କଲେ। ମଣିଷର ସାହସ, ବୁଦ୍ଧିମତ୍ତା ଓ ଧୈର୍ଯ୍ୟ ସ୍ଥଳବିଶେଷରେ କେବଳ ତାକୁ ବିପଦ ମୁହଁରୁ ବଞ୍ଚାଏ ନାହିଁ; ବରଂ ବ୍ୟକ୍ତି ଅନ୍ୟପାଇଁ ଉଦାହରଣ ପାଲଟିଯାଏ। ଅନେକ ସମୟରେ କିମ୍ବଦନ୍ତୀଗୁଡ଼ିକ ଏକ ସୁସ୍ଥ ସାମାଜିକ ମୂଲ୍ୟବୋଧ ପରିପ୍ରକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥା'ନ୍ତି।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ–୯୯୩୭୪୫୦୫୪୦**

# ଜଣାପଡ଼େ ନାହିଁ ଟାଣେ ପଇସା



ଡା. ଉମେଶ ଚନ୍ଦ୍ର ପାତ୍ର

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ। ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁ ଅକାଳ ମୃତ୍ୟୁବରଣ କରିଥାନ୍ତି। ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ, ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ। ସମ୍ପ୍ରତି ଯୁବପିଢ଼ିମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି। ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ। ୨୦୦୦ରେ ବିଶ୍ୱ ତମାଖୁ ନିରୋଧ ଦିବସର ସ୍ଲୋଗାନ ଥିଲା ତମାଖୁ ମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ, ୨୦୦୧ରେ ସ୍ଲୋଗାନ ଥିଲା ସେକେଣ୍ଡହ୍ୟାଣ୍ଡ ଧୂମପାନ ମୃତ୍ୟୁକୁ ଡାକିଆଣେ, ସେହିପରି ୨୦୦୨ରେ ତମାଖୁ ମୁକ୍ତ କ୍ରୀଡ଼ା, ୨୦୦୩ରେ ତମାଖୁ ମୁକ୍ତ ଚଳଚ୍ଚିତ୍ର, ତମାଖୁ ମୁକ୍ତ ଫ୍ୟାଶନ୍। ୨୦୦୪ରେ ତମାଖୁ ଦାରିଦ୍ର୍ୟ : ଗୋଟିଏ ବଳୟରେ ଅବସ୍ଥିତ, ୨୦୦୫ରେ ତମାଖୁକୁ ନେଇ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା, ୨୦୦୬ରେ ତମାଖୁ ଏକ ଛଦ୍ମବେଶୀ ମୃତ୍ୟୁ, ୨୦୦୭ରେ ଘରର ଭିତର ପରିବେଶ ତମାଖୁ ମୁକ୍ତ ହେବା ଦରକାର, ୨୦୦୮ରେ ତମାଖୁ ମୁକ୍ତ ଦିବସ, ୨୦୦୯ରେ ତମାଖୁ ସ୍ୱାସ୍ଥ୍ୟଗତ ସତର୍କତା, ୨୦୧୦ରେ ତମାଖୁ ନିୟନ୍ତ୍ରଣରେ ଲିଙ୍ଗ ପ୍ରଭେଦ ଦୂର କରିବା, ୨୦୧୧ରେ ତମାଖୁ ନିୟନ୍ତ୍ରଣ ପାଇଁ ଡବ୍ଲ୍ୟୁଓଏଚ୍ ପକ୍ଷରୁ ନୂତନ ପ୍ରଣାଳୀର ସ୍ଲୋଗାନ ରହିଥିଲା। ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ; ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ। ଏହା ଧୀରେ ଧୀରେ ମଣିଷଙ୍କୁ କାଙ୍ଗାଳ କରିଦେବା ସହ ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ। ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ। ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ବର୍ତ୍ତମାନର ଯୁବପିଢ଼ି ଧୂମପାନ ବ୍ୟତୀତ ତମାଖୁ ଓ ଗୁଟଖାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ। ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା। ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଏପ୍ରିଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା। ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲ୍ଡ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା; ଯାହାପାଇଁ ମେ ୩୧ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି।



ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି। ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନ ଥିବା ଯୋଗୁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟ ପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି। ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ। ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନ କରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ। ଏ କ୍ଷେତ୍ରରେ ସରକାରଙ୍କଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା।

**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋ : ୯୪୩୭୦୫୧୯୫୭**

## ଏଇ ଭାରତରେ

ଏ ଦୋସ୍ତି ହମ ନେହିଁ ତୋଡଙ୍ଗେ...ଗୀତଟି ବଲିଉଡ୍‌ର ବ୍ଲକବଷ୍ଟର ଚଳଚ୍ଚିତ୍ର ଶୋଲେର। ଏହି ଗୀତରେ ଦୁଇ ସାଙ୍ଗଙ୍କ ବନ୍ଧୁତା ଦର୍ଶାଯାଇଛି। ଚଳଚ୍ଚିତ୍ରରେ ଜୟ ଏବଂ ବୀରୁଙ୍କ ମଧ୍ୟରେ ଥିବା ରିଲ୍ ଲାଇଫର ବନ୍ଧୁତାର ଉଦାହରଣ ଏବେ ରିୟଲ ଲାଇଫ୍‌ରେ ଘଟିଛି। ଜୟଙ୍କ ଜୀବନ ବଞ୍ଚାଇବା ପାଇଁ ବୀରୁ ନିଜ ଜୀବନକୁ ବିପଦରେ ପକାଇଥିଲେ। ଉତ୍ତରପ୍ରଦେଶ ଫିରୋଜବାଦରେ ମଧ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ବନ୍ଧୁଙ୍କ ଜଳୁଥିବା ଚିତା ଉପରକୁ ଡେଇଁ ନିଜ ଜୀବନ ଦେଇଛନ୍ତି। ଫିରୋଜବାଦ ପୋଲିସ ଷ୍ଟେଶନ ନାଗଲା ଖଙ୍ଗର ଅଞ୍ଚଳର ସ୍ୱରୂପଘାଟର ବାସିନ୍ଦା ଆନନ୍ଦ ଗୌରବ ଏବଂ ଅଶୋକ ବହୁତ ଭଲ ବନ୍ଧୁ ଥିଲେ। ଉଭୟ ସାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଏକାଠି ଅଧ୍ୟୟନ କରିଥିଲେ। ଗତ ଶନିବାର ଅଶୋକଙ୍କର କର୍କଟ ରୋଗରେ ମୃତ୍ୟୁ ଘଟିଥିଲା। ଆନନ୍ଦ ଏହି ଦୁଃଖକୁ ସହ୍ୟ କରିପାରିଲେ ନ ଥିଲେ। ଯେତେବେଳେ ଅଶୋକଙ୍କର ଶେଷ ରୀତିନୀତି କରାଯାଇଥିଲା, ସେତେବେଳେ ଆନନ୍ଦ ତାଙ୍କ ଜଳୁଥିବା ଚିତା ଉପରେ ଚଢ଼ି ଯାଇଥିଲେ। ଚିତାରେ ଚଢ଼ି ଆନନ୍ଦଙ୍କ ଶରୀର ୯୫ ପ୍ରତିଶତ ଜଳି ଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଆଗ୍ରା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ମେ ୧୯୯୮**

- ଏଲ୍‌ଟିଟିଇ ଏବଂ ଶ୍ରୀଲଙ୍କା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦ ଜଣ ବିଦ୍ରୋହୀ ଗେରିଲାଙ୍କ ସମେତ ୫୮ ନିହତ।
- ପାକିସ୍ତାନ ଅନ୍ତର୍ଗତ ବେଲୁଚିସ୍ତାନ ପ୍ରଦେଶର ଚାଗାଇ ପାର୍ବତ୍ୟ ଶ୍ରେଣୀରେ ଭୂମିତଳେ ୨ଟି ଅଣୁବୋମାର ସଫଳ ପରୀକ୍ଷଣ।
- ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଭୁବନେଶ୍ୱରରେ ୧୯ ଜଣଙ୍କର ଅଂଶୁଘାତରେ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କ ପାଇଁ ଟିକେଟ ରିହାତି ରହୁ

ମହାଶୟ,

ବଡ଼ ଖୁସିର ବିଷୟ ଏହି କି ପୁରୀ ଓ ହାଓଡା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ହୋଇଛି। ଏହା ପୁରୀରୁ ବାହାରି ହାଓଡା ଷ୍ଟେଶନରେ ପହଞ୍ଚିବାକୁ ପ୍ରାୟ ୭ ଘଣ୍ଟା ସମୟ ନେବ, କିନ୍ତୁ ଏହାର ଭଡ଼ା ଅତ୍ୟଧିକ ଧାର୍ଯ୍ୟ ହୋଇଛି। ସ୍ଲିପର କୋଚ୍ ପାଇଁ ୧୧୦୦ ଟଙ୍କା, ଏସି ଚେୟାର କାର୍ ପାଇଁ ୧୪୦୦ ରୁ ୧୮୦୦ ଟଙ୍କା ଓ ଏକଜିକ୍ୟୁଟିଭ ଶ୍ରେଣୀ ପାଇଁ ୨୨୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି, ଯାହାକି ଓଡ଼ିଶା ଓ ପଶ୍ଚିମବଙ୍ଗର ଗରିବ ଯାତ୍ରୀମାନଙ୍କୁ ସୁହାଇବ ନାହିଁ। ଏଥିରେ କେବଳ ବିତ୍ତଶାଳୀ ଯାତ୍ରୀମାନେ ଯାତ୍ରା କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଏକ୍ସପ୍ରେସ ଟ୍ରେନର ପୁରୀ– ହାଓଡା ଭଡ଼ା ହେଉଛି ମାତ୍ର ୧୬୫ ଟଙ୍କା ଓ ଏହି ଟ୍ରେନ୍ ପ୍ରାୟ ୯ ଘଣ୍ଟା ସମୟ ମଧ୍ୟରେ ହାଓଡାରେ ପହଞ୍ଚୁଛି। ପାସେଞ୍ଜର ଟ୍ରେନର ଭଡ଼ା ଆହୁରି କମ୍। ଏସବୁ ଟ୍ରେନରେ ଦିବ୍ୟାଙ୍ଗ ଓ ଅନ୍ୟ ଯାତ୍ରୀମାନଙ୍କ ପାଇଁ ୫୦ ପ୍ରତିଶତରୁ ଆରମ୍ଭକରି ୭୫ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ରିହାତି ଉପଲବ୍ଧ ହେଉଛି। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ରେ ଗରିବଙ୍କ ପାଇଁ ଏସବୁ ସୁବିଧା ନାହିଁ। ରେଳମନ୍ତ୍ରୀ ଜାଣିବା ଉଚିତ କି ପ୍ରତିଦିନ ପଶ୍ଚିମବଙ୍ଗରୁ ହଜାର ହଜାର ଯାତ୍ରୀ ସପରିବାର ପୁରୀ ଆସିଥାନ୍ତି । ଏମାନେ ବନ୍ଦେ ଭାରତ ଟ୍ରେନ୍‌ରେ ଏତେ ଭଡ଼ା ଦେଇ ଯାତାୟାତ କରିପାରିବେ କି ? ସୁତରାଂ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ରେ ସେମାନଙ୍କ ପାଇଁ ସୁବିଧା କରାଯାଉ

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାରତର ମୋଦି ଯୁଗ ଅଭିବୃଦ୍ଧି, ପରିବେଶ, ମାନବବାଦ ଓ ସାମାଜିକ କଲ୍ୟାଣର ଅପୂର୍ବ ସଂଗମ



ରାମନାଥ କୋବିନ୍ଦ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ସରକାର ମେ ୩୦ରେ ନ'ବର୍ଷ ପୂରଣ କରିଛି। ଏହି ଶାସନ କାଳରେ ଦେଶର ସବୁ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଭାରତର ଅଭିବୃଦ୍ଧି ଓ ବିକାଶ କାହାଣୀ ଅବ୍ୟାହତ ରହିଛି। ପରିବର୍ତ୍ତନଶୀଳ ଭାରତର ମୁଁ ଜଣେ ସାକ୍ଷୀ। ପ୍ରଥମେ ଜଣେ ସାଧାରଣ ନାଗରିକଭାବେ, ଏହା ପରେ ରାଜ୍ୟପାଳ ଓ ପରବର୍ତ୍ତୀ ସମୟରେ ଦେଶର ରାଷ୍ଟ୍ରପତି ଭାବେ ଏବଂ ଏବେ ପୂର୍ବତନ ରାଷ୍ଟ୍ରପତି ଭାବେ ମୁଁ ଏହି ପରିବର୍ତ୍ତନ ଦେଖୁଛି।

ପରିବର୍ତ୍ତନ ଉପଲବ୍ଧିର ଅନୁଭୂତି ଦେଶର ପ୍ରତ୍ୟେକ ନାଗରିକଙ୍କର ଥିବ। ବିଗତ ନ'ବର୍ଷ ମଧ୍ୟରେ ଭାରତରେ ଯେଉଁ ବୈପ୍ଳବିକ ପରିବର୍ତ୍ତନମାନ ଘଟିଛି ତାହା ଦେଖି ସମଗ୍ର ବିଶ୍ୱ ଚକିତ। ଅନେକ ଦେଶ ଆମ ସଫଳତାର ସୂତ୍ରକୁ କାର୍ଯ୍ୟକାରୀ କରି ଆମ ପଦାଙ୍କ ଅନୁସରଣ କରୁଛନ୍ତି। ବିଗତ ନ'ବର୍ଷ ନୂଆ ଭାରତ ବା 'ନ୍ୟୁ ଇଣ୍ଡିଆ' ଗଠନ ପାଇଁ ଉତ୍ସର୍ଗୀକୃତ ହୋଇଥିଲା।

ଏହି ନ'ବର୍ଷ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ମର୍ଯ୍ୟାଦା ଓ ଶକ୍ତି ବୃଦ୍ଧି ଦେଖିବା ଏକ ସନ୍ତୋଷ ଓ ଆନନ୍ଦର ବିଷୟ। ଭାରତର ଏହି କ୍ରମବର୍ଦ୍ଧିଷ୍ଣୁ ଆଭା ଗୁରୁତ୍ୱପୂର୍ଣ୍ଣ; କାରଣ ବିଶ୍ୱ ଯୁଦ୍ଧ ନୁହେଁ, ଶାନ୍ତି ଚାହେଁ। ବିଭିନ୍ନ ବୈଶ୍ୱିକ ମାନବିକ ଆଦର୍ଶର ପ୍ରସାର ପାଇଁ ମଧ୍ୟ ଭାରତ କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ସ୍ୱର ଓ ମତାମତ ବିଶ୍ୱ ଶାନ୍ତି, ସହଯୋଗ, ପରିବେଶ ଓ ପରିତନ୍ତ୍ରର ସୁରକ୍ଷା, ବାଣିଜ୍ୟ, ବ୍ୟବସାୟ ଆଦି ପ୍ରତ୍ୟେକ ପ୍ରସଙ୍ଗରେ ଗୁରୁତ୍ୱ ବହନ କରୁଛି। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଜାପାନ, ଅଷ୍ଟ୍ରେଲିଆ ଓ ଫିଜି ଗସ୍ତ କାଳରେ ଏହାର ଝଲକ ଆମେ ଦେଖିବାକୁ ପାଇଥିଲୁ।

ଯେଉଁ ଢଙ୍ଗରେ ଭାରତ ଜି-୨୦ର ବିଭିନ୍ନ ବୈଠକର ଆୟୋଜନ କରୁଛି ଏବଂ ଏଥିରେ ଯେଉଁ ଆତିଥ୍ୟ ଦେଖାଉଛି ତାହା ଉଲ୍ଲେଖଯୋଗ୍ୟ। ଏହି ନିକଟରେ ଶ୍ରୀନଗରରେ ଏଭଳି ଏକ ବୈଠକ ସଫଳତାର ସହିତ ଶେଷ ହୋଇଛି। ଶ୍ରୀନଗର ବ୍ୟତୀତ ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଆୟୋଜିତ ଜି-୨୦ର କେତେକ ବୈଠକରେ ଭାରତର ଦର୍ଶନ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଝଲକ ଦେଖିବାକୁ ମିଳିଥିଲା।

ବିଗତ ନ'ବର୍ଷରେ ଭାରତର ଯାତ୍ରାରେ ମୋତେ ସବୁଠୁ ଅଧିକ ଆନନ୍ଦିତ ଓ ଆକର୍ଷିତ କରିଛି ଦେଶର ଗରିବ ଓ ଅନଗ୍ରସର ବର୍ଗଙ୍କ ସଶକ୍ତୀକରଣ। ଏହି ପ୍ରୟାସରେ ଆମ ଦେଶର ଚାଷୀ, ଗ୍ରାମବାସୀ, ଦଳିତ ଓ ଆଦିବାସୀ ମହିଳା ଓ ଯୁବବର୍ଗଙ୍କୁ ମଧ୍ୟ ସାମିଲ କରାଯାଇଛି। ଆଜି ଭାରତର ମହିଳା ଶକ୍ତି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜର ଗୁରୁତ୍ୱ ପ୍ରତିପାଦିତ କରୁଛନ୍ତି। ସମଗ୍ର ବିଶ୍ୱ ମଧ୍ୟ ଭାରତୀୟ ଯୁବଶକ୍ତିର ସାମର୍ଥ୍ୟ ଦେଖୁଛି ଓ ଏହାକୁ ସ୍ୱୀକାର କରୁଛି। ନରେନ୍ଦ୍ର ମୋଦିଙ୍କ ସରକାର ସାମାଜିକ ନ୍ୟାୟ ଓ କଲ୍ୟାଣ ପ୍ରସଙ୍ଗରେ ଅଙ୍ଗୀକୃତ ଭାବେ କାମ କରୁଛି। ଏହି ସରକାରର ଶ୍ରମ ସଂସ୍କୃତିରେ 'ସବ୍ କା ସାଥ୍ ସବ୍ କା ବିକାଶ' ଏକ ଦିଗ୍‌ଦର୍ଶନକାରୀ ନୀତିରେ ପରିଣତ ହୋଇଛି।

ଏହି ସମୟ ମଧ୍ୟରେ ବ୍ୟାଙ୍କ ସୁବିଧା ଦେଶର ୪୮କୋଟି ଗରିବଙ୍କୁ ପ୍ରଦାନ କରାଯାଇଛି। ବିଜୁଳି ନ ଥିବା ୧୮,୮୦୦ ଗାଁକୁ ବିଜୁଳି ଯୋଗାଇବାରେ ସରକାର ସଫଳ ହୋଇଛନ୍ତି। ଏଥିରେ ୪କୋଟି ଘରକୁ ବିଜୁଳି ସଂଯୋଗ ମିଳିଛି। ପ୍ରାୟ ୧୧କୋଟି ଶୌଚାଳୟ ନିର୍ମିତ ହୋଇଛି ଏବଂ ୯.୫ କୋଟି ରନ୍ଧନ ଗ୍ୟାସ୍ ସୁବିଧା ଦେଶର ମହିଳାଙ୍କୁ ମିଳିଛି।

ସେହିଭଳି ଆୟୁଷ୍ମାନ ଭାରତ ଯୋଜନାରେ ୫୫କୋଟି ଭାରତୀୟ ଅନ୍ତର୍ଭୁକ୍ତ ହୋଇଛନ୍ତି। ଦେଶର ଲକ୍ଷ ଲକ୍ଷ ଗାଁକୁ ଫାଇବର ଅପ୍ଟିକ୍ସ ସଂଯୋଗ ଯୋଗାଇ ଦିଆଯାଇଛି। ଚାଷୀ ଓ ଶ୍ରମିକଙ୍କୁ ସରକାର ମାସିକ ପେନ୍‌ସନ ପ୍ରଦାନ କରୁଛନ୍ତି। କିଷାନ ସମ୍ମାନ ନିଧି ଯୋଜନାରେ ଦେଶର ୧୦କୋଟିରୁ ଅଧିକ ଚାଷୀଙ୍କୁ ସରକାର ଆର୍ଥିକ ସହାୟତା ଦେଉଛନ୍ତି। ଏହା ବ୍ୟତୀତ ଦେଶର ୮୦କୋଟିରୁ ଅଧିକ ଲୋକଙ୍କୁ କେନ୍ଦ୍ର ସରକାର ମାଗଣାରେ ମାସିକ ରାଶନ (ଖାଦ୍ୟଶସ୍ୟ) ଯୋଗାଇ ଦେଉଛନ୍ତି।

ଏବେ ସରକାର ଡିବିଟି ଯୋଜନାରେ ହିତାଧିକାରୀମାନଙ୍କୁ ସିଧାସଳଖ ଟଙ୍କା ବ୍ୟାଙ୍କ ଖାତାରେ ଯୋଗାଉଛନ୍ତି। ଏହା ଫଳରେ ମଧ୍ୟସ୍ଥ ଓ କମିଶନ ଏଜେଣ୍ଟ ଏହି ଅର୍ଥ ବାଟମାରଣା କରିବାର ସୁଯୋଗ ବନ୍ଦ ହୋଇଯାଇଛି। ଏହି ବ୍ୟବସ୍ଥା ଫଳରେ ସରକାରୀ ଅର୍ଥ ବାଟମାରଣା ବନ୍ଦ ହେବା ସହିତ ବିପୁଳ ସରକାରୀ କ୍ଷତିକୁ ରୋକାଯାଇପାରିଛି। ବିଗତ ନ'ବର୍ଷ ମଧ୍ୟରେ ଦେଶରେ ନାଗରିକଙ୍କ ମୁଣ୍ଡ ପିଛା ଆୟ ଓ ଚାଷୀଙ୍କ ଆୟ ବଢ଼ିଛି। ନରେନ୍ଦ୍ର ମୋଦି ସରକାର ଦେଶର ସବୁ ଗାଁକୁ ପକ୍କା ସଡ଼କ ସଂଯୋଗ ସୁବିଧା ଦେଇଛନ୍ତି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ପ୍ରଗତି ଘଟିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିବୃଦ୍ଧି ଓ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ କେବଳ ଆଗକୁ ନେଉନାହାନ୍ତି, ସେ ମଧ୍ୟ ଅନେକ ଐତିହାସିକ ତ୍ରୁଟିକୁ ସଂଶୋଧନ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଅନେକ ଅତି ବିବାଦୀୟ ପ୍ରସଙ୍ଗର ସମାଧାନ କରିଛନ୍ତି। ଅଯୋଧ୍ୟାରେ ଏକ ଭବ୍ୟ ରାମମନ୍ଦିର ନିର୍ମିତ ହେଉଛି, ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରାଯାଇଛି, ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଚାଲିଛି ଏବଂ ମୁସଲମାନ ମହିଳା ତିନି ତଲାକ୍‌ର ଅଭିଶାପରୁ ମୁକ୍ତ ହୋଇଛନ୍ତି।

ବିଗତ ୯ବର୍ଷକୁ ଉପନିବେଶବାଦୀ ମାନସିକତା ଓ ଉତ୍ତରାଧିକାରରୁ ଭାରତକୁ ମୁକ୍ତ କରିବାକୁ ଉତ୍ସର୍ଗ କରାଯାଇଛି। ନୂଆଦିଲ୍ଲୀର ରେସ୍‌କୋର୍ସ ରୋଡ୍ ଏବେ ଲୋକକଲ୍ୟାଣ ମାର୍ଗରେ ପରିଣତ ହୋଇଛି। ଜାତୀୟ ସ୍ମାରକକୁ ପରିଶେଷରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଅର୍ପଣ କରାଯିବା ସହିତ ଐତିହାସିକ ଇଣ୍ଡିଆ ଗେଟ୍‌ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମାକୁ ସରକାର ସ୍ଥାପନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟ, ଯାହା ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମା, ତାହା ସର୍ଦ୍ଦାର ପଟେଲଙ୍କୁ ସମର୍ପିତ ହୋଇଛି। ଭାରତର ଏକୀକରଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସର୍ଦ୍ଦାର ପଟେଲଙ୍କ ଏହି ଦୀର୍ଘତମ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ ୟୁନିଟ୍ ନାମରେ ଦେଶବାସୀଙ୍କୁ ଅନୁପ୍ରାଣିତ କରୁଛି।

ଭାରତ ଏବେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ, କିନ୍ତୁ ଆମ ଗଣତନ୍ତ୍ରର ମନ୍ଦିର, ଆମ ପାର୍ଲାମେଣ୍ଟ ହାଉସ, ଏଯାଏ ବ୍ରିଟିଶ ଶାସନ କାଳରେ ନିର୍ମିତ ଭବନରେ ଚାଲିଥିଲା। ସେ ଭବନଟି କିନ୍ତୁ ସଂସଦ ଭବନ ପାଇଁ ନିର୍ମିତ ହୋଇ ନ ଥିଲା। ତାହାର ନିର୍ମାଣ ଭିନ୍ନ କାମ ପାଇଁ ହୋଇଥିଲା। ଅତଏବ ଏକ ନୂଆ ସଂସଦ ଭବନ ନିର୍ମାଣର ଆବଶ୍ୟକତା ଅନେକ ଦିନରୁ ଅନୁଭୂତ ହେଉଥିଲା। ମୁଁ ଯେତେବେଳେ ସାଂସଦ ଥିଲି ସେତେବେଳେ ବ୍ୟକ୍ତିଗତ ଭାବେ ଏକ ନୂଆ ସଂସଦ ଭବନ ନିର୍ମାଣର ଆବଶ୍ୟକତା ଅନୁଭବ କରୁଥିଲି। ଏହି ପ୍ରସଙ୍ଗଟି ଅନେକ ଥର ସଂସଦରେ ଆଲୋଚନା ହୋଇଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପୂର୍ବରୁ କୌଣସି ସରକାର ଉଦ୍ୟମ କରି ନ ଥିଲେ। ଏହି କାମଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହୋଇଛି। ସେ ଏଭଳି ଏକ ଆହ୍ୱାନମୂଳକ କାମକୁ ସଫଳତାର ସହ ଖୁବ୍ କମ୍ ଦିନରେ ଶେଷ କରିପାରିଛନ୍ତି। ଏହି ନୂଆ ସଂସଦ ଭବନ ଆମର ଗଣତାନ୍ତ୍ରିକ ନୀତି ଓ ମୂଲ୍ୟବୋଧର ସଂରକ୍ଷଣ ତଥା ପ୍ରୋତ୍ସାହନରେ ସହାୟକ ହେବ। ଏହି ସଂସଦ ଭବନର ନିମ୍ନ ସଦନ ବା ଲୋକ ସଭାରେ 'ସେଙ୍ଗଲ' ବା ରାଜଦଣ୍ଡର ସ୍ଥାପନ ଏକ ନୂଆ ଇତିହାସ ସୃଷ୍ଟି କରିଛି।

ନରେନ୍ଦ୍ର ମୋଦି ସରକାର ବିଗତ ୯ବର୍ଷ ମଧ୍ୟରେ ଦେଶର ସମସ୍ୟା ଓ ଆହ୍ୱାନକୁ ସୁଯୋଗରେ ପରିବର୍ତ୍ତନ କରିଛନ୍ତି। କରୋନା ମହାମାରୀ ସମୟରେ ସମଗ୍ର ଦେଶ ଯେଉଁଭଳି ଭାବେ ପ୍ରଧାନମନ୍ତ୍ରୀଙ୍କ ପଛରେ ଏକତ୍ର ହୋଇ ଦୃଢ଼ଭାବେ ଛିଡ଼ା ହେଲା ଓ ରୋଗ ଜୀବାଣୁ ସହିତ ଲଢ଼େଇ କରି ଭାରତକୁ ବିଜୟୀ କଲା ତାହା ଥିଲା ଅତ୍ୟନ୍ତ ପ୍ରଶଂସନୀୟ। ଏହି ମହାମାରୀ ସହିତ, ବିଶ୍ୱ ମାନ୍ଦାବସ୍ଥା ଓ ରୁଷିଆ-ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ଭାରତର ଅର୍ଥନୀତି ବିଶେଷ ପ୍ରଭାବିତ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଭାରତକୁ ମାତ୍ର ୯ବର୍ଷ ମଧ୍ୟରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତିରେ ସ୍ଥାନିତ କରାଇଛି। ଭାରତ ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାକୁ ଯାଉଛି। ଆମ ଦେଶରୁ ପ୍ରତିରକ୍ଷା ଉପକରଣ ବିଦେଶକୁ ରପ୍ତାନି ହେବା ନିଶ୍ଚିତ ଏକ ଉତ୍ସାହଜନକ ଖବର। ଦେଶର ସୀମାକୁ ସୁଦୃଢ଼ କରିବାକୁ ମୋଦି ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେଥିରୁ ଗୋଟିଏ ଯୋଜନା ହେଲା ସୀମାନ୍ତରେ ଥିବା ଗ୍ରାମଗୁଡ଼ିକୁ ଶକ୍ତିଶାଳୀ କରିବା।

ବିଗତ ନ'ବର୍ଷ ମଧ୍ୟରେ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆହୁରି ମଧ୍ୟ ପୂର୍ବ ସରକାର ଅମଳରେ ବେଶ୍ ଆଡ଼ମ୍ବର ସହକାରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଅନେକ ପ୍ରକଳ୍ପକୁ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ କରିଛନ୍ତି। ସେଥିମଧ୍ୟରୁ କଂଗ୍ରେସ ସରକାର ସମୟରେ ଆରମ୍ଭ ହୋଇଥିବା ଅସମ୍ପୂର୍ଣ୍ଣ ଭାବେ ପଡ଼ିଥିବା ୪୦୦ ପ୍ରକଳ୍ପ ଅନ୍ୟତମ। ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା କ୍ଷଣି ତୁରନ୍ତ ଏକ ଟାସ୍କଫୋର୍ସ ଗଠନ କରି ଦୀର୍ଘକାଳ ଧରି ପଡ଼ି ରହିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ।

ମୋ ବିଚାରରେ ବିଗତ ୯ବର୍ଷ ଥିଲା ଆଶା, ଆକାଂକ୍ଷା ଓ ବିଶ୍ୱାସର ବର୍ଷ। ଏହା ମଧ୍ୟ ପ୍ରଗତି, ପରିବେଶ, ମାନବବାଦ ଓ ସାମାଜିକ କଲ୍ୟାଣର ଏକ ଉଲ୍ଲେଖନୀୟ ସଂଗମ। ଏହାଦ୍ୱାରା ଆମେ ୨୦୪୭ସୁଦ୍ଧା ସ୍ୱାଧୀନତାର ଏକଶହ ବର୍ଷ ପୂର୍ତ୍ତି ବେଳକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ପୂରଣ କରିପାରିବା। ଦେଶସେବାରେ ନିଜକୁ ପୁନଃ ସମର୍ପିତ କରି ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାକୁ ଶପଥ ନେବାର ସମୟ ଆସିଛି।

(ଲେଖକ ଭାରତର ପୂର୍ବତନ ରାଷ୍ଟ୍ରପତି)

## ଫୋନ୍‌ପେ'ରେ ଲାଞ୍ଚ ନେଇ ଗିରଫ ଘଟଣା

# ଟିପିସିଓଡିଏଲ୍ ଓଏଜି ନିଲମ୍ବିତ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଫୋନ୍‌ପେ' ଜରିଆରେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଅଫିସ ଆସିଷ୍ଟାଣ୍ଟ ଗ୍ରେଡ୍(ଓଏଜି)-୩ ତରୁଣ ରଞ୍ଜନ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏନେଇ ଟିପିସିଓଡିଏଲ୍ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସଂସ୍ଥା ପକ୍ଷରୁ ଘଟଣାର ଆଭ୍ୟନ୍ତରୀଣ ଅନୁସନ୍ଧାନ କରାଯାଉଛି। ତଦନ୍ତ ରିପୋର୍ଟ ଆସିବା ପରେ ସତ୍ୟତା ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଏହି ମାମଲାରେ ଭିଜିଲାନ୍ସକୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା ମଧ୍ୟ ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏବେ ଫୋନ୍‌ପେ' ଭଳି ଡିଜିଟାଲ ମୋଡ୍‌ରେ ଲାଞ୍ଚ ଗ୍ରହଣ କରାଯାଉଥିବାରୁ



ତରୁଣ ରଞ୍ଜନ ନାୟକ

## ଡିଜିଟାଲ ମୋଡ୍‌ରେ ଲାଞ୍ଚ କାରବାର ନେଇ ସତର୍କ କଲା ଭିଜିଲାନ୍ସ

ଭିଜିଲାନ୍ସ ସତର୍କ କରାଇଛି। ଡିଜିଟାଲ ମୋଡ୍‌ରେ ଲାଞ୍ଚ ନେଉଥିବା ସରକାରୀ ଅଧିକାରୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀ ସନ୍ଦୀପ କୁମାର ସ୍ୱାଇଁ ବଡ଼ଗଡ଼ ଥାନା ଅଞ୍ଚଳରେ ଥିବା ତାଙ୍କ କୋଠାକୁ ବିଦ୍ୟୁତ୍ ସଂଯୋଗ ପାଇଁ ଟିପିସିଓଡିଏଲ୍ ଅଧିକାରୀଙ୍କୁ ଭେଟି ସୁବିଧା ପାଇପାରି ନ ଥିଲେ। ଏନେଇ ସେ ଉକ୍ତ ସଂସ୍ଥାର ନୟାପଲ୍ଲୀସ୍ଥିତ ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍‌ରେ ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ତରୁଣ ଏନେଇ କେସ୍ ପଞ୍ଜୀକୃତ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରବିବାର ତରୁଣଙ୍କ କହିବାନୁସାରେ ତାଙ୍କ ସହଯୋଗୀ ଶୈଳଜାଙ୍କ ଫୋନ୍‌ପେ' ନମ୍ବରରେ ସନ୍ଦୀପ ଉକ୍ତ ଲାଞ୍ଚ ଟଙ୍କା ପଠାଇ ଏ ସଂକ୍ରାନ୍ତରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ସୋମବାର ସନ୍ଦୀପ ଗ୍ରିଭାନ୍ସ ଆପ୍ଲିକେଶନ୍ ଫର୍ମ ଗ୍ରହଣ କରିବାବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତରୁଣ ଓ ଶୈଳଜାଙ୍କୁ ଗିରଫ କରିଥିଲେ।

## ଜାଲ୍ ନଥିପତ୍ରରେ ୨୦.୬୬ ଲକ୍ଷ କ୍ଷତିପୂରଣ ରାଶି ହଡ଼ପ

# ରେଙ୍ଗାଲି ଦକ୍ଷିଣ କେନାଲ ଆର୍‌ଆଇ ଗିରଫ

ଢେଙ୍କାନାଳ ଅଫିସ, ୩୦।୫

ଜମିର ଜାଲ୍ ନଥିପତ୍ର ଦେଇ କ୍ଷତିପୂରଣ ଅର୍ଥରାଶି ବାବଦ ୨୧ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ମଙ୍ଗଳବାର ବନ୍ଧା ହୋଇଛନ୍ତି ଢେଙ୍କାନାଳ ମହିଷାପାଟସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଚିତ୍ତରଞ୍ଜନ ମହାପାତ୍ର। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୩୭୨/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ପ୍ରାୟ ୮ଜଣଙ୍କ ସମ୍ପୃକ୍ତି ରହିଛି। ଏତଲା ଆଧାରରେ ପୋଲିସ ଅଧିକ ଖୋଳତାଡ଼ ଜାରି ରଖିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରେଙ୍ଗାଲି ଦକ୍ଷିଣ କେନାଲ ଖନନ ପାଇଁ କଟକ ଜିଲା ଗୁରୁଡିଝାଟିଆ ଥାନା ରାଧାକୃଷ୍ଣପୁର ଅଞ୍ଚଳର ସ୍ୱର୍ଗତ ସାଗର ମୁଣ୍ଡାଙ୍କ ୧ ଏକରରୁ ଊର୍ଦ୍ଧ୍ୱ ଜମି ଅଧିଗ୍ରହଣ କରାଯାଇଥିଲା। ହେଲେ ଉକ୍ତ ଜମିର ସ୍ୱତ୍ୱାଧିକାରୀ ଗୋବିନ୍ଦ ଚନ୍ଦ୍ର ମୁଣ୍ଡା ବୋଲି ଦର୍ଶାଇ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ ଆର୍‌ଆଇ ଚିତ୍ତରଞ୍ଜନ। ଏ ସମ୍ପର୍କିତ ସମସ୍ତ ନକଲି ଦସ୍ତାବିଜ୍ ରେଙ୍ଗାଲି ଦକ୍ଷିଣ କେନାଲ ଜମି ଅଧିଗ୍ରହଣ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ତଦନୁଯାୟୀ ଜମିର ପ୍ରକୃତ ମାଲିକ ସାଗର ମୁଣ୍ଡା ପାଇବାକୁ ଥିବା ୨୦.୬୬ ଲକ୍ଷ ଟଙ୍କା ଗୋବିନ୍ଦଙ୍କ ଆକାଉଣ୍ଟରେ ଜମା ହୋଇଥିଲା। କୌଣସି ସୂତ୍ରରୁ ଏ ସମ୍ପର୍କରେ ଜାଣିବା ପରେ ସାଗରଙ୍କ ପରିବାର ସଦସ୍ୟ ଏ ସଂକ୍ରାନ୍ତରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ କାଗଜପତ୍ର ଯାଞ୍ଚ ପରେ ସତ୍ୟାସତ୍ୟ ପଦାକୁ ଆସିଥିଲା। ଅଧିକୃତ ଜମିର ପ୍ରକୃତ ମାଲିକ ସାଗର ବୋଲି ସ୍ପଷ୍ଟ ହୋଇଥିବାବେଳେ ଗୋବିନ୍ଦଙ୍କ ନାମରେ ଦାଖଲ କାଗଜପତ୍ର ଜାଲ୍ ବୋଲି ପ୍ରମାଣିତ ହୋଇଥିଲା। ଏଭଳି ଅର୍ଥ ହେରଫେର ସମ୍ପର୍କରେ ସାଗର ମୁଣ୍ଡାଙ୍କ ପରିବାର ସଦସ୍ୟ ମହିଷାପାଟସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲ ଜମି ଅଧିଗ୍ରହଣ କାର୍ଯ୍ୟାଳୟରେ ଜଣାଇଥିଲେ। କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ପରେ ଅଭିଯୋଗରେ ସତ୍ୟତା ରହିଥିବା ସ୍ପଷ୍ଟ ହୋଇଥିଲା। ଜୋନାଲ ଅଫିସର ସୁବ୍ରତ ବେହେରା ଏ ସଂକ୍ରାନ୍ତରେ ମଙ୍ଗଳବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଆର୍‌ଆଇ ଚିତ୍ତରଞ୍ଜନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଘର କଟକ ଜିଲା ବୈଦ୍ୟେଶ୍ୱର ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି।



ଅଭିଯୁକ୍ତ ଆର୍‌ଆଇ ଚିତ୍ତରଞ୍ଜନ ମହାପାତ୍ର

PARADIP PORT AUTHORITY
e-TENDER CALL NOTICE
No.:CE/HWDI/ACCTS-20/22/181 Date:25.05.2023
Name of the Work: "Construction of New Canteen Building at IOHP inside Harbour area". EMD cost: Rs.2,23,078/-. Last Date and time of submission of Bid: 16.06.2023 up to 17:15 Hrs.
For details please refer our Website eprocure.gov.in/eprocure/app
Sd/-Executive Engineer
Harbour Works Division No.-I
Paradip Port Authority
PPA/PR/19/2023-24 dtd.29.05.2023

ସାର୍ବଜନୀନ ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି
1) ମଡେଲ ନଂ. ଏଏଲ୍ 4825
ଟିପ୍ପର୍ ସମ୍ପୂର୍ଣ୍ଣ ନିର୍ମିତ ଗାଡ଼ି
ଗାଡ଼ି ନଂ. OD09V3763
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 3250000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023026, ତା.17.05.2023ରିଖ
କାର୍ଯ୍ୟର ନାମ: ତାଳଚେର-ବିମଳାଗଡ଼ ନୂଆ B.G ରେଳ ଲିଙ୍କ୍ ପ୍ରକଳ୍ପ: ଖମାର (CSB : କି.ମି.48.125-ୟାର୍ଡ ବ୍ୟତୀତ) ଏବଂ ଶ୍ରୀରାମପୁର (CSB : କି.ମି.67.425-ୟାର୍ଡ ସହିତ) ମଧ୍ୟରେ ଫର୍ମେସନ, ଛୋଟ ପୋଲ, ଡ୍ରେନ, ରକ୍ଷଣ କାର୍ଯ୍ୟ(Protection works), ରୋଡ଼ ଅଣ୍ଡର ବ୍ରିଜ୍ (RUBs)ଗୁଡ଼ିକର ପ୍ରବେଶ ପଥରେ ମାଟି କାମ, ଗ୍ରାବ୍ ବାଲାସ୍ଟର ଯୋଗାଣ, P.Way ଲିଙ୍କିଂ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମାଧାନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 13847.51 ଲକ୍ଷ, EMD (ଟଙ୍କାରେ): 70,73,800/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.06.2023 ରିଖ 1200 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-30/CG/23-24

ପୂର୍ବ ତଟ ରେଳପଥ
ଫାଇଲ ନଂ.DRM/Engg/KUR/23-24/E-Tender/29, ତା.23.05.2023ରିଖ
ଟେଣ୍ଡର ସଂ.eTender-Cent-KUR-88-2023,ତା.17.05.2023ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ପରିସୀମା ଅଧୀନରେ ରୋବୋଟିକ୍ ୱେଲ୍ଡିଙ୍ଗ୍ ଟେକନୋଲୋଜି ବ୍ୟବହାର କରି କ୍ଷତିଗ୍ରସ୍ତ CMS କ୍ରସିଙ୍ଗ୍‌ଗୁଡ଼ିକର ମୌଳିକ ସ୍ଥିତିରେ ଥାଇ (In-situ)ପ୍ରସ୍ତାବିତ ରିକଣ୍ଡିସନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.05 ଲକ୍ଷ, EMD (ଟଙ୍କାରେ): 1,44,100/-, ଶେଷ ହେବା ଅବଧି: 10(ଦଶ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.06.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-216/O/23-24

AXIS BANK
Axis bank invites proposals for premises on lease/rent for its new branches / offices at various locations across the country.
All interested parties may visit our website at the below mentioned link :
https://pfb.axisbank.co.in/property-lease/create

कार्यपालक अभियंता का कार्यालय,
पथ निर्माण विभाग, पथ प्रमण्डल मनोहरपुर।
नेशनल कम्पीटिटिभ बिडींग
(ई0–निविदा आमंत्रण सूचना)
ई– निविदा आमंत्रण सूचना संख्या – RCD/MANOHARPUR/01/2023-24
दिनांक: 29.05.2023

| | | |
|---|---|---|
| 1. | कार्य का नाम :– | Construction of High Level RCC Bridge over local nala in 37th k.m. of Majhgaon-Jaintgarh-Noamundi road (MDR-184) |
| 2. | प्राक्कलित राशि (रूपये में) | रू0 3,47,19,412.00 (तीन करोड़ सैंतालीस लाख उन्नीस हजार चार सौ बारह) |
| 3. | कार्य समाप्ति की अवधि | 18 (अठारह) माह। |
| 4. | वेबसाईट पर निविदा प्रकाशन की तिथि एवं समय | 14.06.2021, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 23.06.2021 , 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 25.06.2021, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर। | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है। विस्तृत जानकारी हेतु वेबसाईट http://jharkhandtenders.gov.in पर देखें।
कार्यपालक अभियंता,
प0नि0वि0, पथ प्रमण्डल, मनोहरपुर।
PR 298692 West Singhbhum(23-24)D

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

### ପରୀକ୍ଷାଫଳ ପ୍ରକାଶ ପୂର୍ବରୁ କୋଚିଂ ସେଣ୍ଟର ହଷ୍ଟେଲରେ ଅଘଟଣ

ଢେଙ୍କାନାଳ ଅଫିସ, ୩୦।୫

ଦେଇଥିଲେ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା। ହେଲେ ଫଳାଫଳ ପ୍ରକାଶକୁ ମାତ୍ର କେଇଘଣ୍ଟା ବାକିଥିବାବେଳେ ଏହାକୁ ଦେଖିବା ପାଇଁ ନାହାନ୍ତି ଛାତ୍ର ଶୁଭ୍ରାଂଶୁ ପଣ୍ଡା। କୋଚିଂ ନେଉଥିବା ଟ୍ୟୁଟୋରିଆଲ୍ ଛାତ୍ରାବାସରୁ ସୋମବାର ବିଳମ୍ବିତ ରାତିରେ ସନ୍ଦେହଜନକ ଅବସ୍ଥାରେ ତାଙ୍କର ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। କଟକ ଜିଲା ତିଗିରିଆ ଅଞ୍ଚଳର ସୁନୀଲ କୁମାର ପଣ୍ଡାଙ୍କ ପୁଅ ଶୁଭ୍ରାଂଶ ଢେଙ୍କାନାଳ ଜୁନିୟର କଲେଜର ଯୁକ୍ତ୨ ବାଣିଜ୍ୟ ବିଭାଗ ଛାତ୍ର। ସେ ଚଳିତବର୍ଷ ପରୀକ୍ଷା ଦେଇଥିବାବେଳେ କୁଞ୍ଜକାନ୍ତ ଅଞ୍ଚଳର ଆଇ.ସି. ଟ୍ୟୁଟୋରିଆଲ୍ ହଷ୍ଟେଲରେ ରହି କୋଚିଂ ନେଉଥିଲେ। ସୋମବାର ରାତି ପ୍ରାୟ ସାଢ଼େ ୧ଟା ବେଳକୁ ସହପାଠୀମାନେ ଶୁଭ୍ରାଂଶୁଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ତାଙ୍କ ବେକରେ ବେଡ୍‌ଶିଟ୍ ବନ୍ଧାଯାଇଥିଲା। ସୂଚନା ପାଇ ହଷ୍ଟେଲ ପରିଚାଳକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ମୃତ ଛାତ୍ରଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ପୋଲିସକୁ ନିବେଦନ କରିଛନ୍ତି। ତେବେ ବୁଧବାର ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ ବାହାରିବା ପୂର୍ବରୁ ଶୁଭ୍ରାଂଶୁଙ୍କ ଏଭଳି ରହସ୍ୟଜନକ ମୃତ୍ୟୁ ଆଲୋଚନାର ବିଷୟ ହୋଇଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ଛାତ୍ର ଜଣକ କେଉଁ କାରଣରୁ ଏଭଳି ଚରମ ନିଷ୍ପତ୍ତି ନେଲେ, ତାହା ଜାଣିବାକୁ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଅନ୍ୟପଟେ ଶୁଭ୍ରାଂଶୁଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ଉଭୟ ହଷ୍ଟେଲ ଓ କଲେଜର ସହପାଠୀ ସ୍ତବ୍ଧ ହୋଇଯାଇଛନ୍ତି।

कार्यालय, नगर परिषद, गोड्डा
(अतिअल्पकालीन ई–निविदा आमंत्रण सूचना संख्या–UDD/NPG/04/2022-23)
1. वेबसाईट पर निविदा अपलोड करने की तिथि :–दिनांक : 07.06.2023 पूर्वाह्न 11:30 बजे।
2. Online निविदा प्राप्त करने की तिथि :–दिनांक : 07.06.2023 के पूर्वाह्न 11:30 बजे से दिनांक : 19.06.2023 के अपराह्न 01:00 बजे तक।
3. परिमाण विपत्र का मूल्य, अग्रधन की राशि एवं निविदा से संबंधित अन्य हार्ड प्रति जमा करने की तिथि :–दिनांक : 21.06.2023 को अपराह्न 01:00 बजे तक।
4. निविदा खोलने की तिथि :– दिनांक : 21.06.2023 को अपराह्न 04:00 बजे तक।
5. निविदा आमंत्रण करने वाले पदाधिकारी का नाम :–कार्यपालक पदाधिकारी, नगर परिषद, गोड्डा
6. निविदा से संबंधित जानकारी हेतु (कार्यालय अवधी में) सम्पर्क नं0 :– 6202337124, 8521237291
7. निविदा (योजनाओं) से संबंधित विवरणी :–

| Sl | Name of Scheme | Estimated Amount | Earnest Mony | Tender Fee | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | वार्ड नं0 19, 20 एवं 21 में पी0सी0सी0 पथ एवं आर0सी0सी0 नाला (Precast Slab) निर्माण। | 1,48,65,100.00 | 297302=00 | 10000=00 | 6 (Six) Months |
| 02 | Improvement of Bus Stand Godda, (PIN-814133) | 70,23,700.00 | 140474=00 | 10000=00 | 6 (Six) Months |
| 03 | Construction of R.C.C. Drain Frome Bhagalpur Road to Gorhi Niche Tola. | 95,48,800.00 | 190976=00 | 10000=00 | 6 (Six) Months |
| 04 | Beutification of Road From Bijali Office To routara Chowk (With different Chowk Chowraha) | 1,12,95,200.00 | 225904=00 | 10000=00 | 6 (Six) Months |

नोट :– केवल ई– निविदा ही स्वीकृत होगा। प्राक्कलित राशि घट / बढ़ सकती है। निविदा से संबंधित सूचनाऐं वेबसाईट http:www.jharkhandtenders.gov.in तथा http://udhd.jharkhand.gov.in एवं गोड्डा नगर परिषद कार्यालय के सूचना पट पर देखा जा सकता है।
कार्यपालक पदाधिकारी
नगर परिषद, गोड्डा
PR298680 (Urban Development)23-24*D

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-776 OSIC GST No. 21AAACO2101M1Z1
e-Procurement Notice for Building works
Tender Notice No.2855 Date: 30.05.2023
Identification No. On line Bidding OSIC/Constn./2023-2024/003
(A)1.Name of the work : Development and beautification of B.B. Guda Pond at Malkangiri Municipality.
2.Total No of works : 01 No.
3. Estimated cost : 4,27,61,960.00(approx)
4.Class of Contractor : A Class as per eligibility criteria online.
5.Period of completion : 12(Twelve) calendar months.
(B) Other details

| Procurement online | Bid Identifi-cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 003 of 2023-2024 | 31.05.23 | 21.06.23 | 22.06.23 at 11.00 A.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.
Sd/-
GENERAL MANAGER(O)
OIPR-14073/11/0027/2324

**ଦହିପାଣି ବାଣ୍ଟିଲା ସାମାଜିକ ସଙ୍ଗଠନ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ରୁଗୁଡ଼ିମୁଣ୍ଡା ବଜାରରେ ମଙ୍ଗଳବାର ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ମିଠା ଦହି ପାଣି ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସଂଘଠନ ପକ୍ଷରୁ ଦହି ପାଣି ବଣ୍ଟନ କରାଯାଇଥିଲା। ସମିତି ସଭ୍ୟା ଯଶୋବନ୍ତି ତାଣ୍ଡି ଦହିପାଣି ବଣ୍ଟନର ଶୁଭାରମ୍ଭ କରିଥିଲେ। ବିଙ୍ଗହ୍ୟୁମାନ ଫାଉଣ୍ଡେସନର ଖପ୍ରାଖୋଲ ବ୍ଲକ ସଭାପତି ବିଶ୍ୱଜିତ ପଧାନ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ୨ ବଳଦ ମୃତ



**ବୋଡେନ,୩୦।୫(ଡି.ଏନ.ଏ.):** ନୂଆପଡ଼ ଜିଲା ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଅନ୍ତର୍ଗତ ସୁନାମୁଦି ଗାଁରେ ବଜ୍ରପାତରେ ୨ଟି ବଳଦର ମୃତ୍ୟୁ ହୋଇଛି। ସୂଚନାରୁ ପ୍ରାକାଶ ଯେ, କେଦାର ମାଝିଙ୍କ ବଳଦ ବିଲକୁ ଚରିବାକୁ ଯାଇଥିବାବେଳେ ବର୍ଷା ହେବାରୁ ଗଛ ମୂଳରେ ରହିଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ବଳଦର ମୃତ୍ୟୁ ହୋଇଛି। କେଦାର ମାଝି ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାବେଳେ ବଳଦ ସାହାଯ୍ୟରେ ଚାଷ କରି ନିଜ ପରିବାରର ପ୍ରତି ପୋଷଣ କରୁଥିଲେ। ତାଙ୍କୁ ସରକାରଙ୍କ ସାହାଯ୍ୟତା ଦେବା ପାଇଁ ଦାବି ହେଉଛି।

### ଅଜଣା ଗାଡ଼ି ଧକ୍କାରେ ମତ୍ସ୍ୟଜୀବୀ ମୃତ

**ନୂଆପଡ଼ା ଅଫିସ,୩୦।୫:** ନୂଆପଡା ଜିଲା କୋମନା ଥାନା ଅଧୀନ ମାନିଗୁଡା ଗାଁ ଜଣେ ବ୍ୟକ୍ତି ମାଛ ଧରିବାକୁ ମଙ୍ଗଳବାର ଯାଉଥିବା ବେଳେ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମାନିଗୁଡା ଗାଁର ପଣ୍ଡିତ ମିର୍ଦ୍ଧା (୫୭)। ପ୍ରାପ୍ତ ସୂଚନା ମୁତାବକ ଗାଁର ଅନେକ ମତ୍ସ୍ୟଜୀବୀ ପ୍ରତି ଦିନ ସୁନ୍ଦର ଜଳସେଚନ ପ୍ରକଳ୍ପରେ ମାଛ ଧରିବା ପାଇଁ ଯାଇଥାନ୍ତି। ପଣ୍ଡିତ ଭୋର ସକାଳୁ ମାଛ ଧରିବା ପାଇଁ ଘରୁ ଏକ ସାଇକେଲ ଯୋଗେ ସୁନ୍ଦର ଜଳସେଚନ ପ୍ରକଳ୍ପକୁ ଯାଉଥିଲେ। ମାନିଗୁଡା ବସଷ୍ଟାଣ୍ଡ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଭୋରୁ ଲୋକେ ଜାଣି ନ ପାରିବାରୁ ପଣ୍ଡିତ ସେଠାରେ ଛଟପଟ ହୋଇ ମୃତ୍ୟୁବରଣ କରିଥିଲେ। ତରବୋଡ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାର ତଦନ୍ତ ଚାଲିଛି ବୋଲି ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଷୀ ସୂଚନା ଦେଇଛନ୍ତି।

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୩୦।୫:** ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଫାଣ୍ଡି ଅନ୍ତର୍ଗତ ଜଟଗଡ ଗାଁର ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ଜଟଗଡ ବସ୍ତିର ବଳଦେବ ନାଗ (୩୨)। ସୂଚନା ଅନୁସାରେ ବଳଦେବ ରାତ୍ରିରେ ଖାଇ ସାରି ନିଜ କୋଠରିକୁ ଶୋଇବା ପାଇଁ ଯାଇଥିଲେ। ଖଟିଆର କୋର (ଫିଂତା)ବେକରେ ଲଗାଇ ଛାତ ଉପରେ ଲାଗିଥିବା ପଙ୍ଖା ହୁକ ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ବଳଦେବ ଘରୁ ନ ବାହାରିବାରୁ ପରିବାର ଲୋକେ ଝରକା ବାଟେ ଯାଇ ଦେଖିବା ବେଳେ ବେକରେ ରଶି ଲାଗାଇ ଝୁଲୁଛି। ସାଙ୍ଗେ ସାଙ୍ଗେ ତରବୋଡ ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୋମନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୭/୨୩) ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ରାମଲାଲ ଜୁରିଆ ସୂଚନା ଦେଇଛନ୍ତି।

# ୫ ମାସ ହେଲା ପ୍ରାଣୀଧନ ସେବାକେନ୍ଦ୍ର ବନ୍ଦ

■ ଏହାର ତଦନ୍ତ ପାଇଁ ଦାବିପତ୍ର
■ ସେବା ପାଇବାରୁ ଚାଷୀ ବଞ୍ଚିତ

**ନୂଆପଡ଼ା ଅଫିସ,୩୦।୫**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଓ ଦେଓଦର୍ହା ୨ଟି ପଞ୍ଚାୟତକୁ ନେଇ ରଜନାଠାରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଏକ ପ୍ରାଣୀଧନ ସେବାକେନ୍ଦ୍ର ରହିଛି। ଯାହା ଦ୍ୱାରା ଅଞ୍ଚଳର ଗୃହ ପାଳିତ ପ୍ରାଣୀର ଚିକିତ୍ସା ପାଇଁ ସୁବିଧା ହେବ ଓ ଲୋକେ ହଇରାଣ ନ ହୋଇ ପାଖରେ ସେବା ପାଇବେ। ହେଲେ ସେହି ପ୍ରାଣୀଧନ ସେବା କେନ୍ଦ୍ରରେ ନିୟୋଜିତ ପ୍ରାଣୀଧନ ନୀରିକ୍ଷକ ସେବା କରିବା ଦୂର କଥା ୫ ମାସରୁ ଉର୍ଦ୍ଧ୍ୱ ହେବ ଆସୁ ନ ଥିବାରୁ କେନ୍ଦ୍ର ବନ୍ଦ ରହିଛି। ଏ ନେଇ ଦେଓଦର୍ହା ଓ ଧରାଭଟା ଗ୍ରାମବାସୀ ଏହାର ଉଚିତ ତଦନ୍ତ କରି ପଦକ୍ଷେପ ନେବା ପାଇଁ ମଙ୍ଗଳବାର କୋମନା ବିଡିଓ ସୁଶାନ୍ତ କୁମାର ରଣାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଈଗୋରୁ, ଛେଳି, ମେଣ୍ଢା କିମ୍ବା ଯେ କୌଣସି ଗୃହ ପାଳିତ ପ୍ରାଣୀ ରୋଗାଗ୍ରସ୍ତ ହେଲେ ଲୋକେ ବିଶିବାହାଲ ପ୍ରାଣୀଧନ ସେବା କେନ୍ଦ୍ର ୮ରୁ ୧୦ କି.ମି. ନେଇ ଚିକିତ୍ସା କରୁଥିଲେ। ପାଖରେ ଗୋଟିଏ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲାଯାଉ ବୋଲି ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଦାବି କରି ଆସୁଥିଲେ। ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ରଜନାଠାରେ ଏକ ପ୍ରାଣୀଧନ ସେବା କେନ୍ଦ୍ର ଖୋଲାଗଲା। ସେଠାରେ ଚିକିତ୍ସା କେନ୍ଦ୍ର ଗୃହ ଅଛି। ଚିକିତ୍ସା ପାଇଁ ସବୁ ସରଞ୍ଜାମ ରହିଛି। ହେଲେ ନିୟୋଜିତ କର୍ମଚାରୀ କେନ୍ଦ୍ର ଖୋଲୁ ନାହାନ୍ତି କିମ୍ବା ଚିକିତ୍ସା ପାଇଁ କୌଣସି ଗାଁକୁ ଯାଉନାହାନ୍ତି। ଫଳରେ ରଜନା, ବେଲଗାଁ, ମଠିଆପଦର, ମଲ୍ଲିକମୁଣ୍ଡା, ଦେଓଦର୍ହା, ଧରାଭଟା, ମାଳପଡା, କୁଞ୍ଜାଲପଡା, ଭୋଷୋମଲ ପଲ୍ଲା ପଡା, ଜାମପଡା ଆଦି ଗାଁର ଗାଈଗୋରୁ, ଛେଳି, ମେଣ୍ଢା କିମ୍ବା କୌଣସି ଗୃହପାଳିତ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେ ପ୍ରାଣୀଧନ ସେବା କେନ୍ଦ୍ରକୁ ନେଇ ଫେରାଇ ଆଣୁଛନ୍ତି। ସେଠାରେ ନିୟୋଜିତ ପ୍ରାଣୀଧନ ନିରିକ୍ଷକଙ୍କୁ ଫୋନ କଲେ ଗ୍ରହଣ କରୁନାହାନ୍ତି। ଯଦି ଫୋନ ଗ୍ରହଣ କଲେ ମୋର ଅନ୍ୟ କାମ ଅଛି ଯାଇପାରିବି ନାହିଁ ବୋଲି କହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳର ଗୃହ ପାଳିତ ପ୍ରାଣୀ ସେବା ଅଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି।




ରଜନାଠାରେ ଥିବା ପ୍ରାଣୀସେବା କେନ୍ଦ୍ର ବନ୍ଦ ହୋଇପଡ଼ିଛି।

ପ୍ରାଣୀଧନ ସେବା କେନ୍ଦ୍ର ପ୍ରତି ଦିନ ଖୋଲାଯାଉ, ନିୟୋଜିତ କର୍ମଚାରୀ ସେବାରେ ନିୟୋଜିତ ରହୁ, କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦେଓଦର୍ହା ସରପଞ୍ଚ ଗୌତମ ମାଝି, ନାଏବ ସରପଞ୍ଚ ହରିସିଂ ଧରୁଆ, ମାଧବ ଦୀପ, ଜଳଧର ଦୀପ, ପୀତାମ୍ବର ମାଝି, ପବିତ୍ର ଚିନ୍ଦା, ଜୟରାମ ମାଝି, ଚନ୍ଦ୍ର କୁମ୍ଭାର, ମହେନ୍ଦ୍ର ଦୀପ, ଧନୁ କଣ୍ଟା, ତାତୁରାମ ମାଝି, ଚମ୍ପୁ ଦୀପ, ଦିଲୀପ ଦୀପ, ଚୈତନ୍ୟ ଚିନ୍ଦା, ପଦୁରାମ ଚିନ୍ଦା, ଗର୍ଣ୍ଡ ଚିନ୍ଦା, ଦୟା ମାଝି, ବଳରାମ ହେର୍ଣ୍ଣା, ବନମାଳି ହେର୍ଣ୍ଣା ପ୍ରମୁଖ ଓ ଗ୍ରାମବାସୀ ଦାବି କରିଛନ୍ତି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡାଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୋ ନିକଟରେ ଅଭିଯୋଗ ଆସିନାହିଁ। ଏହାର ତଦନ୍ତ କରି କିଭଳି ପ୍ରତିଦିନ କେନ୍ଦ୍ର ଖୋଲାଯିବ ତାହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ୪ ସ୍ଥାନରେ ସିଟି, ଜିଏସଟି ଏନ୍‌ଫୋର୍ସମେଣ୍ଟର ଚଢ଼ାଉ



ଏକ ଦୋକାନରେ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

**ଭବାନୀପାଟଣା,୩୦।୫(ସ୍ୱ.ପ୍ର.)**

ଭବାନୀପାଟଣାର ୪ଟି ସ୍ଥାନରେ କଳାହାଣ୍ଡି ସିଟି ଓ ଜିଏସଟି ଏନଫୋର୍ସମେଣ୍ଟ ୟୁନିଟ ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ମଙ୍ଗଳବାର ଚଢ଼ାଉ କରିଛି। ସେଗୁଡିକ ହେଲା ଭବାନୀପାଟଣା ସହରରେ ଥିବା ଅନ୍ନପୂର୍ଣ୍ଣା ହାର୍ଡୱେର ଷ୍ଟୋର, ଅନ୍ନପୂର୍ଣ୍ଣା ଏଜେନ୍ସି, ଅନ୍ନପୂର୍ଣ୍ଣା ଷ୍ଟିଲ ଓ ଅନ୍ନପୂର୍ଣ୍ଣା ଏଣ୍ଟରପ୍ରାଇଜେସ। ଏହି ସମୟରେ ଉକ୍ତ ସ୍ଥାନଗୁଡିକରୁ ବ୍ୟବସାୟିକ ସମ୍ପର୍କିତ କାଗଜପତ୍ର, ଲାପଟପ ଆଦି ଜବତ କରାଯାଇଛି। ସେହିପରି ଆଗକୁ ଯାଞ୍ଚ ପାଇଁ ବ୍ୟବସାୟଙ୍କୁ ବ୍ୟକ୍ତିଗତ ଅଫିସରେ ହାଜର ହେବା ପାଇଁ ନୋଟିସ ଜାରି କରାଯାଇଛି। ସିଟି ଓ ଜିଏସଟି ଏନ୍‌ଫୋର୍ସମେଣ୍ଟ ୟୁନିଟ ଡେପୁଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ୧୪ଜଣ ଅଧିକାରୀ ଚଢ଼ାଉରେ ସାମିଲ ହୋଇଥିଲେ।

# ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ସଚେତନତା ଶିବିର ଉଦ୍‌ଯାପିତ

**କେସିଙ୍ଗା,୩୦।୫(ଡି.ଏନ.ଏ.)**

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ତାଲୁକ୍ ସେବା ସମିତି କେସିଙ୍ଗା ପକ୍ଷରୁ ଚାଲିଥିବା ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ସଚେତନତା ଶିବିର ଉଦ୍‌ଯାପିତ ହୋଇଯାଇଚି। ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ, ଏନ୍‌ଏସିରେ ବାସ କରୁଥିବା ଦିବ୍ୟାଙ୍ଗଙ୍କ ପାଇଁ ଘରକୁ ଘର ଯାଇ ସେମାନଙ୍କ ଅଧିକାର ନିୟମ ସମ୍ପର୍କରେ ଅବଗତ କରାଯିବା ସହିତ ଯେଉଁମାନେ ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି, ବା ତିନି ଚକିଆ ଯାନ କିମ୍ବା ଭତ୍ତା ପାଇ ନାହାନ୍ତି। ସେମାନଙ୍କ ଅଭିଯୋଗ ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲା। କୋର୍ଟ କାର୍ଯ୍ୟାଳୟ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ୧୧୩ଟି ଆଇନ ସେବା ସମ୍ବନ୍ଧୀୟ ଦରଖାସ୍ତ ଗ୍ରହଣ କରାଯାଇ ବିଡିଓ ଏବଂ ଏନ୍‌ଏସିକୁ ପଠାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜଣଙ୍କର ଇଣ୍ଡିଆନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଭତ୍ତା ପାଇ ଆବେଦନ କରାଯାଇଛି।



ଆଇନଜୀବୀମାନେ ଜଣେ ଦିବ୍ୟାଙ୍ଗଙ୍କୁ ସଚେତନ କରୁଛନ୍ତି।

ସେହିପରି ଧୃତରାଷ୍ଟ୍ର ମାଝିଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଅନଲାଇନ ମାଧ୍ୟମରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଆବେଦନ କରିବାକୁ ନିବେଦନ କରାଯାଇଛ। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଯୋଗ୍ୟ ବିବେଚିତ ଦିବ୍ୟାଙ୍ଗମାନଙ୍କୁ ୩ଚକିଆ ସାଇକଲ ପ୍ରଦାନ କରାଯିବ। କେତେଜଣଙ୍କୁ ନଗଦ ଅର୍ଥ ପ୍ରଦାନ କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବାସ ଗୃହ ପାଇଁ ଅନେକ ଆବେଦନ ତଥା ଅନ୍ୟାନ୍ୟ ସୁବିଧା ପାଇଁ ଆବେଦନ କରିଥିବା ବ୍ୟକ୍ତି ବିଶେଷଙ୍କ ଆବେଦନର ସର୍ଭେ କରାଯାଇ ଅତି ଶୀଘ୍ର ସୁବିଧା ପ୍ରଦାନ କରାଯିବ। ସଚେତନତା ଶିବିର ସମସ୍ତ ପେନାଲଲୟର ଏବଂ ପିଏଲ୍‌ଭି ମିଳି ମିଶି ସମ୍ପାଦନ କରିଥିଲେ।

# ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ**

**ଭବାନୀପାଟଣା,୩୦।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳରେ ୨୦୧୩ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର ଉଦ୍ୟମ କରାଯାଇଥିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଲାଞ୍ଜିଗଡ ଥାନା ରଘୁନାଥପୁର ଗ୍ରାମର ସୁରେଶ ସାହୁ(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୪୭ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଲେଜରୁ ପାଠ ପଢି ପୀଡିତା ଜଣକ ଘରକୁ ଫେରୁଥିଲେ। ବାଟରେ ନଡିଆବଗିଚା ନିକଟରେ ଲୁଚିଥିବା ଅଭିଯୁକ୍ତ ଜଣକ ପୀଡିତାଙ୍କୁ ଅଟକାଇ ଟଣାଓଟରା କରିବା ସହ ତାଙ୍କ ହାତ ବାନ୍ଧିଦେଇ ଛୁରୀ ଦେଖାଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ପିଡିତା ୭।୧୧।୨୦୧୩ରେ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ବକ୍ତୃତା, ପ୍ରବନ୍ଧ, ଗଳ୍ପ ଓ କବିତା ଲିଖନ ପ୍ରତିଯୋଗିତା

**ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ**

**ଭବାନୀପାଟଣା,୩୦।୫(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ମଙ୍ଗଳବାର ବକ୍ତୃତା, ପ୍ରବନ୍ଧ, ଗଳ୍ପ ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲ କଲେଜରୁ ଶତାଧିକ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବକ୍ତୃତା ବିଭାଗରେ ପ୍ରଥମ ବଦ୍ରିନାରାୟଣ ପଟ୍ଟନାୟକ, ଦ୍ୱିତୀୟ ଓଁମକାର ପଣ୍ଡା, ତୃତୀୟ ଶ୍ରୀଆ ବେହେରା ପ୍ରବନ୍ଧରେ ପ୍ରଥମ ଓଁମ କାର ପଣ୍ଡା, ଦ୍ୱିତୀୟ ଆଇଶ୍ୱରୀୟ ସିଂହ, ତୃତୀୟ ଶିବାନନ୍ଦ ବାରିକ, କବିତା ଲେଖନ ରେ ପ୍ରଥମ ଆରତୀ ସାହୁ, ଦ୍ୱିତୀୟ ଆଇଶ୍ୱରୀୟ ସିଂହ, ତୃତୀୟ ସୃତିରାଣୀ କୁମାର ଗଳ୍ପ ଲିଖନରେ ପ୍ରଥମ ଗୃତିରାଣୀ କୁମାର, ଦ୍ୱିତୀୟ ସୃତିରାଣୀ କୁମାର ସ୍ଥାନ ଅଧିକାର କରିଛନ୍ତି। କଲେଜ ଛାତ୍ରୀ ନେହାରାଣୀ ସାହୁ ଉଭୟ କବିତା ଓ ଗଳ୍ପ ଲିଖନରେ ପ୍ରଥମ ସ୍ଥାନ ଓ ପ୍ରବନ୍ଧରେ ପ୍ରଥମ ଆର୍ଯ୍ୟା ନାୟକ ଓ ଦ୍ୱିତୀୟରେ ନେହାରାଣୀ ସାହୁ ପୁରସ୍କୃତ ହୋଇଥିଲେ। ସ୍କୁଲ ପ୍ରତିଷ୍ଠାତା ଓ ଅଧକ୍ଷ ଡ଼.ଶିବରାମ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ଓ ସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ, ପୂର୍ବତନ ଗୋଷ୍ଠି ଶିକ୍ଷା ଅଧିକାରୀ ଆରିଫା ସୁଲତାନା ଓ କବି ସୁଭମ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବୃଷବ ଦାଶ, ସୁଶାନ୍ତ ନାଏକ, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

# ଆମପାଣି ଘାଟିରେ ବସ୍-କାର୍ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**କୋକସରା,୩୦।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନମ୍ବର ଜାତୀୟ ରାଜପଥ ଆମପାଣି ଘାଟିରେ ମଙ୍ଗଳବାର ଯାତ୍ରୀବାହୀ ବସ୍ ଓ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଅଳ୍ପେକେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ଜାତୀୟ ରାଜପଥ ୨୬ ଆମପାଣି ଘାଟିରେ ଅପରାହ୍ନରେ ଘାଟିର ଏକ ବୁଲାଣିରେ ଭୁବନେଶ୍ୱରରୁ ନବରଙ୍ଗପୁରକୁ ଅଲେଖ ମହିମା ଭକ୍ତଙ୍କୁ ନେଇ ଆସୁଥିବା ବସ୍ ଓ କାର୍ ମଧ୍ୟରେ ଧକ୍କା ହୋଇଥିଲା। କାର୍ ବିଶାଖାପାଟଣାରୁ ଭବାନୀପାଟଣାକୁ ଆସୁଥିଲା। ଉଭୟ ବସ୍ ଓ କାର୍ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।



ଦୁର୍ଘଟଣାଗ୍ରସ୍ତ କାର୍।

# ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

■ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ
■ ପମ୍ପ ହାଉସରୁ କେବୁଲ ଚୋରି

**କେସିଙ୍ଗା,୩୦।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଶିରୋଲ, କାଣ୍ଡେଲ ଓ ବାଲସି ଗ୍ରାମରେ ଥିବା ପମ୍ପ ହାଉସରୁ ମଙ୍ଗଳବାର କେବୁଲ ଚୋରି ହୋଇଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେବୁଲ ଚୋରି ଯୋଗୁ ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଶିରୋଲ ଗ୍ରାମରେ ୪ ହଜାରରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି। ଏହି ଗ୍ରାମ ପଥର ଚଟାଣ ଉପରେ ଥିବାରୁ ନଳକୂପରେ ଆବଶ୍ୟକ ପାଣି ବାହାରି ନ ଥାଏ। ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ପକ୍ଷରୁ ଯୋଗାଣ କରୁଥିବା ପାଇପ ଲାଇନ ଉପରେ ନିର୍ଭର କରନ୍ତି। ଶିରୋଲ ଗ୍ରାମରେ ନୂତନ ଭାବେ ନିର୍ମିତ ଓଭରହେଡ ପାଣିଟାଙ୍କି ଓ ପମ୍ପ ହାଉସରୁ ଦୁର୍ବୃତ୍ତମାନେ ଗତ ରାତିରେ ସୁଇଚ ବୋର୍ଡରୁ କେବୁଲ ଚୋରି କରିଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ଜାନୁୟାରୀଠାରୁ ୩ଥର କେବୁଲ ଚୋରି ହେଲାଣି, ପୋଲିସରେ ଅଭିଯୋଗ କଲେ ସୁଫଳ ମିଳୁ ନ ଥିବା ଯନ୍ତ୍ରୀ କହିଥିଲେ। ଶିରୋଲ, କାଣ୍ଡେଲ ଓ ବାଲସି ଗ୍ରାମରେ ଥିବା ପମ୍ପ ହାଉସରୁ ପ୍ରାୟ ୨୦୦ମିଟରରୁ ଉର୍ଦ୍ଧ୍ୱ କେବୁଲ ତାର ଚୋରି ହୋଇଥିବା ପ୍ରକାଶ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଲୋକଙ୍କୁ ପାନୀୟଜଳ ଅସୁବିଧା ହେଲେ କେମିତି ଚଳିବେ ବୋଲି ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକମାନେ ପାନୀୟ ଜଳ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଆର୍‌ଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସେଠଙ୍କୁ ପଚାରିବାରୁ ଜାନୁୟାରୀଠାରୁ ୩ଥର କେବୁଲ ତାର ଚୋରି ହୋଇଛି। ପ୍ରଶାସନଙ୍କ ନିକଟରେ ଅଭିଯୋଗ କଲେ ସୁଫଳ ମିଳୁନାହିଁ। ଲୋକଙ୍କ ପାଇଁ ତୁରନ୍ତ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।





ଶିରୋଲ ଗ୍ରାମର ପମ୍ପ ହାଉସରୁ ସୁଇଚରୁ କେବୁଲ କାଢ଼ି ଦିଆଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ନେଇ ପ୍ରତିବାଦ ସଭା

**ଲାଞ୍ଜିଗଡ଼,୩୦।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ ଅଧୀନ ବଣ୍ଡେଲ ଗ୍ରାମର ଆମ୍ବ ତୋଟାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲାଞ୍ଜି ପଞ୍ଚାୟତର ପ୍ରାୟ ୧୫ଖଣ୍ଡ ଗ୍ରାମର ମହିଳା ଓ ପୁରୁଷ ଶ୍ରମିକ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ଦୁର୍ନୀତି ଓ ଅନେକ ସ୍ଥାନରେ ଅଧାପନ୍ତରିଆ ଭାବେ କାର୍ଯ୍ୟ କରି ଟଙ୍କା ହଡପ କରୁଥିବା ଏବଂ ଶ୍ରମିକଙ୍କୁ ନିୟମିତ ଅର୍ଥ ନ ମିଳିବା ଓ ଶ୍ରମିକଙ୍କୁ ଉଚିତ ପରିମାଣରେ ମଜୁରୀ ନ ଦେବା ଭଳି ଅନେକ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବ୍ଲକର ଲାଞ୍ଜି, ବେନଗାଁ, ଲାଖବାହାଲି, ବିଜେପୁର, ମାଳିୟୁବାଙ୍ଗ, ପାହାଡ଼ପଦର ଭଳି ଆଦିବାସୀ ଅସଚେତନ ଦୁର୍ଗମ ଅଞ୍ଚଳରେ କୋଟି କୋଟି ଟଙ୍କା ଲୁଟ ହେଉଛି। କିନ୍ତୁ ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନଙ୍କ କୌଣସି ତଦାରଖ କିମ୍ବା ଦୃଷ୍ଟି ଦେଉନାହାନ୍ତି ବୋଲି ମତପ୍ରକାଶ ପାଇଛି। ଜନସାଧାରଙ୍କ ଅଭିଯୋଗ ଯେ' ଜିଆରଏସ୍, ଏପିଇଓ, ବିଡ଼ିଓ ଗାଁସାଥୀଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କାର କାମ ସମ୍ପୂର୍ଣ୍ଣ ନ ହୋଇ ଅଧପନ୍ତରିଆ ବିଲ କରି ଟଙ୍କା ହଡ଼ପ କରିଥିବା ଅଭିଯୋଗ ଆଣିଛନ୍ତି। ୨୦୨୧,୨୨,୨୩ ମସିହାର ସମ୍ପୂର୍ଣ୍ଣ କାମ ତଦାରଖ, ଏଫଟିଓ କପି ମଷ୍ଟରରୋଲରେ କେତେ ଜଣ କାମ କରିଥିବା ଶ୍ରମିକମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଉଛି ଏବଂ କାମ କରୁ ନ ଥିବା ଶ୍ରମିକଙ୍କ ବ୍ୟାଙ୍କ ଖାତାରେ କେତେ ଟଙ୍କା ଜମା ହେଉଛି ତାହାର ସମ୍ପୂର୍ଣ୍ଣ ତଦାରଖ ପାଇଁ ଶ୍ରମିକମାନେ ଦାବି କରିଛନ୍ତି। ଯଦି ଏହାର ତଦାରଖ ନ ହୁଏ ତେବେ ବ୍ଲକ ପ୍ରଶାସନଙ୍କ ନାମରେ ଓ ପଞ୍ଚାୟତ ଅଫିସରଙ୍କ ନାମରେ କୋର୍ଟରେ ମାମଲା ରୁଜୁ କରାଯିବ ବୋଲି ଶ୍ରମିକମାନେ ବୈଠକରେ ଚେତବାନୀ ଦେଇଛନ୍ତି। ଉକ୍ତ ପଞ୍ଚାୟତ ଗୁଡିକରେ ଠିକ ତଦାରଖ କରି ମଷ୍ଟରରୋଲ ଓ ଏଫଟିଓ କପି ଶ୍ରମିକଙ୍କଠୁ ହଡ଼ପ ହୋଇଥିବା ଟଙ୍କା ଜୁନ ୧୦ ତାରିଖ ସୁଦ୍ଧା ଠିକ ପ୍ରମାଣ ସହିତ ତଥ୍ୟ ଦିଆ ନ ଯାଏ ତେବେ ବ୍ଲକ ପ୍ରଶାସନଙ୍କ ନାମରେ କୋର୍ଟର ଦ୍ୱାରସ୍ଥ ହେବା ପାଇଁ ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ବ୍ରିଟିଶ କୁମାର, ପୂର୍ଣ୍ଣ ମାଝି, ରାଣୁ ମାଝି, ଗୌତମ ଦୋରା, ଲେଳି ମାଝି, ବୁଦ୍ଧୁ ମାଝିଙ୍କ ସମେତ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।



ବୈଠକରେ ଶ୍ରମିକମାନେ ଆଲୋଚନା କରୁଛନ୍ତି।

**ପ୍ରଶାସନ ଉଚିତ ତଥ୍ୟ ନ ଦେଲେ କୋର୍ଟର ଦ୍ୱାରସ୍ଥ ଚେତାବନୀ**

## ସଂକ୍ଷେପରେ

### ସିରଜିନା ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନର ମାସିକ ସାହିତ୍ୟ ଆସର

ପଦ୍ମପୁର,୩୦।୫ (ଡି.ଏନ୍.ଏ.): ସୁଶ୍ରୀ ଜିତେଶ୍ୱରୀ ଦାଶଙ୍କ ପୌରହିତ୍ୟରେ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସମ୍ପାଦନାରେ ରାଜ ବୋରାସମ୍ବର ଉଚ୍ଚ ବିଦ୍ୟାଳୟରେ ସିରଜିନା ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଅଧ୍ୟାପକ ପୌଲସ୍ତ୍ୟ ସାହା ଗଳ୍ପ ସାହିତ୍ୟର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତା'ପରେ ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ମେହେର, କୁଞ୍ଜବିହାରୀ ସରାଫ, ସୁଶ୍ରୀ ଜିତେଶ୍ୱରୀ ଦାଶ, ପୌଲସ୍ତ୍ୟ ସାହା, କହ୍ନେଇ ଲାଲ ସାହୁ, ଭୀଷ୍ମଦେବ ସାହୁ ଓ କିଶୋର ପାତ୍ର ପ୍ରମୁଖ ଗାଳ୍ପିକମାନେ ସ୍ୱରଚିତ ଗଳ୍ପ ପଠନ କରିଥିଲେ। ଶେଷରେ ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ପଲଟା ବାଘ ଗପକୁ ଅତି ସୁନ୍ଦର ଭାବରେ ନାଟକୀୟ ଶୈଳୀରେ ପଠନ କରି ଥିଲେ। ଶେଷରେ ସଂଯୋଜକ ଅଧ୍ୟାପକ ପୌଲସ୍ତ୍ୟ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରକ ଜବତ

ପଦ୍ମପୁର, ୩୦।୫ (ଡି.ଏନ୍.ଏ.): ବରଗଡ଼ ଜିଲା ପଦ୍ମପୁର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରକ୍ ଓ ବାଇକ୍ ଜବତ କରାଯାଇଛି। ମୂଲ୍ୟବାନ କାଠ ସାମଗ୍ରୀ ନିର୍ମାଣ ଆଳରେ ଜଙ୍ଗଲରୁ ଖଇର ଗଛ ଚୋରା ଚାଲାଣ କରାଯାଉଥିବା ଖବର ବନ ବିଭାଗ ପାଖରେ ପହଞ୍ଚିଲା ପରେ ଏକ ଟିମ୍ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଡାଙ୍ଗବାହାଲଠାରେ ନାକା କରିଥିଲେ। ଟ୍ରକ ନମ୍ବର ଏଚ୍‌ପି ୨୦ଜି ୪୮୭ରେ ୨୦୫ ଖଣ୍ଡ ଖଇର ଗଛ ଗଣ୍ଡି ବୋଝେଇ ହୋଇ ଆସୁଥିଲା। ତାକୁ ସୁରକ୍ଷିତ ଲକ୍ଷ୍ୟସ୍ଥଳକୁ ପହଞ୍ଚାଇବା ପାଇଁ ସିଜି ୦୭- ୩୯୩୭ ଓ ସିଜି ୧୧ବିବି ୪୮୧୮ରେ ବାଇକ୍ ଆରୋହୀ ଥିଲେ। ଟ୍ରକ ଓ ଉଭୟ ବାଇକ୍ ସହ ୫ ଜଣଙ୍କୁ ବନବିଭାଗ ଅଟକ ରଖିଥିଲା। ସେମାନେ ହେଲେ ହିମାଚଳ ପ୍ରଦେଶ ଉମା ଗ୍ରାମର ସୌରଭ କୁମାର, ଗାଇସିଲେଟ ଥାନା ବଡସାହାଜବାହାଲ ଗ୍ରାମର ରୁଦ୍ର ସାହୁ, ପଞ୍ଜାବ ଦିହାନର ବୀରେନ୍ଦ୍ର କୁମାର, ବଲାଙ୍ଗିର ଫଟାମୁଣ୍ଡାର ଅବୋଧ ସାହୁ, ସମ୍ବଲପୁର ଖଜୁରିଆପଡାର ସୁଶାନ୍ତ ସାହୁ। ୨୦୫ଟି ଖଇର ଗଣ୍ଡି ଓ ଦୁଇ ଖଣ୍ଡ ସାଇଜ ଖଇର କାଠର ଆନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷରୁ ଅଧିକ ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାଯାଇଛି। ପଦ୍ମପୁର ବନ ବିଭାଗ ରେଞ୍ଜର ରାଜକ୍ରିଷ୍ଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଚଢ଼ାଉରେ ଡେପୁଟି ରେଞ୍ଜର ସୁଦାମ ଜଗଦଳା, ଖେଳପ୍ରିୟ ସାହୁ, ଫରେଷ୍ଟ ଗାର୍ଡ ପୃଥ୍ୱିରାଜ ଭୋଇ, ଶାନ୍ତନୁ ପ୍ରଧାନ, ସ୍କ୍ୱାର୍ଡ ମନ ଥାପୁଆ, କେଶରଞ୍ଜନ ବୁଡେକ, ଦାମୋଦର ବିଶ୍ୱାଳ, ସୁଧାଂଶୁ ଶେଖର ଭଏଷା, ରାଜା ତନସନା ସାମିଲ ଥିଲେ।



କାଠ ବୋଝେଇ ଟ୍ରକ୍ ସହିତ ଅଟକ ବ୍ୟକ୍ତି ଓ ବନ କର୍ମଚାରୀ।

# ନିରାଶରେ ଫେରିଲେ ପ୍ରବାସୀ କୃଷି ଶ୍ରମିକ



ଘରକୁ ଫେରିବା ପାଇଁ ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ପ୍ରବାସୀ କୃଷି ଶ୍ରମିକମାନେ।

ବରଗଡ଼ ଅଫିସ୍,୩୦।୫

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ରାଜ୍ୟର ଅନ୍ୟଜିଲା ତୁଳନାରେ ଅଧିକ ଧାନଚାଷ ତଥା ଚାଉଳ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ଏଭଳି କହନ୍ତି। ଏହି କ୍ରମରେ ଧାନଚାଷ ଏବଂ ଅମଳ ସମୟରେ ଜିଲା ବାହାରୁ ପ୍ରବାସୀ କୃଷି ଶ୍ରମିକମାନେ ଏଠାକୁ ଆସିଥାନ୍ତି। ଚାଷ ତଥା ଅମଳ ସମୟରେ କାମ କରି ଏଠାରୁ କିଛି ରୋଜଗାର କରି ଘରକୁ ଫେରିବା ଆଶା ସେମାନଙ୍କର ରହିଥାଏ। ଏଭଳି ଆଶା ନେଇ ଚଳିତ ରବିଧାନ ଅମଳ ସମୟରେ ମଧ୍ୟ ପଡ଼ୋଶୀ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଆଦି ଜିଲାରୁ

#### ମେଶିନ କରୁଛି ଧାନ ଅମଳ

କୃଷି ଶ୍ରମିକମାନେ ଏଠାକୁ ଆସିଛନ୍ତି। କିନ୍ତୁ ଏବେ ମେଶିନରେ ଧାନ ଅମଳ କରାଯାଉଥିବା ଯୋଗୁ ସେମାନଙ୍କ ରୋଜଗାର ଆଶା ମଉଳି ଯାଇଛି। ଫଳରେ ଜିଲା ବାହାରୁ ଆସିଥିବା କୃଷି ଶ୍ରମିକମାନେ ନିରାଶ ହୋଇ ଘରକୁ ଫେରି ଯାଉଥିବା ପରିଲକ୍ଷିତ ହୋଇଛି। କଳାହାଣ୍ଡି ଜିଲା କଦଳୀମୁଣ୍ଡା ଗ୍ରାମରୁ ଆସିଥିବା ୧୭ଜଣ କୃଷି ଶ୍ରମିକ ଘରକୁ ଫେରିବା ପାଇଁ ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ବସ୍ ଅପେକ୍ଷାରେ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଆମେ ସେମାନଙ୍କୁ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା.....

#### ପ୍ରବାସୀ କୃଷି ଶ୍ରମିକ କୁହନ୍ତି ...

**ରୋଜଗାର ଆଶା ନେଇ ଆସିଥିଲୁ**



"ପରିବାରରେ ୫ଜଣ ଅଛୁ। ଆମ ଅଞ୍ଚଳ ମରୁଡ଼ି ପ୍ରପୀଡ଼ିତ। କେନାଲ ପାଣି ମାଡ଼ି ନ ଥାଏ।ଫଳରେ ଜମି ଥିଲେ ମଧ୍ୟ ଚାଷ କରିପାରୁ ନାହୁଁ। ବର୍ଷା ହେଲେ ଯାଇ ଆମ ଅଞ୍ଚଳରେ ଚାଷବାସ ହୁଏ। ଏବେ ସେଠାରେ ସେଭଳି କିଛି ରୋଜଗାର ନାହିଁ। ଫଳରେ କିଛି ରୋଜଗାର ଆଶା ନେଇ ଆସିଥିଲି। ସାଥୀ ଶ୍ରମିକଙ୍କ ସହିତ ବରଗଡ଼ ଜିଲା ଅତାବିରା ଥାନା ପତ୍ରାପାଲି ଗ୍ରାମକୁ ଯାଇଥିଲୁ। ୧୫ଦିନ ରହି ଯାହା କାମ ମିଳିଲା କଲୁ। ସେଭଳି କିଛି ରୋଜଗାର ମିଳିଲାନି । ଫଳରେ ଘରକୁ ଫେରି ଯାଉଛୁ । —ଦୟା ଭୋଇ

**ମେଶିନ ଯୋଗୁ କମୁଛି ରୋଜଗାର**



"୩ବର୍ଷ ହେଲା, ଆମେ ଧାନ ଅମଳ ସମୟରେ ବରଗଡ଼ ଜିଲାକୁ ଆସୁଛୁ । ଯେଉଁ ଚାଷୀ ଡାକିଲେ, ସମ୍ପୃକ୍ତ ଚାଷୀଙ୍କ ଧାନ ଅମଳ କାର୍ଯ୍ୟରେ ନିୟୋଜିତ ହେଉ । ଧାନ କାଟିବା, ମଡ଼ାଇବାଠାରୁ ଆରମ୍ଭ କରି ବସ୍ତାରେ ଭରିବା ପର୍ଯ୍ୟନ୍ତ କାମ କରୁଥିଲୁ। ସେଥିରୁ ଯାହା ରୋଜଗାର ହୁଏ, ତାହା ଘରକୁ ଧରି ଯାଉ ଏବଂ ସେଥିରେ ଆମ ପରିବାର ଚଳିଥାଏ। ହେଲେ ଆଗରୁ ଯେଭଳି ଏଠାରେ ରୋଜଗାର ହେଉଥିଲା, ଏବେ ତାହା ହେଉ ନାହିଁ । ଅଧିକାଂଶ ଚାଷୀ ହାର୍ଭେଷ୍ଟର ମେଶିନ ଲଗାଇ ଧାନ ଅମଳ କରୁଛନ୍ତି । —ନିରଞ୍ଜନ ଭୋଡ଼କିଆ

**ଆଶା ମଉଳି ଗଲା**



"ଆମ ଗାଁ ଲୋକେ ଏଭଳି ଧାନ ଅମଳ ସମୟରେ ପ୍ରତିବର୍ଷ ବରଗଡ଼ ଜିଲାକୁ ଆସିଥାନ୍ତି। କିଛିଦିନ ରହି ଧାନ ଅମଳ ସରିବା ପରେ ଘରକୁ ଫେରିଥାନ୍ତି। ସେହି ଅବଧିରେ କିଛି ରୋଜଗାର ମଧ୍ୟ ସେମାନେ କରିଥାନ୍ତି। ଭଲ ଦି ପଇସା ରୋଜଗାର ହେବ ବୋଲି ମୁଁ ଆଶା ରଖିଥିଲି। ଫଳରେ ପରିବାର ଛାଡ଼ି ଏଥର ମୁଁ ଏଠାକୁ ପ୍ରଥମ ଥର ଆସିଥିଲି। ହେଲେ ସେଭଳି କିଛି ରୋଜଗାର ହେଲା ନାହିଁ। ଘରୁ ଚାଉଳ ଧରି ଆସିଥିଲୁ। ଅନ୍ୟ ସାମଗ୍ରୀ କିଣି ଖାଇଲୁ ଏବଂ ବସ୍‌ଭଡ଼ାରେ ଅଧେ ରୋଜଗାର ସରିଯିବ । —ହୁକ୍‌ମତ୍ ଭୋଡ଼କିଆ

### ଜମିବାଡ଼ି ବିବାଦର ସମାଧାନ କଲା ପ୍ରଶାସନ

ବିନିକା ୩୦। ୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏକ ଜମିବାଡି ବିବାଦର ସମାଧାନ ହୋଇଛି । ପ୍ରକାଶ ଯେ, ବିନକା ବ୍ଲକ ଚରଦା ପଞ୍ଚାୟତ ଅଧୀନ ଫୁଲମୁଠି ଗ୍ରାମର ଅକ୍ଷୟ କୁମାର ମିଶ୍ର ଦୀର୍ଘ ୨ ବର୍ଷ ହେବ ନିଜ ପିତୃ ଅର୍ଜିତ ସମ୍ପତ୍ତିର ଭାଇ ଭାଗକୁ ନେଇ ଲଢେଇ ଚଳାଇଥିଲେ ସେ ପ୍ରଥମେ ଏ ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ନ ପାଇବାରୁ ପରେ ସୁବର୍ଣ୍ଣପୁର ଜିଲାପାଳ କାର୍ଯ୍ୟାଳୟ ଓ ସମ୍ବଲପୁର ଆରଡିସିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରଥିଲେ । କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ଭୁବନେଶ୍ୱରସ୍ଥିତ ଲୋକାୟୁକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ମଙ୍ଗଳବାର ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ଡିଏସପି ସୁଶାନ୍ତ କୁମାର ପାଣିଗ୍ରାହୀ, ବିନକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ବିଡିଓ ବ୍ୟାସଦେବ ବେହେରା, ଥାନା ଅଧିକାରୀ ପବିତ୍ର ସାହୁ, ରେଭିନ୍ୟୁ ସୁପରଭାଇଜର ନୀଳମଣି କଅଁର, ରାଜସ୍ୱ ନିରୀକ୍ଷକ ବୁଲୁ ମେହେର ପ୍ରମୁଖ ଫୁଲମୁଠି ଗ୍ରାମକୁ ଯାଇଥିଲେ । ଏହି ଅବସରରେ ସେଠାରେ ଗ୍ରାମବାସୀ ଓ ଅଭିଯୋଗକାରୀଙ୍କ ଭାଇମାନଙ୍କ ଉପସ୍ଥିତିରେ ଜମିବାଡି ମାମଲା ନେଇ ଆପୋଷ ଆଲୋଚନା କରାଯାଇଥିଲା। ପରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇ ମିଶ୍ରଙ୍କୁ ଦିଆଯାଇଥିବା ଜଣାଯାଇଛି ।

# ବ୍ରିଜ୍ ଲୋକାର୍ପଣ ପୂର୍ବରୁ ଉଚ୍ଛେଦ ନୋଟିସ୍



ଥଇଥାନ ଦାବିରେ ପଡ଼ାବାସୀଙ୍କ ରାସ୍ତା ଅବରୋଧ।

ବରଗଡ଼ ଅଫିସ୍,୩୦।୫

ବରଗଡ଼-ଅମ୍ବାପାଲିକୁ ସଂଯୋଗ କରୁଥିବା ନୂତନ ଜୀରାବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରି ଯାଇଛି। ତେବେ ଏହି ବ୍ରିଜ ଲୋକାର୍ପଣ କରିବା ପୂର୍ବରୁ ବ୍ରିଜର ଅମ୍ବାପାଲି ପଟେ ଥିବା ରାସ୍ତା ସମ୍ପ୍ରସାରଣ କରିବାକୁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଏହି କ୍ରମରେ ରାସ୍ତାକଡ଼ ସରକାରୀ ଜମିରେ ଘରଦ୍ୱାର କରିଥିବା ଲୋକଙ୍କୁ ସେହି ରାସ୍ତା ପ୍ରଶସ୍ତିକରଣ ପାଇଁ ଆବଶ୍ୟକ ସରକାରୀଜମି ଛାଡ଼ିବା ପାଇଁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପରିବାର ଲୋକଙ୍କୁ ନୋଟିସ୍ କରାଯାଇଛି। ଏହି ନୋଟିସ୍ ପାଇବା ପରେ ସେଠାରେ ରହୁଥିବା ଆମ୍ବେଦକର ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ

#### ଥଇଥାନ ଦାବିରେ ରାସ୍ତା ଅବରୋଧ

ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ପଡ଼ାବାସୀ ମଙ୍ଗଳବାର ପଡ଼ା ନିକଟ ବରଗଡ଼-ଅମ୍ବାପାଲି ରାସ୍ତାକୁ ଅବରୋଧ କରିଥିଲେ। ଉଚ୍ଛେଦ ପୂର୍ବରୁ ଥଇଥାନ କରାଯିବା ପାଇଁ ସେମାନେ ଦାବି କରିଥିଲେ । ପରେ ବିଭାଗୀୟ କର୍ମଚାରୀ ସେଠାକୁ ପହଞ୍ଚି ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ପୁରୁଣା ଜୀରାବ୍ରିଜ ସଂକୁଚିତ ଏବଂ ବିପଦଶଙ୍କୁଳ ଅବସ୍ଥାରେ ରହିଥିଲା। ଫଳରେ ସେହି ବ୍ରିଜକୁ ଭାଙ୍ଗି ଦେଇ ନୂତନ ଜୀରାବ୍ରିଜ ନିର୍ମାଣ କରାଯାଇଛି। ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରି ଯାଇଛି। ତେବେ ବ୍ରିଜ ଲୋକାର୍ପଣ ହେବା ପରେ ସେହି ବ୍ରିଜ ଦେଇ ପୂର୍ବାପେକ୍ଷା ଅଧିକାଂଶ ଯାନବାହନ ଚଳାଚଳ ହେବ, ତାହା ଏବେଠାରୁ ସ୍ପଷ୍ଟ ହୋଇଯାଇଛି। ଫଳରେ ବ୍ରିଜ ଲୋକାର୍ପଣ ପୂର୍ବରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଅନ୍ୟପଟେ ଜୀରାବ୍ରିଜର ଅମ୍ବାପାଲି ପଟେ ଯେଭଳି ରାସ୍ତା ପ୍ରଶସ୍ତିକରଣ ସକାଶେ ଉଚ୍ଛେଦ ପାଇଁ ନୋଟିସ୍ କରାଯାଇଛି, ଅନୁରୂପଭାବେ ବ୍ରିଜର ଅପରପାର୍ଶ୍ୱ ଲମ୍ବା ବିଲଡ଼ିଂ-ଲେଙ୍ଗୁ ମିଶ୍ର ଛକ ପର୍ଯ୍ୟନ୍ତ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

### ପରିତ୍ୟକ୍ତ ସୁଲଭ ଶୌଚାଳୟ ପୁନରୁଦ୍ଧାର ପାଇଁ ବିଡିଓଙ୍କ ପରିଦର୍ଶନ

ପୁରୁଣାକଟକ,୩୦।୫(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି । ଏନେଇ ସକାଳୁ ବ୍ଲକର ବିଭିନ୍ନ ସ୍ଥାନରୁ ଜନସାଧାରଣ ବିଭିନ୍ନ କାମରେ ଆସିଥାନ୍ତି। ଏହା ୫୭ନଂ ଜାତୀୟ ରାଜପଥ କଡ଼ରେ ଥିବାରୁ ଦୈନିକ ଶହ ଶହ ଯାନବାହନ ଚଳାଚଳ କରୁଥିବା ବେଳେ ରାତି ସମୟରେ ସରକାରୀ ବେସରକାରୀ ଯାତ୍ରୀବାହୀ ବସ ଅଟକି ରହୁଛି। ଏଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଯାତ୍ରୀମାନଙ୍କ ସୁବିଧା ପାଇଁ କୌଣସି ସୁଲଭ ଶୌଚାଳୟ ନ ଥିବାରୁ ଲୋକେ ବିଭିନ୍ନ ସମୟରେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଅନେକ ଥର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ସୂଚନା ଥାଉକି ପୂର୍ବରୁ ଛାରିଛକ ଠାରେ ଏକ ସୁଲଭ ଶୌଚାଳୟ ଥିଲା । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏ ସମ୍ପର୍କରେ ସୋମବାର ଅଞ୍ଚଳର ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ହରଭଙ୍ଗା ବିଡ଼ିଓ ସ୍ୱପ୍ନିତା ନାଏକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ନୂତନ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଫଳରେ ବିଡ଼ିଓ ନାଏକ ପରିତ୍ୟକ୍ତ ଶୌଚାଳୟର ସ୍ଥିତି ପରଖିଥିଲେ । ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ବରଗଡ଼ ସମବାୟ ଚିନିକଳ ବିକ୍ରିକୁ ବରଦାସ୍ତ କରାଯିବନି

ବରଗଡ଼ ଅଫିସ୍,୩୦।୫

ବରଗଡ଼ ସମବାୟ ଚିନିକଳକୁ ବିକ୍ରି କରା ନ ଯାଉ। ଏହି ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ବୋଲି ଆମ ଆଦମୀ ପାର୍ଟି(ଆପ୍) ଦାବି କରିଛି। ଏହି ଦାବି ନେଇ ମଙ୍ଗଳବାର ଆପ୍‌ର ଏକ ପ୍ରତିନିଧି ଦଳ ବରଗଡ଼ ସମବାୟ ଉପନିବନ୍ଧକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଆଖୁଚାଷ ବରଗଡ଼ ଜିଲାର ଏକ କୃଷିଭିତ୍ତିକ ଅର୍ଥକାରୀ ଫସଲ। ଜିଲାର ଆଖୁଚାଷୀମାନେ ବରଗଡ଼ ସମବାୟ ଚିନିକଳ ଉପରେ ନିର୍ଭର କରି ଆସୁଥିଲେ। ତେବେ ଏହି ଚିନିକଳ ଅଚଳ ହୋଇପଡ଼ିଥିବାବେଳେ ଏବେ ଏହାକୁ ବିକ୍ରି କରିଦେବା ପାଇଁ ସରକାର ମସୁଧା ଚଳାଇଥିବା ଆପ୍ ଅଭିଯୋଗ କରିଛି।

#### ଆପ୍‌ର ଚେତାବନୀ

ଅନ୍ୟପଟେ ଗତ ୨୦୧୮-୧୯ ମସିହାରେ ମୁଖ୍ୟମନ୍ତ୍ରୀ ବରଗଡ଼ ଗସ୍ତରେ ଆସି ଚିନିକଳର ପୁନରୁଦ୍ଧାର କରାଯିବ କହି ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ପୂର୍ବରୁ ଏଥିପାଇଁ ସଚିବ ଏବଂ ମନ୍ତ୍ରୀସ୍ତରୀୟ ବୈଠକ ମଧ୍ୟ ବସିଥିଲା। ମାତ୍ର ଏବେ ଉକ୍ତ ଚିନିକଳକୁ ବିକ୍ରି ଯୋଜନାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆପ୍ ଚେତାବନୀ ଦେଇଛି। ଆପ୍‌ର ଜିଲା ଆବାହକ ଭବାନୀ ସାହୁଙ୍କ ନେତୃତ୍ୱରେ ଦଳର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଜିଲା ଯୁଗ୍ମ ସମ୍ପାଦକ ଅବିନାଶ ବାଗ, ଅତାବିରା ନିର୍ବାଚନ ମଣ୍ଡଳୀ ସଂଯୋଜକ ଜୟକ୍ରିଷ୍ଣା ଛୁରିଆ, ସୁବଳ କହରା ପ୍ରମୁଖ ଉପସ୍ଥିତ ଥିଲେ।




ଆପ୍ ପ୍ରତିନିଧି ସମବାୟ ଉପ ନିବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ସମ୍ବଲପୁରୀ ଫିଲ୍ମ ଲାରେଲାପାର ଶୁଟିଂ ଶେଷ

ବରଗଡ଼ ଅଫିସ୍,୩୦।୫

ଦୀର୍ଘ ୨୭ଦିନର ପିକ୍‌ଚରାଇଜେଶନ ପରେ ମଙ୍ଗଳବାର ସମ୍ବଲପୁରୀ ଫିଲ୍ମ ଲାରେଲାପାର ଶୁଟିଂ ଶେଷ ହୋଇଛି। ଏପ୍ରିଲ ମାସ ୭ତାରିଖ ସ୍କ୍ରିପ୍ଟ ପୂଜା ସରିବା ପରେ ଏପ୍ରିଲ ମାସ ୮ତାରିଖରୁ ବରଗଡ଼ ଗାନ୍ଧୀପାର୍କରୁ ଏହି ଫିଲ୍ମର ଶୁଟିଂ କାମ ଆରମ୍ଭ ହୋଇଥିଲା। କେବଳ ଗୋଟିଏ ରାତିର କାହାଣୀ ହୋଇଥିବା ଯୋଗୁ ଦୀର୍ଘଦିନ ଧରି ପାର୍କ ଭିତରେ ହିଁ ଶୁଟିଂ ଚାଲିଥିଲା। ସମାଜର ଅନେକ ଜ୍ୱଳନ୍ତ ସମସ୍ୟାକୁ ସମ୍ମିଳିତ କରି ଏହାର କାହାଣୀକୁ ରଚନା କରାଯାଇଛି। ଏଥିରେ ଚାଇଲ୍ଡ ସାଇକୋଲୋଜିକୁ ଦର୍ଶାଯାଇଛି। ସମ୍ବଲପୁରୀ ରଙ୍ଗମଞ୍ଚରେ ପୂର୍ବରୁ ଅନେକ ପୁରସ୍କାର ଜିତି ସାରିଥିବା ନାଟ୍ୟକାର ନକୁଳ ବାଦୀଙ୍କ ଲାରେଲାପା ନାଟକକୁ ଆଧାର କରି ପ୍ରଯୋଜକ ଦେବଦତ୍ତ ଯଦୁମଣି ନାୟକ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି । ଏଥିରେ ନକୁଳ ବାଦୀ ଏବଂ ଦେବଦତ୍ତ ଯଦୁମଣି ନାୟକଙ୍କ ସଂଳାପ ରହିଛି। କମଳେଶ ଚକ୍ରବର୍ତ୍ତୀ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନାର ଦାୟିତ୍ୱ ନେଇଥିବାବେଳେ ଦେବଦତ୍ତ ଯଦୁମଣି ନାୟକ ଗୀତ ଲେଖିବାର ଦାୟିତ୍ୱ ନେଇଛନ୍ତି। ଶିଶୁ କଳାକାର ସ୍ୱୟଂଶ୍ରୀ ଆଚାର୍ଯ୍ୟ, ବୈଷ୍ଣବୀ ବିର୍ଭିଆଙ୍କ ସମେତ ସମ୍ବଲପୁରୀ ରଙ୍ଗମଞ୍ଚର ଜଣାଶୁଣା ଅଭିନେତା ଶୁଭେନ୍ଦୁ କୁମାର ସାହୁ, ତ୍ରିଲୋଚନ ମେହେର, ସରୋଜ ମହାପାତ୍ର, ରାଧାରାଣୀ ମିଶ୍ର, ଗୋପାଳ ଆଚାର୍ଯ୍ୟ, ମୁଗ୍ଧା ଦାଶ, ମାମାଲି ସାହୁଙ୍କ ଅଭିନୟ ସମାଜର ସବୁବର୍ଗର ଦର୍ଶକଙ୍କ ମନକୁ ଛୁଇଁପାରିବ ବୋଲି ଆଶା କରାଯାଇଛି।



ସମ୍ବଲପୁରୀ ଫିଲ୍ମ ଲାରେଲାପାରେ ଅଭିନୟ କରିଥିବା କଳାକାରମାନେ ।

# ଏଜୁକେଶନାଲ ୱାର୍ଲ୍ଡ ର୍‍ୟାଙ୍କିଂରେ ବିକାଶ ଅଗ୍ରଣୀ

ବରଗଡ଼ ଅଫିସ୍,୩୦।୫

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନ ଅଗ୍ରଣୀ ମୂଲ୍ୟାୟନ ସଂସ୍ଥା ଏଜୁକେଶନ ୱାର୍ଲ୍ଡ ଦ୍ୱାରା ଉଚ୍ଚ ପ୍ରଶଂସିତ ଏବଂ ସମ୍ମାନିତ ହୋଇଛନ୍ତିବୋଲିବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ରାଷ୍ଟ୍ରୀୟ ସ୍ତରରେ ସଙ୍ଗଠିତ ଏକ ସର୍ଭେ ଆଧାରରେ ଅର୍ଥାତ୍ ଶିକ୍ଷାର ଗୁଣବତ୍ତା, ସମାଜ ପ୍ରତି ଅବଦାନ, ଅନନ୍ୟ ପ୍ରୟୋଗ ଏବଂ ଆଧୁନିକ କୌଶଳ ଆଦି କ୍ଷେତ୍ରରେ ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମୂହକୁ ଉନ୍ନତମାନର ର୍‍ୟାଙ୍କିଂ ଏବଂ ରାଷ୍ଟ୍ରୀୟସ୍ତରର ସମ୍ମାନ ମିଳିଛି। ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିକୁ ଏ ନୋବ୍ଲିଙ୍ଗ ଷ୍ଟାର୍ଟ ଅଫ୍ କଲଚର୍ ବିଭାଗରେ ଦେଶରେ ପଞ୍ଚମ ଏବଂ ରାଜ୍ୟରେ ପ୍ରଥମ ସ୍ଥାନ ପ୍ରଦାନ କରାଯାଇଛି। ସେହିପରି ଇନୋଭେଶନ ବିଭାଗରେ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜ ଭାବରେ ରାଜ୍ୟରେ ବିକାଶ ଅନୁଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ଅନୁଷ୍ଠାନ ବିବେଚିତ ହୋଇଛି। ବିକାଶ ସ୍କୁଲ ଅଫ ବିଜନେଶ ମ୍ୟାନେଜମେଣ୍ଟ ପ୍ରୋଫେସନାଲ ଏଜୁକେଶନ ବିଭାଗରେ ଦେଶରେ ଚତୁର୍ଥ ଏବଂ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗୁଣାତ୍ମକ ଶିକ୍ଷା ସହିତ ଏନଏସଏସ ଏବଂ ରେଡ଼କ୍ରସ ଭଳି ଅନେକ କ୍ଲବ ମାଧ୍ୟମରେ ବିକାଶ ଡିଗ୍ରୀ କଲେଜର ସାମାଜିକ ଅବଦାନକୁ ରେଖାଙ୍କିତ କରି ଏଜୁକେଶନାଲ ୱାର୍ଲ୍ଡ ଦ୍ୱାରା ଆଉଟ୍ ଷ୍ଟେଣ୍ଡିଂ କଣ୍ଟ୍ରିବ୍ୟୁଶନ ଟୁ ଲୋକାଲ କମ୍ୟୁନିଟି ବିଭାଗରେ ଦେଶରେ ପଞ୍ଚମ ଏବଂ ରାଜ୍ୟରେ ଦ୍ୱିତୀୟ ଅନୁଷ୍ଠାନଭାବେ ବିକାଶ ପୁରସ୍କୃତ ହୋଇଛି । ବିକାଶ ଲ ସ୍କୁଲ ଡାଇଭର୍ସିଟି ଇନକ୍ଲୁଜନ ଏବଂ ଇକ୍ୱିଟୀ ବିଭାଗରେ ଦେଶରେ ସପ୍ତମ ଏବଂ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପ୍ରଶଂସିତ ହୋଇଛି। ବିକାଶ ନର୍ସିଂ କଲେଜକୁ ଅନନ୍ୟ ପ୍ରୟୋଗ ପାଇଁ ନିଉ ଏଜ୍ ଷ୍ଟଡ଼ି ପ୍ରୋଗ୍ରାମ୍ସ ବିଭାଗରେ ଦେଶରେ ଅଷ୍ଟମ ଏବଂ ରାଜ୍ୟରେ ପ୍ରଥମ ବିବେଚିତ କରାଯାଇଛି। ଦିଲ୍ଲୀର ଏକ ହୋଟେଲରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ସମାରୋହରେ ବିକାଶର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏହି ଆୱାର୍ଡ଼ ଗ୍ରହଣ କରିଥିଲେ। ଉକ୍ତ ଆୱାର୍ଡ଼ ପ୍ରଦାନ ଉତ୍ସବରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀକ୍ରୀଷ୍ଣା ଯୋଗଦେଇ ବିଶିଷ୍ଟ ଆୱାର୍ଡ଼ ଗ୍ରହଣ କରିଥିଲେ। ଏହି ବିଶେଷ ଉପଲବ୍ଧି ପାଇଁ ବିକାଶର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଡ. କ୍ଷୀରୋଦ ପ୍ରଧାନ, ଡ. ବିକ୍ରମ ଦାସ, ପ୍ରଫେସର ୱାଇ.ଡ଼ି ଷ୍ଟେଲା ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ବିକାଶ ଗ୍ରୁପର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଏବଂ ଅନ୍ୟମାନେ ଆୱାର୍ଡ଼ ଗ୍ରହଣ କରୁଛନ୍ତି ।

**କୁମକାପାଲିରେ ବୀମା ସଚେତନତା ଅଭିଯାନ**

ସମ୍ବଲପୁର (ବ୍ୟୁରୋ): ଜମନକିରା ବ୍ଲକ ଖର୍ସନପାଲ ପଞ୍ଚାୟତ ଅନ୍ତର୍ଗତ କୁମକାପାଲି ଗ୍ରାମରେ ୟୁନାଇଟେଡ ଇନ୍ସ୍ୟୁରାନ୍ସ ଇଣ୍ଡିଆ କମ୍ପାନୀ ପକ୍ଷରୁ ବୀମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁନାଇଟେଡ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀର ଡିଭିଜନାଲ ମ୍ୟାନେଜର ମିଥିଲେଶ କୁମାର ବୀମାର ଗୁରୁତ୍ୱ ଉପରେ ବୁଝାଇଥିଲେ। ଏହାସହ କମ୍ପାନୀ ଅଧିକାରୀ ବ୍ରଜକିଶୋର ମହାପାତ୍ର, ରାହୁଲ କୁମାର, ଆଡଭୋକେଟ ସୁବାସ ଚନ୍ଦ୍ର ତ୍ରିପାଠୀ ବୀମାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

କୁଚିଣ୍ଡା,୩୦।୫(ଡି.ଏନ.ଏ.): ବାମରା ନିକଟ ଲଇକେରା ବ୍ଲକ ବଡ଼ ଢୁଢୁରିଆମ୍ବ ଗ୍ରାମର ସନ୍ତୋଷ ଧୁରୁଆ(୪୫) ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମଙ୍ଗଳବାର ସକାଳୁ ସେ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସାହାସପୁର ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାମରା ଡାକ୍ତରଖାନାକୁ ପଠାଇଛି।

### ଟ୍ରକ୍ ଦୁର୍ଘଟଣା, ବର୍ତ୍ତିଲେ ଚାଳକ

କୁଚିଣ୍ଡା,୩୦।୫(ଡି.ଏନ.ଏ.): ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତ ପରିମୁଣ୍ଡା-ନିକ୍ତିମାଲଠାରେ ଏକ ଟ୍ରକ୍ ଦୁର୍ଘଟଣାରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ବାମରାରୁ କୁଚିଣ୍ଡା ପଟକୁ ଏକ କେବୁଲ ବୋଝେଇ ଟ୍ରକ୍ (ନଂ.ଓଡି୧୪ଏଏ୮୨୬୯) ଯାଉଥିବା ବେଳେ ପାରିମୁଣ୍ଡା-ନିକ୍ତିମାଲ ଗାଁ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରକ୍‌ଟି ଭାଙ୍ଗିରୁଜି ଯାଇଥିବା ବେଳେ ଏଥିରେ ଥିବା ଚାଳକ ବର୍ତ୍ତି ଯାଇଥିଲେ। ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେଶାଇବାହାଲ ମେଡିକାଲକୁ ପଠାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

### ରେଳଲାଇନ ଦୋହରୀକରଣ କାମ ତଦାରଖ

ସମ୍ବଲପୁର,୩୦।୫(ବ୍ୟୁରୋ): ସମ୍ବଲପୁର ରେଳମଣ୍ଡଳ ସିଟି-ମାନେଶ୍ୱର ଷ୍ଟେଶନ ମଧ୍ୟରେ ଦୋହରୀକରଣ କାମ ଚାଲିଥିବାବେଳେ ଏହାର ତଦାରଖ କରିଛନ୍ତି ଦକ୍ଷିଣ ପୂର୍ବ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ ଏ.ଏମ୍. ଚୌଧୁରୀ। ବିଦ୍ୟୁତୀକରଣ କାର୍ଯ୍ୟ, ଓଭରହେଡ୍ ଉପକରଣ, ବ୍ରିଜ୍, ସିଗ୍ନାଲ୍, ରେଳ ଟ୍ରାକ୍, ମାନବସ୍ତର କ୍ରସିଂ ଇତ୍ୟାଦି ସୁରକ୍ଷା ସମ୍ବନ୍ଧୀୟ ଦିଗଗୁଡିକ ଯାଞ୍ଚ କରିଥିଲେ। ଏହି ସମୟରେ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ବିନୀତ ସିଂ, ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ ପି ଶ୍ରୀନିବାସ, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମ

ସମ୍ବଲପୁର,୩୦।୫(ବ୍ୟୁରୋ): ସମ୍ବଲପୁର ହୀରାକୁଦ ନେହେରୁ ଉଦ୍ୟାନରେ ସିଆର୍‌ପିଏଫ୍ ପକ୍ଷରୁ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆର୍‌ପିଏଫ୍ ଡେପୁଟି ଇନ୍ସପେକ୍ଟର ଜେନେରାଲ ଲାଲଚନ୍ଦ ଯାଦବଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର ଗ୍ରୁପ ସେଣ୍ଟର ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ଆର୍ଟ ଅଫ ଲିଭିଙ୍ଗ ଅନୁଷ୍ଠାନର ସଦସ୍ୟମାନେ ଯୋଗାଭ୍ୟାସ କରାଇଥିଲେ। ସୂର୍ଯ୍ୟ ନମସ୍କାର, ଆସନ, ଧ୍ୟାନ ଆଦି ଅଭ୍ୟାସ ହୋଇଥିଲା। ଯୋଗ କରିବା ଦ୍ୱାରା ପ୍ରତ୍ୟେକ ବୟସର ବ୍ୟକ୍ତିଙ୍କ ମାନସିକ ଓ ଶାରୀରିକ କ୍ଷମତା ବୃଦ୍ଧି ପାଇଥାଏ ବୋଲି କୁହାଯାଇଥିଲା।

# ୭୭ କୁଇଣ୍ଟାଲ କେନ୍ଦୁପତ୍ର ଜବତ, ୨ ଗିରଫ

■ ପୁରୁଣା ଅଭିଯୁକ୍ତ, ରାଜନେତାଙ୍କ ସମ୍ପୃକ୍ତି ଚର୍ଚ୍ଚା

■ ଚାରମାଲ, ଝୁଝୁମୁରା ଥାନା ଅଞ୍ଚଳରୁ ଆସୁଥିଲା

ସମ୍ବଲପୁର/ରେଢାଖୋଲ,୩୦।୫ (ବ୍ୟୁରୋ/ଡି.ଏନ.ଏ.)



ଜବତ କେନ୍ଦୁପତ୍ର ବୋଝେଇ ଟ୍ରକ୍।



ଗିରଫ ୨ ଅଭିଯୁକ୍ତ।

ସମ୍ବଲପୁର ଜିଲା ଧନୁପାଲି ଥାନା ୫୫ନଂ. ଜାତୀୟ ରାଜପଥର ମହାବୀରପଡା ଛକରୁ ସୋମବାର ରାତିରେ ବନ ବିଭାଗ ଏକ ଟ୍ରକ୍ (ନଂ.ଓଆର୍୧୫ଏନ୍-୪୫୮୫) ସହ ଏଥିରେ ଥିବା ୭୭ କୁଇଣ୍ଟାଲ ୯୦ କେଜି (୧୫୮୪ ବିଡା) କେନ୍ଦୁପତ୍ର ଜବତ କରିଛି। ଏହାର ମୂଲ୍ୟ ୧୮ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚାରମାଲ ଥାନା ମୋଚିବାହାଲ ଗ୍ରାମର ଟଙ୍କଧର ନାଗ (୧୯) ଓ ଭିମସେନ ଠେଲା (୨୫)। ଜବତ କେନ୍ଦୁପତ୍ରକୁ ଝୁଝୁମୁରା ଫଡିଘରେ ରଖାଯାଇଛି।

ମିଳିଥିବା ରିପୋର୍ଟ ଅନୁସାରେ ଟ୍ରକ୍‌ଟି ମୋଚିବାହାଲ ଗ୍ରାମରୁ କେନ୍ଦୁପତ୍ର ନେଇ ଛତିଶଗଡ ଅଭିମୁଖେ ଯାଉଥିଲା। ବିଳମ୍ବିତ ରାତି ପ୍ରାୟ ସାଢେ ୨ଟା ବେଳେ ଚାରମାଲ ଥାନା ଓ ଝୁଝୁମୁରା ଥାନା ପୋଲିସକୁ ଚକ୍‌ମା ଦେଇ ଗାଡ଼ିଟି ସମ୍ବଲପୁର ସହର ଭିତର ଦେଇ ଖସିଯିବାକୁ ଉଦ୍ୟମ କରିଥିଲା। ବନ ବିଭାଗ ସୂଚନା ପାଇ ରେଢାଖୋଲ ଏସିଏଫ୍ ଦେବିପ୍ରସାଦ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ପିଛାକରି ଧନୁପାଲି ମହାବୀରରୋଡରୁ ଗାଡିକୁ ଧରିଥିଲେ। ମୁଖ୍ୟତଃ ରେଢାଖୋଲ, ଝୁଝୁମୁରା, ଚାରମାଲ ଓ ନାକଟିଦେଉଳ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରୁ ବେପାରୀମାନେ କେନ୍ଦୁପତ୍ର ସଂଗ୍ରହ କରି ଚୋରା ଚାଲାଣ କରିଥାନ୍ତି । ମୋଚିବାହାଲ ଗ୍ରାମରେ ଲୋଡିଂ ପଏଣ୍ଟ କରଯାଇଛି। ବିଭିନ୍ନ ଗ୍ରାମରୁ ପିକ୍‌ଅପ୍, ଅଟୋର କେନ୍ଦୁପତ୍ର ଅଣାଯାଇ ଟ୍ରକ୍‌ରେ ଲୋଡ୍ କରାଯାଇଥାଏ। ସେଠାରୁ କଲିକତା, ଛତିଶଗଡ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଚୋରା ଚାଲାଣ ହୋଇଥାଏ। ଏହି କେନ୍ଦୁପତ୍ର ଚୋରା ଚାଲାଣ ର୍‍ୟାକେଟରେ ସ୍ଥାନୀୟ ଅଞ୍ଚଳର ଜଣେ ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। ପ୍ରାୟ ଦେଢ ବର୍ଷ ପୂର୍ବେ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଜଣାପଡିବା ପରେ ଝୁଝୁମୁରା ପୋଲିସ ତଦନ୍ତ କରି ତାଙ୍କ ନାମରେ ମାମଲା ରୁଜୁ କରିଥିଲା। ପରବର୍ତ୍ତି ସମୟରେ ସେ ହାଇକୋର୍ଟରୁ ଜାମିନରେ ଅଛନ୍ତି। କେତେଜଣ ପୁରୁଣା ଅଭିଯୁକ୍ତ ମଧ୍ୟ ଏଥିରେ ସାମିଲ ଥିବା ଆଲୋଚନା ହେଉଛି। ଜାମିନରେ ଆସିବା ପରେ ସେମାନେ ପୁଣି ଏହି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ସରକାରୀ ଦରଠାରୁ ଅଧିକ ଦର ମିଳୁଥିବାରୁ ବେଆଇନ ଭାବେ ଏହା ବଜାରରେ କିଣାବିକା ହୋଇଥାଏ। ବିଭିନ୍ନ ଗ୍ରାମରେ ଦଲାଲମାନେ ଚାଷୀ ଓ ଲୋକଙ୍କଠାରୁ କେନ୍ଦୁପତ୍ର ସଂଗ୍ରହ କରୁଥିଲେ ମଧ୍ୟ ପୋଲିସ ଓ ବନ ବିଭାଗ କର୍ମଚାରୀ କିଭଳି ଜାଣିପାରୁ ନାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନ କହିଛନ୍ତି, ବନ ବିଭାଗକୁ ବଡ ସଫଳତା ମିଳିଛି। ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କେନ୍ଦୁପତ୍ର ଚୋରା ଚାଲାଣ ରୋକାଯିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ ।

## ଟ୍ରକ୍-ବାଇକ୍ ଧକ୍କା: ଯୁବକ ମୃତ

ଜମନକିରା,୩୦।୫(ଡି.ଏନ୍.ଏ.)

ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ନିକଟ ରାସ୍ତାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜମନକିରା ଥାନା ଚିନିମହୁଲ ଗାଁର ବିପ୍ର କିଷାନ (୨୪)। ପୋଲିସ ସୂଚନା ଅନୁଯାୟୀ, ବିପ୍ର ଗାଁର ଜଣେ ବ୍ୟକ୍ତିଙ୍କଠାରୁ ବାଇକ୍ ନେଇ କୌଣସି କାମରେ ସମ୍ବଲପୁର ଯାଇଥିଲେ। କାମ ସାରି ଅପରାହ୍ନରେ ସେ ଫେରୁଥିବାବେଳେ ଫାଣ୍ଡିର ଅନତି ଦୂର ୫୩ ନଂ. ରାଜରାସ୍ତା ପୋଲ ନିକଟରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଅସମ୍ପୂର୍ଣ୍ଣ ରାସ୍ତା ପାଇଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାବେଳେ ତୁରନ୍ତ ରାସ୍ତାକାମ ସାରିବା ଦାବିରେ କିଛି ସମୟ ପାଇଁ ଆନ୍ଦୋଳନ କରିଥିଲେ। ଥାନା ଆଇଆଇସି ପ୍ରେମଜିତ ଦାସ, ଏସ୍‌ଆଇ ସୁଧୀର ମହାକୁଲ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଏନ୍‌ଏଲ୍‌ସି କମ୍ପାନୀର ବ୍ଲାଷ୍ଟିଂକୁ ବିରୋଧ ଘଟଣା

# ତ୍ରିପାକ୍ଷିକ ଆଲୋଚନା ବିଫଳ

ରେଙ୍ଗାଲି,୩୦।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ୨ ଓ ୩ ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀର ବ୍ଲାଷ୍ଟିଂ ଯୋଗୁ ଶନିବାର ଆଖପାଖ ବୁଧିଆପାଲି, ଖଡୁପଡା, ମୁଣ୍ଡାପଡା, ନୂଆଖିଣ୍ଡା ଗ୍ରାମରେ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ଉତ୍ୟକ୍ତ ଗ୍ରାମବାସୀ କମ୍ପାନୀର ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏହାର ସମାଧାନ ପାଇଁ ମଙ୍ଗଳବାର ଖଣି କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏଥିରେ କମ୍ପାନୀ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଓ ବିସ୍ଥାପିତ ଗ୍ରାମବାସୀ ଯୋଗଦେଇଥିଲେ। କୋଇଲା ଖଣି ଦ୍ୱାରା ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ କଲା ପରେ କମ୍ପାନୀ ବ୍ଲାଷ୍ଟିଂ କରିବ ବୋଲି ଗ୍ରାମବାସୀ ଦାବି କରିଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ବୈଠକ କରିବାକୁ ଗ୍ରାମବାସୀ ଜିଦ୍ ଧରିବାରୁ ବୈଠକ ଅଧାରେ ସ୍ଥଗିତ ହୋଇଥିଲା। ଫଳରେ ଆଲୋଚନା ବିଫଳ ହୋଇଥିଲା। ରେଙ୍ଗାଲି ତହସିଲଦାର ବେରିୟସ ଡୁଙ୍ଗଡୁଙ୍ଗ, ଠେଲକଲୋଇ ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇ, ଖିଣ୍ଡା ସରପଞ୍ଚ ସାନ୍ଧ୍ୟାରାଣୀ ପଧାନ, ଏନ୍‌ଏଲ୍‌ସି କମ୍ପାନୀ ଜିଏମ୍ ଭଗତ, ଏଚ୍‌ଆର ସୁବ୍ରତ ବିଶ୍ୱାଳ, ବିସ୍ଥାପିତ ଗ୍ରାମବାସୀଙ୍କ ମଧ୍ୟରେ ବାବଲୁ ରାଉତ, ରୁଦ୍ର ପଧାନ, କୃପା ବୁଢିଆ, ପ୍ୟାରି ବୁଢିଆ, ଦୁର୍ଗା ଭୋଇ ଉପସ୍ଥିତ ଥିଲେ।



କମ୍ପାନୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକ।

## ସମ୍ବଲପୁରରେ ଜୁନ ୧୬ରେ ଆର୍ମି ନିଯୁକ୍ତି ରାଲି

ସମ୍ବଲପୁର,୩୦।୫(ବ୍ୟୁରୋ)

ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପରେ ଜୁନ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହାକୁ କପରି ସଫଳତାର ସହିତ ଆୟୋଜନ କରାଯିବ ସେ ନେଇ ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯିବ ସହିତ କାର୍ଯ୍ୟକୁ ରାଲି ପୂର୍ବରୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଏଆର୍‌ଓ ସମ୍ବଲପୁର ନିର୍ଦ୍ଦେଶକ କର୍ଣ୍ଣେଲ ସନ୍ଦୀପ କୁମାର, ଆଞ୍ଚଳିକ ନିଯୋଜନ ସହକାରୀ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସମ୍ବଲପୁର,୩୦।୫(ବ୍ୟୁରୋ)



ଧରଣୀଧର ପ୍ରଧାନ

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ପୂର୍ବତନ ଶିକ୍ଷକ ଧରଣୀଧର ପ୍ରଧାନଙ୍କ ମଙ୍ଗଳବାର ତାଙ୍କ କୁଲୁଥକାନିସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୫ବର୍ଷ ହୋଇଥିଲା। ସ୍ତ୍ରୀ ଉଷାରାଣୀଙ୍କ ପରଲୋକ ହୋଇଥିବା ବେଳେ ଅନ୍ତିମ ଶଯ୍ୟା ନିକଟରେ ପୁଅ ବିରୁପାକ୍ଷ, କମଳାକ୍ଷ ଓ ଅରୁଣାକ୍ଷ, ବୋହୂ ସାଗରିକା, ପୁଷ୍ପାଞ୍ଜଳି ଓ ଭବାନୀ ତଥା ନାତିନାତୁଣୀ ଉପସ୍ଥିତ ଥିଲେ। ପରଲୋକ ଖବର ପ୍ରଚାର ହେବା ପରେ ପୁରାତନ ଛାତ୍ର, ସହକର୍ମୀ, ଚଷା ସମାଜ, କୁଲୁଥକାନି ନାଗରିକ ଅନୁଷ୍ଠାନର କର୍ମକର୍ତ୍ତା, ଆତ୍ମୀୟ ସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଅପରାହ୍ନରେ କମଲିବଜାର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅବିଭକ୍ତ ସମ୍ବଲପୁର ଏବଂ ବର୍ତ୍ତମାନର ଦେବଗଡ଼ ଜିଲା ବୁଢାପାଳ ଗ୍ରାମରେ ଜନ୍ମିତ ସ୍ୱର୍ଗତ ପ୍ରଧାନ ନିଜ ଗାଁ ସ୍କୁଲ ଓ ପାହାଡଶ୍ରୀଗିଡା ସ୍କୁଲରେ ଶିକ୍ଷକତା ପରେ ୧୯୭୫ ମସିହାରେ ଜିଲା ସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗଦେଇଥିଲେ। ଜିଲା ସ୍କୁଲରେ ଦୀର୍ଘ ୩୨ ବର୍ଷ ଚାକିରୀ ପରେ ୨୦୦୭ରେ ସେ ଅବସର ଗ୍ରହଣ କରିଥିଲେ। ସମଲେଶ୍ୱରୀ ଗୀତିନାଟ୍ୟ ସହ ସେ ୪୧ଟି ଗୀତିନାଟ୍ୟ, ୬ଟି ନାଟକ ସମେତ ନିଜ ଗାଁ ଇତିହାସ ତଥା ବିଭିନ୍ନ ବିଷୟ ଉପରେ ୮୭ଟି ପୁସ୍ତକ ରଚନା କରିଛନ୍ତି। ଚାକିରୀ କାଳରେ ଜିଲା ସ୍କୁଲର ବାର୍ଷିକ ଉତ୍ସବରେ ପ୍ରତିବର୍ଷ ତାଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହେଉଥିଲା । ସ୍ୱର୍ଗତ ପ୍ରଧାନଙ୍କ ଅନେକ ଗୀତିନାଟ୍ୟ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରୁ ପ୍ରସାରିତ ହୋଇଥିଲା। ମାଧ୍ୟମିକ ଶିକ୍ଷା ବୋର୍ଡ ଓଡ଼ିଆ ସିଲାବସ କମିଟି ସଭ୍ୟ ତଥା ସମ୍ବଲପୁର ଶିକ୍ଷା ସର୍କଲ ସ୍କାଉଟ କମିଶନର ରହିଥିବା ସ୍ୱର୍ଗତ ପ୍ରଧାନ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ଲାଭ କରିଥିଲେ। ଏହାସହ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ।

# ଦେଇଥିବା ପ୍ରତିଶ୍ରୁତିର ସମୀକ୍ଷା କଲେ ଉଚ୍ଚ ଶିକ୍ଷାମନ୍ତ୍ରୀ



ଝୁଝୁମୁରା ବ୍ଲକ ଅଞ୍ଚଳ ବୁଲିବା ଅବସରରେ ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନେ।

ସମ୍ବଲପୁର,୩୦।୫(ବ୍ୟୁରୋ)

ଗତ ସାଧାରଣ ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ କାର୍ଯ୍ୟକାରୀ ହୋଇଛି ତାହାର ସମୀକ୍ଷା କରିଛନ୍ତି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ। ସୋମବାର ଝୁଝୁମୁରା ବ୍ଲକର ଝୁଝୁମୁରା, କୟାକୁଦ, ଛାମୁଣ୍ଡା ଓ କଂସର ପଞ୍ଚାୟତରେ ବୈଠକ ହୋଇଥିଲା। ଏଥିରେ ବିଜେଡି ବ୍ଲକ ସଭାପତି ବିନୋଦ ବଡପଣ୍ଡା ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ପୂଜାରୀ ବିଜେଡି କର୍ମୀ ଓ ଜନସାଧାରଣଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା କେତେଦୂର ପାଳନ ହୋଇଛି ସେ ନେଇ ଲୋକଙ୍କଠାରୁ ପ୍ରତିକ୍ରିୟା ନେଇଥିଲେ। କିଛି ଲୋକ ସନ୍ତୋଷ ବ୍ୟକ୍ତ କରିଥିବାବେଳେ ଆଉ କିଛି ଲୋକ ବିଭିନ୍ନ ଦାବି ଜଣାଇଥିଲେ। ଯେଉଁ ପ୍ରକଳ୍ପ କାମରେ ବିଳମ୍ବ ହୋଇଛି ତାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ସହ କେନ୍ଦ୍ର ଅବହେଳା ଲୋକଙ୍କୁ ଜଣାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ପୂର୍ବତନ ସଭାପତି ଦୀପକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ।

## ସାହୁ କଲୋନୀରେ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,୩୦।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାହୁ କଲୋନୀରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏସ୍‌ଏମ୍‌ସି ଓ ପୋଲିସ ମିଳିତ ଭାବେ କଲୋନୀରେ ଥିବା ଘରଗୁଡିକ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା। ଉଚ୍ଛେଦ ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ପୋଲିସ ସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସ କହିବା ଅନୁସାରେ ସରକାରୀ ଜମିରେ ଜବରଦଖଲ କରି ରହିଆସୁଥିଲେ। ଏହି ପଡାରେ ଆପରାଧିକ କାର୍ଯ୍ୟ ଓ ନିଶା କାରବାର ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏସ୍‌ଏମ୍‌ସି ପକ୍ଷରୁ ଉଚ୍ଛେଦ କରିବା ପାଇଁ ପୂର୍ବରୁ ନୋଟିସ କରାଯାଇଥିଲା।

## ରେଙ୍ଗାଲି ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ରେଙ୍ଗାଲି,୩୦।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ପୋଲିସ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ବୁର୍ଲା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଥିବା ଆଲୋଚନା ହେଉଥିବା ବେଳେ ପୋଲିସ ଏହି ଉଦ୍ୟମ କରିଛି। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ଏହା ଆୟୋଜନ କରାଯାଇଥିଲା। ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଥାନା ଅଧିକାରୀ ଯଶୋବନ୍ତ ସଲେମା, ଏସ୍‌ଆଇ ରଞ୍ଜନ ନାଗ, ଏସ୍‌ଆଇ ଲବନ୍ କିଶୋର ନନ୍ଦ, ଛାୟାକାନ୍ତ ସରାଫ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଓ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ। ହାବିଲଦାର ରାମଦାସ ପଣ୍ଡା ସଂଯୋଜନା କରିଥିଲେ।

# ଏମ୍‌ଆଇ ଡ୍ୟାମ୍‌କୁ ପଞ୍ଚାୟତ କରିଛି ନିଲାମ

**ଦେବଝରନ ଡ୍ୟାମ୍‌ରେ ମାଛଚାଷ ଘଟଣା**

■ ଚଞ୍ଚକତା ହୋଇଥିବା ଅଭିଯୋଗ

■ ତଦନ୍ତ ପରେ ନିଆଯିବ ପଦକ୍ଷେପ : ବିଡିଓ

ସମ୍ବଲପୁର,୩୦।୫(ବ୍ୟୁରୋ)



ଦେବଝରନ ଅଞ୍ଚଳବାସୀ ଦାବିପତ୍ର ଦେବାକୁ ଜିଲାପାଳଙ୍କ ଅଫିସ ଆସିଛନ୍ତି।

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଦେବଝରନରେ ଥିବା ଡ୍ୟାମ୍ କ୍ଷୁଦ୍ର ଜଳସେଚନ (ଏମ୍‌ଆଇ) ବିଭାଗ ଅଧୀନରେ ରହିଛି। ହେଲେ କୟାକୁଦ ପଞ୍ଚାୟତ ପକ୍ଷରୁ ମାଛ ଚାଷ ପାଇଁ ନିଲାମ କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ମଧ୍ୟ ଚଞ୍ଚକତା କରାଯାଇଛି। କେତେକ ଆସାଧୁ ବ୍ୟକ୍ତି ସ୍ଥାନୀୟ ନିରୀହ ମହିଳାଙ୍କୁ ନେଇ ଘୋଟାଲା କରୁଛନ୍ତି। ଏହାର ନିରପେକ୍ଷ ତଦନ୍ତ ଦାବିକରି ମଙ୍ଗଳବାର ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, କେବଳ ମାଛଚାଷରେ ରାଜସ୍ୱ ଆଦାୟ ବନ୍ଦ କରାଯାଉ। ଏହି ଡ୍ୟାମ୍‌ରେ ଜଳକ୍ରୀଡ଼ା ଭଳି ବିଭିନ୍ନ ସୁବିଧା କରାଯାଇ ରାଜସ୍ୱ ଆଦାୟ କରିହେବ। ଫଳରେ ପାଣି ଦୂଷିତ ହେବ ନାହିଁ ଓ ସ୍ଥାନୀୟ ଲୋକ ଓ ବନ୍ୟପ୍ରାଣୀ ପ୍ରତି ବିପଦ ରହିବ ନାହିଁ । ଦେବଝରନକୁ ସରକାର ଇକୋ ଟୁରିଜମ ଭାବେ ଘୋଷଣା କରି ବିକଶିତ କରୁଛନ୍ତି। ମାଛଚାଷ ସମୟରେ ଡ୍ୟାମ୍‌ରେ ରାସାୟନିକ ସାର, ଔଷଧ, କିଟନାଶକ, ଗୋବର, ଚୁନ ଆଦି ପକାଯାଉଛି। ଏହା ଦ୍ୱାରା ଡ୍ୟାମ୍ ପାଣି ଦୂଷିତ ହେଉଥିବାରୁ ଆଖପାଖ ଲୋକେ ଗାଧୋଇବା ଫଳରେ ବିଭିନ୍ନ ଚର୍ମ ରୋଗର ଶିକାର ହେଉଛନ୍ତି। ଏହାସହ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଗାଧୋଇବା ଓ ରୋଷେଇ ପାଣି ବ୍ୟବହାର କରିବାରେ ସମସ୍ୟା ହେବ। ଏ ସମ୍ପର୍କରେ ଏମ୍‌ଆଇ ଏସ୍‌ଡିଓ କୁନ୍ଦନ ସିଂ କହିଛନ୍ତି, ଡ୍ୟାମ୍‌ଟି ଏମ୍‌ଆଇ ବିଭାଗ ଅଧୀନରେ ରହିଛି। ପଞ୍ଚାୟତ ଟେଣ୍ଡର କରିଥିବା ନେଇ ଆମ ପାଖରୁ ସହମତି ନେଇ ନାହିଁ ବୋଲି କହିଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ କହିଛନ୍ତି, ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଏହାର ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ସେ କହିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ

ସମ୍ବଲପୁର,୩୦।୫(ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାର କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମୀଟକିଜ ଛକଠାରୁ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ଶ୍ରମିକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ବୋନସ, ମଜୁରି ବୃଦ୍ଧି ଓ କନ୍ୟା ବିବାହ ସହାୟତା, ଜିଏସ୍‌ଟି ପ୍ରତ୍ୟାହାର ଭଳି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅନନ୍ୟା ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରୋତ୍ସାହନ ଓ ସାମାଜିକ ନିରାପତ୍ତା ମୂଳକ ବିଭିନ୍ନ ସହାୟତା ୨୦୨୨ ମସିହା ପର୍ଯ୍ୟନ୍ତ ପାଇ ଆସୁଥିଲେ। ୨୦୨୨ ମସିହା କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଣ୍ଟନ ବେଳେ ବ୍ୟତିକ୍ରମ କରାଯାଇ ବୋନସ ଦିଆ ଯାଇନାହିଁ। ସେହିପରି ଛାତ୍ର ବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତୁରନ୍ତ ଚୂଡାନ୍ତ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ଉପସଭାପତି ଗୋକୁଲ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଛାତ୍ର ନେତା ମିଳନ ହୋତା, ରମେଶ ମହାର, ଭକ୍ତ ମାଝି, ହିମାଂଶୁ ପୁରୋହିତ, ଚୈତନ୍ୟ ହୋତା, ଅନାଦି ମିର୍ଦ୍ଧା, ଧିରଜ ଯାଦବ, ପ୍ରଶାନ୍ତ ଦୀପ, ନିରାକର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପରେ କେନ୍ଦୁଲିଫ ଡିଏଫ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।




ବିକ୍ଷୋଭରେ ସାମିଲ ହୋଇଥିବା କର୍ମଚାରୀମାନେ।

### ବିଦ୍ୟୁତ୍ ଆଘାତରେ ୱେଲଡିଙ୍ଗ ମିସ୍ତ୍ରି ଗୁରୁତର

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ସଲଣ୍ଡି ନିକଟରେ ଥିବା ଶ୍ୟାମଜୀ ରାଇସ୍ ମିଲର ନିର୍ମାଣାଧୀନ ଗୋଦାମ ଗୃହ ସେଡ୍ ତିଆରି ପାଇଁ ୱେଲଡିଙ୍ଗ କାମ କରୁଥିବା ଜଣେ ମିସ୍ତ୍ରି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ କଲିକତା ମୁର୍ସିଦାବାଦ ଜିଲାର ଆଲିଙ୍ଗର ସେଖ(୨୩)। ପଶ୍ଚିମବଙ୍ଗ ଅଞ୍ଚଳର ଠିକାଦାର ଆଲୋକ ସେଠ ତାଙ୍କୁ ଆଣି ଏଠାରେ କାମ କରାଉଥିଲେ। ଏ ନେଇ ସ୍ଥାନୀୟ ଥାନାରେ ଡାକ୍ତରଖାନ ପକ୍ଷରୁ ଏକ ଷ୍ଟେଶନ ଡାଏରୀ କରାଯାଇଛି।

## ସଂକ୍ଷେପରେ

### ଉନ୍ନୟନ କାମର ସମୀକ୍ଷା କଲେ ବିଧାୟକ

**କଣ୍ଟାବାଞ୍ଜି,୩୦ା୫ (ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିରେ ମଙ୍ଗଳବାର ବିଧାୟକ ସନ୍ତୋଷ ସିଂ ସାଲୁଜା ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଥିଲେ। ସହରରେ ଟ୍ରାଫିକ ସମସ୍ୟା, ଡାକ୍ତରଖାନା ସମ୍ମୁଖ ଭେଣ୍ଡିଙ୍ଗ ଯୋନର ଆବଣ୍ଟନ, ନିର୍ମାଣ ହୋଇଥିବା ଭେଣ୍ଡଙ୍ଗ ଯୋନ କାର୍ଯ୍ୟକାରୀ କରିବା, ପାଣି ସମସ୍ୟା, ଶିବ ବନ୍ଧ(ପୋଖରୀ ) ଉନ୍ନତୀକରଣ ପାଇଁ ଆସିଥିବା ଅନୁଦାନା ଉପଯୋଗ, ଡାକ୍ତରଖାନା ଓ ରାସ୍ତା ସମସ୍ୟା ଦୂରୀକରଣ ଆଦି ପ୍ରସଙ୍ଗରେ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, କଣ୍ଟାବାଞ୍ଜି ଥାନା ଆଇଆଇସି ରଶ୍ମିତା ବେହେରା, ମେଡିକାଲ ଅଫିସର ଡା. ଏସ୍.ପି.ଡି ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ ସହରାଞ୍ଚଳ ସହକାରୀ ଯନ୍ତ୍ରୀ ପ୍ରଦୀପ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

### ବିପୁଳ ପରିମାଣର ମହୁଲ ପୋଚ ଜବତ

**ଲୋଇସିଂହା,୩୦ା୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ କୁଟାସିଂହା ଗ୍ରାମରୁ ବିପୁଳ ପରିମାଣରେ ମହୁଲ ପୋଚ ମଙ୍ଗଳବାର ସାଲେଭଟା ଫାଣ୍ଡି ପୋଲିସ ଜବତ କରିଛି । ଜବତ ପୋଚର ପରିମାଣ ୬କୁଇଣ୍ଟାଲ ହେବ। ଏଡି କାରବାରରେ ସମ୍ପୃକ୍ତ ଅଭିଯୋଗରେ ୨ ଜଣଙ୍କୁ ଅଟକ ରଖାଯାଇଛି। ଗ୍ରାମଠାରୁ ଅନତି ଦୂରରେ ଥିବା ଏକ ଘରେ ବେଆଇନ କାରବାର ଚାଲିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ । ମଙ୍ଗଳବାର ଗ୍ରାମବାସୀ ଉକ୍ତ ଘରେ ଚଢାଉ କରିବାରୁ ସେଠାରେ ବିପୁଳ ପରିମାଣରେ ମହୁଲ ପୋଚଥିବା ଦେଖିବାକୁ ପାଇଥିଲେ। ଏହାପରେ ଗ୍ରାମବାସୀ ସାଲେଭଟା ଫାଣ୍ଡି ଓ ଲୋଇସିଂହା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ପାଣ୍ଡି ଅଧିକାରୀ ରବୀନ୍ଦ୍ର କୁମ୍ଭାର ଓ ଲୋଇସିଂହା ଥାନା ଷ୍ଟାଫ ସେଠାରେ ପହଞ୍ଚିଥିଲେ। ମହୁଲ ପୋଚ ଜବତ କରିବା ସହ ବେଆଇନ କାରବାର ଚଳାଇଥିବା ଘର ପରିବାରର ଦୁଇଜଣଙ୍କୁ ଫାଣ୍ଡିକୁ ଆଣି ଅଟକ ରଖିଛି ପୋଲିସ। ସ୍ଥାନୀୟ ଅବକାରୀ ବିଭାଗ ଏନେଇ ସବିଶେଷ ତଥ୍ୟ ଦେଇ ପାରିବ ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ଅପରପକ୍ଷେ ଅବକାରୀ ଏସଆଇ ଜଗନ୍ନାଥ ମିଶ୍ର କହିଛନ୍ତି ପୋଲିସ ଚଢାଉ କରିଥିବା ଖବର ପାଇଛି। ଲୋଇସିଂହା ଥାନା ଓ ଆଗଲପୁର ଥାନା ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗର ସମନ୍ୱୟ ଅଭାବରେ ବେଆଇନ ମଦ କାରବାର ବଢି ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

### ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଚଞ୍ଚକତା ଅଭିଯୋଗ

**ଦେଓଗାଁ,୩୦ା୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀରେ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଚଞ୍ଚକତା କରାଯାଇଥିବା ଗ୍ରାମର ଚାଷୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗତ ବର୍ଷ ଉକ୍ତ ପଞ୍ଚାୟତର ପ୍ରାୟ ସମସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ହେଲେ ସିଲେଟକାନୀ ଗାଁର ଚାଷୀଙ୍କ ଅଭିଯୋଗ ଅନୁସାରେ ସିଲେଟକାନୀ, ବଡବନ୍ଧ ଓ ସିକୁଆଁ ଗାଁର ୭୦୪ ଜଣ ଚାଷୀଙ୍କ ଭୂଲତଥ୍ୟ ଥିବାରୁ ବୀମା ରିଜେକ୍ଟ ହୋଇଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଗାଁର ଜନୈକ ବ୍ୟକ୍ତି ତାଙ୍କ ଘର ପରିବାର ବର୍ଗ ତଥା ବନ୍ଧୁବାନ୍ଧବଙ୍କ ନାଁରେ ବୀମା କରାଇ ନେଇ ଚଞ୍ଚକତା କରିଥିବା ଅଭଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି । ଏନେଇ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ଅନେକ ଚାଷୀଙ୍କ ବୀମା ରିଜେକ୍ଟ ହେବାରୁ ଏବେ କୃଷି ବିଭାଗ ଓ ରାଜସ୍ୱ ବିଭାଗ ମିଳିତଭାବେ ପୁନଶ୍ଚ ତହସିଲରେ ତଦାରଖ କାମ ଚାଲିଛି। ଚାଷୀଙ୍କୁ ଅଭିଯୋଗ କରିବା ପାଇଁ ଆହ୍ୱାନ କରାଯାଇଛି। ତେବେ ସିଲେଟକାନୀର କେହି ବ୍ୟକ୍ତି ଏନେଇ ଚଞ୍ଚକତା କରିଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏକ ଟିମ୍ ଏହାର ତଦନ୍ତ କରିବ। ଯାହାର ଭୁଲ ବାହାରିବ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ଶାଶୁଘରକୁ ଗଲେ ଶିବାନୀ



ବିବାହ ବେଦୀରେ ନବଦମ୍ପତି ଶିବାନୀ ଓ ଦେବାଶିଷ।




ଶିବାନୀଙ୍କୁ ଜିଲାପାଳ ଚଞ୍ଚଳ ରାଣା ଚେକ୍ ପ୍ରଦାନ କରୁଛନ୍ତି।

## ପାର୍ବତୀ ଗିରି ବାଳନିକେତନରେ ଆଦର୍ଶ ବିବାହ

- ଜିଲାପାଳଙ୍କ ସମେତ ବରିଷ୍ଠ ପ୍ରଶାସକ, ବୁଦ୍ଧିଜୀବୀ, ସମାଜସେବୀ ଯୋଗଦେଲେ
- ଆଶ୍ରମ ପ୍ରତିଷ୍ଠାର ୨୮ ବର୍ଷ ପରେ ଅନୁଷ୍ଠିତ ହେଲା ପ୍ରଥମ ବିବାହ
- ନବଦମ୍ପତିଙ୍କୁ ଶୁଭେଚ୍ଛାର ସୁଅ

**ବଲାଙ୍ଗୀର ଅଫିସ, ୩୦ା୫**

ବଲାଙ୍ଗୀର ସହର ସନ୍ନିକଟ ପଥରଚେପାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ପାର୍ବତୀ ଗିରି ବାଳ ନିକେତନରେ ମଙ୍ଗଳବାର ସମ୍ପନ୍ନ ହୋଇଛି ଏକ ଆଦର୍ଶ ବିବାହ। ନିକେତନର ପାଳିତା କନ୍ୟା ଶିବାନୀଙ୍କୁ ବୈଦିକ ରୀତିରେ ବିବାହ କରିଛନ୍ତି ବେଲପଡା ବ୍ଲକ ମଣ୍ଡଳ ଗ୍ରାମର ଯୁବ ବ୍ୟବସାୟୀ ଦେବାଶିଷ ଖମାରୀ। ଦିନ ପ୍ରାୟ ୧୨ଟାରେ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣ ଭିତରେ ସମ୍ପନ୍ନ ହୋଇଛି ଏଇ ଆଦର୍ଶ ବିବାହ ଉତ୍ସବ। ବାଳ ନିକେତନର ଶତାଧିକ ଅନ୍ତେବାସୀ, କାର୍ଯ୍ୟକର୍ତ୍ତା, ସମାଜସେବୀ, ସରକାରୀ ଅଧିକାରୀ ଓ ସହସ୍ରାଧିକ ନିମନ୍ତ୍ରିତ ଅତିଥି ନବଦମ୍ପତି ଶିବାନୀ-ଦେବାଶିଷଙ୍କୁ ଶୁଭେଚ୍ଛା, ଆଶୀର୍ବାଦ ଓ ଉପହାର ଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା ଶିବାନୀଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମଧୁସୂଦନ ପତି, ଉପଜିଲାପାଳ କୁମାର ନାଗଭୂଷଣ, ସିଆରପିଏଫ୍ କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ସାହୁ, ଏସ୍‌ଡିପିଓ ତୋଫାନ ବାଗ, ଟ୍ରେନି ଆଇପିଏସ୍ ଅଫିସର କୁଳଦୀପ ମୀନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା ସାମାଜିକ ସୁରକ୍ଷା ଅଧବକାରୀ ନବକୃଷ୍ଣ ସାହୁ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ବହୁ ସରକାରୀ ଅଧିକାରୀ, ସିଡବ୍ଲ୍ୟୁସି ସଦସ୍ୟାସଦସ୍ୟ, ପୂର୍ବତନ ସିଡିଏମ୍ଓ ଡା. ନାରାୟଣ ଥନାପତି, ଓମ୍‌ପ୍ରକାଶ ଚାନ୍ଦ, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ଚଗଲା ପରିଚ୍ଛା, ଅସିତ ଷଡଙ୍ଗୀ, ତରୁଣ କୁମାର ପରିଚ୍ଛା, ବିନୋଦ କାଲସାଏ, ବିଶ୍ୱମୟ ପୂଜାରୀ ଯୋଗଦାନ କରିଥିଲେ।

ପଥରଚେପା ଗାଁରୁ ପାର୍ବତୀ ଗିରି ବାଳ ନିକେତନକୁ ବରଯାତ୍ରୀ ଦଳ ପ୍ରୋଶେସନ୍‌ରେ ଆସିଥିଲେ। ବାଳ ନିକେତନ ଗେଟ ସମ୍ମୁଖରୁ ବିଧିବଦ୍ଧ ଭାବେ ବରପାତ୍ର ଦେବାଶିଷଙ୍କୁ ପାଛୋଟି ଅଣାଯାଇଥିଲା। ପାରମ୍ପରିକ ରୀତିନୀତି ପାଳନ ବେଳେ ବାଳ ନିକେତନର ଛୋଟ ବାଳିକାମାନେ ବରପାତ୍ରଙ୍କ ଜୋତା ଲୁଚାଇ ଦେଇଥିଲେ। ସେଠାରୁ ନୂଆ ଜୋତା ପିନ୍ଧାଇ ବରପାତ୍ରଙ୍କୁ ବିବାହ ବେଦୀକୁ ନିଆଯାଇଥିଲା। ଦିନ ପ୍ରାୟ ୧୨ଟାବେଳେ କନ୍ୟାଦାନ କରିଥିଲେ ପାର୍ବତୀ ଗିରି ବାଳ ନିକେତନ ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ବିଶ୍ୱଜିତ ବହିଦାର। ଦେବାଶିଷ ଓ ଶିବାନୀ ପରସ୍ପରକୁ ବରଣ ମାଳ ପିନ୍ଧାଇ ଅଗ୍ନିକୁ ସାକ୍ଷୀ ରଖି ସ୍ୱାମୀ-ସ୍ତ୍ରୀ ଭାବେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ମାମୁଁ-ମାଇଁ ଭାବେ ଦାୟିତ୍ୱ ତୁଲାଇଥିଲେ ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲ ଡାକ୍ତର ସୁଧୀର ପଟ୍ଟନାୟକ ଓ କିମ୍ସ ହସ୍ପିଟାଲ ଡା ମାନସୀ ପଟ୍ଟନାୟକ। ବିବାହ ବେଦୀରେ ଅନୁଷ୍ଠାନ ସଭାପତି ସମାଜସେବିକା ଶାନ୍ତିଲତା ବହିଦାର, ସୁଧୀରା ବେହେରା, ଗହଳ ବାରିକ, ଉପସଭାପତି ବବିତା ଅଗ୍ରୱାଲ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ପ୍ରଫେସର ପତି ଏହି ବିବାହ ଉତ୍ସବକୁ ଏକ ଐତିହାସିକ ଘଟଣା ଭାବେ ଅଭିହିତ କରି ବଲାଙ୍ଗୀରବାସୀ ଆଜି ନିଜର ସାମାଜିକ ଦାୟିତ୍ୱ ପାଳନ କରିଛନ୍ତି ବୋଲି କହିଥିଲେ। ଏଭଳି ଭାବେ ଜନସାଧାରଣ ସାମାଜିକ ଉତ୍ତରଦାୟିତ୍ୱ ପାଳନ କଲେ ସମାଜରେ କେହି ଅନାଥ, ଅବହେଳିତ ରହିବେ ନାହିଁ ବୋଲି କହିଥିଲେ। ପ୍ରଫେସର ପତି ନବଦମ୍ପତିଙ୍କୁ ଆର୍ଶୀବାଦ କରି ସମାଜରେ ଆଦର୍ଶ ହେବାକୁ ପରାମର୍ଶ ଦେଇଥିଲେ। ଅପରାହ୍ଣରେ ନବଦମ୍ପତିଙ୍କୁ ବାଳ ନିକେତନରୁ ବିଦା କରାଗଲା ବେଳେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ବିବାହ ଉତ୍ସବକୁ ସଫଳ କରିବାରେ ପାର୍ବତୀ ଗିରି ବାଳ ନିକେତନ, ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସିଡବ୍ଲ୍ୟୁସି, ଜିଲା ପୋଲିସ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା। ପ୍ରଖ୍ୟାତ ସମାଜସେବିକା ପାର୍ବତୀ ଗିରିଙ୍କ ପ୍ରଚେଷ୍ଟାରେ ୧୯୯୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବାଳ ନିକେତନରେ ଏହା ପ୍ରଥମ ବିବାହ ଉତ୍ସବ ହୋଇଥିବାରୁ ସମସ୍ତଙ୍କ ଭିତରେ ଉତ୍ସାହ ଓ ଉଦ୍ଦୀପନା ଦେଖାଯାଇଥିଲା।

## ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତ ଆରମ୍ଭ

**ଲୋଇସିଂହା, ୩୦ା୫(ଡି.ଏନ.ଏ.)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତରେ ୨୦୧୭ରୁ ୨୦୨୨ ମସିହା ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହୋଇଛି। ଏନେଇ ପଞ୍ଚାୟତ ଅଧୀନ ବିଶାଳପାଲି ଗ୍ରାମର ପାଣ୍ଡବ ବିଶ୍ୱାଳ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ତଦନ୍ତ ଅଧିକାରୀ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ ମଙ୍ଗଳବାର ବାଦିବାହାଲ ପଞ୍ଚାୟତ ଗସ୍ତ କରିଥିଲେ। ତଦନ୍ତରେ ଅଭିଯୋଗକାରୀ ବିଶ୍ୱାଳ, ହିତାଧିକାରୀ, ବାଳ ଶ୍ରମିକ, ପଞ୍ଚାୟତର ପିଇଓ ପ୍ରହଲ୍ଲାଦ ବେହେରା, ଜିଆରଏସ୍ କୃଷ୍ଣଚନ୍ଦ୍ର ବାବୁ, ପୂର୍ବତନ ସରପଞ୍ଚ ଊର୍ମୀଳା ଧରୁଆଙ୍କୁ ପଚରାଉଚରା କରିଥିଲେ। ତଦନ୍ତ ପ୍ରକ୍ରିୟାକୁ ନେଇ ଅଭିଯୋଗକାରୀ ବିଶ୍ୱାଳ ସନ୍ତୁଷ୍ଟ ଥିବା କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ମସିହାରେ ବିଶାଳପାଲି ଗ୍ରାମର ମନୋଜ ବିଶ୍ୱାଳ, ମକରଧ୍ୱଜ ବିଶ୍ୱାଳ, ଡାକ୍ତର ବିଶ୍ୱାଳଙ୍କ ନାମରେ ୧ଲକ୍ଷ ୬୦ ହଜାର ବ୍ୟୟରେ କୂଅ ମଞ୍ଜୁର ହୋଇଥିଲା। ଉକ୍ତ କାମ ପାଇଁ ପଞ୍ଚାୟତର ଜିଆର୍‌ଏସ କେତେକ ଛାତ୍ରୀଛାତ୍ରଙ୍କ ନାମରେ ମଷ୍ଟର ରୋଲ ବାହାର କରିଥିଲେ। ମଷ୍ଟର ରୋଲ ଅନୁଯାୟୀ ସ୍କୁଲ ଛାତ୍ରୀଛାତ୍ରଙ୍କ ନାମରେ ଟଙ୍କା ପୈଠ କରାଯାଇଛି। ଉକ୍ତ କାମ ସଂକ୍ରାନ୍ତରେ ଅଭିଯୋଗକାରୀ ପାଣ୍ଡବ ଆରଟିଆଇରେ ତଥ୍ୟ ମାଗିଥିଲେ। ଆରଟିଆ ତଥ୍ୟରୁ ମଧ୍ୟ ଏହା ସ୍ପଷ୍ଟ ହୋଇଥିଲା। ଏହାକୁ ନେଇ ସେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୭ ପଞ୍ଚାୟତବାସୀ ପାଇବେ ବିଶୁଦ୍ଧ ପାଣି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ମୁରିବାହାଲ, ୩୦ା୫(ଡି.ଏନ.ଏ.)**

**ଧନ୍ୟବାଦ ଜଣାଇଲେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ**

ବଲାଙ୍ଗୀର ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପ ପାଇଁ ରାଜ୍ୟ କ୍ୟାବିନେଟ ୪୨୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ତନ୍ମଧ୍ୟ ମୁରିବାହାଲ ବ୍ଲକର ୭ଟି ପଞ୍ଚାୟତକୁ ସାମିଲ କରାଯାଇଛି। ମଙ୍ଗଳବାର ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ କହିଥିଲେ ମଞ୍ଜୁର ହୋଇଥିବା ପ୍ରକଳ୍ପର ରୂପରେଖ ଅନୁଯାୟୀ ମୁରିବାହାଲ ବ୍ଲକର ୭ ପଞ୍ଚାୟତର ୩୩ ଗ୍ରାମର ୨୮ ହଜାରରୁ ଊର୍ଦ୍ଧ୍ୱ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ। ଏହାଦ୍ୱାରା ଜଳକଷ୍ଟ ବହୁ ପରିମାଣରେ ହ୍ରାସ ପାଇବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ପତ୍ରାପାଲି(କ )ସମିତି ସଭ୍ୟ ସନ୍ୟାସୀ ପୁଟେଲ ଉପସ୍ଥିତ ଥିଲେ।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା




ନିଶା ମୁକ୍ତି ଅଭିଯାନ ରାଲିରେ ବାହାରି ଥିବା ଅବସରପ୍ରାପ୍ତ କର୍ମଚାରୀ।

**ବେଲପଡ଼ା, ୩୦ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକରେ ନିଶା କାରବାର ବଢି ଚାଲିଛି। ଏଥିଯୋଗୁ ଯୁବପୀଢି ବିପଥଗାମୀ ହେଉଛନ୍ତି। ସମାଜରେ ଅଶାନ୍ତିକର ବାତାବରଣ ଦେଖାଦେଇଛି। ପାରିବାରିକ ଶାନ୍ତି ଅପସରି ଯାଉଛି। ଏହାକୁ ନେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ନିଶା ଦୂରୀକରଣ ନିମନ୍ତେ ସଂଘ ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା ସ୍ଥାନୀୟ ତାରିଣୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇ ହୋଇଥିଲେ। ସଂଘ ସଭାପତି ପୁରୁଷୋତ୍ତମ ଧରୁଆଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବେଲପଡ଼ା ଅଞ୍ଚଳରେ ବଢୁଥିବା ନିଶା କାରବାର ଉପରେ ଚିନ୍ତା ପ୍ରକଟ କରାଯାଇଥିଲା। ଏ ନେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ସମ୍ପାଦକ ବୀରବଲ ପ୍ରସାଦ ଜୈନ, ବଂଶୀଧର ସିଂ, ହରେକୃଷ୍ଣ ବାରିକ, ଗୋକୁଳ ଖର୍ସେଲ, ଲକ୍ଷ୍ମୀ ନାରାୟଣ ପୁଟେଲ, ଭଗାନ ବୁଡେକ, ରେବତିକାନ୍ତ ବୁଡ଼େକ, ଗିରିଧାରୀ ମେହେର, ଗୋପାଳ ବନଛୋର, ଲକ୍ଷ୍ମଣ ମେହେର, ଚତୁର୍ଭୁଜ ମେହେର, ଝସକେତନ ପୋଢ଼, ପ୍ରଦୀପ ଯୋଶୀ, ମନୋରଞ୍ଜନ ପୁରୋହିତ ପ୍ରମୁଖ ଉକ୍ତ ଜନସଚେତତା କାର୍ଯକ୍ରମରେ ସାମିଲ ହୋଇଥିଲେ ।

## ବଲାଙ୍ଗୀରର ୪ଜଣ ମେଧାବୀ କଳାବୃତ୍ତି ପାଇଁ ମନୋନୀତ

**ବଲାଙ୍ଗୀର ଅଫିସ, ୩୦ା୫**

ଭାରତ ସରକାରଙ୍କ ଜାତୀୟ ସଂସ୍କୃତି ମନ୍ତ୍ରଣାଳୟ ଓ ଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ କଲଚରାଲ ରିସୋରସେସ୍ ଏଣ୍ଡ ଟ୍ରେନିଂ (ସିସିଆରଟି) ପକ୍ଷରୁ ବଲାଙ୍ଗୀର ଜିଲାର ୧୦ରୁ ୧୪ ବର୍ଷର ୪ଜଣ ଶିଶୁଙ୍କୁ ମେଧାବୀ କଳାକାର ବୃତ୍ତି ପାଇଁ ମନୋନୀତ କରାଯାଇଛି। ମେଧାବୀ ପ୍ରତିଭା କଳାକାର ଲୋକବାଦ୍ୟରେ ପୁଇଁନ୍ତଲାର ନିବାସ ରଞ୍ଜନ ନନ୍ଦ ଓ ଆୟୁଷ ମୁଗ୍ରୀ, ଲୋକନୃତ୍ୟରେ ମଳମୁଣ୍ଡାର ରମିତା ଦୀପ ଓ ଦେଓଗାଁ ହାତୀସରାର ଅସ୍ମିତା ନନ୍ଦ ମନୋନୀତି ହୋଇଛନ୍ତି। ଏହି ଖବର ଜଣାପଡିବା ପରେ କଳାକାର ମହଲରେ ଖୁସିର ଲହରି ଖେଳିଯାଇଛି। ସଂସ୍କୃତି ଗବେଷକ ନୀଳାଞ୍ଚଳ ନନ୍ଦ, ନବୀନ କୁଅଁର, ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତି, ଅର୍ଜୁନ ମୁଗ୍ରୀ, ତରଣୀସେନ ଦୀପ, ସରୋଜ ମେଶ୍ୱା, ଜପ ମୁଗ୍ରୀ, ବିଳମ୍ବ କୁମ୍ଭାର, ଅଶୋକ ଦୀପ, ସୁବଳ ମହାକୁର ଏହାକୁ ସ୍ୱାଗତ କରିବା ସହ ଏହି କଳାବୃତ୍ତି କଳାକାରଙ୍କ ଉନ୍ନତି ଦିଗରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ମନୋନୀତ କଳାକାରଙ୍କୁ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି।

## ଅମଲା ମହାସଂଘର କାର୍ଯ୍ୟବନ୍ଦ ଚେତାବନୀ



ଆନ୍ଦୋଳନ କରୁଥିବା ଅମଲାମାନେ।

**ଖପ୍ରାଖୋଲ, ୨୩ା୫(ଡି.ଏନ.ଏ.)**

ସାରା ରାଜ୍ୟରେ ବିଭିନ୍ନ ଦାବି ନେଇ ରାଜ୍ୟ ମିଳିତ ଅମଲା ମହାସଂଘ ତରଫରୁ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ବଲାଙ୍ଗୀର ଜିଲା ମିଳିତ ଅମଲା ମଞ୍ଚ ସମର୍ଥନ ଜଣାଇଛି। ଗତ ୨୨ ତାରିଖରୁ କଳାବ୍ୟାଜ ପିନ୍ଧି ଅମଲାମାନେ ଅଫିସ କାର୍ଯ୍ୟ କରୁଛନ୍ତି। ହେଲେ ସରକାର ସଂଘର ଦାବି ପୂରଣକୁ ଅଣଦେଖା କରଛନ୍ତି। ଏଣୁ ଆଗାମୀ ୧ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବେ ବୋଲି ଖପ୍ରାଖୋଲ ବ୍ଲକ ଅମଲା ସଂଘ ତରଫରୁ ଚେତାବନୀ ଦେଇଛି। ଓଡ଼ିଶା ମିଳିତ ଅମଲା ମହାସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇ ଖପ୍ରାଖୋଲ ବ୍ଲକ ପରିସରରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକ ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ରମାକାନ୍ତ ସାହୁ, ମାଧବ ସାହୁ, ରବିକାନ୍ତ ଲୁହା, ନିତ୍ୟାନନ୍ଦ ବେହେରା, ଅକ୍ଷୟ ପଧାନ, କାହ୍ନୁ ଚରଣ ସାହୁ, ଦୀପକ ସାହୁ ଓ ସଂଘ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

## ରବି ଧାନ ମଣ୍ଡି ଉଦ୍‌ଘାଟିତ

**ଖପ୍ରାଖୋଲ, ୩୦ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଉପ ବଜାର ନିୟନ୍ତ୍ରିତ କେନ୍ଦ୍ର ଠାରେ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ରବି ଧାନ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପାକ୍ସ ସମ୍ପାଦକ ଶ୍ରୀପତି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ପାକ୍ସ ସଭାପତି ଗୁଣମଣି ଭୋଇ ଯୋଗଦେଇ ରବି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନ ପଞ୍ଜୀକୃତ ୪ଜଣ ଚାଷୀ ୩୧୦କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାଯାଇଛି। ପାକ୍ସ ଅଧୀନରେ ୧୩୩ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ବେଳେ ୧୨୪ ଚାଷୀଙ୍କ ଧାନ ବିକ୍ରି ଟୋକନ ଆସିଛି। ମୋଟ ୭ ହଜାର ୫ଶହ କୁଇଣ୍ଟାଲ ଧାନ ବିକ୍ରି ଲକ୍ଷ ରଖାଯାଇଥିବା ବେଳେ୨୮୭୦ କୁଇଣ୍ଟାଲ ଧାନ ବିକ୍ରି ଟାର୍ଗେଟ ଆସିଥିବା ପାକ୍ସ ସୂତ୍ରରୁ ଜଣାଯାଇଛି। ଉଦ୍‌ଘାଟନୀ ଅବସରରେ ମୋହନ ସୁନା, ଗଣେଶ ସାହୁ, ଡିଇଓ ରାଜୀବ ସାହୁ, ଚନ୍ଦ୍ର ପଧାନ, ମହାବୀର ପଧାନଙ୍କସହଚାଷୀମାନେ ଉପସ୍ଥିତଥିଲେ।



ମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ବେଆଇନ ଇଟାଭାଟି ଭାଙ୍ଗିଲା ରାଜସ୍ୱ ବିଭାଗ

**ଲୋଇସିଂହା, ୩୦ା୫(ଡି.ଏନ.ଏ)**



ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଇଟାଭାଟିକୁ ନଷ୍ଟ କରାଯାଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଫଟାବାହାଲ ଗ୍ରାମର ଜନବସତି ନିକଟରେ ବେଆଇନ ଭାବେ ଇଟାଭାଟି କରାଯାଇଥିଲା । ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ଲୋଇସିଂହା ରାଜସ୍ୱ ବିଭାଗ ଅଧିକାରୀ ଓ ପୋଲିସ ଚଢାଉ କରି ଜେସିବି ଲଗାଇ ଉକ୍ତ ଇଟାଭାଟିକୁ ଭାଙ୍ଗି ଦେଇଥିଲେ। କୁଶମେଲ ପଞ୍ଚାୟତ ଫଟାବାହାଲର ସୁଶାନ୍ତ ମହାପାତ୍ର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ପ୍ରଶାସନର ବିନା ଅନୁମତିରେ ଇଟାଭାଟି କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମବେଳେ କାଠରେ ଇଟା ପୋଡୁଥିଲେ । ଇଟାଭାଟି ଉତ୍ତାପରେ ଗ୍ରାମବାସୀ ଦହଗଞ୍ଜ ହେଉଥିଲେ । ଏନେଇ ଲୋଇସିଂହା ବନ ବିଭାଗ ଗତ ମେ ୨୬ରେ ଚଢାଉ କରି ଫାଇନ କାଟି ଚୁପ୍ ରହିଥିଲା। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ଘଟଣାସ୍ଥଳରେ ଇଟାଭାଟିକୁ ନଷ୍ଟ କରିଥିଲେ । ୫୦ରୁ ୬୦ ହଜାର ପୋଡାଇଟା ନଷ୍ଟ କରାଯାଇଥିବା ଅତିରିକ୍ତ ତହସିଲଦାର ବେଜ ସୂଚନା ଦେଇଛନ୍ତି। ଅପରପକ୍ଷେ ବନ ବିଭାଗର ସୂଚନା ଅନୁଯାୟୀ ଗ୍ରମବାସୀଙ୍କଠାରୁ ଅଭିଯୋଗ ପାଇ ସମ୍ପୃକ୍ତ ଇଟାଭାଟିରେ ଚଢାଉ କରାଯାଇଥିଲା । ଭାଟିରେ ୧୦ରୁ ୧୨ କୁଇଣ୍ଟାଲ ଗୁହୁରିଆ କାଠଥିବାରୁ ଫାଇନ କଟାଯାଇଛି। କିଛି ଟଙ୍କା ଅସୁଲ କରାଯାଇଛି, ବାକି ଟଙ୍କା ପରବର୍ତ୍ତି ସମୟରେ ସେ ଦେଇଥାନ୍ତେ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ ।

## ସଂକ୍ଷେପରେ

### ସାହିତ୍ୟିକ ଓ ବରିଷ୍ଠ ସାମ୍ବାଦିକ ବନମାଳୀ ପାଣିଗ୍ରାହୀଙ୍କ ପରଲୋକ

ବୌଦ୍ଧ,୩୦।୫(ସ୍ୱ.ପ୍ର.): ବୌଦ୍ଧର ଜଣାଶୁଣା ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ ବନମାଳୀ ପାଣିଗ୍ରାହୀ(୯୨)ଙ୍କ ତାଙ୍କର ବଗିଚାସାହିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ



ହୋଇଯାଇଛି। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ଉନ୍ନୟନ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ରବୀନ୍ଦ୍ର କୁମାର ରାଉତ,ସଂପଦ କୁମାର ଅଗ୍ରୱାଲା, ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ସଂପାଦକ ରବିନ୍ଦ୍ର ପଟ୍ଟନାୟକ, ବ୍ରାହ୍ମଣ ସମାଜର ସଂପାଦକ ଦେବାଶିଷ ପୁରୋହିତ, ଜିଲା ସୁଚନା ଲୋକ ସଂପର୍କ ଅଧିକାରୀ ରୀତକାନ୍ତି ବଳିଆରସିଂ,ରାମଲୀଳା ନାଟ୍ୟ ସଂସଦର କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ସାହିତ୍ୟିକ ଭାବେ ଜଣାଶୁଣା ଥିବା ବେଳେ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ଭାବରେ ତାଙ୍କର ଖ୍ୟାତି ରହିଥିଲା। ତାଙ୍କ ଦ୍ୱାରା ରଚିତ ପୁସ୍ତକ ରାଜା ରାମମୋହନ ରାୟ ଲାଇବ୍ରେରୀରେ ସ୍ଥାନ ପାଇ ପାରିଥିଲା। ଏକ ଔଷଧ କମ୍ପାନୀରେ ଉଚ୍ଚପଦସ୍ଥ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ୧୯୮୨ ମସିହା ପ୍ରଳୟଙ୍କାରୀ ବନ୍ୟା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ସେ ଚାକିରି ଛାଡି ବୌଦ୍ଧ ଫେରିଥିଲେ। ସେ ଜଣେ ସୁବକ୍ତା ଥିଲେ। ନିଜେ ଏକ ଛାପାଖାନା ସ୍ଥାପନ କରି ବ୍ୟବସାୟ କରିବା ସହିତ ସାହିତ୍ୟ ସାଧନା ଜାରି ରଖିଥିଲେ। ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କର ପ୍ରବନ୍ଧ ଓ କବିତାଗୁଡିକ ପାଠକୀୟ ଆଦୃତି ଲାଭ କରି ପାରିଥିଲା। ତାଙ୍କ ଦ୍ୱାରା ସଂପାଦିତ ମର୍ମ ନାମକ ସାପ୍ତାହିକ ପତ୍ରିକା ଜନସାଧାରଣଙ୍କ ଦ୍ୱାରା ଆଦୃତ ହୋଇଥିଲା। ସେ ଜିଲା ସାମ୍ବାଦିକ ସଂଘର ସଭାପତି,ବୌଦ୍ଧ ବଣିକ ସଂଘର ସଭାପତି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ଶେଷକୃତ୍ୟ ବୌଦ୍ଧ ଶ୍ମଶାନ ଘାଟଠାରେ ସଂପନ୍ନ ହୋଇଥିଲା ।

### ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୋକସଭା



ବୌଦ୍ଧ,୩୦।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ସାମ୍ବାଦିକ ସଂଘର ପୂର୍ବତନ ସଭାପତି ବନମାଳୀ ପାଣିଗ୍ରାହୀ(୯୨)ଙ୍କ ବିୟୋଗରେ ମଙ୍ଗଳବାର ଦିନ ଜିଲା ସଂଘ କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ଅମର ଆତ୍ମାର ସଦଗତି କାମନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସଂପଦ କୁମାର ଅଗ୍ରୱାଲା,ରବୀନ୍ଦ୍ର କୁମାର ରାଉତ, ଧବଳେଶ୍ୱର ମହାପାତ୍ର, ଅଜିତ କୁମାର ବାରିକ, ସଜନ କୁମାର ଅଗ୍ରୱାଲା,କୃଷ୍ଣଗୋପାଳ ମେହେରଙ୍କ ସମେତ ସଂଘର ସଭାପତି ମିଶ୍ର ଓ ସଂପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ସ୍ୱର୍ଗତ ପାଣିଗ୍ରାହୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ।

### ଉନ୍ନୟନ କାମର ସମୀକ୍ଷା କଲେ ବିଧାୟକ

କଣ୍ଟାବାଞ୍ଜି,୩୦।୫ (ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିରେ ମଙ୍ଗଳବାର ବିଧାୟକ ସନ୍ତୋଷ ସିଂ ସାଲୁଜା ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଥିଲେ। ସହରରେ ଟ୍ରାଫିକ ସମସ୍ୟା, ଡାକ୍ତରଖାନା ସମ୍ମୁଖ ଭେଣ୍ଡିଙ୍ଗ ଯୋନର ଆବଣ୍ଟନ, ନିର୍ମାଣ ହୋଇଥିବା ଭେଣ୍ଡିଙ୍ଗ ଯୋନ କାର୍ଯ୍ୟକାରୀ କରିବା, ପାଣି ସମସ୍ୟା, ଶିବ ବନ୍ଧ(ପୋଖରୀ ) ଉନ୍ନତୀକରଣ ପାଇଁ ଆସିଥିବା ଅନୁଦାନ ଉପଯୋଗ, ଡାକ୍ତରଖାନା ଓ ରାସ୍ତା ସମସ୍ୟା ଦୂରୀକରଣ ଆଦି ପ୍ରସଙ୍ଗରେ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ଅଗଷ୍ଟ ୧୦ରୁ ଫାଇଲେରିଆ ନିରାକରଣ ସାମୂହିକ ଔଷଧ ସେବନ

**ସୁବର୍ଣ୍ଣପୁର ଜିଲା**

ସୋନପୁର,୩୦।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଏହି ଦିନଗୁଡିକରେ ଘରକୁ ଘର ଯାଇ ଫାଇଲେରିଆ ରୋଗ ଉପରେ ସଚେତନତା ସୃଷ୍ଟି କରିବା ସହ ବୟସ ଅନୁସାରେ ଫାଇଲେରିଆ ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଆଲବେଣ୍ଡାଜଲ, ଡି.ଇ.ସି ଓ ଆଇବରମେକଟିନ ଟାବଲେଟ ଖୁଆଇବେ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଥିବା ଏବଂ ପେଟପୁରା ଖାଦ୍ୟ ଖାଇବା ପରେ ଔଷଧ ସେବନ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ସମନ୍ୱୟ ବୈଠକରେ ସୂଚନା ଦେଇଥିଲେ। ଏଥିସହ ସେ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଔଷଧ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା କିମ୍ବା ଅତିଶୟ ଗୁରୁତର




ବୈଠକରେ ମଞ୍ଚାସୀନ ଅତିଥି।

ରୋଗରେ ଶଯ୍ୟା ପୀଡିତଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ସେବନ କରାଯିବ। ଗତବର୍ଷ ଫାଇଲେରିଆ ସର୍ବେକ୍ଷଣରେ ଜିଲାର ୬୯ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ମାତ୍ର ଗତବର୍ଷ ସାମୂହିକ ଔଷଧ ସେବନ ପରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ କମ୍ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି । ବୈଠକରେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଅଧକ୍ଷତା କରି ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ ଓ ସୁନିଶ୍ଚିତ କରିବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ବାଦ ନ ପଡନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବା ଏବଂ ସାମୁହିକ ଔଷଧ ସେବନର ନିର୍ଦ୍ଧାରିତ ୦୫ ବର୍ଷ ଅବଧି ମଧ୍ୟରେ ଜିଲାରୁ ଏହି ରୋଗର ମୂଳୋତ୍ପାଟନ ଉପରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଗ୍ରାମ ଓ ସହରାଞ୍ଚଳର ଯୋଗ୍ୟ ଲୋକଙ୍କୁ ଔଷଧ ସେବନ କରାଯିବ। ତୃଣମୂଳ ସ୍ତରରେ ଘରକୁ ଘର ଯାଇ ଔଷଧ ସେବନ କରିବା ନିମନ୍ତେ ୨୫୮୪ ଜଣ ଔଷଧ ସେବନ କର୍ମୀ ନିୟୋଜିତ କରାଯାଇଛି। ପୁନଶ୍ଚ କାର୍ଯ୍ୟକୁ ସୁନିଶ୍ଚିତ ଓ ତଦାରଖ କରିବା ନିମନ୍ତେ ୨୬୩ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରା ଯାଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏଥିନିମନ୍ତେ ସରକାରଙ୍କ ତରଫରୁ ଆବଶ୍ୟକ ଡିଇସି ଟାବଲେଟ, ଆଲବେଣ୍ଡାଜଲ, ଆଇଭରମେକ୍ଟିନ ଟାବଲେଟ ଜିଲାକୁ ଆସିବାକୁ ଥିବା ବୈଠକରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଏବଂ ବ୍ୟବସ୍ଥିତ ସହ ସୁପରିଚାଳନା କରିବା ନିମନ୍ତେ ସେକ୍ଟର ଲେବେଲ, ବ୍ଲକ ଲେବେଲ, ଓ ମ୍ୟୁନିସିପାଲିଟି ଲେବେଲରେ ରେପିଡ ରେସପନ୍ସ ଟିମ୍ ଗଠନ କରାଯାଇଥିବା ସୂଚନା ଦେଇଛନ୍ତି ବିଭାଗୀୟ ଅଧିକାରୀ। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମାପନ କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦସ୍ୟ ନିଶିଥ ଦାଶ ଏବଂ ରାଜ୍ୟ ଏଣ୍ଟମୋଲଜିଷ୍ଟ ଦିପ୍ତୀ ମହାପାତ୍ର ପ୍ରମୁଖ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ସି ଡି ଓ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଭିଭିଡି ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡିପିଏଚଓ, ଟି ବି ଅଧିକାରୀ ପଦ୍ମହଂସ ଦୋରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିପିଏମଏନ ଏଚ ଏମ ବିଶ୍ୱମ୍ଭର ବେହେରା, ଚନ୍ଦ୍ର ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅନ୍‌ଲାଇନ୍‌ରେ ଟିକେଟ

ଭୁବନେଶ୍ୱର, ୩୦।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ଉପଲବ୍ଧ ହେଉଛି। ଦର୍ଶକମାନେ https://ticketgenie.in/ରୁ ଟିକେଟ କ୍ରୟ କରି ପାରିବେ। ନର୍ଥ ୱେଷ୍ଟ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୧୫୦ ଟଙ୍କା ରଖା ଯାଇଛି। ଏହା ବ୍ୟତୀତ ନର୍ଥ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଏବଂ ଇଷ୍ଟ ଷ୍ଟାଣ୍ଡ ଟିକେଟ ୯୯ ଟଙ୍କାରେ ଉପଲବ୍ଧ ହେଉଛି। ଜୁନ ୯ରୁ ଆରମ୍ଭ ହୋଇ ଏହି ପ୍ରତିଯୋଗିତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତ, ମଙ୍ଗୋଲିଆ, ଲେବାନନ ଓ ଭାନୁଆଟୁ ଦଳ ଅଂଶଗ୍ରହଣ କରିବ। ୯, ୧୨ ଓ ୧୫ ତାରିଖରେ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଗ୍ରୁପ୍ ପର୍ଯ୍ୟାୟରେ ଶୀର୍ଷ ୨ ସ୍ଥାନ ହାସଲ କରିଥିବା ଦଳକୁ ନେଇ ୧୮ ତାରିଖରେ ଫାଇନାଲ ଖେଳାଯିବ।

# ପକ୍କା ରାସ୍ତା ପାଇଁ ବିଡିଓଙ୍କୁ ଦାବିପତ୍ର

ଅମରପାଲି,୩୦।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଗବର ପଞ୍ଚାୟତର ଲୁମୁରଜେନା ଗ୍ରାମରେ ପକ୍କା ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ହରିଜନ ପଡାଠାରୁ ରଘୁନାଥ ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବର୍ଷାଦିନେ ଉକ୍ତ ରାସ୍ତା କାଦୁଅ ପଚପଚ ହୋଇଥାଏ। ଫଳରେ ଲୋକେ ଯିବା ଆସିବାରେ ବହୁତ ହଇରାଣ ହୋଇଥାନ୍ତି। ବିଶେଷ କରି ଶିଶୁ ଓ ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲକୁ ଗଲା ବେଳେ ଗୋଡ ଖସି ପଡିଯିବାର ଭୟ ରହିଥାଏ। ସରକାର ପ୍ରତ୍ୟେକ ଗ୍ରାମରେ ପକ୍କାରାସ୍ତା କରୁଥିବା କହୁଥିବା ବେଳେ ଲୁମୁରଜେନା ଗ୍ରାମର ଉକ୍ତ ରାସ୍ତା ଏଯାଏ ପକ୍କା ହୋଇ ପାରିନାହିଁ। ଏ ନେଇ ସ୍ଥାନୀୟ ଜନପ୍ରତିନିଧି ଓ



ଲୁମୁରଜେନା ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏଣୁ ମଙ୍ଗଳବାର ଦିନ ଗ୍ରାମର ବସନ୍ତ ଜଗଦଲା,ଉଗ୍ରେସନ ଜଗଦଲା, କବି ଜଗଦଲା, ଅଭିମନ୍ୟୁ ଜଗଦଲା,ସୁଦର୍ଶନ ମହାନନ୍ଦ, ଜିତେନ୍ଦ୍ର ଜଗଦଲା ,ଲବ ଜଗଦଲା ପ୍ରମୁଖ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ଯଥାଶୀଘ୍ର ଉକ୍ତ ଗ୍ରାମର ରାସ୍ତାକୁ ପକ୍କା କରାଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ବଲାଙ୍ଗୀରର ୪ଜଣ ମେଧାବୀ କଳାବୃତ୍ତି ପାଇଁ ମନୋନୀତ

ବଲାଙ୍ଗୀର ଅଫିସ, ୩୦।୫

ଭାରତ ସରକାରଙ୍କ ଜାତୀୟ ସଂସ୍କୃତି ମନ୍ତ୍ରଣାଳୟ ଓ ଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ କଲ୍ଚରାଲ ରିସୋରସେସ୍ ଏଣ୍ଡ ଟ୍ରେନିଂ (ସିସିଆରଟି) ପକ୍ଷରୁ ବଲାଙ୍ଗୀର ଜିଲାର ୧୦ରୁ ୧୪ ବର୍ଷର ୪ଜଣ ଶିଶୁଙ୍କୁ ମେଧାବୀ କଳାକାର ବୃତ୍ତି ପାଇଁ ମନୋନୀତ କରାଯାଇଛି। ମେଧାବୀ ପ୍ରତିଭା କଳାକାର ଲୋକବାଦ୍ୟରେ ପୁଇଁତଲାର ନିବାସ ରଞ୍ଜନ ନନ୍ଦ ଓ ଆୟୁଷ ମୁଗ୍ରୀ, ଲୋକନୃତ୍ୟରେ ମଳମୁଣ୍ଡାର ରମିତା ଦୀପ ଓ ଦେଓଗାଁ ହାତୀସରାର ଅସ୍ମିତା ନନ୍ଦ ମନୋନୀତି ହୋଇଛନ୍ତି। ଏହି ଖବର ଜଣାପଡିବା ପରେ କଳାକାର ମହଲରେ ଖୁସିର ଲହରି ଖେଳିଯାଇଛି। ସଂସ୍କୃତି ଗବେଷକ ନୀଳାଞ୍ଚଳ ନନ୍ଦ, ନବୀନ କୁଅଁର, ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତି, ଅର୍ଜୁନ ମୁଗ୍ରୀ, ତରଣୀସେନ ଦୀପ, ସରୋଜ ମେଶ୍ୱା, ଜପ ମୁଗ୍ରୀ, ବିଳମ୍ବ କୁମ୍ଭାର, ଅଶୋକ ଦୀପ, ସୁବଲ ମହାକୁର ଏହାକୁ ସ୍ୱାଗତ କରିବା ସହ ଏହି କଳାବୃତ୍ତି କଳାକାରଙ୍କ ଉନ୍ନତି ଦିଗରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ମନୋନୀତ କଳାକାରଙ୍କୁ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି।

# ରଥପୁରରେ ଜଳ ବିଶୋଧନାଗାରର ଭୂମି ପୂଜନ



ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଅମରପାଲି,୩୦।୫(ଡି.ଏନ.ଏ)

- ୧୫ ପଞ୍ଚାୟତର ୧ଲକ୍ଷ ୯୦ ହଜାର ପରିବାର ପାଇବେ ବିଶୁଦ୍ଧ ପାନୀୟ ଜଳ
- ପ୍ରକଳ୍ପ ପାଇଁ ୧୬୯ କୋଟି ଟଙ୍କା ବ୍ୟୟ ଅଟକଳ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ରଥପୁରଠାରେ ମଙ୍ଗଳବାର ଦିନ ମେଗା ଜଳ ବିଶୋଧନାଗାର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥପୁର ମହାନଦୀ ନିକଟରେ ମେଗା ଇଞ୍ଜିନିୟରିଂ କମ୍ପାନୀ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ଜଳବିଶୋଧନାଗାରର ଭୂମିପୂଜନ କାର୍ଯ୍ୟକ୍ରମରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ପଣ୍ଡା, ସହକାରୀ ଯନ୍ତ୍ରୀ ବଳରାମ ମାଝି, ବ୍ଲକ କନିଷ୍ଠ ଯନ୍ତ୍ରୀ ମଞ୍ଜୁଲତା ଗୌଡ, ମେଗା ଇଞ୍ଜିନିୟରିଂ କମ୍ପାନୀର କ୍ଷେତ୍ର ଅଧିକାରୀ ବିନୋଦ ନାଏକ, ବିଭାଗୀୟ ଏସ ସିଏମ ଲକ୍ଷ୍ମଣ ସାଥୁଆ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ବିଭାଗୀୟ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ । ଏହି ପ୍ରକଳ୍ପରୁ ବ୍ଲକର ସମସ୍ତ ୧୫ ପଞ୍ଚାୟତର ପ୍ରାୟ ୧ଲକ୍ଷ ୯୦ହଜାର ପରିବାର ଉପକୃତ ହେବେ ବୋଲି ଜଣାଯାଇଛି । ୧୬୯ କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଜଳ ବିଶୋଧନାଗାର ପ୍ରକଳ୍ପର କାର୍ଯ୍ୟ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବୌଦ୍ଧ ଖାଉଟି ଅଦାଲତର କ୍ଷେଟ୍ରୋଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୩୦।୫(ସ୍ୱ.ପ୍ର.)

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ସୋମବାର ଏକ ଲାଞ୍ଚ ମାମଲାର ବିଚାର କରି ବୌଦ୍ଧ ଖାଉଟି ଅଦାଲତର କ୍ଷେଟ୍ରୋ ଅଭିଯୁକ୍ତ ମନ୍ମଥ ଗଡନାୟକଙ୍କୁ ୩ ବର୍ଷ କାରାଦଣ୍ଡ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ, ବୌଦ୍ଧ ଜିଲା ଜାମପାଲି ଗ୍ରାମର ସତ୍ୟ ପ୍ରଧାନ ନିଜ ଘରର ବିଦ୍ୟୁତ୍ ବିଲ ନିୟମିତ ପୈଠ କରୁଥିଲେ ମଧ ବିଦ୍ୟୁତ୍ ବିଭାଗ (ସାଉଥକୋ) ୪୧ ହଜାର ଟଙ୍କା ଫାଇନ କରିଥିଲେ। ଏନେଇ ପ୍ରଧାନ ଖାଉଟି ସୁରକ୍ଷା ମଞ୍ଚର କ୍ଷେଟ୍ରୋ ଗଡନାୟକଙ୍କୁ କହିବା ସହ ଏକ ମାମଲା କରିବାକୁ କହିଥିଲେ। କିନ୍ତୁ ମାମଲା କରିବାକୁ କ୍ଷେଟ୍ରୋ ତାଙ୍କୁ ୩୦୦୦ ଟଙ୍କା ଲାଞ୍ଚ ମାଗିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପ୍ରଧାନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଗତ ୧୮।୩।୨୦୧୯ରେ କ୍ଷେଟ୍ରୋ ଗଡନାୟକ ୩୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ୬/୨୦୧୯ ରେ ଏକ ମାମଲା ରୁଜୁ କରି ବିଚାର ପାଇ କୋର୍ଟକୁ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା। ମାମଲାରେ ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତ ଗଡାନାୟକଙ୍କୁ ୩ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଅଧିକ ୩ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି.ରାମଦାସ ପରିଚାଳନା କରୁଥିଲେ।

# ସରକାରୀ ଜମିରେ କୁକୁଡ଼ା ଫାର୍ମ ନିର୍ମାଣ: ତହସିଲଦାରଙ୍କୁ ଦାବିପତ୍ର

ବିନିକା,୩୦।୫ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅଧୀନ ସର୍ଗୁନା ଗ୍ରାମର ଏକ ସରକାରୀ ଜମିରେ ସେହି ଗ୍ରାମର ଏକ ଦମ୍ପତି ଜବରଦଖଲ କରି କୁକୁଡ଼ା ଫାର୍ମ ତିଆରି କରୁଛନ୍ତି । ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ଶଙ୍କର୍ଷଣ ଭୁଏ ଓ ଭିକାରୀ ଭୁଏଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର ସୁବର୍ଣ୍ଣପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଚାନ୍ଦିନୀ ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ କୁକୁଡ଼ା ଫାର୍ମ ବନ୍ଦ କରା ନ ଗଲେ ଗ୍ରାମବାସୀ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମବାସୀ ଗତ ୧୭ତାରିଖରେ ଏ ନେଇ ଜିଲାପାଳ ଓ ତହସିଲଦାରଙ୍କୁ ଅବଗତ କରିଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ୩ ପଞ୍ଚାୟତବାସୀଙ୍କ ଜିଲାପାଳଙ୍କୁ ଦାବିପତ୍ର

ତରଭା,୩୦।୫(ଡି.ଏନ.ଏ.)

**କ୍ରଶର ପାଇଁ ରାସ୍ତା ଅବସ୍ଥା ଶୋଚନୀୟ**

କ୍ରଶର ପାଇଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବା ନେଇ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ, ମରାଡୁଗୋଚ୍ଛା, ସରଗଜ ପଞ୍ଚାୟତବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ଓ ବିଡିଓଙ୍କୁ ପ୍ରଦାନ କରାଯାଇଛି । ଉପରୋକ୍ତ ତିନି ଗୋଟି ପଞ୍ଚାୟତର ଜନସାଧାରଣ ଦୈନିକ ଯାତାୟାତ କରୁଥିବା ତରଭା ପର୍ଯ୍ୟନ୍ତ ଆସିଥିବା ମୁଖ୍ୟରାସ୍ତା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଦୈନିକ ଏହି ରାସ୍ତା ଦେଇ ରାମଚଣ୍ଡୀ ସମେତ ଅନ୍ୟ ତିନୋଟି କ୍ରଶରରୁ ଶତାଧିକ ଭାରୀଯାନରେ ମେଟାଲ, ଚିପ୍ସ ଓ ପଥର ଗୁଣ୍ଡ ପରିବହନ କରାଯାଉଛି । ଫଳରେ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହେବା ସହ ପଥର ଗୁଣ୍ଡ ଏଣେତେଣେ ଉଡି ପଡୁଛି। ଏଥିଯୋଗୁ ବାୟୁ ପ୍ରଦୂଷଣ ହେବା ସହ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି । କ୍ରଶର ମାଲିକମାନେ ରାସ୍ତାରେ ପାଣି ସିଞ୍ଚନ କରିବା ନିୟମ ଥିଲେ ହେଁ ଏହାର ଉଲ୍ଲଂଘନ କରୁଛନ୍ତି । ଏ ସମ୍ପର୍କରେ ବିଭିନ୍ନ ସମୟରେ ଜନସାଧାରଣଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏନେଇ ଉପରୋକ୍ତ ୩ ପଞ୍ଚାୟତର ଶତାଧିକ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତରଭା ତହସିଲଦାରଙ୍କ ଜରିଆରେ ଜିଲାପାଳ ଓ ବିଡିଓ ଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାସ୍ତା ଅବରୋଧ ସହ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଉପରୋକ୍ତ ପଞ୍ଚାୟତର ସରପଞ୍ଚ କୁଶଳେଶ୍ୱର ପାଣ୍ଡେ, ମନମୋହନ ସାହୁ ଓ ନର୍ମଦା ମିଶ୍ରଙ୍କ ସମେତ କାର୍ତ୍ତିକ ନାଗ, ବସୁ ସାହୁ, ପବିତ୍ର କୁମାର ମିଶ୍ର, ଏଲ. ସାହୁ, ମହେନ୍ଦ୍ର ସୁନା ପ୍ରମୁଖ ଚେତାବନୀ ଦେଇଛନ୍ତି । ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# କବି ପ୍ରକୃତିର ଭାବନାକୁ ପରିପ୍ରକାଶ କରେ

ଅମରପାଲି,୩୦।୫(ଡି.ଏନ.ଏ.)

**ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ**

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରସ୍ଥିତ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ଦିନ ସପ୍ତଦୀପା ସାହିତ୍ୟ ସଂସଦର ୧୦୯ତମ ଭ୍ରାମ୍ୟମାଣ ସାରସ୍ୱତ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପକାରାଗାରର ଅଧୀକ୍ଷକ ଅଞ୍ଜଳି ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କବି ଓ ଲେଖକ ପ୍ରକୃତିର ଉପାସକ। ସେମାନେ କବିତା ମାଧ୍ୟମରେ ପ୍ରକୃତିର ଭାବନାକୁ ନିଖୁଣ ଭାବରେ ପରିପ୍ରକାଶ କରିଥାନ୍ତି। ଏଣୁ କବି ଓ ଲେଖକମାନଙ୍କ ଯୋଗୁ ପ୍ରକୃତି ଶୋଭା ବର୍ଦ୍ଧନ ହୋଇଥାଏ। ଏହାସହିତ ଭାଷା ଓ ସଂସ୍କୃତି ସୁଦୃଢ଼ ହୋଇପାରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଭଗବାନ ମିଶ୍ର ଯୋଗ ଦେଇଥିଲେ। ସୁକାନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି



ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ କବିତା ପାଠୋତ୍ସବ ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ଡ଼ ଅନିରୁଦ୍ଧ କୁରକୁରିଆ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀ ନାରାୟଣ ସାହୁ ଓ ଅକୃର ହୋତାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁକାନ୍ତ ସାହୁ, ଅନ୍ତର୍ଯ୍ୟାମୀ ରଥ, ଡ. ରାଧେଶ୍ୟାମ ପଣ୍ଡା, ଜ୍ୟୋତିଲାଲ ନନ୍ଦ, କିଶୋର ହୋତା, ବଳରାମ ଦାସ, ପ୍ରହଲ୍ଲାଦ ନାଏକ, ଭଗବାନ ବାଘ, ଡ.ଅନିରୁଦ୍ଧ କୁରିକୁରିଆ, ଧ୍ରୁବଚରଣ କ୍ଷେତି, ଅକୃର ହୋତା, ଅକ୍ଷୟ ରାଏ, ଦ୍ୱିତୀକୃଷ୍ଣ ପଣ୍ଡା, ସତ୍ୟ ଚାନ୍ଦ, ଯୁଗଳ କିଶୋର ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ମାସରେ ଉଲୁଣ୍ଡା ବ୍ଲକ ବାଘପାଲିସ୍ଥିତ ଚନ୍ଦ୍ରମଣି ମଠ ପରିସରରେ ଉକ୍ତ ସଂସଦର ୧୧୦ ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହାର ଦାୟିତ୍ୱ ଡ଼ ଅନିରୁଦ୍ଧ କୁରକୁରିଆ ନିର୍ବାହ କରିବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଏକତ୍ରର ନାଟ୍ୟ ପଠନ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୩୦।୫: ୨୪ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ନାଟ୍ୟାନୁଷ୍ଠାନ ପକ୍ଷରୁ ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାରରେ ମଙ୍ଗଳବାର ନାଟ୍ୟ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ନାଟ୍ୟ ପଠନ ପୂର୍ବରୁ ଏକ ସଂକ୍ଷିପ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସ୍ୱଦେଶ ନାୟକ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ରାଜୀବ ପାଣି ଅଧ୍ୟକ୍ଷତା କରି ନାଟ୍ୟ ପଠନ ଆମ ସହର ପାଇଁ ଏକ ନୂତନ କାର୍ଯ୍ୟକ୍ରମ ବୋଲି କହିଥିଲେ। ଡ. ସଞ୍ଜୟ ହାତୀ 'ବିଜୁଳି ଚୁଲା' ନାଟକକୁ ପଠନ କରିଥିଲେ। ଏହାପରେ ପଲ୍ଲବ ଚାଟାର୍ଜୀଙ୍କ ଦ୍ୱାରା ୩ ପୁରୁଷ ଓ ୨ ସ୍ତ୍ରୀ ଚରିତ୍ରକୁ ନେଇ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅଲ୍ଲି ଫେରିଛି କି'କୁ ପଠନ କରିଥିଲେ। ନାଟକ ପଠନ ଉପରେ ଅନୁଷ୍ଠାନର ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ ଓ ନଳିନୀ ନିହାର ନାୟକଙ୍କ ସମେତ ପ୍ରକାଶ ସାହାଣୀ, ପଶୁପତିନାଥ ଚାଟାର୍ଜୀ, ଇଂ. ନବଘନ ସାହୁ, ସୁକାନ୍ତ ଖୁଣ୍ଟିଆ, କନକଲତା ଦାସ ପ୍ରମୁଖ ମତାମତ ରଖିଥିଲେ। ନାଟକଗୁଡିକ ଅତ୍ୟନ୍ତ ଜୀବନ୍ତ ଓ ଚିତ୍ତାକର୍ଷକ ବୋଲି କହିବା ସହ ନାଟକର ବିଭିନ୍ନ ଚରିତ୍ର ପାଇଁ ଭିନ୍ନ ଭିନ୍ନ ଅଭିନେତା ଓ ଅଭିନେତ୍ରୀ ନାଟ୍ୟ ପଠନ କଲେ ଏହା ଦର୍ଶକଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନାଟକ ପାଠ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟରଶ୍ମି ଦାସ ଓ ସରୋଜ ଶଙ୍ଖୁଆ ସହଯୋଗ କରିଥିଲେ।

### ଡ୍ରଗିଷ୍ଟ ଆଣ୍ଡ୍ କେମିଷ୍ଟ ସଂଘ ବୈଠକ

ରାଉରକେଲା ଅଫିସ,୩୦।୫: ସୁନ୍ଦରଗଡ଼ ଜିଲା ଡ୍ରଗିଷ୍ଟ ଆଣ୍ଡ୍ କେମିଷ୍ଟ ଆସୋସିଏଶନର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ରାଉରକେଲାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ୧୨ଜଣ କାର୍ଯ୍ୟକାରିଣୀ ସଦସ୍ୟ ଯୋଗଦାନ କରିଥିଲେ। ଅନୀଲ ଅଗ୍ରୱାଲ, ରଞ୍ଜନ ଜେନା, ଅଜୟ ଶର୍ମା, ପ୍ରଣବ ରାୟ, ପ୍ରଜ୍ଞାପ୍ରଦୀପ୍ତ ଲେଙ୍କା, ପ୍ରମୋଦ ପରିଡ଼ା, କାଶୀନାଥ ସାହୁ, ବସନ୍ତ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଚଳିତ ବର୍ଷର କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ ପାଇଁ ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ।

### ବଜ୍ରପାତରେ ଜଣେ ମୃତ

ଦେବଗଡ଼,୩।୫(ଡି.ଏନ୍.ଏ.): ଦେବଗଡ଼ ଜିଲା ବାରକୋଟ ବ୍ଲକ ଝରାକଣ୍ଡେଲ ଗ୍ରାମର ଜଣେ ବ୍ୟକ୍ତି ଟୁଲ ସଂଗ୍ରହ କରିବାକୁ ଯାଇଥିବାବେଳେ ବଜ୍ରପାତ ପଡ଼ି ତାଙ୍କର ମୃତ ହୋଇଛି। ମୃତକ ହେଲେ ବିରଞ୍ଚି ମହାକୁଲ(୪୮)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ବିରଞ୍ଚି ମଙ୍ଗଳବାର ଅପରାହ୍ନରେ ନିକଟସ୍ଥ ଜମିକୁ ଟୁଲ ସଂଗ୍ରହ କରିବା ପାଇଁ ଯାଇଥିଲେ। ସେହି ସମୟରେ ହଠାତ୍ ବଜ୍ରପାତ ମାରିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି।

# ପାଠପଢ଼ା ବୟସରେ ଶ୍ରମକାର୍ଯ୍ୟ

## ରାଉରକେଲାରେ ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା

ରାଉରକେଲା ଅଫିସ,୩୦।୫

ରାଉରକେଲା ସହରରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ଶିଶୁମାନେ ନିର୍ମାଣ କାମଠାରୁ ଆରମ୍ଭ କରି ହୋଟେଲ, ରେଷ୍ଟୁରାଣ୍ଟରେ କାମ ଏବଂ ପ୍ଲାଟଫର୍ମରେ ଭିକ ମାଗୁଛନ୍ତି। ଉଦିତନଗର, ପାନପୋଷ, ରେଲୱେ ପ୍ଲାଟଫର୍ମ ଓ ଆଖପାଖ ଅଞ୍ଚଳରେ ଏଭଳି ପ୍ରତିଦିନ ଦେଖିବାକୁ ମିଳୁଛି। ଶିଶୁଶ୍ରମିକ ସଂଖ୍ୟା ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନାଥ ତଥା ଅସହାୟ ଶିଶୁମାନଙ୍କୁ ୨୧ବର୍ଷ ପର୍ଯ୍ୟନ୍ତ ସାମଗ୍ରିକ ଦେଖାଶୁଣା ଦାୟିତ୍ୱ ବହନ କରାଯାଉଛି। ଏଥିପାଇଁ ବାଲ ସୁଧାର ଗୃହ, ଶିଶୁ ଥାଇଥାନ କେନ୍ଦ୍ର କରାଯାଇଛି। ଏଥିପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା



ପାନପୋଷରେ ଶିଶୁଶ୍ରମିକ ଲୁହା ପାଇପ୍ ବୋହୁଛନ୍ତି।

ଖର୍ଚ୍ଚ ହେଉଛି। ମାତ୍ର ପରିତାପର ବିଷୟ ରାଉରକେଲା ସହରରେ ଏଭଳି ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରି ଥଇଥାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ପରିବାର ଚଳାଇବା ପାଇଁ ଶିଶୁମାନେ ପାଠ ପଢିବା ବୟସରେ ଶ୍ରମିକ ସାଜିବାକୁ ବାଧ ହେଉଛନ୍ତି। ରାଉରକେଲା ସହରର ହୋଟେଲ, ରେଷ୍ଟୁରାଣ୍ଟ ତଥା କୌଣସି ବ୍ୟକ୍ତି ବିଶେଷଙ୍କ ଅଧୀନରେ ନିୟୋଜିତ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିବା ଦାୟିତ୍ୱ ଶ୍ରମ ବିଭାଗର ହୋଇଥିବା ବେଳେ ରାସ୍ତାଘାଟରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା, ଭିକ୍ଷାବୃତ୍ତି କରୁଥିବା ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଉଦ୍ଧାର କରି ଥଇଥାନ ବ୍ୟବସ୍ଥା କରାଯାଉଛି। କିନ୍ତୁ ଠିକ୍ ଭାବେ ସହରରେ ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟ ହେଉ ନ ଥିବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରାଉରକେଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କୁ ପଚାରିବାରୁ ସେ କହିଲେ, ଆମ ବିଭାଗ ପକ୍ଷରୁ ପ୍ରତି ମାସରେ ସହରର ବିଭିନ୍ନ ହୋଟେଲ, ଢାବା ମାନଙ୍କରେ ଚଢାଉ କରାଯାଉଛି। ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଶ୍ରମ ଭିତ୍ତିକ କାର୍ଯ୍ୟରେ ନିୟମ ଉଲ୍ଲଂଘନ ହେଉଥିଲେ ତାକୁ ରୋକାଯାଉଛି। ରାସ୍ତାକଡରେ ବିଭିନ୍ନ ସାମଗ୍ରୀ ବିକ୍ରିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ଜିଲା ଶିଶୁ ସୁରକ୍ଷା ବିଭାଗର କାର୍ଯ୍ୟ। ଚଳିତ ବର୍ଷ ୭ଟି ମାମଲା ପଞ୍ଜୀକୃତ ହୋଇଛି। ଆଗକୁ ସହରର ହୋଟେଲ, ରେଷ୍ଟୁରାଣ୍ଟ ଆଦିରେ ଯାଞ୍ଚ କରାଯିବ ବୋଲି ନାୟକ କହିଥିଲେ।

# ଆର୍‌ଏସ୍‌ପି ସହରସେବା ବିଭାଗ ମୁଖ୍ୟଙ୍କୁ ସ୍ମାରକପତ୍ର ପ୍ରଦାନ

ରାଉରକେଲା ଅଫିସ,୩୦।୫

ରାଉରକେଲା କଂଗ୍ରେସ ସଂଖ୍ୟା ଲଘୁ ସେଲ୍‌ର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ପୂର୍ବାହ୍ନରେ ଆର୍‌ଏସ୍‌ପି ସହରସେବା ବିଭାଗ ପ୍ରମୁଖ ପ୍ରତାପ ସ୍ୱାଇଁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ରାଉରକେଲା ସେକ୍ଟର-୨ ଇନ୍ଦିରା ଗାନ୍ଧୀ ପାର୍କରେ ଇନ୍ଦିରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସେକ୍ଟର-୧୯ ନେହେରୁ ପାର୍କର ସୌନ୍ଦର୍ଯ୍ୟକରଣ ଓ ପାର୍କରେ ମାଲ୍ୟାର୍ପଣ ପାଇଁ ଏକ ସିଢ଼ି ନିର୍ମାଣ, ଓଡ଼ିଶାର ପ୍ରଥମ ଦିବଙ୍ଗତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନାମରେ ପାର୍କ ନିର୍ମାଣ ଓ ପ୍ରତିମୂର୍ତ୍ତି ସ୍ଥାପନ ଆଦି ଦାବି କରାଯାଇଛି। ଏହି ସମୟରେ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇଜାଜ ଅଖତାର, ସମ୍ପାଦକ ପ୍ରବୋଧ ଦାସ, ଶିବୁ ଦେ, ସୂର୍ଯ୍ୟକାନ୍ତ ବାରିକ, ଉପସଭାପତି ବାସୁଦେବ ବାନାର୍ଜୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କଂଗ୍ରେସ ସଂଖ୍ୟାଲଘୁ ସେଲ୍ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସିଆଇଟିୟୁର ୫୪ତମ ପ୍ରତିଷ୍ଠା ଦିବସ ପାଳନ



ସଦସ୍ୟମାନେ ଲାଲ୍ ପତାକା ଉତ୍ତୋଳନ କରୁଛନ୍ତି।

ରାଉରକେଲା ଅଫିସ, ୩୦।୫

ଭାରତର ଟ୍ରେଡ୍ ୟୁନିୟନ କେନ୍ଦ୍ର (ସିଆଇଟିୟୁ)ର ୫୪ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସେକ୍ଟର-୧୬ ସ୍ଥିତ ଜିଲା କାର୍ଯ୍ୟାଳୟ ଶ୍ରମିକ ଭବନଠାରେ ପାଳନ କରାଯାଇଛି। ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ସୁନ୍ଦରଗଡ଼ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି ସଙ୍ଗଠନର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଜିଲା ଉପ ସଭାପତି ବସନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ପାଳନ ସଭାରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଜିଲା ବରିଷ୍ଠ ଉପ ସଭାପତି ଶ୍ରୀମନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିଆଇଟିୟୁ ୧୯୭୦ରେ କଲିକତାଠାରେ ପ୍ରଥମ ସର୍ବଭାରତୀୟ ସମ୍ମିଳନୀ କରି ସଙ୍ଗଠନ ତାର ପ୍ରତିଷ୍ଠା ଘୋଷଣା କରିଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଲଗାତର ଓ ସାଲିସବିହୀନ ଭାବେ ସିଆଇଟିୟୁ ଦେଶର ଶ୍ରମିକ ଶ୍ରେଣୀ ସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଆସୁଛି ବୋଲି ଅତିଥିମାନେ କହିଥିଲେ। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଜିଲା ନେତା ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ତାଜମୁନ୍ ନେହାର, ଅଜୟ ଶର୍ମା, ସାଲୋମୀ ମିଞ୍ଜ, ରତ୍ନାକର ନାୟକ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଏନ୍. ଏନ୍. ପାଣିଗ୍ରାହୀ, ଅରୁଣ ମହାରଣା, ପ୍ରଦୀପ ସେଠୀ, ସଚିନ ରାୟ, ପ୍ରଦୋଷ ପରିଡ଼ା, ବିକ୍ରମ ଜଗତି, ସୁରେଶ ବେଉରିଆ, ଜେ. କେ. ସାହୁ, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ, କୁନ୍ଦନ ବେହେରା, ରାଜୀବ ବସନ୍ତରାୟ ପ୍ରମୁଖଙ୍କ ସମେତ ବହୁ ଶ୍ରମିକ ସାମିଲ ହୋଇଥିଲେ।

# ରୋଟାରି କ୍ଲବ ଚାର୍ଟର ଇନ୍‌ଷ୍ଟଲେଶନ କାର୍ଯ୍ୟକ୍ରମ

ରାଉରକେଲା ଅଫିସ, ୩୦।୫

ରାଉରକେଲା ବ୍ରାହ୍ମଣୀ କ୍ଲବରେ ରୋଟାରୀ କ୍ଲବ ଅଫ ରାଉରକେଲା ଭିବ୍ରାଣ୍ଟର ଚାର୍ଟର ସ୍ଥାପନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୯ମ ରୋଟାରୀ କ୍ଲବ ସ୍ଥାପନ ଅବସରରେ ଡିଜି ଇଲେକ୍ଟ ମଞ୍ଜିତ ସିଂ ଆରୋରା, ସଂସ୍ଥାପନ ଅଧିକାରୀ ତଥା ପିଡିଜି ଫକିର ଚରଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ଅଫ୍ ରାଉରକେଲା ଭିବ୍ରାଣ୍ଟ ଅର୍ଚ୍ଚନା ଦେବତା, ସଚ୍ଚୀ ଉଦିତ ସାହୁ, ସଭାପତି ଗଣେଶ ପଟ୍ଟନାୟକ, କୋଷାଧ୍ୟକ୍ଷ ବସନ୍ତ ତନ୍ତୀ ଓ ଚାର୍ଟର ସଦସ୍ୟ ଏବଂ ନୂତନ ସଦସ୍ୟ ଶପଥ ଗ୍ରହଣ କରିଥିଲେ। ଗଣେଶ ପଟ୍ଟନାୟକ ଏବଂ ଡ. ମିନତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଜିତ ମୋହନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାଜଲ ପାଢ଼ୀ, ଅନୀତା ନାୟକ, ପ୍ରଶାନ୍ତ ରଞ୍ଜନ ପାତ୍ର, ସରୋଜ ପାତ୍ର, ମୋହନ ରାଓ ଏବଂ ଶଶିକାନ୍ତ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

# ଇସ୍ପାତ ସହର ପାଇଁ ଗୌରବ ଆଣିଲେ ବାସବଦତ୍ତା

ରାଉରକେଲା ଅଫିସ,୩୦।୫

## ଓଡ଼ିଆ ସିନେମାରେ ପାର୍ଶ୍ୱ ଗାୟିକା ଭାବେ ପ୍ରଥମ ପ୍ରଦାର୍ପଣ

ରାଉରକେଲାର କଣ୍ଠଶିଳ୍ପୀ ବାସବଦତ୍ତା ମହାନ୍ତି ଓଡ଼ିଆ ସିନେମାରେ ପାର୍ଶ୍ୱ ଗାୟିକା ଭାବେ ପ୍ରଥମ ପଦାର୍ପଣ କରି ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ସେ ଆର୍‌ଏସ୍‌ପିର ଲୋକ ସମ୍ପର୍କ ବିଭାଗ ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକଙ୍କ ପତ୍ନୀ ତଥା ଆର୍‌ଏସ୍‌ପିର ନିଜସ୍ୱ ମ୍ୟୁଜିକାଲ ବ୍ୟାଣ୍ଡ 'ନିନାଦ'ର ଜଣେ ଜଣାଶୁଣା କଣ୍ଠଶିଳ୍ପୀ। ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଓଡ଼ିଆ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ'ରେ ତାଙ୍କର ସ୍ୱମଧୁର କଣ୍ଠସ୍ୱର ଶୁଣିବାକୁ ମିଳିଛି। ବାସବଦତ୍ତା ନିଜ ମା' ଶାନ୍ତି ମହାନ୍ତିଙ୍କଠାରୁ ପ୍ରଥମ ସଙ୍ଗୀତ ଶିକ୍ଷାଲାଭ କରିଥିଲେ। ପରେ ସେ ଓଡିଶାର ସ୍ୱନାମଧନ୍ୟ ସଙ୍ଗୀତ ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥିଙ୍କ ଠାରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଗ୍ରହଣ କଲେ। ପିଲାଟି ଦିନରୁ ତାଙ୍କ କୋକିଳ କଣ୍ଠର କୁହୁକରେ ବାନ୍ଧି ହୋଇଯାନ୍ତି ଶ୍ରୋତାଗଣ। ତାଙ୍କର ପ୍ରଥମ ଓଡ଼ିଆ ଆଲବମ୍ 'ଆମେ ଏ ଧରା'ର ଗୀତ ଶ୍ରୋତାମାନଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଥିଲା। ବାସବଦତ୍ତା ୫ଟି ଭକ୍ତି ଆଲବମରେ କଣ୍ଠଦାନ କରିଛନ୍ତି। ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଅନୁଗାମୀ ବାସବଦତ୍ତା ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ପଣ୍ଡିଚେରୀ ସ୍ଥିତ ଶ୍ରୀମା ଅରବିନ୍ଦ ଆଶ୍ରମରେ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଥିଲେ। ସେ ଭୁବନେଶ୍ୱର ଦୂରଦର୍ଶନ ଆୟୋଜିତ ମେଗା ପ୍ରତିଭା ଚୟନ ପ୍ରତିଯୋଗିତା 'ଆମରି ଗୀତ ଆମରି ସ୍ୱର'ର ପ୍ରଥମ ସଂସ୍କରଣର ବିଜେତା ଥିଲେ।



କଣ୍ଠଶିଳ୍ପୀ ବାସବଦତ୍ତା ମହାନ୍ତି।

# ଜିଏସ୍‌ଟି ଠକଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ରାଉରକେଲା ଅଫିସ,୩୦।୫

କୋଟି କୋଟି ଟଙ୍କା ଜିଏସ୍‌ଟି ଟିକସ ଫାଙ୍କୁଥିବା ଠକମାନଙ୍କ ବିରୋଧରେ ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ରାଉରକେଲା ଜିଏସ୍‌ଟି ଅଫିସ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଭଳି ଠକଙ୍କୁ ନ୍ୟାୟୋଚିତ ଦଣ୍ଡ ବିଧାନ ପାଇଁ ସ୍ୱତନ୍ତ୍ର ଉଦ୍ୟମ ପ୍ରକ୍ରିୟା ଗୁଡିକ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର ରମେଶ ଚନ୍ଦ୍ର ମଣ୍ଡଳ ଯୋଗଦେଇ କହିଥିଲେ, ରାଉରକେଲା ସହରରେ ବର୍ତ୍ତମାନ ସୁଦ୍ଧା ୨୫ କୋଟି ଟଙ୍କାର ଫେକ୍ ଜିଏସ୍‌ଟି ପଞ୍ଜୀକରଣ ହୋଇଥିବାବେଳେ



ବୈଠକରେ ଉପସ୍ଥିତ ଜିଏସ୍‌ଟି ଅଧବକାରୀ ଏବଂ ଅନ୍ୟମାନେ।

୧୫ ଜଣଙ୍କୁ ଗିରଫ କରାଯାଇଛି। ବିଶେଷ କରି ଜିଏସ୍‌ଟି ଠକମାନେ ସହରରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକମାନଙ୍କ ପ୍ୟାନ, ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ନେଇ ଆକାଉଣ୍ଟ ଖୋଲି ରାଜ୍ୟ ସରକାରଙ୍କୁ ଠକୁଛନ୍ତି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପଡିବ ବୋଲି କମିଶନର ମଣ୍ଡଳ କହିଥିଲେ। ସହରବାସୀଙ୍କ ଜିଏସ୍‌ଟି ସଚେତନତା ପାଇଁ ମେ' ୧୬ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ଅବଗତ କରାଯାଇଥିଲା। ବୈଠକରେ ବଣିକ ସଂଘ ସଭାପତି ସୁନିଲ କୟାଲ, ସୁବ୍ରତ ପଟ୍ଟନାୟକ, ଆଇନଜୀବୀ କେ. ସି. ପଣ୍ଡା, ସୁରେଶ ନାୟକ ଓ ଟ୍ୟାକ୍ସବାର ଆସୋସିଏଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସୀମାନ୍ତରେ ୧୧ ପ୍ରେସର ଆଇଡି, ତୀର, ଲୁହା ରଡ୍ ଜବତ

ରାଉରକେଲା ଅଫିସ,୩୦।୫

ଓଡ଼ିଶା ସୀମାବର୍ତ୍ତୀ ଟୋଣ୍ଟୋ ଓ ଗୋଇଲକେରା ଥାନା ଅଞ୍ଚଳରେ ଯବାନମାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ ବେଳେ ମଙ୍ଗଳବାର ୧୧ଟି ଆଇଡି, ଲୁହାତୀର, ରଡ୍ ଆଦି ଜବତ କରାଯାଇଛି। ମାଓବାଦୀମାନେ ଟୋଣ୍ଟୋ ଥାନା ତୁମ୍ବାହାକା ନିକଟ ପାହାଡ଼ିଆ ସ୍ଥାନରେ ଖଞ୍ଜା ଯାଇଥିବା ୫ଟି ପ୍ରେସର ଆଇଡି, ଲୁହାତୀର ଓ ରଡ଼ ପୋତିଥିଲେ। ଏହାକୁ ଯବାନମାନେ ନଷ୍ଟ କରିଛନ୍ତି। ସେହିପରି ଗୋଇଲକେରା ଥାନା ଅଧୀନ ମାରାଦିରି, ହାତୀବୁରୁ, ମେରାଲଗଡ଼ା, ଛୋଟା କୁଇଡ଼ାରେ ୬ଟି ପ୍ରେସର ଆଇଡି, ତୀର, ରଡ୍ ପୋତାଯାଇଥିଲା। ସୁରକ୍ଷା ବଳ ଏହାକୁ ନଷ୍ଟ କରିଦେଇଛନ୍ତି ବୋଲି ସିଆରପିଏଫ ପକ୍ଷରୁ ସୂଚନା ମିଳିଛି।

# ପର୍କୁଜାଇଟ ଟ୍ୟାକ୍ସ ରିହାତି ଉପରେ ଶୁଣାଣି ଆରମ୍ଭ

ରାଉରକେଲା ଅଫିସ,୩୦।୫

ସେଲ୍‌ରେ କାର୍ଯ୍ୟରତ ଅଧିକାରୀମାନେ ୨୦୨୧ ନଭେମ୍ବର ୧୮ରୁ ପର୍କୁଜାଇଟ ଟ୍ୟାକ୍ସ ଉପରେ ୫୦ ପ୍ରତିଶତ ରିହାତି ପାଇଆସୁଥିଲେ। ହେଲେ ଆର୍‌ଏସ୍‌ପି ସ୍ୱୀକୃତି ନିର୍ବାଚନ ଶେଷ ହେବା ପରେ ଏହା ବନ୍ଦ ହୋଇଛି। ଏ ନେଇ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଗତ ୨୨ ତାରିଖରେ ଆଞ୍ଚଳିକ ଶ୍ରମ ଆୟୁକ୍ତରେ ଏକ ଶିଳ୍ପ ବିବାଦ ଆରମ୍ଭ କରିଥିଲା। ଏହାର ପ୍ରଥମ ଶୁଣାଣି ମଙ୍ଗଳବାର ଆରମ୍ଭ ହୋଇଛି। ଗୋଟିଏ ଶିଳ୍ପରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ୫୦ ପ୍ରତିଶତ ପର୍କୁଜାଇଟ ବେନିଫିଟ ମିଳୁଥିବା ବେଳେ ଶ୍ରମିକମାନେ କିପରି ବଞ୍ଚିତ ହେଉଛନ୍ତି। ସମସ୍ତ ତର୍କ ବିତର୍କ ପରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସଂଘ ଏନ୍‌ଜେସିଏସ୍‌ରେ ଏହି ଦାବି ଉପସ୍ଥାପନ କରୁ ବୋଲି କହିଥିଲେ। ଶ୍ରମିକ ସଂଘ ପକ୍ଷରୁ ପୂର୍ବରୁ ଏହି ଦାବି ଉଭୟ ସେଲ୍ ଅଧ୍ୟକ୍ଷା ଓ ଏନ୍‌ଜେସିଏସ୍‌ରେ ଦିଆଯାଇଥିବା କୁହାଯାଇଥିଲା। ୨ସପ୍ତାହ ମଧ୍ୟରେ ମତାମତ ପତ୍ର ଜଣାଇବା ପାଇଁ ଶ୍ରମ ଆୟୁକ୍ତ ଆଦେଶ ଦେଇଥିଲେ। ହିମାଂଶୁ ବଳ, ରାଜେନ୍ଦ୍ର ନାଥ ମହାନ୍ତ, ସନ୍ତୋଷ ସାହୁ, ନିରଞ୍ଜନ ପଟେଲ ଓ ରବିନ କୁମାର, ସୋମଦତ୍ତ ତ୍ରିପାଠୀ ଉପସ୍ଥିତ ଥିଲେ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ରାଉରକେଲା ଅଫିସ,୩୦।୫

ରାଉରକେଲା ସହର ପ୍ଲାଣ୍ଟସାଇଟ୍ ଶାରଳା ମାର୍କେଟର ଅର୍ଜୁନ ମହାଲିକ(୬୦)। ଅର୍ଜୁନଙ୍କ ପରିବାର କହିଲେ ସ୍ତ୍ରୀ କନକ ମହାଲିକ(୫୫), ଦୁଇ ପୁଅ ଅଭିମନ୍ୟୁ ଓ କାହ୍ନୁଚରଣ। ପରିବାରର ଜମିବାଡି କିଛି ନାହିଁ। ୪୦ ବର୍ଷ ହେଲା ଉକ୍ତ ପରିବାର ପ୍ଲାଣ୍ଟସାଇଟ୍‌ର ଏକ ସରକାରୀ ସ୍ଥାନରେ ଆଜବେଷ୍ଟସ ଘର କରି ରହୁଛନ୍ତି। ଅର୍ଜୁନଙ୍କ ପାନ ଦୋକାନ ଓ ଦୁଇପୁଅଙ୍କ ଦୈନିକ ପାରିଶ୍ରମିକରୁ ଯାହା ଆୟ ହେଉଛି ସେଥିରେ ପରିବାର ଚଳୁଛି। ୨୦୧୯ରେ ହଠାତ୍ କନକଙ୍କ ଶରୀର ନିଷ୍କ୍ରିୟ ହୋଇପଡିଲା। ପରିବାର ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କଲେ। ସେଠାରେ କନକ ଭଲ ନ ହେବାରୁ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଗଲା। ସେଠାରେ ସେ ଭଲ ନ ହେବାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇଆସିଲେ। ବର୍ତ୍ତମାନ କନକ ପାରାଲିସିସ୍‌ରେ ପୀଡିତ ଥିବାରୁ ସେ ଆଉ ବିଛଣାରୁ



ଶଯ୍ୟାଶାୟୀ କନକ ମହାଲିକ।

ଉଠିପାରୁନାହାନ୍ତି। ଘରର ବାସନକୁସନ ବିକି ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଗଲା। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିଲାନି। କନକଙ୍କ ଉଚ୍ଚତର ଚିକିତ୍ସା ଲାଗି ଆହୁରି ଅର୍ଥ ଆବଶ୍ୟକ ପଡିବାରୁ ପରିବାର ଲୋକେ ଚିକିତ୍ସା କରାଇ ନ ପାରି ଘରକୁ ଫେରାଇ ଆଣିଛନ୍ତି। ବର୍ତ୍ତମାନ କନକଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଅର୍ଜୁନ ଏବଂ ତାଙ୍କ ଦୁଇ ପୁଅ ଏତେ ଅର୍ଥରାଶି ଯୋଗାଡ଼ କରିବାରେ ଅସମର୍ଥ ହୋଇ ପଡିଛନ୍ତି। ସରକାର ଏବଂ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଆର୍ଥିକ ସହାୟତାର ହାତ ବଢାଇଲେ କନକ ଆରୋଗ୍ୟ ହୋଇପାରନ୍ତେ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି। ଏଥିସହିତ ପରିବାର ବର୍ଗ ଅର୍ଜୁନ ଓ କନକଙ୍କୁ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

# ଉଦ୍ୟୋଗରେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ହାସଲକୁ ଗୁରୁତ୍ୱ

ରାଉରକେଲା ଅଫିସ,୩୦।୫

ଶିଳ୍ପ କ୍ଷେତ୍ରରେ ପ୍ରମୁଖ ଦୁର୍ଘଟଣାଜନିତ ବିପଦ ସନ୍ଦର୍ଭରେ ଦିନିକିଆ ମଣ୍ଡଳ ସ୍ତରୀୟ ସୁରକ୍ଷା କର୍ମଶାଳା ମଙ୍ଗଳବାର ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଶ୍ରମ ଓ ଇଏସଆଇ କମିଶନର ଆର୍. ଏସ୍. ଗୋପାଳନ୍ ମୁଖ୍ୟ ଅତିଥି, କାରଖାନା ଏବଂ ବଏଲର ବିଭାଗ ନିର୍ଦ୍ଦେଶକ ଡା. ଏନ୍. ଥିରୁମାଲା ନାୟକ ସମ୍ମାନିତ ଅତିଥି ଭାବେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେଇଥିଲେ। ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଶ୍ରମ ଓ ଇଏସଆଇ ବିଭାଗ ଉପ ସଚିବ (ନୋଡାଲ ଅଫିସର) ନିରଞ୍ଜନ ଜେନା, ରାଉରକେଲା ଡିଭିଜନ କାରଖାନା ଏବଂ ବାଷ୍ପୀୟ ବିଭାଗର ଉପନିର୍ଦ୍ଦେଶକ ବିଭୂ ପ୍ରସାଦ, ସହାୟକ ନିର୍ଦ୍ଦେଶକ ଏମ୍. କେ. ମିଶ୍ର ଓ ଇନଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ ପ୍ରାଇଭେଟ



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଗୋପାଳନ୍ ଶିଳ୍ପ ଉଦ୍ୟୋଗ ବିଶେଷତଃ ଲୌହ ଓ ଇସ୍ପାତ ଉଦ୍ୟୋଗରେ ତିଷ୍ଠି ରହିବା ପାଇଁ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ ଗୁଡିକରେ ସୁରକ୍ଷାକୁ ସୁଦୃଢ କରିବା ନିମନ୍ତେ ପାରିପାର୍ଶ୍ୱିକ ବୃହତ ଶିଳ୍ପଗୁଡିକର ଭୂମିକା ରହିଛି ବୋଲି ସେ କହିଥିଲେ। ରାଜ୍ୟରେ ଭିଜନ ଶୂନ୍ୟର ଏକମାତ୍ର ଲକ୍ଷ୍ୟ ହେଉଛି ଉଦ୍ୟୋଗ ଗୁଡିକରେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁହାର ହାସଲ ବୋଲି ସମ୍ମାନିତ ଅତିଥି ଡା. ଏନ୍. ଥିରୁମାଲା କହିଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୁରକ୍ଷା ଜନିତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସୋମନାଥ ତ୍ରିପାଠୀ ସୁରକ୍ଷା କ୍ଷେତ୍ରରେ ନେତୃତ୍ୱ ମନୋଭାବ, ମାନସିକତା ଏବଂ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିରଞ୍ଜନ ଜେନା ସୁଦୃଢ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅନୁପ୍ରେରିତ କରିଥିଲେ। ଏକ ନିପୁଣ ସୁରକ୍ଷା ସଂସ୍କୃତିର ପ୍ରୋତ୍ସାହନ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷ, ଶିଳ୍ପ ଉଦ୍ୟୋଗ ଏବଂ ସରକାରଙ୍କ ଭୂମିକା ଉପରେ ବିଭୁ ପ୍ରସାଦ ଜୋର୍ ଦେଇଥିଲେ। ପ୍ରାରମ୍ଭରେ ଦେବବ୍ରତ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ନିର୍ଦ୍ଦେଶାଳୟ, ରାଉରକେଲା ମଣ୍ଡଳର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏମ୍‌ଏସିସି ପକ୍ଷରୁ 'ସ୍ୱଦେଶ' ପ୍ରଦର୍ଶନୀ

ମୁମ୍ବାଇ,୩୦।୫

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ନିକଟରେ ଏକ ୩ ଦିନିଆ ପାରମ୍ପରିକ କଳା ଓ ହସ୍ତକଳା ପ୍ରଦର୍ଶନୀ 'ସ୍ୱଦେଶ'ର ଆୟୋଜନ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ୍ ସେଣ୍ଟର (ଏନ୍‌ଏମ୍‌ଏସିସି) ଠାରେ କରାଯାଇଥିଲା। ବିଶେଷକରି ଦେଶର କୋଣ ଅନୁକୋଣର ପାରମ୍ପରିକ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ସେହିଭଳି ପାରମ୍ପରିକ କାରିଗରମାନଙ୍କ କାରୁକାର୍ଯ୍ୟକୁ ଦେଖିବା ପାଇଁ ଏନ୍‌ଏମ୍‌ଏସିସି ପରିସରରେ ବିପୁଳ ଜନ ସମାଗମ ହୋଇଥିଲା। ଏପରିକି ବିଭିନ୍ନ ବିଷୟ ଓ ସବୁ ବର୍ଗଙ୍କ ଆଗ୍ରହଙ୍କ ନଜରରେ ରଖି ଫାଉଣ୍ଡେଶନ ପକ୍ଷରୁ ଉକ୍ତ ପ୍ରଦର୍ଶନୀର ଅବଧିକୁ ବଢାଇ ଦିଆଯାଇଛି।



ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, ଭାରତୀୟ ଓ ଆନ୍ତର୍ଜାତିକ ଅତିଥିମାନଙ୍କଠାରୁ କାରିଗରମାନେ ଯେଉଁଭଳି ବିପୁଳ ପ୍ରଶଂସା ପାଉଛନ୍ତି ଓ ଧ୍ୟାନ ଆକର୍ଷଣ କରିଛନ୍ତି, ତାହା ଦେଖି ମୋତେ ବହୁତ ଆନନ୍ଦ ଲାଗୁଛି। ଏପରିକି ସେମାନଙ୍କ ସହିତ ଭାବ ବିନିମୟକୁ ମୁଁ ସ୍ମରଣ କରୁଛି ଏବଂ ସେମାନଙ୍କ କାହାଣୀ ଶୁଣିବା ତଥା ନିଜ କଳା ପ୍ରତି ସେମାନଙ୍କ ଅସାଧାରଣ ଆବେଗ ଦେଖିବା ବେଶ୍ ଉଲ୍ଲେଖନୀୟ ବୋଲି ନୀତା ମତବ୍ୟକ୍ତ କରିଛନ୍ତି। ସେହିଭଳି ସ୍ୱଦେଶ ହେଉଛି ଆମ ଐତିହ୍ୟର ଏକ ଉତ୍ସବ ଏବଂ ମୁଁ ଆଶା କରୁଛି ଯେ ଏହା ଆମ କାରିଗରମାନଙ୍କ ପାଇଁ ସମ୍ମାନ,ସ୍ୱୀକୃତି ଓ ରୋଜଗାରର ଏକ ନୂଆ ଶୁଭାରମ୍ଭ। ବିଶେଷକରି ଭାରତୀୟ କାରିଗରମାନେ ହେଉଛନ୍ତି ଦେଶର ଗର୍ବ। ସେମାନଙ୍କ କଳା ଓ ହସ୍ତକଳା ହେଉଛି ଆମ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରଦର୍ଶନ କରିବା ସହ ସେସବୁକୁ ଆହୁରି ଶାଣିତ କରିବା ସହିତ ଆଗାମୀ ପିଢ଼ିଙ୍କ ପାଖରେ ତାହା ପହଞ୍ଚାଇବା ଲାଗି ସେମାନଙ୍କୁ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିଥିବାରୁ ଆମେ ବେଶ୍ ଗର୍ବିତ ମନେକରୁଛୁ ବୋଲି ନୀତା ମତପ୍ରକାଶ କରିଛନ୍ତି।

# ଗ୍ରାହକ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର,୩୦।୫

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ବେଆଇନ ବିଦ୍ୟୁତ ସଂଯୋଗକୁ ଚିହ୍ନଟ କରିବା ଏବଂ ସଂଯୋଗକୁ ବିଚ୍ଛିନ୍ନ କରିବା ଏବଂ ଯେଉଁମାନେ ବିଦ୍ୟୁତ ବିଲ୍ ପ୍ରଦାନ କରୁଛନ୍ତି, ସେମାନେ କିଭଳି ଠିକ୍ ଭାବେ ବିଦ୍ୟୁତ୍ ଯୋଗାଣ ପାଇବେ, ତାହାକୁ ନିଶ୍ଚିତ କରିବା ଲାଗି ଏକ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଉଛି। ବିଶେଷ କରି ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସନ୍ଧାନରେ ଟିପିସିଓଡିଏଲ୍ ପକ୍ଷରୁ ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିରେ ଉନ୍ନତି ଓ ଗାହକ ସେବା କେନ୍ଦ୍ରରେ ଉନ୍ନତି ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍ ସେନବାଗମ୍ କହିଛନ୍ତି, ବିଦ୍ୟୁତ ଚୋରିକୁ ରୋକିବା ସହ ନିଷ୍ଠାପର ଗ୍ରାହକମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ସହିତ ଗ୍ରାହକ ସେବାକୁ ଗୁରୁତ୍ୱ ଦେବାକୁ କମ୍ପାନୀ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ କରି ବିଦ୍ୟୁତ ଚୋରିର ପରିଣାମ ଓ ଦାୟିତ୍ୱବାନ ଭାବେ ବିଦ୍ୟୁତ ବ୍ୟବହାରର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି।

# ମେଟ୍ରନ୍ ସହ ଟିଏସ୍ଏମ୍ଏଲ୍‌ର ସହଭାଗିତା



ଭୁବନେଶ୍ୱର,୩୦।୫

ଅନ୍ତଃରାଷ୍ଟ୍ରୀୟ ଘରୋଇ ସଂସ୍ଥା ମେଟ୍ରନ୍ ସହ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍(ଟିଏସ୍ଏମ୍ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ହୋଇଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀର କଟକ ଜିଲାସ୍ଥିତ ଆଠଗଡ଼ଠାରେ ଥିବା ଫେରୋ ଆଲଏଜ୍ କାରଖାନା ପାଇଁ ଏକ ଉନ୍ନତ ଶକ୍ତି ପରିଚାଳନା ଓ ଉନ୍ନତୀକରଣ ପ୍ଲାଟ୍‌ଫର୍ମ ପ୍ରସ୍ତୁତକରି ତାହାକୁ କାର୍ଯ୍ୟକାରୀ କରିବା ହେଉଛି ଏହି ସହଭାଗିତାର ମୁଖ୍ୟ ଉଦ୍ଦେଶ୍ୟ। ଏପରିକି ମେଟ୍ରନ୍ ପକ୍ଷରୁ ବିକଶିତ କରାଯାଇଥିବା ସଫ୍ଟୱେର ଟାଟା ଷ୍ଟିଲ୍ ମାଇନିଂର କାରଖାନା ୟୁଟିଲିଟିଗୁଡ଼ିକରେ କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବା ସହ ଶକ୍ତି ଉପଯୋଗିତାର ରିୟଲ ଟାଇମ୍ ନିରୀକ୍ଷଣ, ଅନୁଧ୍ୟାନ ଓ ଉନ୍ନତୀକରଣ କରିବା ପାଇଁ କମ୍ପାନୀକୁ ସକ୍ଷମ କରିବ। ସେହିଭଳି ଶକ୍ତିର ଡିଜିଟାଲୀକରଣ ସହ ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ଡିକାର୍ବନାଇଜେଶନ, ଶକ୍ତି ଉପଯୋଗିତାରେ ଉନ୍ନତି, ଖର୍ଚ୍ଚ ହ୍ରାସ ଓ ସାମଗ୍ରିକ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବାରେ ଏହା କମ୍ପାନୀ ପାଇଁ ବେଶ୍ ସହାୟକ ହେବ। ସେହିପରି ଏହି କ୍ଲାଉଡ୍ ଭିତ୍ତିକ ଶକ୍ତି ପରିଚାଳନା ଓ ଉନ୍ନତୀକରଣ ପ୍ଲାଟ୍‌ଫର୍ମ କାରଖାନାରେ ବ୍ୟବହାର ହେଉଥିବା ଶକ୍ତିକୁ ରିୟଲ ଟାଇମ୍ ଭିଜିବିଲିଟି ସୁବିଧା ପ୍ରଦାନ କରିବ।

ଏ ସମ୍ପର୍କରେ ଟିଏସ୍ଏମ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଶକ୍ତି ଦକ୍ଷତା ଓ ନିମ୍ନ କାର୍ବନ ଫୁଟ୍‌ପ୍ରିଣ୍ଟ ପ୍ରତି ଆମ ପ୍ରତିବଦ୍ଧତାକୁ ମେଟ୍ରନ ସହ ଏହି ସହଭାଗିତା ପ୍ରତିଫଳିତ କରୁଛି। ଆଠଗଡ଼ରେ ଥିବା ଆମ ଫେରୋ ଆଲଏଜ୍ କାରଖାନାରେ ସେମାନଙ୍କ ଉନ୍ନତ ଶକ୍ତି ପରିଚାଳନା ଓ ଉନ୍ନତୀକରଣ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବା ପାଇଁ ଆମେ ବେଶ୍ ଉତ୍ସାହିତ। ଶକ୍ତି ଉପଯୋଗିତାରେ ହ୍ରାସ,ପରିଚାଳନା ଦକ୍ଷତା ଓ ଉତ୍ପାଦକତା ଉନ୍ନତିରେ ଏହି ପ୍ଲାଟ୍‌ଫର୍ମ ସହାୟକ ହେବ ବୋଲି ଆମେ ଆଶା କରୁଛୁ।

ସୂଚନାଯୋଗ୍ୟ, ଟାଟା ଷ୍ଟିଲ୍ ମାଇନିଂର ଫେରୋକ୍ରୋମ୍ ୟୁନିଟ୍ ଓ ଖଣି ଗୁଡ଼ିକରେ ଡିଜିଟାଲ ଡ୍ୟାସ୍‌ବୋର୍ଡ ଭାବେ କାର୍ଯ୍ୟ କରିବ। ଏପରିକି ଏହା ଜରିଆରେ ଟିଏସ୍ଏମ୍ଏଲ୍‌ର ଜଳ ଉପଯୋଗିତାର ଡିଜିଟାଲୀକରଣ ପାଇଁ ପୂର୍ବରୁ ଫ୍ଲକ୍ସଜେନ୍ ସଷ୍ଟେନେବଲ୍ ଟେକ୍ନୋଲୋଜିସ୍ ସହିତ ବୁଝାମଣା ସ୍ୱାକ୍ଷର କରାଯାଇଛି।

# କାନାରା ବ୍ୟାଙ୍କ ପକ୍ଷରୁ ରିଟେଲ ଏକ୍ସପୋ

ଭୁବନେଶ୍ୱର,୩୦।୫

କାନାରା ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ରିଟେଲ ଏକ୍ସପୋ ବ୍ୟାଙ୍କର ଆର୍‌ଏଏଚ୍ ଭୁବନେଶ୍ୱର ପୋଖରୀପୁଟଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ମହାପ୍ରବନ୍ଧକ ବି.ଚନ୍ଦ୍ରଶେଖର ରାଓ ଏବଂ ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାହକ, ବିଲ୍ଡର ଏବଂ କାର୍ ଡିଲରମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ କାନାରା ବ୍ୟାଙ୍କ ଶିକ୍ଷା ଋଣ କ୍ଷେତ୍ରରେ ଅଗ୍ରଣୀ ରହିଛି ଏବଂ ବ୍ୟାଙ୍କ ସୁବିଧାରେ ସ୍ୱଳ୍ପ ସୁଧ ହାରରେ ଗୃହ ଋଣ, ଗାଡ଼ି ଋଣ, ସମ୍ପତ୍ତି ବିପକ୍ଷରେ ଋଣ ଏବଂ ବ୍ୟକ୍ତିଗତ ଋଣ ଆଦି ପ୍ରଦାନ କରିବା ସହିତ ପ୍ରୋସେସିଂ ଏବଂ ଡକ୍ୟୁମେଣ୍ଟେସନ୍ ଦେୟ ଛାଡ କରୁଛି ବୋଲି ମହାପ୍ରବନ୍ଧକ ବି. ଚନ୍ଦ୍ରଶେଖର ରାଓ ପ୍ରକାଶ କରିଛନ୍ତି। ସେହିଭଳି ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ର କହିଛନ୍ତି, ବ୍ୟାଙ୍କର ଉତ୍ପାଦଗୁଡିକ ଗ୍ରାହକଙ୍କୁ ସୁହାଇଲା ପରି ପ୍ରସ୍ତୁତ କରାଯାଇଛି। ଏପରିକି କାନାରା ବ୍ୟାଙ୍କର ନୂତନ ଉତ୍ପାଦ କାନାରା ପ୍ରିମିୟମ୍ ପେ ରୋଲ ପ୍ୟାକେଜ, କାନାରା ଏସ୍‌ବି ସିଲେକ୍ଟ ସମେତ ୩୦୦ରୁ ଊର୍ଦ୍ଧ୍ୱ ବିଶେଷତ୍ୱଗୁଡିକ ସହ ମୋବାଇଲ ଆପ୍ ଆଦି ଡିଜାଇନ ହୋଇଛି। ବିଶେଷକରି ସବୁ ବର୍ଗର ଗ୍ରାହକଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବାକୁ ବ୍ୟାଙ୍କ ସର୍ବଦା ପ୍ରତିବଦ୍ଧ ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ମହାପ୍ରବନ୍ଧକ ରାଓ ଏବଂ ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ଗୃହ ଏବଂ କାର୍ ଋଣ ହିତାଧିକାରୀମାନଙ୍କୁ ୧୭୦ଟି ମଞ୍ଜୁରିପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମହାପ୍ରବନ୍ଧକ ପି.ଠାକୁର ନାଏକ, ଉପ-ମହାପ୍ରବନ୍ଧକ ଜି.ଏନ୍. ମୂର୍ତ୍ତି, ସହାୟକ ମହାପ୍ରବନ୍ଧକ ରୀତା ଦାସ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାଓ, ଭୁବନେଶ୍ୱର ଆର୍‌ଏଏଚ୍‌ର ଉପ-ପ୍ରବନ୍ଧକ ବିବେକ ପର୍ଟ୍ନି ଓ ଅରବିନ୍ଦ ବେହେରାଙ୍କ ସମେତ ଅଞ୍ଚଳ କାର୍ଯ୍ୟାଳୟର ଅଧିକାରୀ ଓ ସ୍ଥାନୀୟ ଶାଖାର ଅଧିକାରୀ ଏବଂ ମାର୍କେଟିଂ ଅଫିସର ଓ ଗ୍ରାହକମାନେ ଉପସ୍ଥିତ ଥିଲେ।

# ହାୟର କିନୋଚି 'ବେଷ୍ଟ ଇନୋଭେଟିଭ ପ୍ରଡକ୍ଟ ଅଫ୍ ଦି ଇୟର'




**ଭୁବନେଶ୍ୱର,୩୦।୫:** ଦେଶର ପ୍ରମୁଖ ହୋମ୍ ଆପ୍ଲିଆନ୍ସ ନିର୍ମାଣକାରୀ ସଂସ୍ଥା ତଥା ହାୟର ଆପ୍ଲିଆନ୍ସ ଇଣ୍ଡିଆର ବହୁ ପ୍ରତୀକ୍ଷିତ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହାୟର କିନୋଚି ୫ଷ୍ଟାର ହେଭି ଡ୍ୟୁଟି ପ୍ରୋ ଏୟାର କଣ୍ଡିସନରକୁ ନିକଟରେ'ବେଷ୍ଟ ଇନୋଭେଟିଭ ପ୍ରଡକ୍ଟ ଅଫ୍ ଦି ଇୟର'ରେ ପୁରସ୍କୃତ କରାଯାଇଛି। ବିଶେଷକରି ଗ୍ରାହକଙ୍କ ଚାହିଦା ଓ ବଜାରରେ ଏହାର ଉପଲବ୍ଧକୁ ସ୍ୱୀକୃତି ଦିଆଯାଇଛି।

ଏ ସମ୍ପର୍କରେ ହାୟର ଇଣ୍ଡିଆର ସଭାପତି ସତୀଶ ଏନ୍‌ଏସ୍ କହିଛନ୍ତି, ଆମେ ବିଗତ କିଛି ବର୍ଷ ହେବ ଭଲ ଅନୁସନ୍ଧାନ ପ୍ରଣାଳୀ ସହିତ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇବା ସହ ଗ୍ରାହକଙ୍କ ପାଇଁ ସର୍ବୋତ୍ତମ ଉତ୍ପାଦକୁ ଆଣିବାରେ ସକ୍ଷମ ହୋଇଛୁ। ଏପରିକି ଦୀର୍ଘ ୨ ଦଶନ୍ଧି ଧରି ଆମେ ଭାରତୀୟ ବଜାରରେ ନିଜର ଉପସ୍ଥିତି ଜାହିର କରିଆସିଛୁ। ଫଳରେ ଆମର ଏହି ଅଭିନବ ଉତ୍ପାଦ ଲାଗି ଆମେ ମଧ୍ୟ ପୁରସ୍କୃତ ହୋଇଛୁ। ସାରା ଭାରତରେ ଆମେ ନିଜର ଏହି ଉତ୍ପାଦକୁ ପ୍ରସାରିତ କରିବା ଲକ୍ଷ୍ୟ ରଖିଛୁ। ସେହିଭଳି ମେକ୍ ଇନ୍ ଇଣ୍ଡିଆ ଓ ମେକ୍ ଫର୍ ଇଣ୍ଡିଆ ରଣନୀତି ଅନୁଯାୟୀ ହାୟର ତା'ର ଉତ୍ପାଦକୁ ଭାରତରେ ବିସ୍ତାରକରି ଗ୍ରାହକମାନଙ୍କୁ ଦକ୍ଷ, ସ୍ଥାୟୀ ଓ ସୁବିଧା ପ୍ରଦାନ କରିବା ଉପରେ ଧ୍ୟାନ ଦେଉଛି।

# ଟିଏସ୍ଏଫ୍ ପକ୍ଷରୁ ଜନସଚେତନତା ଅଭିଯାନ

ଭୁବନେଶ୍ୱର,୩୦।୫

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍‌ର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) ୟୁନିଟ୍ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍ଏଫ୍) ପକ୍ଷରୁ ନିକଟରେ ବିଶ୍ୱ କଇଁଛ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟିଏସ୍ଏଫ୍ ପକ୍ଷରୁ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଓ ସଚେତନତା ଅଭିଯାନଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ କଇଁଛର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବା ସହ ସ୍ଥାନୀୟ ଲୋକମାନଙ୍କ ଉଦ୍ୟମକୁ ବେଶ୍ ପ୍ରଶଂସା କରାଯାଇଥିଲା।

ଉକ୍ତ କର୍ମଶାଳାରେ ଗୋପାଳପୁରସ୍ଥିତ ଆର୍ମି ଏଡି କଲେଜର ଭିଏସ୍ଏମ୍, କମାଣ୍ଡାଣ୍ଟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ୟୁ. ଭି. ତାଲୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ସୀମା ଉପରେ ସେନା ରଖୁଥିବା ତୀକ୍ଷ୍ଣ ନିଜର ଓ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପ୍ରତି ସ୍ଥାନୀୟ ଲୋକଙ୍କ ଉଦ୍ୟମ ଭିତରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ ସେ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ଆର୍ମି ଏଡି କଲେଜର କର୍ଣ୍ଣେଲ ଜେନେରାଲ, ଷ୍ଟାଫ୍ ପ୍ଲାନିଂ କର୍ଣ୍ଣେଲ ମାନସ ଖାଡ଼ଙ୍ଗା, ଜିଲା ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.କୀର୍ତ୍ତି ଭାସନ,ବ୍ରହ୍ମପୁର ମଣ୍ଡଳ ବନ ଅଧିକାରୀ ସନି ଖୋକାର,ପ୍ରଦୀପ ମୋଦକ, ତଟରକ୍ଷୀ ଅଧିକାରୀ ପ୍ରଦୀପ ମୋଦକ, ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ଏବଂ ଟାଟା ଷ୍ଟିଲ୍ ଓଡ଼ିଶାର ସିଏସ୍ଆର୍ ମୁଖ୍ୟ ଅମ୍ବିକା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## BERHAMPUR MUNICIPAL CORPORATION

No.7667/A6-VII-1/23 Date:29.05.2023

**No.C-441:** Sealed Quotations are invited to be reach the undersigned by Regd. Post/Speed Post from reputed agencies/firms/dealers/suppliers for **"Purchase of Books for Municipal E-Library Town Hall Upstairs under Berhampur Municipal Corporation for the financial year 2023-2024"**. The detailed terms & conditions are available at our office website www.berhampur.gov.in. The last date of receipt of tender in this office by 06.06.23 by. 2.00 P.M. and will be opened on the same day at 4.00 P.M. in the office of undersigned.

The authority reserves the right to accept or reject any quotation without assigning any reason thereof.

**Sd./- Commissioner**
**Berhampur Municipal Corporation**
**OIPR-13035/11/0006/2324**

## OFFICE OF THE MUNICIPAL COUNCIL, RAYAGADA

No.1968 Dtd:22.05.23

**"e" - TENDER NOTICE**

**Bid Identification No.RGDA-MUN- 02/2023-24**

**No.C-445:** Bid documents consisting of 32 (Thirty Two) Nos. of Civil Work (Roads and Building) with their Estimated Cost (Work Value), Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in.).

1. Name of the Work : Civil Works (Roads and Building) as mentioned in the website.
2. No. of Works : 32 (Thirty Two) nos.
3. Estimated Costs : (As mentioned in the DTCN)
4. Period of Completion : As mentioned against the work in the NIT / DTCN
5. Date & Time of Availability of Bid Documents on the Portal : From Dated 29.05.2023, 11.30 AM Hrs. to Dated 22.06.2023,05.30 PM Hrs.
6. Bids received online to be opened on : Dated 27.06.2023, 11.30 AM Hrs.
7. Name and Address of the officer inviting the Bid : Executive Officer, Rayagada Municipality, Rayagada

Further details can be seen from the procurement portal http://tendersorissa.gov.in.

**Sd./- Executive Officer**
**Rayagada Municipality**
**OIPR-13150/11/0006/2324**

## OFFICE OF THE DIVISIONAL FOREST OFFICER, RAYAGADA DIVISION

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ରାୟଗଡ଼ା ବନଖଣ୍ଡ, ରାୟଗଡ଼ା**

**(Ph.06856-222056,225056, E-mail:dforgda17@gmail.com & dfo.rayagada@odisha.gov.in)**

**Tender Notification No.149, Dated 29.05.2023**

**TENDER CALL NOTICE FOR HIRE VEHICLE**

**No.MM-39:** Sealed tenders are invited for hiring of 9 number of vehicles of this office. Tender document can be received from Divisional Forest Officer, Rayagada Forest Division latest by 15.06.2023 at 12.30 PM and to be submitted 5.30 PM on same day. Tender opening date is 17.06.2023 at 11.00 AM. For further detail go through website http://www.rayagada.nic.in.

**Sd./- Divisional Forest Officer**
**Rayagada Division**
**OIPR-08062/11/0001/2324**

## ODISHA MINING CORPORATION LIMITED

OMC | ODISHA NEW OPPORTUNITIES — Mining Happiness

No.CAD-763

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

**E-procurement Notice**

**Bid document No.: OMC/E-PROC/C&P/64/2023 Date:26.05.2023**

| | | |
|---|---|---|
| 1 | Work name | Supply, installation and commissioning of 6 Mtr. Automatic Wheel Wash Systems along with CAMC at Khandabandh, Mahaparbat, Banspani & Jhilling Mines under Barbil Region, (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 29.05.2023; Time: 05:00 PM |
| 3 | Pre-bid meeting | Date: 07.06.2023; Time: 3:30 PM; Venue: Through VC |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

**OIPR-30005/11/0043/2324** **Head (C&P)**

## OFFICE OF THE DIVISIONAL FOREST OFFICER, PURI WILDLIFE DIVISION

**CHAKRATIRTHA ROAD, PURI - 752002**

**TENDER CALL NOTICE FOR DISPOSAL OF CASHEW NUT LOT No. 10, 11, 15, 16, 17, 22 & 27 (2022 CROP) OF KONARK WL RANGE IN BALUKHANDA - KONARK WILDLIFE SANCTUARY OF PURI WILDLIFE DIVISION**

No. MM-38: Sealed tenders in prescribed format are invited from the interested purchasers for sale of cashew nuts Lot No. 10, 11, 15, 16, 17, 22 & 27 (Crop 2022) stored at Go-downs of Konark Wildlife Ranges in Balukhanda - Konark Wildlife Sanctuary of Puri Wildlife Division as is in where is basis. The tender papers can be obtained during office hours from 29.05.2023 onwards on payment of Rs.100/- in the Office of the Divisional Forest Office, Puri Wildlife Division. Tender forms for Cashew Nut Lots of Konark WL Range is to be submitted by the **Registered Post/Speed Post/Courier Service/Directly** in a sealed cover addressed to "The Divisional Forest Officer, Puri Wildlife Division, Chakratirtha Road, Puri - 752002" on or before 3.00 P.M. of 06.06.2023. The opening of tender papers of Cashew Nut Lot will be held in the office of the Divisional Forest Office, Puri WL Division on 06.06.2023 at 4.30 P.M.

The undersigned reserves the right to accept or reject any or all tenders or to postpone the sale without assigning any reason thereof.

**Sd./- Divisional Forest Officer**
**Puri Wildlife Division, Puri**
**OIPR-08140/11/0001/2324**

## OFFICE OF THE NOTIFIED AREA COUNCIL, ASKA (GANJAM)

**Email: askanac@gmail.com, Ph. No. 06822-273068**

**Letter No. 1713** **Date: 26.05.2023**

**QUOTATION CALL NOTICE**

No. C-448: Sealed quotations are invited from the intending Supplier/Authorized Dealers/Agencies for supply of JCB 2DX Right Backhoe Loader should be quotated including all taxes. The goods should be delivered at N.A.C. Office, Aska in good condition including transportation charges. The tender paper cost Rs.6000/- and EMD Rs.30000/- has to deposit along with Quotation paper in shape of DD in favour of "Executive Officer, N.A.C., Aska" payable at Aska. The quotation paper will be available in office hour except Govt. Holiday from 29.05.2023 to 07.06.2023. The quotation should reach in the office of the undersigned on or before 08.06.2023 at 10.30 A.M. The undersigned will not take any responsibility of delay in receive the quotation through post or by hand in office after deadline fixed for receiving the tenders. The quotation will be opened on the said date 08.06.2023 at 11.30 P.M. in the presence of the suppliers or their authorized representatives. The authority reserves the right to reject at any or all quotation without assigning any reason thereof. The quotations are essentially required to enclose up-to-date valid GST Clearance Certificate and PAN Card. The detail specification of ENGINEE of the JCB is given below.

**Koel 4R810, NA, Water Cooled, BSIII Disel Engine**
**No. of Cylinders - 4, Displacement: 3.2 Liters**
**Gross Power: 36.4KW (49hp)**
**Max Torque: 203Nm@1400 RPM (as per SAEJ 1995)**

**Sd./- Executive Officer**
**NAC, Aska**
**OIPR-13181/11/0003/2324**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER MAHANADI, BRAHMANI & BAITARANI SYSTEM, CHANDIKHOLE

**E-mail ID: cembbschandikhole@gmail.com**

**NOTICE INVITING TENDER**

**E-Procurement Notice No:-CE&BM, MBBS 01 OF 2023-24**
**Bid Identification No: CE&BM, MBBS JPD 01 OF 2023-24**

**No.A-187:** The Chief Engineer & Basin Manager, Mahanadi, Brahmani & Baitarani System, Chandikhole on behalf of Governor of Odisha invites on-line percentage rate tender through e-procurement in double cover system.

**Table - 1: Details of Critical Dates, details of work, Bid Security**

| Pkg No. | Name of Works | Approx. Tender Cost | Class of Contractor | Bid Security/ EMD (online)- (in INR) | Cost of tender document-(on-line)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Renovation of 1 Main Distributary of Jajpur Main Canal from RD 6.600 Km to 18.681 Km under CLSRP (Working RD 7.100 Km to 16.030 Km) | Rs.4184.02 Lakh (Excluding G.S.T.) | 'Super' & 'Special' Class | Rs.41,84,100/- | Rs.10,000/- | 18 (Eighteen) Calendar Months |

**Table - 2: e-Procurement Details:**

| Procurement Officer | Bid Identification No. | Availability of tender online for bidding | | Date of Seeking tender clarification | Date & Time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Basin Manager, Mahanadi, Brahmani & Baitarani System, Chandikhole | CE&BM MBBS JPD 01 of 2023-24 | Dt.02.06.2023 at 10.00 hours | Dt.21.06.2023 upto 17.00 Hours | Dt.02.06.2023 to 19.06.2023 at Office during office hours | Dt.22.06.2023 at 11.00 Hours | To be intimated after evaluation of Technical Bid | Office of Chief Engineer & Basin Manager, Mahanadi Brahmani & Baitarani System, Chandikhole |

Further details can be seen from the Govt. Website www.tendersodisha.gov.in
•Other Terms & conditions can be seen from the Government website www.tendersodisha.gov.in
•The Corrigendum/ cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager**
**MMBS, Chandikhole**
**OIPR-32415/11/0003/2324**

## NOTICE

**No.C-438:** The following contractor, who were registered as "C" Class Contractor under S.E.P.H Circle, Bhubaneswar.(Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| SLNo. | Name and Address | Regn. No. & Class | This office order No. & Date |
|---|---|---|---|
| 1) | AB ENGINEERING GROUP<br>Prop:- Parbati Hembram (S.T)<br>D/o- Kalandi Charan Hembram<br>At-Mantadihi, Ps-Jhar Pokharia<br>Dist-Mayurbhanj | CDMS Regd.<br>No.224GF388<br>'C' Class<br>(Valid upto 31.03.2019) | S.E.P.H. Circle, BBSR<br>Dt.28.12.2016 |
| 2) | M/S AQUA SERVICES<br>Prop:- Prativa Rath<br>D/o. Suresh Prasad Rath<br>At-Plot No.16, Bhouma Nagar, Unit-04<br>PO- G.P.O., Bhubaneswar<br>PS-Kharvel Nagar<br>Dist-Khordha | CDMS Regd.<br>No.466AR999<br>'C' Class<br>(Up-Graded to "B" Class) | S.E.P.H. Circle, BBSR<br>Dt.11.03.2022 |
| 3) | Smt. Puspalata Sila<br>D/o. Sadhu Charan Sahu<br>At-Plot No.1001, Narad Sahi,<br>Tinimundia Temple, PO/PS-Lingaraj<br>Dist-Khordha | CDMS Regd.<br>No.839TN998<br>'C' Class<br>(Up-Graded to "B" Class) | S.E.P.H. Circle, BBSR<br>Dt.25.03.2021 |

This notice is required to be published for information of all Govt. Deptt,/ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.

In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd./-Additional Chief Engineer**
**P.H.Circle, Bhubaneswar**
**OIPR-13235/11/0002/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୋଦି ମାର୍କା ବିକାଶ କ'ଣ ଲୋକେ ବୁଝିଗଲେଣି: ଶରତ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ୯ ବର୍ଷ ପୂର୍ତ୍ତି ଉତ୍ସବକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଟାର୍ଗେଟ କରିଛନ୍ତି। କଂଗ୍ରେସ ଭବନ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ୯ ବର୍ଷର ମୋଦି ଶାସନର ଗୁଣଗାନ ଚାଲିଛି। ମାତ୍ର ଏହି ସମୟରେ ଦେଶର ସାଧାରଣ ଜନତା ଡଳିତଳାନ୍ତ ହୋଇପଡ଼ିଛନ୍ତି। "ମୋଦି ମାର୍କା ବିକାଶ"କ'ଣ ତାହା ଦେଶର ଜନସାଧାରଣ ଅନୁଭବ କଲେଣି। ମହଙ୍ଗା ମାଡ଼ରେ ଲୋକେ ହନ୍ତସନ୍ତ। ଖାଇବା ତେଲ, ଅଟା ଓ ଡାଲି ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଏବେ ଆକାଶ ଛୁଆଁ। କଂଗ୍ରେସ ଅମଳରେ ମିଳୁଥିବା ୪୧୦ ଟଙ୍କାର ଗ୍ୟାସ ଟାଙ୍କି ଆଜି ୧୧୩୦ ଟଙ୍କା ଟପିଛି। ୨୦୧୪ ପୂର୍ବରୁ ଡିଜେଲ ଲିଟର ପିଛା ୫୫ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୬୫ ଟଙ୍କାରୁ ୭୦ ଟଙ୍କାରେ ମିଳୁଥିବାବେଳେ, ମୋଦି ସରକାରରେ ତାହା ୧୦୦ ଟଙ୍କା ପାର ହୋଇଛି। ଦେଶର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ପ୍ରତାରିତ କରିଛନ୍ତି। ଚାଷୀଙ୍କର ଆୟ ୨୦୨୨ ସୁଧା ଦ୍ୱିଗୁଣିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରକୃତରେ ଚାଷୀର ଆୟ ୨୦୧୪ ଠାରୁ ବହୁ ପରିମାଣରେ କମିଯାଇଛି। ୩ଟି କଳା କୃଷି ଆଇନ୍ ପ୍ରଣୟନ କରିଥିଲେ। ଯେଉଁଥିରେ ଚାଷୀ ସର୍ବସ୍ୱାନ୍ତ ହୋଇଥାନ୍ତେ ବୋଲି ଶରତ କହିଛନ୍ତି।

# ୨୨ ବିଧାୟକ, ୯ ଏମ୍‌ପି ଶିନ୍ଦେ କ୍ୟାମ୍ପ ଛାଡ଼ିପାରନ୍ତି

## ଉଦ୍ଧବ ଗୋଷ୍ଠୀର ଦାବି

ମୁମ୍ବାଇ, ୩୦।୫

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀର ୯ ଜଣ ଏମ୍‌ପି ଏବଂ ୨୨ ବିଧାୟକ ଦଳ ଛାଡ଼ିପାରନ୍ତି ବୋଲି ଉଦ୍ଧବ ଠାକ୍‌ରେ ନେତୃତ୍ୱାଧୀନ ଶିବସେନା (ୟୁବିଟି) ପକ୍ଷରୁ ଅଭିଯୋଗ କରାଯାଇଛି। ସେମାନେ ଦଳ ଭିତରେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ସେମାନଙ୍କ ପ୍ରତି ଭାଜପା ବୈମାତୃକ ବ୍ୟବହାର ଦେଖାଉଥିବା ଶିବସେନା(ୟୁବିଟି) ମୁଖପତ୍ର 'ସାମ୍‌ନା'ର ସମ୍ପାଦକୀୟରେ ପ୍ରକାଶ ପାଇଛି। ଉପରୋକ୍ତ ଅସନ୍ତୁଷ୍ଟ ଏମ୍‌ପି ଏବଂ ବିଧାୟକମାନେ ଭାଜପା ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି ଓ ସେମାନେ କେତେବେଳେ ବଳିପଡ଼ିବେ କହିହେବ ନାହିଁ। ଅନୁରୂପ ଭାବେ ଭାଜପାର ବୈମାତୃକ ବ୍ୟବହାର କାରଣରୁ ୨୦୧୯ରେ ଶିବସେନା ଏହାଠାରୁ ସମ୍ପର୍କ ତୁଟାଇଥିଲା ବୋଲି ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି। ଶିବସେନାର ଏହି ଏମ୍‌ପି ଓ ବିଧାୟକମାନେ ଉଦ୍ଧବଙ୍କୁ ପ୍ରତାରିତ କରି ଭାଜପା ସହ ହାତ ମିଳାଇଥିଲେ। ଗୈରିକ ଦଳ ସହ ସେମାନଙ୍କ ମଧୁର ସମ୍ପର୍କ ଏବେ ତିକ୍ତ ହୋଇଛି। ସେମାନେ ଶିନ୍ଦେ କ୍ୟାମ୍ପ ଛାଡ଼ିବା ନେଇ ଚର୍ଚ୍ଚା ହେଉଛି। ଭାଜପାରେ ସେମାନଙ୍କୁ ଉପଯୁକ୍ତ ବ୍ୟବହାର କରାଯାଉ ନ ଥିବା ନେଇ ଶିବସେନା ଏମ୍‌ପି ଗଜାନନ କୀର୍ତ୍ତିକାର ୩ ଦିନ ପୂର୍ବରୁ କହିଥିଲେ। ଶିବସେନାକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ କରିଥିଲା। ସେଥିପାଇଁ ଏହି ଦଳ ଭାଜପାଠାରୁ ଦୂରେଇ ଯାଇଥିବା ସଞ୍ଜୟ ରାଉତ କହିଛନ୍ତି। ଭାଜପା ଏକ କୁମ୍ଭୀର କିମ୍ବା ଅଜଗର ଭଳି। ଏହା ପାଖକୁ ଗଲେ ଗିଳିଦେବ। ଶିବସେନାର ଯେଉଁ ଏମ୍‌ପି ଏବଂ ବିଧାୟକମାନେ ଏବେ ନେତୃତ୍ୱ ବିରୋଧରେ ବିଦ୍ରୋହ କରୁଛନ୍ତି, ସେମାନେ ନିଶ୍ଚୟ ବୁଝିପାରୁଥିବେ ଯେ ଉଦ୍ଧବ ଗୈରିକ ଦଳଠାରୁ ଦୂରେଇ ଯିବା ଲାଗି ନେଇଥିବା ନିଷ୍ପତ୍ତି ଠିକ୍ ଥିଲା ବୋଲି ସଞ୍ଜୟ କହିଛନ୍ତି।



ଉଦ୍ଧବ ଠାକ୍‌ରେ



ଏକନାଥ ଶିନ୍ଦେ

## ନବ ଦାସ ହତ୍ୟାକାଣ୍ଡ ଘଟଣା

# ଚାର୍ଜଶିଟ୍ ଦାଖଲକୁ ନେଇ ରାଜନୀତି

- ଚାର୍ଜଶିଟ୍‌ରେ ଜାଣିଶୁଣି କିଛି ତଥ୍ୟ ଦେଇନି କ୍ରାଇମବ୍ରାଞ୍ଚ: ମୋହନ
- ଧର୍ମେନ୍ଦ୍ରଙ୍କ ଗୋଷ୍ଠୀ ମନଗଢ଼ା ଅଭିଯୋଗ କରୁଛନ୍ତି: ଲେନିନ୍

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ହତ୍ୟାର ଚାର୍ଜଶିଟ୍ କ୍ରାଇମବ୍ରାଞ୍ଚ ଦାଖଲ କରିବା ପରେ ଏବେ ଏହି ଘଟଣାକୁ ନେଇ ଶାସକ ଦଳକୁ ସିଧାସଳଖ ଭାଜପା ପକ୍ଷରୁ ଟାର୍ଗେଟ କରାଯାଇଛି। କିନ୍ତୁ ଏହି ଘଟଣାରେ ବିଜେଡି ପାଲଟା ଜବାବ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷିଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି କହିଛନ୍ତି, ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ୫୧୨ ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ୍ ଶେଷ ମୁହୂର୍ତ୍ତରେ ଅତି ଚତୁରତାର ସହ ଦାଖଲ କରାଗଲା। ଚାର୍ଜଶିଟ୍‌ରେ ହତ୍ୟାକାଣ୍ଡର କାରଣ, ପ୍ରକୃତ ଷଡ଼ଯନ୍ତ୍ରକାରୀ ପ୍ରସଙ୍ଗରେ କୌଣସି ତଥ୍ୟ ନାହିଁ। ଗୋପାଳ ଦାସକୁ ଖସାଇ ବଞ୍ଚାଇବାକୁ ଉଦ୍ୟମ କରାଯିବାର ଗୋଟିଏ ସୁଚିନ୍ତିତ ରାସ୍ତା ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଶାସକ ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳର ଜଣେ ସହଯୋଗୀଙ୍କୁ ସୁରକ୍ଷା ଦେଇପାରିନାହାନ୍ତି। ଏହି ହତ୍ୟାକାଣ୍ଡରେ କେବଳ ଗୋପାଳ ଦାସକୁ ବଞ୍ଚେଇବା ପାଇଁ ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ରହସ୍ୟକୁ ଉନ୍ମୋଚନ କଲେନାହିଁ। ଗୋପାଳ ଦାସଙ୍କ ଚିରାଚରିତ କଥାକୁ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟାରେ ରଖିଛନ୍ତି। ଭାଜପା ପକ୍ଷରୁ ଦାବି କରାଯିବା ସହିତ ସିବିଆଇ ତଦନ୍ତ ପାଇଁ ମଧ୍ୟ ଦାବି କରାଯାଇଥିଲା। ଏସବୁ କଥାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ସରକାର ନିଜେ ଏହି ହତ୍ୟାକାଣ୍ଡରେ ସାମିଲ ଥିବା କାରଣରୁ ଆଜି ଏ କଥାକୁ ଘଣ୍ଟ ଘୋଡ଼ାଇବା ପାଇଁ ବିଭିନ୍ନ ପ୍ରକାର ନାଟକ ରଚନା କରିଛନ୍ତି ବୋଲି ମୋହନ କହିଛନ୍ତି।

ଅନ୍ୟପଟେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନବକିଶୋର ଦାସଙ୍କ ହତ୍ୟା ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାରେ ମିଥ୍ୟା ଏବଂ ମନଗଢ଼ା ଅଭିଯୋଗ କରୁଛନ୍ତି। ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଶସ୍ତା ରାଜନୀତି କରିବା ଯୋଗୁ ଝାରସୁଗୁଡ଼ାବାସୀ ଉପନିର୍ବାଚନରେ ଏହାର ଉପଯୁକ୍ତ ଉତ୍ତର ଦେଲେ। ଏଭଳି ଉଦ୍ଦେଶ୍ୟ ପ୍ରଣୋଦିତ ବିବୃତିର ଜବାବ ଦେବାରେ ବିଜେଡି ବିଶ୍ୱାସ କରେନାହିଁ। ବିଜେଡି ଚ୍ୟାଲେଞ୍ଜ କରୁଛି, ଯଦି ଆପଣଙ୍କ ନିକଟରେ କୌଣସି ତଥ୍ୟ କିମ୍ବା ସୂଚନା ଅଛି, ତେବେ ଏଭଳି ମନଗଢ଼ା ବିବୃତି ଦେବା ବଦଳରେ ତାହାକୁ ତଦନ୍ତକାରୀ ସଂସ୍ଥା କିମ୍ବା ଅଦାଲତଙ୍କ ନିକଟରେ ଦାଖଲ କରନ୍ତୁ ବୋଲି ଲେନିନ୍ କହିଛନ୍ତି।


# Classified Everyday
0674-2580101, 2549949



MATRIMONIAL

## BRIDE WANTED

ଶାକଦ୍ୱୀ ବ୍ରାହ୍ମଣ ଘରର ପୁଅ ପାଇଁ (ବୟସ-୩୯). ୩୦ବର୍ଷରୁ ଉର୍ଦ୍ଧ୍ୱ ସୁଯୋଗ୍ୟା କନ୍ୟାପାତ୍ରୀ ବିବାହ ନିମନ୍ତେ ତୁରନ୍ତ ଆବଶ୍ୟକ। କଟକ-7205762247. D-0447

## GROOM WANTED

Beautiful Karan girl 1991, 5'8" B.tech only daughter settled Bhubaneswar-Sunasansar. 9937512659, 8249969649. D-74868

Beautiful Brahmin girl 1994 5'2" B.tech serving Engineer Infosys Bhubaneswar. Sunasansar-9937512659, 8249969649. D-74867

Govt.Nurse ବାପା, ମାଁ ନଥିବା 34 ବୟସ୍କା ତେଲୁଗୁ ଝିଅଙ୍କୁ Anycaste Married/ Unmarried ପୁଅ ଦରକାର। 6371085658. D-0471

43 aged ଖଣ୍ଡାୟତ widow Railway ରେ କାମ କରୁଥିବା ନିଃସନ୍ତାନ ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371049105.D-0473

57 ବୟସ୍କା, Central Government ଚାକିରିଆ unmarried କରଣ ଝିଅଙ୍କୁ Anycaste ପୁଅ ଦରକାର। 7008080967. D-0471



AUTOMOBILE

## SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact-9827516256. 7504690838. D-74869



REAL ESTATE

## SALE

Land for sale at Sundarpada 12050sqft. private land. Contact: 9437075283. D-0463

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

Agricultural land converted to Homestead land which is very nearer to NH-55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.-9861033990. D-0456

**ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834.** D-74866

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74689**

**Gharabari plots with boundary wall at Balianta ready to construction for sale. Contact: 9438620034.** D-0414

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

## PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309



CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate-SNV Construction Pvt. Ltd., 9439295469.** D-74862




Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Full body massage relax body mind by trend lady therapist. 7008773793. D-75110

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits with expert therapist. 8114322659. D-75111

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74688




Astrology with Divine I Predict in a divine way if you have any problem then Contact-9167370140. D-0443

## AFFIDAVIT

By virtue of an affidavit sworn before the Notary Puri dtd 23.05.2023 I, Akhyaya Kumar Panday, R/o Bali Sahi, Luhagada jaga Lane, PS. Puri Town/ Dist. Puri, declare that the actual DOB of my Father is 11.08.1944 and that of my Mother is 01.01.1948, but in my service records my Fathers DOB is wrongly recorded as 13.07.1944 and that of my Mothers DOB as 13.07.1947. The DOB's of both my Father and Mother are to be corrected. Father,s as 11.08.1944 and my Mother, as 01.01.1948. Further I declare that the names of my Father and my Mother which were miss-pelt are to be corrected. Fathers name to be corrected as Sukhendu Prasad Pandey instead of Sukhindu Prasad Panday and Mothers name to be corrected as Rajani Rani Pandey instead of Rajani Rani Panday. Akhaya Kumar Panday. D-0467

ମୋର ପ୍ରକୃତ ନାମ ଶେଖ୍ ସୁରଜ (Sekh Suraj), 23 ବର୍ଷ, ପିତା-Sk Saheb, ମାତା- Sahida Bibi, ଗ୍ରାମ ଅଣ୍ଡିଲୋ, ପୋ/ଥା-ବାଲିଅନ୍ତା, ଖୋର୍ଦ୍ଧା, ପାନ୍ କାର୍ଡ, ଆଧାର କାର୍ଡ, ମାଟ୍ରିକ ସାର୍ଟିଫିକେଟରେ ମୋର ନାମ Sekh Suraj ଅଛି। ଭୁଲ ବଶତଃ ଜନ୍ମଗତ ପ୍ରମାଣପତ୍ରରେ Sk Suraj ହୋଇଅଛି ମୁଁ ଶପଥ କରୁଅଛି କି ମୋର ପ୍ରକୃତ ନାମ Sekh Suraj ଅଟେ। D-0465

I, RENUBALA PRADHAN, aged about 49 years, W/o Late Monoranjan Pradhan, resident of At/Po- Mendhasal, P.S- Chandaka, Dist-Khordha, 752054, Aadhaar No. do hereby solemnly affirm as under: -That my husband Manoranjan Pradhan, S/o Late Lokanath Pradhan, died on 03/02/2023. That in the Aadhaar card of my husband, my aadhaar card and death certificate of my husband his name is Manoranjan Pradhan , but in the service record of my husband his name is Manaranjan Pradhan. That I declare that Manoranjan Pradhan & Manaranjan Pradhan is one and same person who is my deceased husband. That I am the legal married wife of said Manoranjan Pradhan & Manaranjan Pradhan. That the facts stated above are true to the best of my knowledge. D-0469

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ଏତଦ୍ୱାରା ଆମେ ଜଣାଉଛୁ ଯେ ଆମ ଏମ୍. ଏସ୍ ଜ୍ୟୋତି ସୋଲାର ସଲୁସନ ପ୍ରାଇଭେଟ ଲିମିଟେଡ୍. କମ୍ପାନୀ ଅଫିସ ପ୍ଲଟ ନଂ- ଏନ୍. ୨/୨୫ ଆଇ. ଆର,ସି ଗ୍ରାମ ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା 751015ରେ ଅବସ୍ଥିତ। ଏଠାରେ ଘୋଷଣା କରୁଅଛୁ ଯେ ଆମେ ନିମ୍ନଲିଖିତ ଜମିର ସଚ୍ଚୋଟ ମାଲିକ ଅଟୁ। ଉକ୍ତ ଜମି ପଟ୍ଟାର ଠିକଣା ହେଲା ଜିଲ୍ଲା ବଲାଙ୍ଗୀର, ମୌଜା ଗଞ୍ଜାଉଡାର, ପାଟଣାଗଡ଼ 767025 । ଏହି ଜମିର ଖାତା ନଂ. 136/198 ଅଟେ। ସମ୍ପତ୍ତିର ବିବରଣୀ ପ୍ଲଟ ନଂ. 150- ଏ.0. 200ଡି.ପ୍ଲଟ ନଂ 149- ଏ0. 440 ଡି, ପ୍ଲଟ ନଂ. 132-ଏ.0. 020ଡି, ପ୍ଲଟ ନଂ.- 131- ଏ.0-240 ଡି, ପ୍ଲଟ ନଂ. 130- ଏ 0. 990 ଡି, ପ୍ଲଟ ନଂ.-218- ଏ 0. 100 ଡି, ପ୍ଲଟ ନଂ.- 223- ଏ0. 780 ଡି, ପ୍ଲଟ ନଂ.- 222- ଏ.0. 150 ଡି, ପ୍ଲଟ ନଂ.- 221- ଏ.0. 570 ଡି, ପ୍ଲଟ ନଂ. - 220- ଏ.0. 060 ଡି, ପ୍ଲଟ ନଂ. 219 ଏ. 0. 140 ଡି, ପ୍ଲଟ ନଂ. 178- ଏ.5. 160 ଡି,ପ୍ଲଟ ନଂ. 176- ଏ.2.780 ଡି, ପ୍ଲଟ ନଂ. 175- ଏ.0.040 ଡି, ପ୍ଲଟ ନଂ. 173- ଏ.0.070 ଡି, ପ୍ଲଟ ନଂ. 172- ଏ.0. 050 ଡି, ପ୍ଲଟ ନଂ. 170- ଏ 2. 300 ଡି, ପ୍ଲଟ ନଂ. 154- ଏ.0.140 ଡି, ପ୍ଲଟ ନଂ. 153- ଏ.0.130 ଡି, ପ୍ଲଟ ନଂ. 151- ଏ.10.400 ଡି, ପ୍ଲଟ ନଂ. 231 ଏ.1.870 ଡି, ପ୍ଲଟ ନଂ. 229- ଏ.7.080.ଡି, ପ୍ଲଟ ନଂ. 355- ଏ.0.410 ଡି, ପ୍ଲଟ ନଂ. 358- ଏ.5.120 ଡି, ପ୍ଲଟ ନଂ. 357-ଏ.1.560 ଡି, ପ୍ଲଟ ନଂ. 179- ଏ.5.360 ଡି, ପ୍ଲଟ ନଂ. 180- ଏ.4.800 ଡି. ଟୋଟାଲ ଏରିଆ ମୋଟ 27 ଟି ପ୍ଲଟ ଏ.51. 960 ଡି. ଅଛି। ଉପରୋକ୍ତ ସମ୍ପତ୍ତିର ମୂଳ ଆର.ଓ.ଆର (ପଟ୍ଟା) ଆମଦ୍ୱାରା ହଜିଯାଇଛି। କ୍ରେଡିଟ ସୁବିଧା ପାଇବା ପାଇଁ ଆମେ ଏସ୍. ବି. ଆଇ ଏସ୍. ଏମ୍. ଇ ଚନ୍ଦକା ଆଇଆଇସି ଶାଖା ଭୁବନେଶ୍ୱର ସହିତ ଉକ୍ତ ସମ୍ପତ୍ତିକୁ ବନ୍ଧକ ଦେଇଛୁ। ଯଦି ଏହି ସଂକ୍ରାନ୍ତରେ କୌଣସି ଦସ୍ତାବିଜ ପାଆନ୍ତି ତେବେ ଦୟାକରି ଆମ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଏସ. ବି ଆଇ, ଏସ. ଏମ. ଇ ଚନ୍ଦକା ଆଇ. ଆଇ. ସି ଶାଖା, ଏ-68, ସେକ୍ଟର ଏ.ଏମ. ଆଇ. ଇ ଭୁବନେଶ୍ୱର -751010ରେ ମଧ୍ୟ ଜଣାଇବାକୁ ଅନୁରୋଧ। ଦୂରଭାଷ 0674-2580087. D-0470

Happy 25th Anniversary



Rabi Narayan Mohanty and Harapriya Mohanty

A Silver Jubilee odyssey witnessed by us. Wishing you the best of everything and happiness all the way.

From Son & Daughter: Arjun & Saaraa

D-0466

CLASSIFIED DISPLAY ALL EDITION - B/W (Everyday)
MORE SPACE SAME PRICE
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I Mr. Hemanta Kumar Das, S/o - Arjun Das declare that one original sale deed No-497 which was Regd. under sub-registered Khaira as being deed No-497 executed on 07.04.2007 for the year 2007. Registered at the office of sub-registered Khaira the sale deed is lost from my custody and I am duly reported to the Khaira police station SDE No-03 No-04, on dated, 25.01.2022. If any person of concern having any claims / objection over the aforesaid property may please contact Mr. Hemanta Kumar Das, Mob-8260961429 within 15 days from the date of publication of this notice.

D-0474


## 'ମୋ ଘର' ଯୋଜନା

# ରାଜ୍ୟବାସୀଙ୍କୁ ମିଛ ସ୍ୱପ୍ନ ଦେଖାଉଛନ୍ତି ସରକାର: ଭାଜପା

- ବାରମ୍ବାର ଦାବି ସତ୍ତ୍ୱେ ପୋର୍ଟାଲ ଖୋଲିଲାନି କେନ୍ଦ୍ର: ମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ବ୍ୟୁରୋ)

ରାଜ୍ୟର ବାସହୀନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣରେ ପକ୍କାଘର ଯୋଗାଇ ଦେଇଛନ୍ତି । ୩୪,୦୬୩ କୋଟି ଟଙ୍କା ଅନୁଦାନରେ ଓଡିଶାର ପ୍ରାୟ ୨୬.୯୫ ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ମୋଦି ସରକାର ଲକ୍ଷ୍ୟ ରଖିଥିବାବେଳେ ଓଡିଶା ସରକାରଙ୍କ ସ୍ଥାଣୁତା, ଅପାରଗତା ଓ ମନ୍ଦ ଅଭିସନ୍ଧି ଯୋଗୁ ୯.୫ ଲକ୍ଷ ପରିବାର ଏହି ସୁବିଧାରୁ ଏବେ ଯାଏ ବଞ୍ଚିତ ହୋଇ ରହିଛନ୍ତି। ବ୍ୟାପକ ଦୁର୍ନୀତି, ବାଟମାରଣା ଓ ପକ୍ଷପାତିତା ଯୋଗୁ ହିଁ ବର୍ତ୍ତମାନ ସମ୍ପୂର୍ଣ୍ଣ ଦେଶରେ ଓଡିଶା ରାଜ୍ୟର ସବୁଠୁ ବେଶୀ ଗରିବ ନିଜ ଘର ପାଇପାରିନାହାନ୍ତି । କେନ୍ଦ୍ର ସରକାରଙ୍କ ପକ୍କାଘର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ବାଧକ ସାଜିଛନ୍ତି । ଅଯୋଗ୍ୟ ରାଜ୍ୟ ସରକାର "ମୋ ଘର" ଯୋଜନା ମାଧ୍ୟମରେ ରାଜ୍ୟବାସୀଙ୍କୁ 'ଆକାଶ କଇଁଆ, ଚିଲିକା ମାଛ'ର ମିଛ ସ୍ୱପ୍ନ ଦେଖାଉଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅପରପକ୍ଷେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ସେମାନେ ଆବାସ ପୋର୍ଟାଲ ଖୋଲିଲେ ନାହିଁ। ଯାହାଦ୍ୱାରା ସ୍ୱାଭିମାନ ଅଞ୍ଚଳ ଲୋକମାନେ ଘର ପାଇପାରିଲେ ନାହିଁ। ଯେଉଁଥିଲାଗି ରାଜ୍ୟବ୍ୟାପୀ ଲୋକମାନେ ଆବାସ ଗୃହରୁ ବଞ୍ଚିତ ହୋଇଥିବା କଥା ସମସ୍ତେ ଜାଣନ୍ତି। ସେଥିଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟ ଅର୍ଥରେ ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଆରଆଇ, ସହଯୋଗୀ



ପଦ୍ମପୁର,୩୦।୫(ଡି.ଏନ୍.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଦହିତା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଦାମୋଦର ସୁନା ଏବଂ ତାଙ୍କ ସହଯୋଗୀ ସୋମଦେବ ବନଛୋର ମଙ୍ଗଳବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ କାରବାରରେ ବ୍ୟବହୃତ ୩୩୦୦ ଟଙ୍କା ଜବତ ହୋଇଛି। ଆରଆଇ ସୁନା ଏବଂ ସହଯୋଗୀ ବନଛୋରଙ୍କୁ ବରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖି ଅଧିକ ପଚରାଉଚୁରା ଚାଲିଛି। ପ୍ରକାଶ ଯେ, ସରକାର ଉପଯୁକ୍ତ ହିତାଧିକାରୀ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରୁଛନ୍ତି। ସେଥିପାଇଁ ହିତାଧିକାରୀଙ୍କୁ ୨ଡେସିମିଲ ଘରଡ଼ିହ ଜମିର ନକ୍ସାର ଆବଶ୍ୟକତା ରହିଛି। ଏହି କ୍ରମରେ ନକ୍ସା ପ୍ରସ୍ତୁତ ପାଇଁ ମଣ୍ଡୋମହୁଲ ଗ୍ରାମର ପ୍ରସନ୍ନ ବରିହା ଏବଂ ଅନ୍ୟ ୧୦ଜଣ ଦହିତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆରଆଇ ସୁନାଙ୍କୁ ଭେଟି ନକ୍ସା ପ୍ରସ୍ତୁତ ପାଇଁ ନିବେଦନ କରିଥିଲେ। ମାତ୍ର ସେ ୧୧ଜଣଙ୍କ ନକ୍ସା ପ୍ରସ୍ତୁତ ପାଇଁ ୩୩୦୦ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରସନ୍ନ ଭିଜିଲାନ୍ସର ଟୋଲ୍ ଫ୍ରି ନମ୍ବର-୧୦୬୪କୁ ଯୋଗାଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରି ଲାଞ୍ଚ ଦାବି କରୁଥିବା ଆରଆଇ ସୁନାଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ ଏକ ଭିଜିଲାନ୍ସ ଟିମ୍ ଦହିତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ ଏବଂ ସେଠାରେ ଆରଆଇ ସୁନା ଏବଂ ତାଙ୍କ ସହଯୋଗୀ ବନଛୋର ଲାଞ୍ଚ ନେଉଥିବାବେଳେ ଉଭୟଙ୍କୁ ଧରିଥିଲେ।

### ବଜ୍ରପାତରେ ୧୯ ଗୋରୁ ମୃତ

ଭଞ୍ଜନଗର,୩୦।୫(ଡି.ଏନ୍.ଏ): ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ବାଦାଙ୍ଗିରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ହେବା ସହ ବଜ୍ରପାତ ଘଟି ୧୯ ଗୋରୁଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ହୋଇଥିଲା। ଫଳରେ ଗୋରୁଗୁଡ଼ିକ ଏକ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୧୯ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୋରୁ ମାଲିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ନକଲି ମହିଳା ପୋଲିସ ଗିରଫ



ବାରିପଦା ଅଫିସ/ରାଇରଙ୍ଗପୁର,୩୦।୫: ନକଲି ପୋଲିସ ପୋଷାକ ପିନ୍ଧି ଟଙ୍କା ମାଗୁଥିବା ଜଣେ ମହିଳାଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ କୁଚେଇବୁଢ଼ି ଗ୍ରାମର ପ୍ରତିଭା ମହାନ୍ତ(୨୮)। ତାଙ୍କଠାରୁ ନକଲି ପୋଲିସ ପୋଷାକ, ବେଲ୍ଟ, ଜୋତା ଓ ଏକ ସ୍କୁଟି ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୨୧/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ୭ଟା ସମୟରେ ପ୍ରତିଭା ବାଦଡ଼ା ଅଞ୍ଚଳର କାଳିପଦ ମହାନ୍ତଙ୍କ ଘରେ ପହଞ୍ଚି ତାଙ୍କ କବାଟକୁ ଗୋଇଠା ମାରିଥିଲେ। କାଳିପଦ ଘରୁ ବାହାରିବା ପରେ ପୋଲିସ ପୋଷାକରେ ଥିବା ପ୍ରତିଭା ଧମକପୂର୍ଣ୍ଣ କଥାବାର୍ତ୍ତା କରିଥିଲେ। କାଳିପଦ ଓ ତାଙ୍କ ପୁଅଙ୍କ ନାଁରେ ରାଇରଙ୍ଗପୁର ଟାଉନ ଥାନାରେ ଏକ ହତ୍ୟା ମାମଲା ଥିବା ଦର୍ଶାଇ ୨୦ହଜାର ଟଙ୍କା ମାଗିଥିଲେ। ନ ଦେଲେ ଗିରଫ କରି ଜେଲ ପଠାଇ ଦେବେ ବୋଲି ଧମକ ଦେଇଥିଲେ। ଏହା ଦେଖି ପଡ଼ୋଶୀମାନେ ପହଞ୍ଚି ତାଙ୍କ କଥାବାର୍ତ୍ତାରେ ସନ୍ଦେହ କରି ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏ ସମ୍ପର୍କରେ କାଳିପଦ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ପ୍ରତିଭାଙ୍କୁ ଗିରଫ କରିଥିଲା।

# ବାଲିଗୁଡ଼ାରେ ବାଘ ଆତଙ୍କ

କୋଟଗଡ଼/ବାଲିଗୁଡ଼ା, ୩୦।୫( ଡି.ଏନ୍.ଏ.)



ବାଘ ପାଦ ଚିହ୍ନ।

କନ୍ଧମାଳ ଜିଲା ବାଲିଗୁଡ଼ାରେ ବାଘ ଆତଙ୍କ ଖେଳିଯାଇଛି। ସହରର ବଡ଼ଗାଁ ନିକଟ ଖଡଗ ନଦୀକୂଳରେ ଥିବା ପମ୍ପ ହାଉସରେ ସୋମବାର ରାତିରେ ବାଘ ଗର୍ଜନ କରୁଥିବା କର୍ମଚାରୀ କହିଛନ୍ତି। ପମ୍ପ ହାଉସ କର୍ମଚାରୀ ରାତି ୯ଟାରେ ପମ୍ପ ହାଉସର ମଟର ଚଳାଇବା ପାଇଁ ଯାଉଥିବା ସମୟରେ ବାଘ ଗର୍ଜନ ଶୁଣି ଟର୍ଚ୍ଚ ପକାଇଥିଲେ। ପରେ ବାଘ ଦୁଇଟି ସେମାନଙ୍କ ନିକଟକୁ ଦୌଡ଼ି ଆସିବାରୁ କର୍ମଚାରୀ ପ୍ରାଣ ବିକଳରେ ପମ୍ପ ହାଉସ ନିକଟରେ ଥିବା ଏକ ଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ଏ ନେଇ ସେମାନେ ବନ ବିଭାଗକୁ ଖବର ଦେବା ପରେ ବନ ଅଧିକାରୀ ଆସି ବାଘ ଚିହ୍ନ ସଂଗ୍ରହ କରିଥିଲେ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ପମ୍ପ ହାଉସ କର୍ମଚାରୀ ପୂରା ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ବାଲିଗୁଡା ବନ ବିଭାଗର ଅଧିକାରୀ ଖବର ପାଇ ରାତି ତମାମ ବାଘର ଉପସ୍ଥିତି ଜାଣିବା ପାଇଁ ଜଗି ରହିବା ସହ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ। ତେବେ ଅଞ୍ଚଳରେ କେଉଁ ବାଘ ରହିଛି, ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବାଲିଗୁଡ଼ା ରେଞ୍ଜର ଉଦିତ ନାରାୟଣ ପ୍ରଧାନ କହିଛନ୍ତି।

# ପୁଞ୍ଜିନିବେଶ ରାଶି ୫୦ ଲକ୍ଷରୁ କୋଟିଏ ଟଙ୍କାକୁ ବୃଦ୍ଧି

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାର୍ଗଦର୍ଶିକାରେ ପରିବର୍ତ୍ତନ**

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ରାଜ୍ୟରେ କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତକରି କୃଷି ଉଦ୍ୟୋଗ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ କୃଷି ଉଦ୍ୟୋଗରେ ପୁଞ୍ଜିନିବେଶ ସବ୍‌ସିଡି ରାଶି ୫୦ ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୃଷି ଓ ଆନୁଷଙ୍ଗିକ କୃଷିକ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ସମ୍ଭାବନାକୁ ଦୃଷ୍ଟିରେ ରଖି ୫୦ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ସର୍ବୋଚ୍ଚ ୨୦ କୋଟି ଟଙ୍କାର ପ୍ରକଳ୍ପ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ଯୋଜନାକୁ ବ୍ୟାପକ କରିବା ପାଇଁ ଟ୍ରାନ୍ସଜେଣ୍ଡରଙ୍କୁ ଏଥିରେ ସାମିଲ କରାଯାଇଛି। ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜିନିବେଶ ସବ୍‌ସିଡି ରାଶି ପାଇବା ନିମନ୍ତେ ସେମାନେ ଯୋଗ୍ୟ ବିବେଚିତ ହେବେ। ରାଜ୍ୟରେ କୃଷି ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଏବଂ ବିପୁଳ କର୍ମସଂସ୍ଥାନ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କୃଷି ସହ ଜଡ଼ିତ କୃଷକଙ୍କ ଆୟବୃଦ୍ଧି ଘଟିବା ସହିତ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରୁଛି। ଏହି ସଂଶୋଧିତ ମାର୍ଗଦର୍ଶିକା ୨୦୨୩ ଏପ୍ରିଲ ୧୦ରୁ ଅନ୍‌ଲାଇନରେ ଆବେଦନ କରିଥିବା ଉଦ୍ୟୋଗୀଙ୍କ ନିମନ୍ତେ ଲାଗୁ କରାଯାଇଛି।

# ୩୬ ହଜାର କୋଟିର ୨୧ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ଭୁବନେଶ୍ୱର,୩୦।୫(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୪ଟି ଶିଳ୍ପ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ୧୭ଟି ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ୩୬ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୯,୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଉଦ୍‌ଘାଟନ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ସିମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତ୍ତିକ ଶିଳ୍ପ, ପ୍ଲାଷ୍ଟିକ୍, ବିଦ୍ୟୁତ୍ ଓ ଅକ୍ଷୟ ଶକ୍ତି, ଆଇଟି, ଷ୍ଟିଲ୍, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ଇତ୍ୟାଦି। ଏହି ଶିଳ୍ପଗୁଡ଼ିକ ଅନୁଗୋଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲାରେ ସ୍ଥାପନ କରାଯିବ। ଶିବା ସିମେଣ୍ଟ ପକ୍ଷରୁ ରାଜ୍ୟରେ ୧୫୨୩.୨୪ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇ ରାଜ୍ୟରେ ୬୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। କମ୍ପାନୀ ତା'ର ବାର୍ଷିକ କ୍ଲିଙ୍କର କ୍ଷମତା ୧.୩୨ ନିୟୁତ ଟନ ଏବଂ ସିମେଣ୍ଟ କ୍ଷମତା ୧.୦୫ ନିୟୁତ ଟନକୁ ବୃଦ୍ଧି କରିଛି। ଗାଡରେ ମେରାଇନ ଏକ୍ସପର୍ଟ ୬୮.୧୧ କୋଟି ଟଙ୍କାର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ। ଏଥିରେ ୪୦୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସିଟ୍ରଲସ୍ ଡାଟା ସେଣ୍ଟର ୧୫୨.୨୫ କୋଟି ଟଙ୍କାରେ ଏକ ଡାଟା ସେଣ୍ଟର ସ୍ଥାପନ କରିବ। ଏଥିରେ୧୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଏଚ୍‌ଆଇଏଲ୍ ଲିମିଟେଡ ଏବଂ ରାରିଆନ ଫ୍ଲୁଇଡ ଟେକର ବାଲେଶ୍ୱର ଓ ଖୋର୍ଦ୍ଧା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏଚ୍‌ଆଇଏଲ୍ ଲିମିଟେଡ ୬୩.୨୪ କୋଟି ଟଙ୍କା ବ୍ୟୟରେ ଏଏସି ଓ ସିମେଣ୍ଟ ସାଣ୍ଡୁଇଚ ପ୍ୟାନେଲ ନିର୍ମାଣ କରିବ। ଏଥିରେ ୨୬୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ରାରିଆନ ଫ୍ଲୁଇଡ୍ ଟେକ୍ ୪୯.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ୯୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଲୁମିନସ ପାୱାର ଟେକ୍ନୋଲୋଜି ଅନୁଗୋଳ ଜିଲାରେ ୪୮୧.୯୭ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ୧୧୫୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ପୁରୀର କୁରୁଖିଠାରେ ୧୦୦ କୋଟି ବ୍ୟୟରେ ୨ଟି ଟେକ୍ସଟାଇଲ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ପ୍ରାୟ ୪୨୦୦ ଲୋକଙ୍କୁ ନିଯୁକ୍ତ ସୁଯୋଗ ମିଳିପାରିବ। କଟକର ରାମଦାସପୁରଠାରେ ଶ୍ୟାମ ବେଭେରେଜ ୧୧୫ କୋଟି ବ୍ୟୟରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ଦେଶର ଶ୍ରେଷ୍ଠ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୫-ଟି ଆଧାରରେ ଓଡ଼ିଶାରେ ବ୍ୟବସାୟ କରିବା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ର ଅଭୂତପୂର୍ବ ସଫଳତା ଯୋଗୁ ରାଜ୍ୟରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ କମ୍ପାନୀ ଏବଂ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ ସମର୍ଥନ ଜାରି ରହିବ ବୋଲି ସେ କହିଛନ୍ତି। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇପିକଲ ଏବଂ ଇଡ୍‌କୋ ଏମ୍‌ଡି ଭୂପିନ୍ଦର ପୁନିଆ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଏବଂ ବିଭିନ୍ନ ବିଭାଗ ସଚିବ ଉପସ୍ଥିତ ଥିଲେ।




ଚାକିରି ସୁରକ୍ଷା, ପୂର୍ଣ୍ଣ ଶିକ୍ଷକତା ଆଦି ଦାବିରେ ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆରେ ପୋଷ୍ଟ କଲେ ଭିଡିଓ**

ଧାମନଗର, ୩୦।୫(ସ୍ୱ.ପ୍ର./ଡି.ଏନ୍.ଏ.)



ଭାସ୍କର ସାମଲ  ସସ୍ମିତା ସାମଲ

ସ୍ତ୍ରୀଙ୍କ ଗଳାକାଟି ହତ୍ୟା ପରେ ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ସ୍ତ୍ରୀଙ୍କ ରକ୍ତାକ୍ତ ମୃତଦେହ ଘର ଭିତରେ ପଡ଼ିଥିବା ବେଳେ ସ୍ୱାମୀଙ୍କ ମୃତଦେହ ଘରଠାରୁ କିଛି ଦୂର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ପାରିବାରିକ କଳହରୁ ଏଭଳି କରୁଣ ପରିଣତି ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଞ୍ଚଳରେ। ସୋମବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ବେଳେ ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରିଛି। ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ପୂର୍ବରୁ ଏକ ଲାଇଭ୍ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି।

ମୃତ ଦମ୍ପତି ହେଲେ ଧାମନଗର ଏନ୍‌ଏସିର ୮ନଂ. ୱାର୍ଡ ମୁଲଣାସାହି ଗ୍ରାମର ଭାସ୍କର ସାମଲ(୪୨) ଓ ସ୍ତ୍ରୀ ସସ୍ମିତା(୩୬)। ଏନେଇ ମୃତ ସସ୍ମିତାଙ୍କ ବାପା ବୁଢ଼ାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଭାଗବତ ବେହେରା ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି, ୧୬ ବର୍ଷ ତଳେ ଭାସ୍କର ଓ ସସ୍ମିତାଙ୍କ ବିବାହ ହୋଇଥଲା। ସେମାନଙ୍କର ଦୁଇ ପୁଅ ଅଛନ୍ତି। ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ରହୁଥିଲା। କିଛିଦିନ ତଳେ ଥାନାରେ ସମାଧାନ ମଧ କରାଯାଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଘର ଭିତରେ ସସ୍ମିତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଏବଂ ଘରଠାରୁ କିଛି ଦୂର 'ଯ' ନଦୀକୂଳରେ ଥିବା ଏକ ଗଛରେ ଭାସ୍କରଙ୍କ ମୃତଦେହ ଝୁଲୁଥିବା ଦେଖି ଖବର ଦେଇଥିଲେ। ସସ୍ମିତାଙ୍କ ବେକ, ଛାତି ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ପାଖରେ ରକ୍ତଲଗା ଏକ ଧାରୁଆ ଅସ୍ତ୍ର ପଡ଼ିଥିଲା। ଭାସ୍କର ସସ୍ମିତାଙ୍କୁ ହତ୍ୟା କରିବା ପରେ ନିଜେ ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଭାଗବତ ଏତଲାରେ ଦର୍ଶାଇଛନ୍ତି। ଧାମନଗର ପୋଲିସ ପହଞ୍ଚି ଦୁଇ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତ ଭାସ୍କରଙ୍କ ଭାଇ ବିକ୍ରମ ସାମଲଙ୍କ ଏତଲା କ୍ରମେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ଏବଂ ମୃତ ସସ୍ମିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୨୭୧/୨୩) ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଡକାଇ ଅଧିକ ତଦନ୍ତ କରାଯାଉଥିବା ଧାମନଗର ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି।

# ୧୦ କମ୍ପାନୀଙ୍କ ସହ ୨୦ ଜିଲାରେ ତାଳତେଲ ଚାଷ ଲାଗି ବୁଝାମଣାପତ୍ର

**ଏଡିବଲ୍ ଅଏଲ୍ ପାମ୍ ଯୋଜନା ସଫଳ ପାଇଁ ସରକାରଙ୍କ ପଦକ୍ଷେପ**

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଓଡ଼ିଶାରେ ତାଳତେଲ ଚାଷକୁ ସମ୍ପ୍ରସାରିତ କରି ଖାଇବା ତେଲ ଆମଦାନୀ ହ୍ରାସ କରିବା ଲକ୍ଷ୍ୟରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ସରକାରଙ୍କ କେନ୍ଦ୍ରୀୟ ଯୋଜନା ନ୍ୟାଶନାଲ ମିଶନ ଅନ୍ ଏଡିବଲ୍ ଅଏଲ୍ ପାମ୍ ଯୋଜନାକୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ୧୦ଟି କମ୍ପାନୀଙ୍କ ସହ ୨୦ ଜିଲାରେ ତାଳତେଲ ଚାଷ କରିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଯୋଜନାରେ କ୍ଷେତ୍ର ସମ୍ପ୍ରସାରଣ ଏବଂ ଅଶୋଧିତ ତାଳତେଲ ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଦେଶ ଆମଦାନୀ କରୁଥିବା ଖାଇବା ତେଲକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ ପାମ୍ ଅଏଲ୍ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ୧୦ ହଜାର ୫୦୦ ହେକ୍ଟର ଜମିରେ ତାଳତେଲ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ରାଜ୍ୟରେ ୧୧୦୦ ହେକ୍ଟର ଏବଂ ଆଗାମୀ ୨ ବର୍ଷରେ ୫ ହଜାର ହେକ୍ଟର ଜମିରେ କ୍ଲଷ୍ଟର ଭିତ୍ତିରେ ତାଳତେଲ ଚାଷ କରିବା ପାଇଁ ଯୋଜନା ରହିଛି। ଆବଣ୍ଟିତ କରାଯାଇଥିବା ଜିଲାରେ ଉକ୍ତ କମ୍ପାନୀଗୁଡ଼ିକ ବିହନ ବଗିଚା ପ୍ରତିଷ୍ଠା, ନର୍ସରି ସ୍ଥାପନ ମାଧ୍ୟମରେ ତାଳତେଲ ଚାରାର ଉତ୍ପାଦନ, କ୍ଷେତ୍ର ସମ୍ପ୍ରସାରଣ କରିବା ସହ ଅତି କମ୍‌ରେ ପ୍ରତ୍ୟେକ ଜିଲାରେ ଗୋଟିଏ ତାଳତେଲ ଉତ୍ପାଦନ କାରଖାନା ସ୍ଥାପନ କରିବେ। ସରକାର ତାଳତେଲ କମ୍ପାନୀର ସହଯୋଗରେ ତାଳତେଲ ବଗିଚାକୁ ସୁରକ୍ଷିତ ରଖିବା ପାଇଁ ବାଡ଼ ବ୍ୟବସ୍ଥା, ମକା, ମିଲେଟ୍, ପନିପରିବା, ବନ୍ଧାକୋବି ଏବଂ କପା ଇତ୍ୟାଦି ଅନ୍ତଃଫସଲ ଚାଷ ଏବଂ ଅଣୁ ଜଳସେଚନ ବ୍ୟବସ୍ଥା କରିବେ। ହିତାଧିକାରୀଙ୍କୁ ବୃକ୍ଷରୋପଣ ସମୟରେ ହେକ୍ଟର ପିଛା ୨୯ ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ଯୋଜନା ଅଧୀନରେ ସହାୟତା ଯୋଗାଇ ଦିଆଯିବ।

# ଝାଡ଼ଖଣ୍ଡରୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

**ଶିକାରୀ ଗୁଳିରେ ଫରେଷ୍ଟଗାର୍ଡଙ୍କ ମୃତ୍ୟୁ ଘଟଣା**

ବାରିପଦା ଅଫିସ,୩୦।୫



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ସୁନାପୋଷି ଗ୍ରାମର ସୁପାଇ ସିଂ(୨୬) ଓ ଗୋବର୍ଦ୍ଧନ ସିଂ(୪୫)। ମଙ୍ଗଳବାର ଏ ନେଇ ମୟୂରଭଞ୍ଜ ଜିଲା ଦାୟିତ୍ୱରେ ଥିବା ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଫରେଷ୍ଟଗାର୍ଡ ଜେନାଙ୍କୁ ହତ୍ୟା ପରେ ୩ଟି ସ୍ୱତନ୍ତ୍ର ପୋଲିସ ଟିମ ଚଢ଼ାଉ ଜାରି ରଖିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଇଷ୍ଟ ସିଂହଭୂମ ଅଞ୍ଚଳ ମୁଷାବଣୀ ଗ୍ରାମରୁ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୧୯ଜଣ ଫେରାର ଥିବା ପୋଲିସ କହିଛି। ପୂର୍ବରୁ ସ୍ୱତନ୍ତ୍ର ଟିମ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲା। ସେହିପରି ପୋଲିସର ସ୍ୱତନ୍ତ୍ର ଟିମ୍ ଶିମିଳିପାଳ ପାଦଦେଶ ଅଞ୍ଚଳରେ ଥିବା ଗାଁ ମାନଙ୍କରେ ଅପରେସନ ଚଳାଇ ଶିକାରୀ ସମେତ ୧୩ ବନ୍ଧୁକ, ଟାଙ୍ଗିଆ, ଧନୁ ତୀର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ବ୍ରିଟିଶ୍ ସଂସଦରେ ବାଲେଶ୍ୱର ଝିଅ

**ଓଡ଼ିଆ କବିତା ଆବୃତ୍ତି କରି ଗୌରବ ଆଣିଲେ**

ବାଲେଶ୍ୱର ଅଫିସ, ୩୦।୫




ଓଡ଼ିଆ କବିତା ଆବୃତ୍ତି କରୁଛନ୍ତି ବାଲେଶ୍ୱର ଝିଅ ଅନୁଶ୍ରୀ।

ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ଉପଲକ୍ଷେ ବାର୍ତ୍ତା ଓ ବିକାଶ ପାଇଁ ବ୍ରିଟିଶ ସଂସଦର ଉଚ୍ଚ ସଦନ ହାଉସ ଅଫ୍ ଲର୍ଡସରେ ଓଡ଼ିଆ ସମେତ ୧୮ ଭାରତୀୟ ଭାଷା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱର ସହର ଅଙ୍ଗାରଗଡ଼ିଆସ୍ଥିତ ବସ୍ କଲୋନୀର ପଙ୍କଜ କୁମାର ପଟ୍ଟନାୟକଙ୍କ କନ୍ୟା ଅନୁଶ୍ରୀ ଓଡ଼ିଆ ଭାଷାରେ 'ଏକ ପ୍ରବାସୀର ଚିଲିକା' ଉପରେ ଲିଖିତ କବିତା ଆବୃତ୍ତି କରିଥିଲେ। ଚିଲିକା କିଭଳି ଭାବେ ଜୈବ ବିବିଧତାକୁ ଆକୃଷ୍ଟ କରିଥାଏ, ତାହା କବିତାରେ ଚମତ୍କାର ଭାବେ ଉପସ୍ଥାପିତ କରିଥିଲେ, ଯାହା ଓଡ଼ିଶା ତଥା ବାଲେଶ୍ୱରବାସୀଙ୍କ ପାଇଁ ଏକ ଗୌରବ ଆଣିଛନ୍ତି।

ସଂସ୍କୃତି ସେଣ୍ଟର ଫର୍ କଲଚରାଲ୍ ଏକ୍ସିଲେନ୍ସ ଏବଂ ଆଧୁନିକ ଭାଷା ସଂକ୍ରାନ୍ତ ସର୍ବଦଳୀୟ ସଂସଦୀୟ କମିଟି (ଏପିପିଜି)ର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାର୍ଟାର୍ଡ଼ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଙ୍ଗୁଇଷ୍ଟସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଗୃହ ଉପାଧ୍ୟକ୍ଷ ବ୍ୟାରନେସ୍ ଗାର୍ଡେନ୍ ଅଫ୍ ଫ୍ଲୋଗ୍‌ନାଲ୍ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ ସହ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ, ଅହମିୟା, ବଙ୍ଗଳା, ଡୋଗ୍ରି, ଗୁଜରାଟୀ, ହିନ୍ଦୀ, ଓଡ଼ିଆ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମୈଥିଳି, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ସିନ୍ଧି, ତେଲୁଗୁ ଏବଂ ନେପାଳୀ ଭାଷାରେ ଭାରତୀୟ ବଂଶୋଦ୍ଭବମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଲଣ୍ଡନରେ ଅବସ୍ଥାପିତ ଭାରତୀୟ ହାଇ କମିଶନ ଅଧିକାରୀ (ହିନ୍ଦୀ ଓ ସଂସ୍କୃତ) ଡ. ନନ୍ଦିତା ସାହୁ କାର୍ଯ୍ୟକ୍ରମରେ ସମାପନ ବକ୍ତବ୍ୟ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଅନୁଶ୍ରୀ ବାଲେଶ୍ୱର ସହରସ୍ଥିତ ସେଣ୍ଟ ଭିନ୍‌ସେଣ୍ଟ କନଭେଣ୍ଟ ସ୍କୁଲରେ ପାଠପଢ଼ା ସାରି ଫକୀରମୋହନ ମହାବିଦ୍ୟାଳୟରେ ସ୍ନାତକ ଶେଷ କରିଥିଲେ। ୨୦୦୩ରେ ଚେନ୍ନାଇରେ ଏମ୍‌ବିଏ ପାଠ୍ୟକ୍ରମ ଶେଷକରି ଟେକ୍ ମହିନ୍ଦ୍ରା କମ୍ପାନୀରେ ଯୋଗଦାନ କରି ଲଣ୍ଡନରେ (ୟୁନାଇଟେଡ୍ କିଙ୍ଗଡମ୍) ଅଦ୍ୟାବଧି କାର୍ଯ୍ୟ ତୁଲାଉଛନ୍ତି।

**ପ୍ରତିବର୍ଷ ମେ’ ୩୧ ତାରିଖକୁ ‘ବିଶ୍ୱ ତମାଖୁ ବର୍ଜନ ଦିବସ’ ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା....**

ଧୂମପାନର ଭୟାବହତା ସମ୍ପର୍କରେ ଆମକୁ ଚେତେଇ ଚାଲିବାରେ ଚିକିତ୍ସକମାନେ କୌଣସି ଊଣା କରିନାହାନ୍ତି। ଅଥଚ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏହି ପରାମର୍ଶକୁ ଏ କାନରେ ଶୁଣି ସେ କାନରେ ବାହାର କରିଦେଉଛନ୍ତି। କାହିଁକି ସେମାନେ ଟାଣି ଚାଲିଛନ୍ତି ପ୍ୟାକେଟ୍ ପ୍ୟାକେଟ ସିଗାରେଟ୍, କଠା କଠା ବିଡି ? କିଏ ପିକା ଟାଣୁଛି ତ କିଏ ଗୁଣ୍ଡିପାନ ଖାଉଛି। କିଏ ଗୁଟ୍‌କା ଖାଉଛି ତ କିଏ ଗୁଡାଖୁରେ ଦାନ୍ତ ଘଷୁଛି। ଆଉ କିଏ ଶୁଙ୍ଘୁଛି ନାସ। ଏସବୁର ମୁଖ୍ୟ ଉପାଦାନ ତମାଖୁ ଏବଂ ତମାଖୁ ବା ଧୂଆଁପତ୍ରର ଗୋଟିଏ ବୋଲି ହିତକର ଗୁଣ ନାହିଁ। ତା’ହେଲେ କାହିଁକି ସେମାନଙ୍କର ଏଭଳି ପାଗଳାମି ? ଏହି ପରିପ୍ରେକ୍ଷୀରେ ଦେଖିଲେ ତମାଖୁର ସବୁପ୍ରକାର ବ୍ୟବହାରକୁ ବର୍ଜନ ପାଇଁ ଜନସଚେତନତା ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମେ’ ୩୧ ତାରିଖରେ ପାଳିତ ହୋଇଆସୁଛି ‘ବିଶ୍ୱ ତମାଖୁ ବର୍ଜନ ଦିବସ’ ବା ‘ୱାର୍ଲ୍ଡ ନୋ ଟବାକୋ ଡେ’। ଚଳିତ ବର୍ଷ ଏହି ଦିବସର ଥିମ ରହିଛି ‘ଆମର ଖାଦ୍ୟ ଲୋଡା, ତମାଖୁ ନୁହେଁ’।

ବାସ୍ତବରେ ତମାଖୁରେ ଥିବା ରାସାୟନିକ ଉପାଦାନମାନ ସେମାନଙ୍କର ମସ୍ତିଷ୍କକୁ ଏପରି ଆସକ୍ତ କରିଦେଇଥାଆନ୍ତି ଯେ, ତମାଖୁ ପାଇବା ପାଇଁ ସେମାନଙ୍କ ମସ୍ତିଷ୍କ ଆକୁଳରେ ରଡି ଛାଡିଥାଏ। ସେମାନଙ୍କ ପାଇଁ ଧୂମପାନ ତଥା ତମାଖୁ ବ୍ୟବହାର ହୋଇପଡେ ଭୋକ କଲେ ଖାଇବା ପ୍ରକାରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ତମାଖଉ ନ ପାଇଲେ ସେମାନଙ୍କ ପାଇଁ ଏହା ଉପବାସ ରହିବା ଭଳି। ହେଲେ ଏଥିପାଇଁ ଧୂମପାନକାରୀମାନଙ୍କୁ ଯେ କି ମୂଲ୍ୟ ଦେବାକୁ ପଡୁଛି, ସେମାନେ ତାହା ଜାଣି ମଧ୍ୟ ଅଜଣା ପରି ଆଚରଣ ଦେଖାଉଛନ୍ତି। ଫଳରେ ଏହାର କୁପରିଣାମ ସେମାନେ ଭୋଗୁଛନ୍ତି, ଭୋଗୁଛନ୍ତି ସେମାନଙ୍କର ପରିବାର ଏବଂ ଭୋଗୁଛି ସ୍ୱାସ୍ଥ୍ୟ ବିଭାଗ।

ମଣିଷର ଅନ୍ୟାନ୍ୟ ଉଦ୍ଭାବନଗୁଡିକଠାରୁ ଧୂମପାନର ଉଦ୍ଭାବନ ଏକ ବ୍ୟତିକ୍ରମ। ମଣିଷ ଧୂମପାନ ଉଦ୍ଭାବନ କରିଥିଲା ଏକ ଅଶୁଭ ମୁହୂର୍ତ୍ତରେ। ତାହା କେବଳ ଯେ ଧୂମପାନକାରୀମାନେ ସିଗାରେଟ୍ ଟାଣୁଥିବା ଯୋଗୁଁ ସେମାନଙ୍କୁ ହତ୍ୟା କରିଚାଲିଛି, ତାହା ନୁହେଁ, ସେମାନେ ସିଗାରେଟ୍ ଟାଣି ଧୂଆଁ ଛାଡୁଥିବା ବେଳେ ସେମାନଙ୍କ ପାଖରେ ଠିଆ ହୋଇଥିବା ନିରୀହ ନିର୍ଦ୍ଦୋଷ ଲୋକଗୁଡାକ ବି ପାଲଟି ଯାଆନ୍ତି ସିଗାରେଟ୍ ଟଣାଳୀ–ପରୋକ୍ଷ ଧୂମପାନକାରୀ ! ମାଆ ଗର୍ଭରେ ବଢୁଥିବା ଭ୍ରୂଣ, ସ୍କୁଲକୁ ଯାଉଥିବା ଶିଶୁ, ଯୁବତୀ, ଭାର୍ଯ୍ୟା, ବରିଷ୍ଠ ନାଗରିକ– ଏହି ସମସ୍ତଙ୍କ ପ୍ରତି ପରୋକ୍ଷ ଧୂମପାନ ଅତ୍ୟନ୍ତ ଆତଙ୍କର କାରଣ। କାରଣ ନିଜେ ସିଗାରେଟ୍‌ର ଧାର ନ ଧରି ମଧ୍ୟ ସେମାନେ ଭୋଗି ଚାଲନ୍ତି ସିଗାରେଟ୍ ଧୂଆଁଜାତ ଫୁସଫୁସ କ୍ୟାନ୍‌ସର, ହୃଦ୍‌ରକ୍ତନଳୀ ରୋଗ, ଅଗ୍ନାଶୟ କ୍ୟାନସର, ଦୀର୍ଘକାଳୀନ ବ୍ରୋଙ୍କାଇଟିସ୍ ଇତ୍ୟାଦି।

ସିଗାରେଟ୍ ହେଉଛି ଏକ ମାତ୍ର ଖାଉଟି ଦ୍ରବ୍ୟ ଯାହା ଖାଉଟିକୁ ଖାଇଦିଏ। ଯେଉଁ ମୃତ୍ୟୁକୁ ସହଜରେ ନିବାରଣ କରାଯାଇପାରେ, ସେହି ମୃତ୍ୟୁକୁ ସୁଗମ କରିନେଉଛି ତମାଖୁ। ତାହା କବଳରେ ପଡି ପ୍ରତିବର୍ଷ ପୃଥିବୀର ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁବରଣ କରିବା ପାଇଁ ବାଧ ହେଉଛନ୍ତି। ଯଦି ସାମ୍ପ୍ରତିକ ଧାରା ଅବ୍ୟାହତ ରହେ, ତେବେ ୨୦୩୦ ମସିହା ବେଳକୁ ତମାଖୁ ପ୍ରତିବର୍ଷ ହତ୍ୟା କରୁଥିବ ୨୪୦ ଲକ୍ଷରୁ ବେଶୀ ଲୋକଙ୍କୁ। ଆଉ ସେହି ହତଭାଗ୍ୟ ଅକାଳ ମୃତକମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ହୋଇଥିବେ ଦରିଦ୍ର ଦେଶଗୁଡିକର ବାସିନ୍ଦା।

ଯଦି ନିବାରଣମୂଳକ ଆଶୁ ପଦକ୍ଷେପ ନିଆ ନ ଯାଏ, ତେବେ ଏଇ ଶତାବ୍ଦୀ ଶେଷ ବେଳକୁ ତମାକୁ ହାତରେ ହାତ ହୋଇଯିବେ ପୃଥିବୀର ଶହେ କୋଟି କି ତା’ଠାରୁ ବେଶୀ ଲୋକ। ଆମ ଭାରତ ମଧ୍ୟ ଏ ଦିଗରେ ଆଦୌ ସୁରକ୍ଷିତ ନୁହେଁ। ତମାଖୁ ମହାମାରୀ ଭାରତରେ ମଧ୍ୟ ଅନ୍ୟତମ ଗୁରୁତର ସମସ୍ୟା। ପ୍ରାୟ ୩୦ରୁ ୬୯ ବୟସ୍କ ଭାରତୀୟଙ୍କ ମଧ୍ୟରୁ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଧୂମପାନ ସମ୍ବନ୍ଧିତ ବ୍ୟାଧିଗୁଡିକରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ମହିଳମାନଙ୍କ ମଧ୍ୟରୁ ପାଖାପାଖି ୫୦ ଲକ୍ଷ ମହିଳା କୌଣସି ନା କୌଣସି ତମାଖୁଜନିତ ଦ୍ରବ୍ୟ ବ୍ୟବହାର କରୁଥିବାର ଦେଖାଯାଉଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୯୦ ଲକ୍ଷ ମହିଳାଙ୍କର ମୃତ୍ୟୁ ହେଉଛି ଧୂମପାନ ଯୋଗୁଁ। ଭାରତରେ ପରିଲକ୍ଷିତ ହେଉଥିବା କ୍ୟାନ୍‌ସର ରୋଗୀମାନଙ୍କ ମଧ୍ୟରୁ ତମାଖୁଜନିତ ରୋଗୀ ହେଉଛନ୍ତି ୫୦ ପ୍ରତିଶତ।

ତମାଖୁ ବ୍ୟବହାର କରିବା ନିମିତ୍ତ କୌଣସି ଆଇନଗତ ବାଧ ନାହିଁ। ଅଥଚ ନିୟମିତ ତମାଖୁ ବ୍ୟବହାରକାରୀଙ୍କ ମଧ୍ୟରୁ ଅଧାଅଧି ସଂଖ୍ୟକଙ୍କ ମୃତ୍ୟୁ ପାଇଁ ତମାଖୁ ଦାୟୀ। ଧୂମପାନ କଲେ ଧୂମପାନକାରୀର ଫୁସଫୁସରେ ବିଷାକ୍ତ କାର୍ବନ ମନୋଅକ୍ସାଇଡ୍ ଗ୍ୟାସ୍‌ର ମାତ୍ରା ବଢ଼ିଯାଏ। କାଳବିଳମ୍ବ ନ କରି ଏହି ବିଷାକ୍ତ ଗ୍ୟାସ୍ ଶୋଷିତ ହୋଇଯାଏ ରକ୍ତ ଭିତରକୁ। ରକ୍ତରେ ଏହାର ଉପସ୍ଥିତ ଯୋଗୁଁ ରକ୍ତର ଅକ୍ସିଜେନ୍ ବହନକାରୀ କ୍ଷମତା ହ୍ରାସ ପାଏ। ଫଳରେ ଶରୀରର ଜୀବକୋଷଗୁଡିକୁ ଅକ୍ସିଜେନ୍ ଯୋଗାଇବା ନିମନ୍ତେ ହୃତ୍‌ପିଣ୍ଡକୁ କରିବା ପାଇଁ ପଡେ ଅଧିକ ପରିଶ୍ରମ।

**ଫାଷ୍ଟ–ସେକେଣ୍ଡ–ଥାର୍ଡ ହ୍ୟାଣ୍ଡ ସ୍ମୋକ୍**

କେହି ଜଣେ ସିଗାରେଟ୍ ଟାଣୁଥିବା ବେଳେ ତା’ ନିଜ ଫୁସଫୁସ ଭିତରକୁ ଯେଉଁ ସିଗାରେଟ୍ ଧୂଆଁ ପ୍ରବେଶ କରିଥାଏ ସେହି ଧୂଆଁକୁ କୁହାଯାଏ ‘ଫାଷ୍ଟ ହ୍ୟାଣ୍ଡ ସ୍ମୋକ୍’। ସେମାନେ ସିଗାରେଟ୍ ଟାଣି ଯେଉଁ ଧୂଆଁ ଛାଡନ୍ତି ସେହି ଧୂଆଁ ଏବଂ ଟାଣି ସାରିବା ପରେ ଜଳି ଚାଲିଥିବା ସିଗାରେଟ୍‌ର ବାକି ଅଂଶର ଧୂଆଁ ବାୟୁରେ ମିଶି ଅନ୍ୟମାନଙ୍କ ଫୁସଫୁସ୍ ଭିତରକୁ ଗଲେ ତାକୁ କୁହାଯାଏ, ‘ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍’। କିନ୍ତୁ ସେହି ସେକେଣ୍ଡ ହ୍ୟାଣ୍ଡ ସ୍ମୋକ୍ କେଶ, ଚମ, ପୋଷାକ, ଆସବାବପତ୍ର, ବିଛଣାଚାଦର, ପରଦା, ଗାଲିଚା, କାନ୍ଥ, ଧୂଳିକଣା ତଥା ଯାନବାହାନ ଉପରେ ଲାଗି ରହିଲେ ତାକୁ କୁହାଯାଏ ‘ଥାର୍ଡ ହ୍ୟାଣ୍ଡ ସ୍ମୋକ୍’। ଏହି ଥାର୍ଡ ହ୍ୟାଣ୍ଡ ସ୍ମୋକ୍ ମଧ୍ୟ ସ୍ୱାସ୍ଥ୍ୟହାନି କରିବାର ଆଶଙ୍କା ରହିଛି। ଧୂମପାନର ପ୍ରଭାବ ମସ୍ତିଷ୍କ, ନାକ, ଦାନ୍ତ, ପାଟି ଓ ଗଳା, ଶ୍ୱାସକ୍ରିୟା ଓ ଫୁସଫୁସ, କିଡନୀ ଓ ମୂତ୍ରାଶୟ, ଚର୍ମ, ହୃତପିଣ୍ଡ, ପୁରୁଷ ପ୍ରଜନନତନ୍ତ୍ର, ଛାତି, ପେଟ, ମହିଳାଙ୍କର ପ୍ରଜନନ ତନ୍ତ୍ର, ରକ୍ତ ଏବଂ ପ୍ରତିରକ୍ଷାତନ୍ତ୍ର ଉପରେ ପଡିଥାଏ।

ତେଣୁ ଆମେ ଜାଣିରଖିବା ଉଚିତ୍ ଯେ, ଆମ ସମସ୍ତଙ୍କ ଜୀବନ ସମସ୍ତଙ୍କ ହାତରେ। କିନ୍ତୁ ତମାଖୁ ହାତରେ ଧୂମପାନକାରୀ ଏବଂ ତମାଖୁ ବ୍ୟବହାରକାରୀଙ୍କ ଜୀବନ। ତମାଖୁ ନିର୍ବିଚାରରେ ମଣିଷକୁ ମାରିଚାଲିଛି। ତା’ ହାତରେ ଜୀବନକୁ ସମର୍ପି ଦିଅନ୍ତୁ ନାହିଁ। ତମାଖୁ ଆପଣଙ୍କ ଜୀବନକୁ କଲବଲ କରି ମାରିବା ପୂର୍ବରୁ ତାକୁ ପୁରାପୁରି ନିଶ୍ଚିହ୍ନ କରିଦିଅନ୍ତୁ।

**–ଡା. ନିତ୍ୟାନନ୍ଦ ସ୍ୱାଇଁ**
‘ଅଭୀପ୍‌ସା’, ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡାନାସୀ, କଟକ–୧୪
ମୋ : ୯୪୩୭୭୬୬୧୧୭



# ଘାତକ ତମାଖୁ

## ଏ ବର୍ଷର ବାର୍ତ୍ତା

## ‘ଆମର ଖାଦ୍ୟ ଲୋଡ଼ା, ତମାଖୁ ନୁହେଁ’

ତମାଖୁ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା କହିବା ଅନାବଶ୍ୟକ। ହେଲେ ଅନେକ ଏହାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ଫଳସ୍ୱରୂପ ପରବର୍ତ୍ତୀ ସମୟରେ ସେମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ତମାଖୁର ଭୟାବହତା ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ’ ୩୧ ତାରିଖକୁ ‘ବିଶ୍ୱ ତମାଖୁ ବର୍ଜନ ଦିବସ’ (ୱାର୍ଲ୍ଡ ନୋ ଟବାକୋ ଡେ) ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ଆମର ଖାଦ୍ୟ ଲୋଡା, ତମାଖୁ ନୁହେଁ’ (We need food, not tabacoo)। ଏହି ବାର୍ତ୍ତା ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚେ ଏବଂ ଏହା ବିଷୟରେ ସମସ୍ତେ ଭଲ ଭାବରେ ଅବଗତ ହୁଅନ୍ତି ସେ ନେଇ ଏଥର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଗୁରୁତ୍ୱ ଦିଆଯିବ। ଉକ୍ତ ଦିବସରେ ସରକାରୀ ଏବଂ ବେସରକାରୀ ସ୍ତରରେ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ତମାଖୁ ମଣିଷ ପାଇଁ କେତେ ମାରାତ୍ମକ–ଏକଥା ଯଦି ସମସ୍ତେ ହୃଦୟଙ୍ଗମ କରନ୍ତେ ତେବେ ତମାଖୁଜନିତ ମୃତ୍ୟୁହାରକୁ ଅନେକାଂଶରେ ରୋକାଯାଇପାରନ୍ତା।



ଫୁର୍‌ସତ୍

# ମହାକାଶରେ ବିବାହ କରିବେ ବେଜୋସ୍

ପ୍ୟାରିସ୍

ଆମାଜନ୍ ମୁଖ୍ୟ ୫୯ ବର୍ଷୀୟ ଜେଫ ବେଜୋସ୍ ନିଜ ରିଲେଶନକୁ ନେଇ ଚର୍ଚ୍ଚାରେ ରହିଥିବାବେଳେ ନିକଟରେ ସେ ବିବାହ କରିବାକୁ ଯାଉଥିବା ଖବର ମିଳିଛି। ହେଲେ ଏହି ବିବାହ ସମସ୍ତଙ୍କ ବିବାହଠାରୁ ଭିନ୍ନ ହେବ। କାରଣ ସେ ମହାକାଶରେ ବିବାହ କରିବେ ବୋଲି ଜଣାପଡ଼ିଛି। ତେବେ ସେ ମହାକାଶରେ ବିବାହ କରିଥିବା ପ୍ରଥମ ବ୍ୟକ୍ତି ଭାବେ ବିବେଚିତ ହେବେ। ଜେଫ ପୂର୍ବରୁ ମଧ୍ୟ ମହାକାଶ ଯାତ୍ରା କରିଛନ୍ତି। ୨୦୨୧ରେ ପଶ୍ଚିମ ଟେକ୍ସାସର ମରୁଭୂମି ଅଞ୍ଚଳରୁ ତାଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ନ୍ୟୁ ସେପାର୍ଡ ରକେଟ୍‌ରେ ମହାକାଶ ଯାତ୍ରା କରିଥିଲେ। ସେ ସେଠାରେ ୧୦ ମିନିଟ୍ ସମୟ ଅତିବାହିତ କରିଥିଲେ। ଜେଫ ଗତ ୨୨ ତାରିଖରେ ଏମି ପୁରସ୍କାର ବିଜେତା ଖବରଦାତା ତଥା ହେଲିକପ୍ଟର ପାଇଲଟ୍ ୫୩ ବର୍ଷୀୟା ଲରେନ ସାନଚ୍ଚେଜ୍‌ଙ୍କ ସହ ଏନ୍‌ଗେଜମେଣ୍ଟ କରିଛନ୍ତି। କାନ୍ସର ପାଲ୍ମ ସମୁଦ୍ର କୂଳରେ ଥିବା ଲା ପେଟିଟ ମଇସନ୍ ରେଷ୍ଟୁରାଣ୍ଟରେ ଏହା ଧୁମଧାମରେ ସରିଛି। ସେଥିରେ କପଲ୍ ୪,୨୮୫ ଡଲାର ଅର୍ଥାତ୍ ୩ଲକ୍ଷ ୫୪ ହଜାର ଟଙ୍କାର ମଦ ପିଇଥିବା ଜଣାପଡ଼ିଛି। ସେଥିରେ ଲରେନଙ୍କୁ ଜେଫ ୨୦ କ୍ୟାରେଟ୍‌ର ହୀରା ମୁଦି ପିନ୍ଧାଇଥିଲେ। ଜୁଏଲେରୀ କମ୍ପାନୀ ମୁତାବକ, ସେହି ମୁଦିର ମୂଲ୍ୟ ୩ ମିଲିୟନରୁ ୫ ମିଲିୟନ ହେବ, ଅର୍ଥାତ୍ ୪୧ କୋଟି ହେବ। ଏନ୍‌ଗେଜମେଣ୍ଟରେ ତାଙ୍କ ପରିବାର ଲୋକେ ସାମିଲ ହୋଇଥିଲେ। ସେଠାରେ ବହୁତ ବଡ଼ ଆକାରର ନାଚ ଗୀତର ଆୟୋଜନ ମଧ୍ୟ ହୋଇଥିଲା। ଏନ୍‌ଗେଜମେଣ୍ଟ ସରିବା ପରେ ସେମାନେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଯୋଗଦେଇ ତା’ର ମଜା ଉଠାଇଥିଲେ। ତେବେ ଜେଫ ଏବଂ ଲରେନ ୨୦୧୮ରୁ ଦୁହିଁଙ୍କୁ ଡେଟିଂ କରୁଥିବାବେଳେ ୨୦୧୯ ଜୁଲାଇ ୧୪ରେ ତାଙ୍କ ସମ୍ପର୍କକୁ ସମସ୍ତଙ୍କ ସମ୍ମୁଖକୁ ଆଣିଥିଲେ। ଏହା ପୂର୍ବରୁ ଜେଫ ତାଙ୍କ ପ୍ରଥମ ସ୍ତ୍ରୀ ମାକ୍‌କେଞ୍ଜି ସ୍କଟ୍‌ଙ୍କୁ ଛାଡ଼ପତ୍ର ଦେଇଥିଲେ।



# ସୀତା ଗୁମ୍ଫାରେ କ୍ରିତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ନିକଟରେ ନାସିକର ପଞ୍ଚବଟୀର ସୀତା ଗୁମ୍ଫା ମନ୍ଦିରରେ ପହଞ୍ଚି ସୀତାଙ୍କ ଆଶୀର୍ବାଦ ନେଇଛନ୍ତି। ସେଠାରେ ସେ ସୀତା ମାତାଙ୍କୁ ଆଳତି କରିଥିଲେ। ସିଙ୍ଗର ସଚେତ୍–ପରମ୍ପରାଙ୍କ ରାମ ସିୟା ରାମ ଉଚ୍ଚାରଣ କରିବା ସମୟରେ କ୍ରିତିଙ୍କୁ ଭକ୍ତିରେ ମଗ୍ନଥିବା ଦେଖିବାକୁ ମିଳିଥିଲା। ପରେ ସେ କାଳାରାମ ମନ୍ଦିର ପରିଦର୍ଶନ କରି ସେଠାରେ ଭଜନ ଓ ଆଳତି କରିଥିଲେ। ନିକଟରେ ଫିଲ୍ମ ‘ଆଦିପୁରୁଷ’ର ଶୁଟିଂ ସରିଥିବାବେଳେ ସେ ସୀତା ଗୁମ୍ଫା ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ତେବେ ଜୁନ୍ ୬ରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି। ସେଥିରେ କ୍ରିତି ସୀତାଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଅଭିନେତା ପ୍ରଭାସ ରାମଙ୍କ ଚରିତ୍ରରେ ନଜର ଆସିଥିବାବେଳେ ଶୈଫ ଅଲି ଖାନ୍‌ଙ୍କୁ ରାବଣ ଭୂମିକାରେ ଦେଖିବାକୁ ମିଳିଛି। ପୂର୍ବରୁ ବିବାଦରେ ଛନ୍ଦି ହୋଇଥିବା ଏହି ଫିଲ୍ମର ଟ୍ରାକ୍ ମେ’ ୨୯ରେ ରିଲିଜ୍ ହୋଇଛି। ତେବେ କ୍ରିତିଙ୍କ ତାଙ୍କ ବଲିଉଡ୍ କ୍ୟାରିୟର ୨୦୧୪ରୁ ଆରମ୍ଭ କରିଥିବାବେଳେ ଶେଷ ଥର ପାଇଁ ତାଙ୍କୁ ମୁଭି ‘ଶେହଜାଦା’ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି। ସେଥିପାଇଁ ଶୁଟିଂ ଜାରି ରହିଛି।



# ବୁରୁଣ୍ଡି ସବୁଠୁ ଗରିବ ଦେଶ




ଜିଟେଗା

ପୂର୍ବ ଆଫ୍ରିକାର ଏକ ଛୋଟ ଦେଶ ବୁରୁଣ୍ଡି ବିଶ୍ୱର ସବୁଠୁ ଗରିବ ଦେଶ ଭାବେ ପରିଚିତ। ଏହି ଦେଶର ଲୋକ ସଂଖ୍ୟା ୨୦୨୧ ସୁଦ୍ଧା ୧.୨୬ କୋଟି। ଏଠାରେ ଲୋକଙ୍କ ବାର୍ଷିକ ଆମଦାନୀ ୧୮୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୪,୮୮୫ ଟଙ୍କା। ରିପୋର୍ଟ ମୁତାବକ ଏଠାରେ ପ୍ରତି ୩ ଜଣରେ ଜଣେ ବେରୋଜଗାର ଏବଂ ଘର ଚଳାଇବାକୁ ସକ୍ଷମ ନୁହନ୍ତି। ଇଂଲଣ୍ଡ ଏବଂ ଆମେରିକା କବଳରୁ ମୁକ୍ତ ହେବା ପରେ ଏମାନଙ୍କ ଅବସ୍ଥା ଭଲ ଥିଲା। ହେଲେ ୧୯୯୩ରୁ ପରିସ୍ଥିତି ବଦଳିଗଲା। ସେବେଠାରୁ ଏଠାରେ ୨୦୦୫ ପର୍ଯ୍ୟନ୍ତ ଗୃହଯୁଦ୍ଧ ଲାଗିରହିଥିଲା। ଫଳରେ ୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦେଶର ଆର୍ଥିକ ସ୍ଥିତି ବିଗିଡ଼ି ପୂରା ଗରିବ ହୋଇଗଲା। ଏପର୍ଯ୍ୟନ୍ତ ବୁରୁଣ୍ଡି ଏକ ଗରିବ ଦେଶ ଭାବେ ସୂଚିତ କରାଯାଉଛି। ଏଠାରେ ଜନ୍ମ ନେଉଥିବା ୧୦୦୦ ଶିଶୁଙ୍କ ମଧ୍ୟରୁ ୮୭ ଶିଶୁ ମୃତ୍ୟୁର ଶିକାର ହୁଅନ୍ତି। ଲୋକେ ଏଠାରେ ପେଟପୂରା ଖାଇପାରନ୍ତିନି। ସାକ୍ଷରତା ହାର ମଧ୍ୟ ଏହି ଦେଶରେ ବହୁତ କମ୍। ଏହି ଦେଶରେ ଜଗିଂ ବ୍ୟାନ କରାଯାଇଛି। ଏହା ଶୁଣିବାକୁ ଅଜବ ଲାଗିବ, ହେଲେ ଏହା ସତ। ଦେଶର ଏପରି ଅବସ୍ଥା ସମୟରେ ଲୋକେ ସମୂହ ଭାବେ ଏକ ପାହାଡ଼କୁ ଜଗିଂ କରିବାକୁ ଯାଉଥିଲେ। ଏହା ଦେଖି ସେଠାକାର ରାଷ୍ଟ୍ରପତିଙ୍କୁ ଲାଗିଲା ଯେ ଲୋକେ ହିଂସା କରିବାକୁ ଉଦ୍ୟମ କରୁଛନ୍ତି। ସେଥିପାଇଁ ୨୦୧୪ରୁ ଜଗିଂକୁ ବ୍ୟାନ କରିଦେଲେ। ଦେଶ ପ୍ରଥମ ଥର ପାଇଁ ୧୯୯୬ରେ ଅଲମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭେନୁସ୍ତେ ନିଓନଗାବୋ ୫ହଜାର ମିଟର ଦୌଡ଼ରେ ଏହି ପଦକ ହାସଲ କରିଥିଲେ।

# ଚାଇନାରେ ଆଲ୍‌ବିନୋ ପାଣ୍ଡା



**ଚେଙ୍ଗଡୁ:** ବିଶ୍ୱରେ ଅନେକ ପ୍ରକାର ପ୍ରାଣୀ ରହିଛନ୍ତି। ଆନିମଲ ଏକ୍ସପର୍ଟଙ୍କ ଅନୁସାରେ, ଏମିତି ବି କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିନାହାନ୍ତି। ଯଦି ସେମାନେ ଭୁଲବଶତଃ ଲୋକଲୋଚନକୁ ଆସିଯାଆନ୍ତି, ସେତେବେଳେ ଏକ ନୂଆ ପ୍ରଜାତି ଚିହ୍ନଟ ହୁଏ। ନିକଟରେ ଚାଇନାର ସିଚୁଆନରେ ଅବସ୍ଥିତ ୱଲଙ୍ଗ ନ୍ୟାଶନାଲ ନେଚର ରିଜର୍ଭର ଜଣେ ଏକ୍ସପର୍ଟ ଏକ ଅଜବ ପ୍ରକାରର ପାଣ୍ଡା ଦେଖିବାକୁ ପାଇଛନ୍ତି। ସାଧାରଣତଃ ପାଣ୍ଡାର ରଙ୍ଗ କଳା–ଧଳା ହୋଇଥିବାବେଳେ ଏହି ପାଣ୍ଡାର ପୂରା ଶରୀରର ରଙ୍ଗ ଧଳା ଥିଲା। ଏହି ପାଣ୍ଡାର ଫଟୋ ଯାଞ୍ଚ ପରେ ଜଣାପଡ଼ିଲା ଯେ ପାଣ୍ଡାଟି ଆଲ୍‌ବିନୋରେ ପୀଡ଼ିତ ଅଛି। ଆଲ୍‌ବିନୋ ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ବ୍ୟକ୍ତିର ଟିସୁରେ ମେଲାନିନ୍‌ର ଅଭାବ ଦେଖାଯାଇଥାଏ। ଫଳରେ ସେମାନେ ସମ୍ପୂର୍ଣ୍ଣ ଧଳା ଦେଖାଯାଆନ୍ତି। କୁହାଯାଉଛି ଯେ ଏହା ବିଶ୍ୱର ଏକମାତ୍ର ଆଲ୍‌ବିନୋ ପାଣ୍ଡା ହୋଇପାରେ। ସିସିଟିଭିରେ ପାଣ୍ଡାର ଏକ ଭିଡିଓ କଏଦ କରାଯାଇଛି। ଯେଉଁଥିରେ ସେ ବରଫରେ ଚାଲୁଥିବା ଦେଖିବାକୁ ମିଳିଛି। ସେହି ପାଣ୍ଡାର ବୟସ ୪ରୁ ୫ ବର୍ଷ ହୋଇଥିବା ଜଣାପଡିଛି। ଚାଇନାର ଏହି ରିଜର୍ଭଟି ବହୁତ ବଡ଼। ସେଥିପାଇଁ ସେଠାରେ ପ୍ରାଣୀଙ୍କ ସୁରକ୍ଷା ପାଇଁ ଅନେକ କ୍ୟାମେରା ଲଗାଯାଇଛି। ଯାହାଫଳରେ ତାଙ୍କ ଧ୍ୟାନ ରଖାଯାଇପାରିବ। ପାଣ୍ଡାଟି ବୁଲୁଥିବାବେଳେ ତା’ ସାଙ୍ଗରେ ଅନେକ ପାଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା, ଯାହାଙ୍କ ରଙ୍ଗ ସାଧାରଣ କଳା–ଧଳା ଥିଲା। ଆଲ୍‌ବିନୋ ପାଇଁ ପାଣ୍ଡାକୁ କିଛି ଅସୁବିଧା ନ ଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ତେବେ ସେହି ପାଣ୍ଡାର ମା’ବାପା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ମେ, ୨୦୨୩



## ଢିପ ଜମିରେ ଡାଲି ଜାତୀୟ ଫସଲ



ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

## ଆଖୁରେ ଭେଳା ବନ୍ଧା

ଆଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।



## ନଳିତାରେ ଘାସ ବଛା

ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ। ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



**ଜୁନ୍ ମାସର**
**କୃଷି ସୂଚନା**

# ଶେଷ ଓଡ଼ ଧାନ ଚାଷ





ଧାନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣି ସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ। ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲି ମିଟର ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ। ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ। ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ । **ଡଣ୍ଟିକଟା(କେଣ୍ଡା ମହିଷା) ରୋଗର ପ୍ରତିକାର :** ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋକ୍ସିନ୍ (୩୭.୫%) + ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ।

**ମକାଚାଷ ପାଇଁ ଜମି ପ୍ରସ୍ତୁତି**

ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ମକା ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ଚିନାବାଦାମ**

ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

**ରାଶି**

ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମଗୁଡିକ ହେଲା – କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

**ଫଳବଗିଚା କାର୍ଯ୍ୟ**

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

**ନର୍ସରି କାର୍ଯ୍ୟକ୍ରମ**

ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ। ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ମାଛ ଚାଷ

ଚଳିତ ବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତ ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇ ମାନେ ପୋଖରୀକୁ ମେ' ମାସ ଶେଷ ସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଜୁନ୍ ମାସ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାରକରି ଶୁଖାଇ ଦିଅନ୍ତୁ। ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବରପାଣିରେ ମିଶାଇ ଦିଅନ୍ତୁ । ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ଲାଙ୍କଟନ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।





# ବର୍ଷାଦିନିଆ ପନିପରିବା

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୭ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୫-୭ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ। ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ। ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

## ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ

ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ାଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।



# ମୁଖ୍ୟମନ୍ତ୍ରୀ କିଣିଲେ ପ୍ରଥମ ଟିକେଟ

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

ଭୁବନେଶ୍ୱର, ୩୦।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଜୁନ୍ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଖେଳାଯିବାକୁ ଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩ର ପ୍ରଥମ ଟିକେଟ କ୍ରୟ କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସେକ୍ରେଟାରୀ ଜେନେରାଲ ଡ. ଶାଜି ପ୍ରଭାକରନ ଓ ଭାରତୀୟ ଫୁଟ୍‌ବଲ ଦଳର କୋଚ୍ ଇଗୋର ଷ୍ଟିମାକ୍‌ଙ୍କ ଉପସ୍ଥିତିରେ ଭାରତୀୟ ଫୁଟ୍‌ବଲ ଟିମ୍ ଅଧିନାୟକ ସୁନୀଲ ଛେତ୍ରୀ ଏହି ଟିକେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ୨୦୨୩ର ସଫଳ ଆୟୋଜନ ପରେ ଓଡ଼ିଶା ଆଉ ଏକ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୪ଟି ଦେଶକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଭାରତ, ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଅଂଶଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ବହୁ ଲୋକଙ୍କର ଫୁଟ୍‌ବଲ ଖେଳ ପ୍ରତି ଆଦର ରହିଛି। ଏହି ଦର୍ଶନୀୟ ଇଭେଣ୍ଟର ଆୟୋଜନ କରିବା ଆମ ପାଇଁ ଆଉ ଏକ ସମ୍ମାନର ବିଷୟ। କେବଳ ଆମ ରାଜ୍ୟ ନୁହେଁ ଭାରତବର୍ଷର ଫୁଟ୍‌ବଲପ୍ରେମୀଙ୍କ ଲାଗି ଏକ ଖୁସିର ବିଷୟ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକର ସେ ଶୁଭକାମନା କରିବା ସହ ଟପ୍ କ୍ୱାଲିଟି ଫୁଟ୍‌ବଲ ଦେଖିବା ଲାଗି ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିଲେ ଖେଳାଳିମାନେ ଉତ୍ସାହିତ ହେବେ ବୋଲି ସେ କହିଛନ୍ତି। ଓଡ଼ିଶା ଫୁଟ୍‌ବଲର ଏକ ପ୍ରମୁଖ ହବ୍ ହୋଇ ଉଭା ହୋଇଛି। ରାଜ୍ୟରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ୨୦୨୨, ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ୨୦୨୨, ଆଇଏସ୍‌ଏଲ ସିଜନ, ଆଇଡବ୍ଲ୍ୟୁଏଲ୍ ୨୦୨୧-୨୨ ଏବଂ ଓଡ଼ିଶା ଓମେନ୍ସ ଲିଗ୍ ସଫଳତାର ସହିତ ଆୟୋଜନ ହୋଇଛି। ଏଆଇଏଫ୍‌ଏଫ୍ ସହିତ ପାର୍ଟନରଶିପ୍‌ରେ ରାଜଧାନୀ ସହର ଭୁବନେଶ୍ୱରରେ ଭାରତୀୟ ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଦଳ ସେମାନଙ୍କର କ୍ୟାମ୍ପ ଓ ଟ୍ରେନିଂ ସେସନ ଆୟୋଜନ କରିଆସୁଛନ୍ତି। ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁ ରାଜ୍ୟରୁ ୨ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଲେବାନନ ଓ ଭାନୁଆଟୁ ମଧ୍ୟରେ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚ ମଙ୍ଗୋଲିଆ ବିପକ୍ଷରେ ଖେଳି ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିବ।



ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

## ସିଡେଡ୍ ଖେଳାଳିଙ୍କ ସହଜ ବିଜୟ

**ପ୍ୟାରିସ୍, ୩୦।୫:** କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ତୃତୀୟ ଦିବସରେ ସିଡେଡ୍ ଖେଳାଳି ମାନେ ସହଜ ବିଜୟ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ଆଲେକଜାଣ୍ଡାର ଜେରେଭ୍, କାସ୍ପର ରୁଡ୍ ଓ ୟୋଶିହିତୋ ନିଶିଓକାଙ୍କ ପରି ଖେଳାଳି ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଓନ୍ସ ଜାବେର, ଏଲିନା ରିବାକିନା ଓ କୋକୋଆ ଗଫ୍‌ଙ୍କ ପରି ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିପର୍ଯ୍ୟୟ ସହିତ ୧୩ ନମ୍ବର ସିଡ୍ ବାର୍ବୋରା କ୍ରେଜିକୋଭା ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୪ ନମ୍ବର ଖେଳାଳି ଏଲିନା ରିବାକିନା ୬-୪ ଓ ୬-୨ ସେଟରେ ଚେକ୍ ରିପବ୍ଲିକ୍‌ର ବ୍ରେଣ୍ଡା ଫ୍ରୁଭିର୍ଟୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଆମେରିକାର କୋକୋଆ ଗଫ୍ ୬-୩, ୧-୬, ୭-୬ ସେଟରେ ସ୍ପେନର ରେବେକା ମାସାରୋଭାଙ୍କୁ ହରାଇଥିଲେ। ରେବେକା ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ଗଫ୍ ପରବର୍ତ୍ତୀ ଦୁଇ ସେଟ ଉପରେ କବ୍‌ଜା କରିଥିଲେ। ସପ୍ତମ ସିଡ୍ ଓନ୍ସ ଜାବେର ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜାବେର ୬-୪, ୬-୧ ସେଟରେ ଇଟାଲୀର ଲୁସିଆର ବ୍ରୋଞ୍ଜେଟ୍ଟିଙ୍କୁ ହରାଇଥିଲେ। ୟୁକ୍ରେନର ଲେସିଆ ଟିସୁରେଙ୍କୋ ବିଶ୍ୱ ମାନ୍ୟତାର ୧୩ ନମ୍ବର ସ୍ଥାନରେ ଥିବା ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭାଙ୍କୁ ୬-୨ ଓ ୬-୪ର ସିଧାସଳଖ ସେଟରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ।

ବିଶ୍ୱ ମାନ୍ୟତାର ପୂର୍ବତନ ଏକ ନମ୍ବର ଖେଳାଳି ଆଲେକଜାଣ୍ଡାର ଜେରେଭ୍ ସିଧାସଳଖ ସେଟରେ ଦକ୍ଷିଣ ଆଫ୍ରିକାର ଲୟଡ୍ ହାରିସ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୨୨ ନମ୍ବର ସ୍ଥାନରେ ଥିବା ଜେରେଭ ୭-୬(୮-୬), ୭-୬(୭-୦) ଓ ୬-୧ରେ ବିଜୟୀ ହୋଇଥିଲେ। ପ୍ରଥମ ଦୁଇ ସେଟ୍ ଟାଇବ୍ରେକରେ ନିର୍ଦ୍ଧାରିତ ହୋଇଥିବା ବେଳେ ଅନ୍ତିମ ସେଟ୍‌କୁ ସହଜରେ ଜିତିଥିଲେ ଜେରେଭ୍। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା କାସ୍ପର ରୁଡ୍ ମଧ୍ୟ ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# କିଟ୍‌ର ପ୍ରଜ୍ଞା ପ୍ରଶାନ୍ତି, ବିକ୍ରାନ୍ତଙ୍କ ମିଟ୍ ରେକର୍ଡ



ପ୍ରଜ୍ଞା ପ୍ରଶାନ୍ତି ସାହୁ



ବିକ୍ରାନ୍ତ ମଲିକ

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ଭୁବନେଶ୍ୱର, ୩୦।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ୬ଷ୍ଠ ଦିବସରେ କିଟ୍ ୟୁନିଭର୍ସିଟିର ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଆଥଲେଟିକ୍ସ ଇଭେଣ୍ଟରେ ଦୁଇଟି ମିଟ୍ ରେକର୍ଡ କରିଛି। ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ମିଟର ହର୍ଡଲ୍ସ (୧୩.୬୩ ସେକେଣ୍ଡ)ରେ ଏବଂ ବିକ୍ରାନ୍ତ ମଲିକ ପୁରୁଷ ଜାଭେଲିନ୍ ଥ୍ରୋ (୮୦,୦୦ ମିଟର)ରେ ମିଟ୍ ରେକର୍ଡ କରିଛନ୍ତି। ସୁସ୍ମିତା ଟିଗା ମହିଳା ୩,୦୦୦ ମିଟର ଷ୍ଟିପଲଚେଜ୍ (୧୦:୪୨.୪୩ ସେକେଣ୍ଡ) ଓ ଅଜୟ କୁମାର ପୁରୁଷ ହାମର ଥ୍ରୋ (୫୮.୨୭ ମିଟର)ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୁରୁଷ ୫୫କେଜି ଭାରୋତ୍ତୋଳନରେ କୁଭେଶ୍ୱର ମଲିକ ମୋଟ ୨୧୨ କେଜି ଓଜନ (୯୬ ସ୍ନାଚ୍ ଓ ୧୧୬କେଜି କ୍ଲିନ ଆଣ୍ଡ ଜର୍କ) ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଟେବୁଲ ଟେନିସ ବ୍ରୋଞ୍ଜ ପଦକ ମ୍ୟାଚରେ କିଟ୍ ୧:୨ ଗେମ୍ସରେ ଗୁଜରାଟ ୟୁନିଭର୍ସିଟିଠାରୁ ହାରିଯାଇଛି।

**ସମ୍ବଲପୁର ୟୁନିଭର୍ସିଟିକୁ ୨ ପଦକ**

ସମ୍ବଲପୁର ୟୁନିଭର୍ସିଟି ଦୁଇ ପଦକ ସହ ଏହାର ଖାତା ଖୋଲିଛି। ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ମନୀଷା ମେରେଲ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ୱାଧୀନ କୁମାର ମାଝି ପୁରୁଷ ହାଇ ଜମ୍ପ ଇଭେଣ୍ଟରେ ଏକ ରୌପ୍ୟ ଜିତିଛନ୍ତି। ସମ୍ବଲପୁର ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ମ୍ୟାଚରେ ପୂର୍ବାଞ୍ଚଳ ୟୁନିଭର୍ସିଟିକୁ ଭେଟିବ। ଖେଲୋ ୟୁନିଭର୍ସିଟି ଗେମ୍ସର ତୃତୀୟ ସଂସ୍କରଣରେ ଭାଗ ନେବା ଲାଗି ଓଡ଼ିଶାର ୩ ୟୁନିଭର୍ସିଟି ଯଥା କିଟ୍, ଉତ୍କଳ ଓ ସମ୍ବଲପୁର ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ସୁଦ୍ଧା ସେମାନେ ମୋଟ ୧୭ ପଦକ (୮ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିସାରିଛନ୍ତି।



ଅଜୟ କୁମାର



ସୁସ୍ମିତା ଟିଗା


ମନୀଷା ମେରେଲ

# ରେଡ ବ୍ଲୁ ୱାରିୟର୍ସ ଚାମ୍ପିୟନ

**ମୁରିବାହାଲ ଫ୍ଲଡ୍‌ଲାଇଟ କ୍ରିକେଟ ପ୍ରିମିୟର ଲିଗ୍**

ମୁରିବାହାଲ, ୩୦।୫(ଡ.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ଘଣ୍ଟାବାହାଲ ଗ୍ରାମର ଜୟ ହନୁମାନ ଖେଳ ପଡିଆରେ ଦ୍ୱିତୀୟ ବାର୍ଷିକ ଫ୍ଲଡଲାଇଟ ମୁରିବାହାଲ କ୍ରିକେଟ ପ୍ରିମିୟର ଲିଗ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରୟାଲ ଷ୍ଟ୍ରାଇକର ଓ ରେଡ ବ୍ଲୁ ୱାରିୟର୍ସ ମଧ୍ୟରେ ହୋଇଥିଲା। ଟସ୍ ଜିଣି ରୟାଲ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ କରିଥିଲା। ଜବାବରେ ରେଡ ବ୍ଲୁ ୱାରିୟର୍ସ ୨ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ୮ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନଭାବେ ରାଜେଶ ଛୁରା, ଶ୍ରେଷ୍ଠ ବୋଲର ବିଶ୍ୱ ବିହାରୀ ଯୋଶୀଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁରିବାହାଲ ପ୍ରିମିୟର ଲିଗ୍ ସଭାପତି ବିଶ୍ୱବିହାରୀ ଯୋଶୀ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସାମ୍ମାନୀତ ଅତିଥିଭାବେ ଯୁବ ବିଜେଡି ନେତା ଫିରୋଜ ଖାଁ, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ରାଜ୍ୟ ସଭା ସାଂସଦଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ବିଶିଷ୍ଟ ବ୍ୟବସାୟୀ ଭରତ ଦାସ, ଅନୀଲ କୁମାର ଶର୍ମା, ଥାନା ଏସଆଇ ଦାନର୍ଦ୍ଦନ ଓରାମ, କ୍ରୀଡାବିତ ରାମରଞ୍ଜନ ପାତ୍ର, ରାଜୀବ କୁମାର ମହାନ୍ତି, ଶ୍ରୀପତି ସାଣ୍ଡ, ମାନସ ରଞ୍ଜନ ଦଲେଇ, ନାରାୟଣ ସାହୁ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପଧାନ, ପତ୍ରାପାଲି(କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ, ବିଜୁ ଜନତା ଦଳ ଯୁବ ସଭାପତି ଦେବରାଜ ଯାଦବ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରି ଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଅନନ୍ତ ଛୁରା, ସୁଜିତ ରଞ୍ଜନ ପାଢି, କେଦାର ବଡ଼ ଜେନା, ପିଙ୍କୁ ପୋଡ଼ ଯାଦବ, ଗିରିଧାରୀ ଛତ୍ରୀୟା ସହଯୋଗ କରିଥିଲେ।


ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥି।

# ଧୋନୀଙ୍କ ମାଇଲଖୁଣ୍ଟ, ଜାଡେଜା ମ୍ୟାଜିକ୍

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ଶ ସଂସ୍କରଣ ସୋମବାର ଶେଷ ହୋଇଛି। ଏହାର ଫାଇନାଲରେ ଗୁଜରାଟ ଟାଇଟନ୍ସକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍ସ ଚାମ୍ପିୟନ ହୋଇଛି। ଚେନ୍ନାଇକୁ ମ୍ୟାଚ ଜିତିବା ପାଇଁ ଶେଷ ୨ ବଲ୍‌ରୁ ୧୦ ରନ ଆବଶ୍ୟକ ହେଉଥିବାବେଳେ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଛକା ଓ ଚୌକା ମାରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ରବିବାର ବର୍ଷା ଯୋଗୁ ଫାଇନାଲ ସମ୍ଭବ ହୋଇ ନ ପାରିବା, ସୋମବାର ରିଜର୍ଭ ଦିବସରେ ଫାଇନାଲ ହୋଇଥିଲେ ହେଁ ଦ୍ୱିତୀୟ ଇନିଂସରେ ମାତ୍ର ୩ ବଲ୍ ବୋଲିଂ ହେବା ପରେ ପୁଣି ବର୍ଷା ହେବା, ମ୍ୟାଚ ପୁଣି ଆରମ୍ଭ ହେବାନେଇ କିଛି ସମୟ ଅନିଶ୍ଚିତତା ଲାଗି ରହିବା, ବର୍ଷା ଛାଡ଼ିବା ପରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ୧୫ ଓଭରରେ ଚେନ୍ନାଇ ଆଗରେ ୧୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହେବା, ନାଟକୀୟ ଘଟଣାକ୍ରମ ଏବଂ ଶେଷରେ ଜାଡେଜାଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ଚେନ୍ନାଇ ଚାମ୍ପିୟନ ହେବା ଆଦି ଅନେକ ଘଟଣାର ସାକ୍ଷୀ ରହିଛି ଆଇପିଏଲ୍ ଫାଇନାଲ...

**୫:** ଏହାକୁ ମିଶାଇ ଚେନ୍ନାଇ ସୁପରକିଙ୍ଗ୍ସ ୫ ଥର ଆଇପିଏଲ୍ ଟାଇଟଲ ହାସଲ କରିଛି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ସମକକ୍ଷ ହୋଇଛି। ଓଭରଅଲ ଟି୨୦ରେ ସୁପର କିଙ୍ଗ୍ସର ଏହା ୭ମ ଟାଇଟଲ। ଯାହାକି ମୁମ୍ବାଇ ଏବଂ ଦକ୍ଷିଣ ଆଫ୍ରିକାର ଟାଇଟନ୍ସ ସହିତ ସମକକ୍ଷ। କେବଳ ସିଆଲକୋଟ ଷ୍ଟାଲନ୍ସ (୮ ଟାଇଟଲ)ଠାରୁ ଗୋଟିଏ ପାଦ ପଛରେ ରହିଛି।


ଚେନ୍ନାଇ ବିଜୟରେ ଉଲ୍ଲସିତ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ରବୀନ୍ଦ୍ର ଜାଡେଜା।

**୫:** ଅଧିନାୟକଭାବେ ମହେନ୍ଦ୍ର ସିଂ ଧୋନୀ ୫ମ ଥର ପାଇଁ ଆଇପିଏଲ୍ ଟାଇଟଲ ବିଜୟୀ ହୋଇଛନ୍ତି। ଲିଗ୍‌ର ସଫଳ ଅଧିନାୟକ ଭାବେ ସେ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି। ତେବେ ଜଣେ ଖେଳାଳିଭାବେ ରୋହିତ ୬ ଥର (ମୁମ୍ବାଇ ଇଣ୍ଡିଆନ୍ସ ଓ ଡେକାନ ଚାର୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ) ଟାଇଟଲ ଜିତିଛନ୍ତି। ଏ କ୍ଷେତ୍ରରେ ରୋହିତଙ୍କ ସମକକ୍ଷ ହୋଇଛନ୍ତି ଅମ୍ବାତି ରାୟୁଡୁ। ସେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳି ମୋଟ ୬ ଥର ଟାଇଟଲ ବିଜୟୀ ହୋଇଛନ୍ତି।

**୪:** ୨୦୨୩ ଆଇପିଏଲ୍ ଫାଇନାଲରେ ଶେଷ ବଲ୍‌ରୁ ଚେନ୍ନାଇ ବିଜୟ ପାଇଁ ୪ ରନ ଆବଶ୍ୟକ କରୁଥିଲା, ଯାହାକୁ ସେ ହାସଲ କରି ପାରିଥିଲା। ଏହା ପୂର୍ବରୁ ଟି୨୦ ଫାଇନାଲ ଇତିହାସରେ କେବଳ ୨ ଥର କୌଣସି ଦଳ ଶେଷ ବଲ୍‌ରୁ ୪ କିମ୍ବା ତଦୂର୍ଦ୍ଧ୍ୱ ରନ ଚେଜ୍ କରିପାରିଛି। ୨୦୧୮ ନିଦାହାସ ଟ୍ରଫିର ଫାଇନାଲରେ ବାଂଲାଦେଶ ବିପକ୍ଷରେ ଭାରତ ଶେଷ ବଲ୍‌ରୁ ୫ ରନ ଆବଶ୍ୟକ କରୁଥିଲା। ସେତେବେଳେ ଦୀନେଶ କାର୍ତ୍ତିକ ଛକା ମାରି ଭାରତକୁ ଜିତାଇଥିଲେ। ୨୦୨୧ ସୟଦ ମୁସ୍ତାକ ଅଲୀ ଟ୍ରଫି ଫାଇନାଲରେ କର୍ଣ୍ଣାଟକ ବିପକ୍ଷରେ ତାମିଲନାଡୁ ଶେଷ ବଲ୍‌ରୁ ୫ ରନ ଆବଶ୍ୟକ କରୁଥିଲା। ଶାହରୁଖ ଖାଁ ଛକାମାରି ତାମିଲନାଡୁକୁ ବିଜୟୀ କରିଥିଲେ।

**୬:** ପ୍ରଥମ କ୍ୱାଲିଫାୟର ଜିତିଥିବା ଦଳ ଏହାକୁ ମିଶାଇ କ୍ରମାଗତ ୬ଷ୍ଠ ଥର ପାଇଁ ଆଇପିଏଲ୍ ଟାଇଟଲ ଜିତିଛି। ୨୦୧୧ରେ ପ୍ଲେ-ଅଫ୍ ଫର୍ମାଟ ଆରମ୍ଭ ହେବା ପରଠାରୁ ପ୍ରଥମ କ୍ୱାଲିଫାୟର ବିଜେତା ଦଳ ୧୩ ସିଜନରୁ ୧୦ଟିରେ ଚାମ୍ପିୟନ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦୧୩ ଓ ୨୦୧୭ରେ ଦ୍ୱିତୀୟ କ୍ୱାଲିଫାୟର ଜିତି ଟାଇଟଲ ବିଜୟୀ ହୋଇଥିଲା।

**୨୬:** ଆଇପିଏଲ୍‌ରେ ସଫଳ ରନ୍ ଚେଜ୍ କ୍ଷେତ୍ରରେ ଜାଡେଜା ଏହାକୁ ମିଶାଇ ୨୬ ଥର ଅପରାଜିତ ରହି ମ୍ୟାଚ ଫିନିଶ୍ କରିଛନ୍ତି। ଆଇପିଏଲ୍‌ରେ ଏହା ଦ୍ୱିତୀୟ ସର୍ବାଧିକ। ମହେନ୍ଦ୍ର ସିଂ ଧୋନୀ ୨୭ଥର ଏପରି କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି।

**୩:** ୨୦୨୩ ସିଜନରେ ସର୍ବାଧିକ ଉଇକେଟ ହାସଲକାରୀ ତାଲିକାରେ ଗୁଜରାଟ ଟାଇଟନ୍ସ ବୋଲରମାନେ ଟପ୍-୩ ସ୍ଥାନ ହାସଲ କରିଛନ୍ତି। ମହମ୍ମଦ ଶାମି ୨୮, ରଶିଦ ଖାଁ ଓ ମୋହିତ ଶର୍ମା ୨୭ଟି ଉଇକେଟ ନେଇଛନ୍ତି। କୌଣସି ଆଇପିଏଲ୍ ସିଜନରେ ଗୋଟିଏ ଦଳର ୩ ବୋଲର ଟପ୍-୩ରେ ରହିବା ଏହା ପ୍ରଥମ।

**୨୩୨.୩୯:** ଗତ ଆଇପିଏଲ୍‌ରେ ପେସ୍ ବୋଲରଙ୍କ ବିପକ୍ଷରେ ଅଜିଙ୍କ୍ୟ ରାହାନେଙ୍କ ଷ୍ଟ୍ରାଇକ୍ ହାର ୨୩୨.୩୯ ରହିଥିଲା। ପେସରଙ୍କ ବିପକ୍ଷରେ ଅତିକମ୍‌ରେ ୧୦୦ ରନ କରିଥିବା ବ୍ୟାଟରଙ୍କ କ୍ଷେତ୍ରରେ ଏହା ତୃତୀୟ ସର୍ବାଧିକ। ରାହାନେ ଦ୍ରୁତ ବୋଲରଙ୍କ ବିପକ୍ଷରେ ୭୧ ବଲ୍‌ରୁ ୧୬୫ ରନ ସଂଗ୍ରହ କରିଛନ୍ତି ଏବଂ ମାତ୍ର ୨ ଥର ଆଉଟ ହୋଇଛନ୍ତି। ଗତବର୍ଷ ଟିମ୍ ଡାଭିଡ ୨୫୨.୪୫ ଷ୍ଟ୍ରାଇକ୍ ହାରରେ ୧୫୪ ଏବଂ ୨୦୧୪ରେ ଜେମ୍ସ ଫକନର ୨୪୨.୮୫ ହାରରେ ୧୩୬ ରନ ସ୍କୋର କରିଥିଲେ।

**୨୧୪/୪:** ଚଳିତ ଆଇପିଏଲ୍ ଫାଇନାଲରେ ଚେନ୍ନାଇ ବିପକ୍ଷରେ ଗୁଜରାଟ ୪ ଉଇକେଟ ହରାଇ ୨୧୪ ରନ କରିଥିଲା। କୌଣସି ଆଇପିଏଲ୍ ଫାଇନାଲରେ ପରାଜିତ ଦଳ ଏତେ ରନ କରିବା ଏହା ପ୍ରଥମ ଥିଲା।

**୯୬:** ଚେନ୍ନାଇ ବିପକ୍ଷ ଫାଇନାଲରେ ଗୁଜରାଟର ବି. ସାଇ ସୁଦର୍ଶନ ୯୬ ରନ ସ୍କୋର କରିଥିଲେ। କୌଣସି ଆଇପିଏଲ୍ ଫାଇନାଲରେ ଏହାଥିଲା ତୃତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ୨୦୧୮ରେ ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇର ଶେନ୍ ୱାଟସନ ୧୧୭* ଓ ୨୦୧୪ରେ କୋଲକାତା ବିପକ୍ଷରେ ପଞ୍ଜାବର ଋଦ୍ଧିମାନ ଶାହା ୧୧୫* ରନକରି ଏହି ତାଲିକାର ଶୀର୍ଷ ୨ ସ୍ଥାନରେ ରହିଛନ୍ତି।

**୮୯୦:** ଶୁବମନ ଗିଲ୍ ୨୦୨୩ ଆଇପିଏଲ୍‌ରେ ୮୯୦ ରନ କରିଛନ୍ତି। ଗୋଟିଏ ସିଜନରେ ସର୍ବାଧିକ ରନ ସ୍କୋର କରିବାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୧୬ରେ ବିରାଟ କୋହଲି ସର୍ବାଧିକ ୯୭୩ ରନ ସ୍କୋର କରିଥିଲେ।

## ଶୁଭ୍ରାଂଶୁଙ୍କ ପାଇଁ ସ୍ମରଣୀୟ

୨୦୨୩ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଚାମ୍ପିୟନ ହୋଇଛି। ଏହି ଦଳରେ ସାମିଲ ହୋଇ ଜଣେ ଓଡ଼ିଆ ଖେଳାଳି ନିଜ କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି। ସେ ହେଉଛନ୍ତି ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି। ଶୁଭ୍ରାଂଶୁ ଯଦିଓ କୌଣସି ମ୍ୟାଚରେ ପ୍ଲେଇଂ ଇଲେଭେନ କିମ୍ବା ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସ୍ଥାନ ପାଇ ନ ଥିଲେ ତେବେ ଅନେକ ସମୟରେ ଫିଲ୍ଡିଂ କରି ଟିମ୍ ମ୍ୟାନେଜମେଣ୍ଟର ମନ ଜିତିଥିଲେ। କ୍ୱାଲିଫାୟର-୧ରେ ତାଙ୍କର ଏକ ଡାଇରେକ୍ଟ ଥ୍ରୋରେ ଗୁଜରାଟ ଟାଇଟନ୍ସର ଦର୍ଶନ ନାଲକଣ୍ଡେ ରନ୍‌ଆଉଟ ହୋଇଥିଲେ। ଦଳର ସମସ୍ତ ଖେଳାଳି ତାଙ୍କୁ ଏପରି କରିଷ୍ମା ପାଇଁ ବଧେଇ ଜଣାଇଥିଲେ। ଶେଷରେ ଚେନ୍ନାଇ ଚାମ୍ପିୟନ ହୋଇଥିବାରୁ ଟ୍ରଫି ଧରିବାର ସୌଭାଗ୍ୟ ପାଇଛନ୍ତି ଏହି ଓଡ଼ିଶା କ୍ରିକେଟର। ଦଳ ସହ ନେଟ୍ସରେ ଅଭ୍ୟାସ କରିବା, ଦେଶ ବିଦେଶର ତାରକା ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ଶେୟାର କରିବା, ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ସମୟ ବିତାଇବା ତାଙ୍କ ଜୀବନରେ ଅଭୁଲା ହୋଇ ରହିବ ନିଶ୍ଚିତ।


ଆଇପିଏଲ୍-୨୦୨୩ ଟ୍ରଫି ସହ ଶୁଭ୍ରାଂଶୁ ସେନାପତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ